
# ସମାରୋହ

ଜୁନ୍ ୨୦୨୫

www.samaroha.in





KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)
KCC
KALINGA COMMERCIAL CORPORATION LTD
BHUBANESWAR
Our Strength is-
Unity &
Teamwork with
Commitment and
Dedication
Our Motto –
No Words but Deeds
Aiming for Excellence
in Achievement with
Customer Satisfaction
Our Vision:
Aspire to set Benchmark on Global Mining,Value Creation and
Corporate Social Responsibility
CORPORATE OFFICE
A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in


Magnum Auto
Passion for Cars
CALL NOW- 9937067609 / 9937062627
A PIT STOP FOR CAR LOVERS
WASHING
CLEANING
REPAIRS
SERVICE
DETAILING
FOAM WASH
UNDER- BODY
SOUND-SYSTEM
SEATS
ALLOYS
ALIGNMENTS
LIGHTS BULB
HORNS TYRES
TSERV
TOTAL CAR SERVICE
We are now authorised TOYOTA Channel Partners
Plot No: 891/1046, Pahala, Bhubaneswar, Behind PAL Heights Mantra
20°20'32.8"N 85°52'56.3"E
Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟ୍‌ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 9**
**June - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*

## ସୂଚୀପତ୍ର

### ପ୍ରବନ୍ଧ

**ଭକ୍ତବଲ୍ଲଭ ଆର୍ତ୍ତତ୍ରାଣ ଶ୍ରୀ ଜଗନ୍ନାଥ**
ପୂର୍ଣ୍ଣେନ୍ଦୁ କୁମାର ନନ୍ଦ.......... ୬

### କଥା ଓ କାହାଣୀ

**ବାପାଙ୍କ ଘର** ବିଷ୍ଣୁଚରଣ ଚୌଧୁରୀ...........୮
**ଷଡ଼ଯନ୍ତ୍ର** ଜନ୍ମେଜୟ ବାବୁ............... ୧୩
**ଅନ୍ୟ ଏକ ଅଧ୍ୟାୟ** ଅରୁଣ କୁମାର ସାହୁ............ ୧୮
**ଦେବୀ** କାଳିନ୍ଦୀ ଚରଣ ଭଞ୍ଜ.......... ୨୪
**ଶାଶ୍ୱତ ସମ୍ପର୍କ** ଡକ୍ଟର କଜ୍ଜଳଲତା ଦାସ...........୩୦
**ଝଗଡ଼ା** ମୂଳଲେଖା- ରସ୍କିନ ବଣ୍ଡ
ରୂପାନ୍ତର- ନଗେନ୍ଦ୍ର ନାଥ ପଟ୍ଟନାୟକ...... ୩୪
**ଭ୍ରମଣର ଏକ ଅନନ୍ୟ ଅନୁଭୂତି** ଡା: ରାଜ କିଶୋର ପଣ୍ଡା........୩୭
**କାବେରୀ ଭଳି ଝିଅଟିଏ**
(ମୂଳ ତାମିଲ)- ଡଃ. ତ୍ରିପୁର ସୁନ୍ଦରୀ ଲକ୍ଷ୍ମୀ
(ଓଡ଼ିଆନୁବାଦ)- ଡଃ. ଶକୁନ୍ତଳା ବଳିୟାର ସିଂହ
ସଂକ୍ଷିପ୍ତ ଆକଳନ: ଅକ୍ଷୟ କୁମାର ଜେନା.........୩୯

### କବିତା

**ଅଲିଅପା** ଡକ୍ଟର ନାରାୟଣ ପଣ୍ଡା.........୪୨
**ହାଣ୍ଡିଶାଳ ପଥେ** ଡକ୍ଟର ସୁଷମା ମିଶ୍ର............ ୪୨
**ପେହେଲ୍‌ଗାମ** ସୁଜାତା ମହାପାତ୍ର............... ୪୩
**ଅନ୍ତର କଥାକୁ** ଡାକ୍ତର ଦୀନବଂଧୁ ସାହୁ.........୪୩
**ଶୁଆ** ଡା: କୃଷ୍ଣ ଚନ୍ଦ୍ର ରଥ............ ୪୪
**ହଁ, କେହି ଜଣେ ଆସିବେ** ଜ୍ୟୋତି ପ୍ରକାଶ କର............୪୫
**ଉଇଁବ ଦିନେ** ଗୋପାଳ ଚନ୍ଦ୍ର ମିଶ୍ର............ ୪୫
**ଭିନ୍ନ ଏକ ଫୁଲ** ଜ୍ୟୋସ୍ନା ପାଢ଼ୀ................. ୪୫
**ଯୁଦ୍ଧ-୪** ଡାଃ ବିଜୟଲକ୍ଷ୍ମୀ ତାରେଣିଆ.... ୪୬
**ବସନ୍ତ ବଲ୍ଲରୀ** ଦେବଯାନୀ ଦାଶ............... ୪୭
**ବାଦୁଡ଼ି** ଦୀପାଞ୍ଜଳି ବେହେରା.......... ୪୭
**ମୋ ଶ୍ୱଶୁର** ଡ. ଚନ୍ଦ୍ରକଳା ନାୟକ.......... ୪୭
**ରମାକାନ୍ତ ସ୍ମରଣେ** ରତ୍ନାକର ରାଉତ............... ୪୮
**ସୁବର୍ଣ୍ଣପୁରରେ ବର୍ଷା** ଡଃ ସଂଜୟ କୁମାର ତ୍ରିପାଠୀ.... ୪୯

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

**- ଶ୍ରୀ ଦେବ ପଟ୍ଟନାୟକ**
**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
**- ଡା. ଅମରେନ୍ଦ୍ରନାଥ ଦାସ**


## ରମ୍ୟରଚନା

**ନିଶ ପ୍ରହସନ** ପ୍ରଭାତ କୁମାର ମହାପାତ୍ର..................... ୫୦

## ତନ୍ମାତ୍ର

**ବଲିଉଡ଼ ଚଳଚ୍ଚିତ୍ର - "ସିକନ୍ଦର"**.............................. ୫୨

## ଖେଳ ଓ ଖେଳାଳୀ

**ଭାରତୀୟ ଫୁଟବଲର କାଲି, ଆଜି ଓ ଆସନ୍ତାକାଲି**.. ୫୩

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com


| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
|---|---|---|
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂପାଦକୀୟ

ଜୁନ୍ ମାସର ସମାରୋହରେ କାହାକୁ ପ୍ରାଧାନ୍ୟ ଦେବି ଭାବିପାରୁନାହିଁ। ଡେରି ତ ହୋଇ ସାରିଲାଣି ଭାବିଛି ସ୍ୱଳ୍ପରେ କିଛି ଲେଖିପାରିବି। କିନ୍ତୁ ବର୍ତ୍ତମାନ ପାଇଁ ଏହା ଅସମ୍ଭବ। ପ୍ରଥମେ ଆସିବ ଚାରି ଦିନିଆ ରଜ ପର୍ବ। ତା' ପୂର୍ବରୁ ସ୍ନାନ ପୂର୍ଣ୍ଣିମା। ଜଗତର ନାଥ ଜଗନ୍ନାଥଙ୍କର ସବୁଠାରୁ ବଡ଼ ପର୍ବ ରଥଯାତ୍ରା। ସବୁ ଥାଇ ନିଶ୍ଚିନ୍ତ ଶୋଇଯିବାଟା ଶୋଭନୀୟ ନୁହେଁ। ଅନ୍ତିମ ସମୟରେ ତରବର ହୋଇ କିଛି ବାର୍ତ୍ତା ଦେବାକୁ ଚାହିଁଛି।

ସଂସାରକୁ ଦୃଷ୍ଟି ପକାଇଲେ ବର୍ତ୍ତମାନ ଚାରିଆଡ଼େ ହୋ ହଲ୍ଲା ହୋଇ ଚାଲିଛି। ଯୁଦ୍ଧର ମନୋବୃତ୍ତି ଏବଂ ଜିଣିବାର ଅଭିଳାଷ ସମସ୍ତିଙ୍କ ପାଖରେ। ସେଥିପାଇଁ ପ୍ରାୟ ସମସ୍ତେ ନିଜର ପରାକାଷ୍ଠା ଦେଖାଇବାକୁ କଳେ ବଳେ କୌଶଳେ ଲାଗି ରହିବେ। ତେଣୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ, ଧନଶାଳୀ ଏଲନ୍ ମସ୍କ ଏବଂ ଆମ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ସେଥିରେ ଅଛନ୍ତି। ବହୁ ଜ୍ଞାନୀ ବିଜ୍ଞାନୀ ଅଛନ୍ତି ସେମାନେ ଏ ଅଭିଯାନର ମୂଳ ଲକ୍ଷ୍ୟକୁ ବୁଝି ଯୁଦ୍ଧ ଆରମ୍ଭ କରିବେ ବା ଶାନ୍ତି ପ୍ରତିଷ୍ଠା କରିବେ। ସେମାନଙ୍କର ସତ୍ ଚରିତ୍ରର ପରାକାଷ୍ଠା ଏ ଭିତରେ ଜଣା ପଡ଼ିଯିବ। କଥାରେ ଅଛି "ପୃଥ୍ୱୀ କ୍ଷଣ କ୍ଷଣକେ ଆନ।" ତେଣୁ ପୂର୍ବରୁ ସ୍ଥିର କରିଥିବା ସମାରୋହର ଅନ୍ତିମ ସମ୍ପାଦକୀୟ ଲେଖିବାର ନିଷ୍ପତ୍ତି ନେଇଥିଲି। ଜଣାନାହିଁ ମୋ ମନସ୍କାମନା ସହିତ ସର୍ବମୟ କର୍ତ୍ତାଙ୍କର ଅନୁମୋଦନ ରହିଛି କି ନାହିଁ। ନକାରାତ୍ମକ ଚିନ୍ତା କରିବା ଉଚିତ୍ ନୁହେଁ। ଏ ପର୍ଯ୍ୟନ୍ତ ଯେଉଁମାନେ ମତେ କହି ଉତ୍ସାହ ଦେଇ ଚାଲିଥିଲେ ସେମାନଙ୍କୁ ମୋର ଗଭୀର ଅନୁନୟ ଓ ନିବେଦନ ସମସ୍ତେ ମୋତେ ସ୍ୱଚ୍ଛ ହୃଦୟରେ କ୍ଷମା କରିବେ। ବହୁତ ଆଗରୁ ଭାବିଥିଲି ଯେ ଅନ୍ତିମ ସମ୍ପାଦକୀୟ ବିଷୟରେ ଜଣାଇବି ବୋଲି କିନ୍ତୁ ସାରା ପୃଥିବୀରେ ଯେପରି ଯୁଦ୍ଧର ଘନଘଟା ବୃଦ୍ଧି ପାଇବାରେ ଲାଗିଛି, ସେଥିରେ ଚିତ୍ତ ଓ ଶୁଦ୍ଧ ମସ୍ତିଷ୍କ ସମତାଳ ଦେଇ ଚାଲିପାରିବା ସମ୍ଭବ ହେଲାନାହିଁ। ବର୍ତ୍ତମାନ ମୁଁ ବିରତି ନେଲି ମତେ କ୍ଷମା କରିବେ।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ସୌଦାମଣୀ ମିଶ୍ର

ପ୍ରବନ୍ଧ

# ଭକ୍ତବଲ୍ଲଭ ଆର୍ତ୍ତତ୍ରାଣ ଶ୍ରୀ ଜଗନ୍ନାଥ

## ପୂର୍ଣ୍ଣେନ୍ଦୁ କୁମାର ନନ୍ଦ

ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ଏହି ପୃଥିବୀରେ ସମନ୍ୱୟର ଏକ ମହାନ୍ ପ୍ରତୀକ ରୂପେ ଉପାସିତ ହୋଇଆସୁଛନ୍ତି। ତାଙ୍କପରେ ଅଣ ଆର୍ଯ୍ୟ ମତ, ବୈଦିକ ମତ, ଶବର ସଂସ୍କୃତି, ବୌଦ୍ଧ ମତ, ଗାଣପତ୍ୟ ମତ, ଶାକ୍ତ ମତ ଓ ଜୈନ ମତ ପ୍ରଭୃତି ସମସ୍ତ ମତବାଦ ସମନ୍ୱିତ ହୋଇପାରିଛି। ଏପରିକି ଶ୍ୱେତାଙ୍ଗ ବିଦେଶୀ ନରନାରୀମାନେ ହରେକୃଷ୍ଣ ମହାମନ୍ତ୍ରର ଅବଲମ୍ବନରେ ଶ୍ରୀ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ସ୍ୱରୂପରେ ଉପଲବ୍ଧି କରି ଆସୁଛନ୍ତି। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଗବେଷକମାନେ ବହୁ ଗବେଷଣା କରି ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ମୌଳିକ ସ୍ୱରୂପ ସଂପର୍କରେ ସଠିକ୍ ତଥ୍ୟ ଦେଇପାରିନାହାନ୍ତି। ସେହି ରହସ୍ୟମୟ ଠାକୁର ଏବେ ମଧ୍ୟ ଭକ୍ତ, ଜ୍ଞାନୀ, ଆର୍ତ୍ତୀ ଓ ଗବେଷକମାନଙ୍କ ପାଇଁ ପରମ ରହସ୍ୟ ରୂପେ ବିବେଚିତ ହୋଇଥାନ୍ତି।

ରାମଦାସଙ୍କ ଲିଖିତ "ଦାଢ଼ୟତା ଭକ୍ତି" ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କର ପରମଭକ୍ତମାନଙ୍କ ସଂପର୍କରେ ଯେଉଁ ସମସ୍ତ ବର୍ଣ୍ଣନା ରହିଛି ସେଥିରୁ ଜଣାଯାଏ ଯେ ଶ୍ରୀ ଜଗନ୍ନାଥ ସର୍ବଦା "ଭକ୍ତର ଭଗବାନ" ରୂପେ ପରିଚିତ ହୋଇଆସିଛନ୍ତି। ଭକ୍ତ ଦାସିଆ ବାଉରୀଙ୍କ ହାତରୁ ନଡ଼ିଆଟିଏ ଗ୍ରହଣ କରିବା ଓ ରଘୁ ଅରକ୍ଷିତ ତଥା ବନ୍ଧୁ ମହାନ୍ତିଙ୍କୁ କୃପା ପ୍ରଦର୍ଶନ କରିବା ସେହି ଭକ୍ତ ବଲ୍ଲଭ ଠାକୁରଙ୍କର ମହିମାର ସୂଚନା ଦିଏ। ଯେଉଁ ପ୍ରଭୁ ଘୋର ବନରେ ବ୍ୟାଧ କବଳିତ ମୃଗୁଣୀକୁ ରକ୍ଷା କରିଥିଲେ ଓ ଗଭୀର ଜଳରେ ଚକ୍ରମୁଖରୁ ଗଜରାଜକୁ ଉଦ୍ଧାର କରିଥିଲେ, ସେହି ପ୍ରଭୁ ଆଜିର ସଂକଟମୟ ପରିସ୍ଥିତିରେ ଦୂର ଓ ନିକଟରେ ଥିବା ତାଙ୍କର ଭକ୍ତମାନଙ୍କର ଆକୁଳ ପ୍ରାର୍ଥନା ନିଶ୍ଚିତ ଭାବରେ ଶୁଣିବେ ଓ ଏଥିରେ ସନ୍ଦେହର ଅବକାଶ ନାହିଁ। ଯେଉଁ ପ୍ରଭୁଙ୍କ ପଦ ସ୍ପର୍ଶରେ ପ୍ରସ୍ତରରେ ପରିଣତ ସତୀ ଅହଲ୍ୟାଙ୍କର ଶାପୋଦ୍ଧାର ହୋଇଥିଲା ଓ ଯେଉଁ ପ୍ରଭୁ କୁରୁସଭା ତଳେ ବିପଦରେ ପ୍ରାର୍ଥନା କରିଥିବା ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ପ୍ରଦାନ କରି ତାଙ୍କର ଲଜ୍ଜ୍ୟା ନିବାରଣ କରିଥିଲେ, ସେହି ପ୍ରଭୁ ଏବେ ମଧ୍ୟ ତାଙ୍କର ଭକ୍ତ ନରନାରୀଙ୍କର ପ୍ରାର୍ଥନା ଶୁଣି ସେମାନଙ୍କର ଦୁଃଖ ଦୂର କରିବାକୁ ସମର୍ଥ ଅଟନ୍ତି।

ସ୍ମରଣାତୀତ କାଳରୁ ଏହା ଉପଲବ୍ଧି କରାଯାଇଛି ଯେ ଭକ୍ତମାନଙ୍କର ପ୍ରାର୍ଥନା ଯେତେ ଗଭୀର ହୁଏ ଓ ସେଥିରେ ଯେତେ ଅଧିକ ଆର୍ତ୍ତୀଭାବ ରହେ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ସେମାନଙ୍କର ପ୍ରାର୍ଥନା ଶୁଣିଥାନ୍ତି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏହି ଯେଉଁ ଭାବଗତ ସମ୍ପର୍କ ରହିଛି, ତାହା କଦାପି ଜ୍ଞାନ, ବିଜ୍ଞାନ ବା ଅଦିଶକ୍ତି ବଳରେ ନିର୍ଣ୍ଣୟ କରାଯାଇପାରିବ ନାହିଁ। ଯଥାର୍ଥରେ ଶ୍ରୀଜଗନ୍ନାଥଙ୍କ ସ୍ତୁତିରେ କୁହାଯାଇଛି:

"ଅନାଥସ୍ୟ ଜଗନ୍ନାଥ, ନାଥ ସ୍ତ୍ୱଂ ମେ ନ ସଂଶୟ
ଯସ୍ୟ ନାଥ ଜଗନ୍ନାଥ, ତସ୍ୟ ଦୁଃଖ କଥଂ ପ୍ରଭୋ।"

ଅନୁରୂପ ଭାବରେ ଅନ୍ୟ ଜଣେ ଭକ୍ତ ଲେଖିଛନ୍ତି,

"ମୁଁ ଆର୍ତ୍ତ ବିଷର୍ଣ୍ଣ ଶିଥିଳ ମୁଁ ଅଟେ ଭୟଭୀତ
ଘୋର ବ୍ୟାଧି କବଳିତ, ପ୍ରାଣ ମୋର ହୁଏ ସନ୍ତାପିତ।
ତବନାମ ସଂକୀର୍ତ୍ତନେ, ଆନନ୍ଦିତ ହୁଏ ନାରାୟଣ
ଦୁଃଖରୁ ପାଇ ମୁଁ ମୁକ୍ତି ଲଭିଥାଏ ସୁଖର ସନ୍ଧାନ।"

ବାସ୍ତବରେ ଦୁଃଖ, ଶୋକ, ଦାରିଦ୍ର୍ୟ, ରୋଗ ପ୍ରଭୃତି ସକଳ କଷଣ ସତ୍ତ୍ୱେ ଶ୍ରୀ ଜଗନ୍ନାଥଙ୍କର ଭକ୍ତ କଦାପି ବିଶ୍ୱାସ ହରାଇନଥାଏ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅନେକ ସମୟରେ ମାନ, ଅଭିମାନ, ଗାଳି, ପ୍ରଶଂସା ଦେଖାଦେଇଥାଏ। ତଥାପି ସର୍ବଦା ଶ୍ରୀ ଜଗନ୍ନାଥ ଭକ୍ତର ଆକୁଳ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇଥାନ୍ତି। ଏଣୁ ଯଥାର୍ଥରେ ରାଜା ବୀରକିଶୋର ଦେବ ସ୍ତୁତି କରିଥିଲେ,

"ଭୁଜ ତଳେ ମୋତେ ରଖ ମହାବାହୁ
ବାହୁ ତଳେ ମୋତେ ରଖ
ବିପୁଳ ଭୁଜ ବିସ୍ତାରି ଦେଲେ ଛାର
କି କରିପାରିବ ଦୁଃଖ!"

ଏହି ଅନନ୍ୟଭକ୍ତିକୁ ପାଥେୟ କରି ଆଜି ଲକ୍ଷ ଲକ୍ଷ ନରନାରୀ ନିଜ ନିଜର ହୃଦୟର ଗଭୀରତମ ପ୍ରଦେଶରୁ ସେହି ଜଗତ ଠାକୁରଙ୍କ ଉଦ୍ଦେଶ୍ୟରେ ଭକ୍ତି ଜଣାଇ ଆସୁଛନ୍ତି। ତାଙ୍କର ବିରାଟ ଚକ୍ଷୁ ଯୁଗଳ ଦୃଶ୍ୟ ହେବା ପାଇଁ ଅର୍ଥାତ୍ ପ୍ରତ୍ୟକ୍ଷ ଭାବରେ ଜଗନ୍ନାଥ ଦର୍ଶନ ପାଇଁ ଆଜି ପ୍ରତ୍ୟେକ ହିନ୍ଦୁର ପ୍ରାଣ ବ୍ୟାକୁଳିତ ହୋଇଉଠିଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆତ୍ମୀୟତା ଭକ୍ତମାନଙ୍କୁ ଯୁଗେ ଯୁଗେ ଭଗବାନଙ୍କ ଆଡ଼କୁ ଆକର୍ଷିତ କରିଆସିଛି। ଏହିପରି ଏକ ଭାବଧାରାରେ ପ୍ରଭାବିତ ହୋଇ ଭକ୍ତ ସାଲବେଗ ଥରେ ଗାଇଥିଲେ,

"ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀ ଚରଣ ବିନା ଆନ ଗତି ନାହିଁ।
ସାତଶ ପଞ୍ଚାଶ କୋଶ ବାଟ ନ ଦିଶଇ
ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି ॥

ଜଗବନ୍ଧୁ ହେ ଗୋସାଇଁ........"

ଆଶ୍ଚର୍ଯ୍ୟର ବିଷୟ ଥରେ ରଥଯାତ୍ରା ସମୟରେ ଭକ୍ତ ସାଲବେଗ ବୃନ୍ଦାବନରୁ ଫେରୁଥିବା ଅବସ୍ଥାରେ ରୋଗଗ୍ରସ୍ତ ହୋଇ ଶ୍ରୀକ୍ଷେତ୍ରରେ ପହଞ୍ଚିପାରିନଥିଲେ। ଏଣୁ ଆର୍ତ୍ତ ହୃଦୟରେ ଠାକୁରଙ୍କୁ ଉର୍ଦ୍ଧ୍ୱଲିଖିତ ପ୍ରାର୍ଥନା କରିବା ଫଳରେ ସେ ଶ୍ରୀକ୍ଷେତ୍ରରେ ପହଞ୍ଚିବା ଯାଏଁ ଜଗନ୍ନାଥଙ୍କ ରଥ ବଡ଼ଦାଣ୍ଡରେ ଅଟକି ରହିଥିଲା।

ଭକ୍ତ ବଳରାମ ଦାସ ରଥଯାତ୍ରା ଦିନ ବେଶ୍ୟାଳୟରୁ ଫେରି ରଥ ଉପରେ ଚଢ଼ିନପାରି ବାଙ୍କି ମୁହାଣଠାରେ ବାଲିରଥ ପ୍ରସ୍ତୁତ କଲେ। ଭକ୍ତି ଗଦ୍‌ଗଦ କଣ୍ଠରେ ଗାଇ ଉଠିଲେ,

"ଜଗନ୍ନାଥଙ୍କ ବାଲି ରଥ
ଦିଶୁଛି କେଡ଼େ ଶୋଭାବନ୍ତ
ଭକ୍ତି ପୁଷ୍ପରେ ଏ ନିର୍ମିତ
ଭାବେ ଅଛନ୍ତି ଜଗନ୍ନାଥ।"

କଥିତ ଅଛି ଗଜପତି ସ୍ୱୟଂ ବଳରାମ ଦାସଙ୍କ ନିକଟରେ ପହଞ୍ଚି କ୍ଷମାଭିକ୍ଷା କଲେ ଓ ଆଦରରେ ପାଟବସ୍ତ୍ର ପରିଧାନ କରାଇ ନନ୍ଦିଘୋଷ ନିକଟକୁ ନେଇଗଲେ।

ଭକ୍ତ କବି ଜୟଦେବ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୀତି କାବ୍ୟ "ଗୀତଗୋବିନ୍ଦ" ରଚନା କରିଥିଲେ। ରାଧାମାଧବଙ୍କର ଅମର ଦିବ୍ୟ ପ୍ରେମର ରସାଳ ବର୍ଣ୍ଣନାରେ ପରିପୂର୍ଣ୍ଣ ଏହି କାବ୍ୟ ପ୍ରତ୍ୟହ ବଡ଼ ସିଂହାର ବେଶପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଗାନ କରାଯାଏ ଏବଂ ଏଥି ସହିତ ଦେବଦାସୀ ନୃତ୍ୟ ମଧ୍ୟ ପ୍ରଚଳିତ ହୋଇଥିଲା। କଥିତ ଅଛି ଯେ ଗୀତଗୋବିନ୍ଦ ରଚନା କାଳରେ ଗୋଟିଏ ପଦ ଶେଷ ନକରି ଜୟଦେବ ନଦୀକୁ ସ୍ନାନ କରିବାକୁ ଯିବାପରେ, ସ୍ୱୟଂ ଜଗନ୍ନାଥ, ଜୟଦେବଙ୍କ ରୂପରେ ପଦ୍ମାବତୀଙ୍କୁ ଦର୍ଶନ ଦେଇ ଅବଶିଷ୍ଟ ପଦ ପୂରଣ କରିଥିଲେ।

ଯଥା:- ଦେହି ପଦପଲ୍ଲଭ ମୁଦାରମ୍।

ସନ୍ଥ ଅଚ୍ୟୁତାନନ୍ଦ ବାଙ୍କି ମୁହାଣ ନିକଟରେ ଶୂନ୍ୟ ଗୁମ୍ଫାରେ କେବଳ ଜଗତ ଠାକୁରଙ୍କ ଭକ୍ତି ବଳରେ ଶୂନ୍ୟ ବାଙ୍ଗ ଉପରେ ବସି ସାଧନା କରିପାରିଥିଲେ। ଶୂନ୍ୟ ସଂହିତାରେ ସେ ପରଂବ୍ରହ୍ମ ଜଗନ୍ନାଥଙ୍କୁ ଏକାକ୍ଷର ରୂପେ ଓ ମହାମନ୍ତ୍ର, ମନ୍ତ୍ରରାଜ ରୂପେ ବର୍ଣ୍ଣନା କରିଛନ୍ତି। ଯଥା:-

"ଜଗନ୍ନାଥ, ବଳଭଦ୍ର, ଭଦ୍ରା, ସୁଦର୍ଶନ
ମହାମନ୍ତ୍ର, ମନ୍ତ୍ରରାଜ ଆପେ ଦାରୁବ୍ରହ୍ମ।"

ଭକ୍ତ ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆ ଭାଗବତ ରଚନା କରି ସମଗ୍ର ଉତ୍କଳରେ ଜଗନ୍ନାଥଙ୍କର ମହିମା ପ୍ରଚାର କରିଯାଇଛନ୍ତି। ଏବେ ମଧ୍ୟ ଘରେ ଘରେ ଭାଗବତର ସୁଲଳିତ ପଦ୍ୟାବଳୀ ଗାୟନ କରିଯାଉଛି।

ଯୁଗେ ଯୁଗେ ଶ୍ରୀ ଜଗନ୍ନାଥ ତାଙ୍କର ଅଗଣିତ ଭକ୍ତମାନଙ୍କର ଆକୁଳ ପ୍ରାର୍ଥନା ଶୁଣି ଆସିଛନ୍ତି। ଯେତେ ବଡ଼ ବିପତ୍ତି ହେଉ ନା କାହିଁକି, ଭୟ ହାରୀ ମଧୁସୂଦନ, ବିପତ୍ତିହାରୀ ଆର୍ତ୍ତତ୍ରାଣ ଶ୍ରୀ ଜଗନ୍ନାଥଙ୍କ କୃପାରେ ସକଳ ବିପତ୍ତି ନାଶ ହୋଇ ଭକ୍ତ ନିଜର ଅଭୀଷ୍ଟ ଲାଭ କରେ। ଏଣୁ ଯଥାର୍ଥରେ ମଧୁସୂଦନ ସ୍ତୋତ୍ରରେ କୁହାଯାଇଛି,

"ଅମୃତାର୍ଣ୍ଣବ ମଧ୍ୟସ୍ଥଂ ଇନ୍ଦ୍ରନୀଳମଣି ପ୍ରଭଂ
ଶଙ୍ଖ ଚକ୍ର ଗଦାପଦ୍ମଂ ମଧୁକୈଟ୍ୟ ନିସୂଦଂନ
ସମସ୍ତଂ କାମଦଂ ଶାନ୍ତଂ ଯୋଗମାୟା ବିମୋହିତଂ
ନାନା ବିପତ୍ତି ହରଣଂ ବନ୍ଦେହଂ ମଧୁସୁଦନଂ।"

ଆଚାର୍ଯ୍ୟ ଶଙ୍କରଙ୍କ ଭାଷାରେ ଭକ୍ତ କେବଳ ଜଗନ୍ନାଥଙ୍କର ନୟନ ପଥରେ ଅବସ୍ଥାନ କରିବାପାଇଁ ଆକାଙ୍କ୍ଷା କରିଥାନ୍ତି। ଏଣୁ ସେ "ଜଗନ୍ନାଥଷ୍ଟକ"ରେ ଲେଖିଥିଲେ,

"ନବୈ ପ୍ରାର୍ଥ୍ୟଂ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବଂ
ନ ଯାଚେୟଂ ରମ୍ୟାଂ, ନିଖିଳଜନ କାମ୍ୟାଂ ବରବଧୂଂ
ସଦାକାଳେ କାଳେ ପ୍ରମଥପତିନା ଗୀତ ଚରିତୋ
ଜଗନ୍ନାଥ ସ୍ୱାମି, ନୟନ ପଥ ଗାମୀ ଭବ ତୁମେ।"

ଲୋକମୁଖରେ ଶୁଣାଯାଏ ଯେ ଭକ୍ତକବି ଦୀନକୃଷ୍ଣ ରାଜାଙ୍କ ସଂପର୍କରେ ଗୀତ ନ ଲେଖିବା ଦ୍ୱାରା ବନ୍ଦୀଶାଳାରେ ନିକ୍ଷିପ୍ତ ହୋଇଥିଲେ। ସେଠାରେ ସେ ଅତି ଆର୍ତ୍ତକଣ୍ଠରେ ଜଗନ୍ନାଥଙ୍କୁ ସ୍ତୁତି କରିବା ଫଳରେ, ବନ୍ଦୀଶାଳା ସ୍ୱତଃ ଉନ୍ମୁକ୍ତ ହୋଇଥିଲା। ସେହି ସ୍ତୁତିର ପ୍ରଥମ ପଦଟି ହେଲା-

"କୃପାସିନ୍ଧୁ ବଦନ କରି ଅବଲୋକନ
କେଉଁ କରମହୀନ ଜନ
କାକୁସ୍ତଭର ହୋଇ କରଯୋଡ଼ି ଜଣାଇ
ଗରୁଡ଼ ସ୍ତମ୍ଭ ସନ୍ନିଧାନ ହେ ମହାପ୍ରଭୁ।"

ଏଣୁ ଯୁଗ ଯୁଗ ଧରି ଭକ୍ତ ବଲ୍ଲଭ ଶ୍ରୀ ଜଗନ୍ନାଥ ତାଙ୍କର ଅଗଣିତ ଭକ୍ତ ମାନଙ୍କର ଅନ୍ତରରେ ଉଦ୍‌ବେଳିତ ହେଉଥିବା ବିଭିନ୍ନ ସନ୍ତାପକୁ ପ୍ରଶମିତ କରିବା ପାଇଁ ଏବଂ ସକଳ ବିପତ୍ତିରୁ ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀକ୍ଷେତ୍ରରେ ବିରାଜିତ ଅଛନ୍ତି।

ଭକ୍ତି କୈବଲ୍ୟର ପ୍ରକୃଷ୍ଟ ମାଧ୍ୟମ ରୂପେ ରଥଯାତ୍ରା ଅବସରରେ ଶରଧାବାଲିରେ ଠିଆହୋଇ ଭକ୍ତଗଣ ବ୍ୟାକୁଳ ହୃଦୟରେ ଜଗନ୍ନାଥଙ୍କଠାରୁ କେବଳ "ଭକ୍ତି"ର ଆଶୀଷ ପ୍ରାର୍ଥନା କରିଥାନ୍ତି। ଏଥିପାଇଁ କବି କହିଛନ୍ତି,

"ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ
ଧନ ମାଗୁନାହିଁ, ଜନ ମାଗୁନାହିଁ
ମାଗୁଛି ଶରଧାବାଲିରୁ ହାତେ।"

ଶୁଦ୍ଧପ୍ରେମର ଦିବ୍ୟ ଅବତାର ଶ୍ରୀ ଚୈତନ୍ୟ ରଥଯାତ୍ରା ବେଳେ ଏହିପରି ଭାବନାରେ ବ୍ୟାକୁଳିତ ହୋଇ କହିଥିଲେ:

"ନ ଧନଂ ନ ଜନଂ ନ ସୁନ୍ଦରୀଂ
କବିତାଂ ନା ଜଗଦୀଶ କାମୟେ
ମମ ଜନ୍ମ ନି ଜନ୍ମ ନିରୀଶ୍ୱରୀ
ଭବତାମ୍ ଅହେତୁକୀ ଭକ୍ତି ତୃପ୍ତି।"

ଭକ୍ତ ଓ ଭଗବାନଙ୍କର ଆତ୍ମୀୟତାର ଗଭୀର ଉପଲବ୍ଧି କରି ଭକ୍ତ ସାଲବେଗ ଯଥାର୍ଥରେ ଲେଖିଥିଲେ,

"ଏକା ତୋ ଭକତ ଜୀବନ
ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ।
ଭକତ ତୋ ମାତା ପିତା ଭକତ ତୋ ବନ୍ଧୁ
ଭକତ ହିତରେ ତୋର ନାମ କୃପାସିନ୍ଧୁ ॥
ଏକା ତୋ ଭକତ ଜୀବନ।"

*ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା*
*ଦୂରଭାଷ: ୯୧୭୮୩୦୨୮୮୬*




# ବାପାଙ୍କ ଘର

ବିଷ୍ଣୁଚରଣ ଚୌଧୁରୀ

ବେଳ ରତ ରତ। ଆକାଶରୁ ଓହ୍ଲାଇବାକୁ ଉପକ୍ରମ କରୁଛି ଅନ୍ଧାର। ଆମ ଘର ସାମ୍ନାରେ ଠିଆ ହୋଇଥିଲି ମୁଁ। ଏବେ ଏବେ ଆସି ପହଞ୍ଚିଛି ରାଜଧାନୀରୁ। କେତେ ଦିନ ବିତି ଗଲାଣି। ଦିନ, ମାସ, ବର୍ଷ ପରେ ବର୍ଷ ଅତିକ୍ରାନ୍ତ। ଅନେକ ବର୍ଷ ପରେ ଏଇ ବନ୍ଦ ଘର ବାହାରେ ଠିଆ ହୋଇଛି। ଦରଜାରେ ତାଲା ପଡ଼ିଛି। ଉଦାସ ଆଉ ଭାରାକ୍ରାନ୍ତ ମନ ନେଇ ଠିଆ ହୋଇ ରହିଛି ଏଇ ଘର। ଠିଆ ହୋଇନି ତ ଆଣ୍ଠେଇ ପଡ଼ିଛି ଏକ ରକମ। ସଳଖି ଠିଆ ହେବାର ଶକ୍ତି ହରାଇବସିଲାଣି। । କେତେ ଦଡ଼ମଡ଼ି ସହିଲାଣି ତା' ଜୀବନ କାଳ ମଧ୍ୟରେ। ଖରା,ବର୍ଷା, ବାଆ, ବତାଶ ସବୁ କିଛି ସାମ୍ନା କରି ଅଣ୍ଟା ସଳଖି, ମୁଣ୍ଡ ଉପରକୁ ଟେକି ଠିଆ ହୋଇଥିଲା। ହେଲେ ସମୟ ଚକ୍ରରେ ବୁଢ଼ା ହୋଇଯାଇଥିଲା। ଏଇ ବୁଢ଼ା ବୟସରେ ଗତ ମହାବାତ୍ୟା ସହ ଲଢ଼େଇରେ ଆଣ୍ଠେଇ ପଡ଼ିଥିଲା। ଭାଙ୍ଗିଯାଇଥିଲା ଗୋଡ଼। ସେ ଭଙ୍ଗା ଗୋଡ଼ରେ ଠିଆ ହୋଇ ରହିଛି ଆଜିଯାଏଁ ।

ପ୍ରଳୟଙ୍କରୀ ମହାବାତ୍ୟା। କରାଳ ରୂପ। ସୁ ସୁ ଗର୍ଜନ। ଗର୍ଜନ ତର୍ଜନରେ ଫାଟି ପଡ଼ିବ ଯେମିତି ବସୁନ୍ଧରା। ଉଠେଇ ଆଣିଥିଲା ଜଳରାଶି। ଉତ୍ତାଳ ତରଙ୍ଗ ଯେମିତି ସ୍ପର୍ଶ କରିବ ମାଟିରୁ ଆକାଶ। ସମୁଦ୍ର ଆମ ଗାଁଠୁ କାହିଁ କେତେ ଦୂର ହୋଇଥିଲେ ବି ଆମ ଗାଁ, ଭୂଇଁ ଡ଼େଇଁ ମାଡ଼ି ଚାଲିଥିଲା ଆଗକୁ ଆଗକୁ। ଚାରି ମେଘ, ଅଣଚାଶ ପବନ ଆଉ ସମୁଦ୍ର ପରସ୍ପର ହାତ ମିଳେଇ ତାଣ୍ଡବ ରଚିଥିଲେ। ଟଳି ପଡ଼ିଥିଲା କୋଠାବାଡ଼ି, ଘରଦ୍ୱାର ଆଉ ବିଶାଳକାୟ ଦ୍ରୁମମାନ। ସମୁଦ୍ରର ମହାସ୍ରୋତରେ ଭାସି ଯାଇଥିଲେ ହଜାର ହଜାର ମଣିଷ ଏବଂ କାହିଁ କେତେ ଜୀବଜନ୍ତୁ। ନିଶ୍ଚିହ୍ନ ହୋଇଯାଇଥିଲା ଗାଁ, ଗଣ୍ଡା। ଘରଦ୍ୱାର ଏବଂ ବିଶାଳକାୟ ଦ୍ରୁମମାନ ଭାସିଯାଇଥିଲା। ଭାସି ଯାଇଥିଲା ସବୁ ଚାଳଘର ଆମ ଗାଁର। ଗାଁର ଅନେକ ଲୋକ ଭାସି ଯାଇଥିଲେ। ଚିହ୍ନ, ବର୍ଣ୍ଣ ନଥିଲା ସେମାନଙ୍କର। ତିଷ୍ଠି ଯାଇଥିଲା କେତୋଟି କୋଠାଘର । ସେଇ କୋଠାଘର ଗୁଡ଼ିକରେ କିଏ ଛାତ ଉପରେ ତ କିଏ ଆଲମାରୀ, ଟେବୁଲ ଉପରେ ନାକ ପର୍ଯ୍ୟନ୍ତ ପାଣିରେ ଠିଆ ହୋଇ ବଞ୍ଚି ଯାଇଥିଲେ। ଏମିତି ଏକ ପ୍ରଳୟଙ୍କାରୀ ମହାବାତ୍ୟା ସହ ଲଢ଼ି ହାତଗୋଡ଼ ଭାଙ୍ଗି ଆମର ଏକ ଘର ନିଜେ ତିଷ୍ଠି ରହିବା ସଙ୍ଗେ ସଙ୍ଗେ ଆମ ଘର ତଥା ପଡୋଶୀ ଘର ଲୋକଙ୍କ ଜୀବନ ରକ୍ଷା କରିଥିଲା ।

ଏଇ ଆମ ଚାଳଘର। ବୁଢ଼ା ହୋଇଗଲାଣି। ବାପା, ବଡ଼ବାପା ଏଇ ଘର ତୋଳିଥିଲେ କି ଜେଜେବାପା ତୋଳିଥିଲେ ତାହା ଜାଣି ନାହିଁ। ହେଲେ ଏତିକି ଜାଣିଛି ସେମାନେ କର୍ମଠ ଥିଲେ। ମୁଣ୍ଡ ଝାଳ ତୁଣ୍ଡରେ ମାରି ଲହୁ ଲୁହାଣ ହୋଇ ଖଟୁଥିଲେ। ନିଜ ପାଇଁ ନୁହେଁ, ନିଜ ପିଲାମାନଙ୍କୁ ମଣିଷ କରିବା ପାଇଁ। ଜୀବନସାରା ସାଂସାରିକ ଜଞ୍ଜାଳର ବୋଝ ମୁଣ୍ଡେଇ ମୁଣ୍ଡେଇ କେତେବେଳେ ଯେ ବୁଢ଼ା ହୋଇ ଯାଇଥିଲେ ତାହା ଜାଣି ପାରିନଥିଲେ। ବୁଢ଼ା ହୋଇ ଯାଇଥିଲେ ବି ପୂର୍ବ ଭଳି ଖଟି ଚାଲିଥିଲେ ଦିନରାତି। ବୟସର ଛାପ ଦେହ ଛୁଇଁଥିଲେ ବି ଛୁଇଁ ପାରିନଥିଲା ମନ। ଖରା, ବର୍ଷା, ଶୀତ କାକରକୁ ଭ୍ରୂକ୍ଷେପ ନକରି ବିଲ ବାଡ଼ିକୁ ବାହାରିପଡ଼ନ୍ତି ସୂର୍ଯ୍ୟ ଉଇଁବା ଆଗରୁ। ଫେରିଥାନ୍ତି ମଧ୍ୟାହ୍ନର ନିର୍ଧୂମ ଖରାରେ। ମଧ୍ୟାହ୍ନଭୋଜନ ପରେ ସାମାନ୍ୟ ବିଶ୍ରାମ ନେଇ ପୁଣି ଚାଲିଯାଆନ୍ତି ବିଲବାଡ଼ିକୁ ଆଉ ଫେରିଆସନ୍ତି ସୂର୍ଯ୍ୟ ମାଆ କୋଳରେ ବିଶ୍ରାମ ନେବା ପରେ।

କେବଳ ପୁରୁଷମାନେ ନୁହଁନ୍ତି ଘରର ସ୍ତ୍ରୀଲୋକମାନଙ୍କର ଖଟଣୀ କିଛି କମ୍ ନଥିଲା। ସୂର୍ଯ୍ୟ ଉଇଁବା ଆଗରୁ ବିଛଣା ଛାଡ଼ି ଖଟି ଚାଲିଥାନ୍ତି ରାତିରେ ପୁଣି ବିଛଣା ଧରିବା ପର୍ଯ୍ୟନ୍ତ। ସକାଳୁ ଉଠି ଘର ଭିତର, ବାହାର ଓଳେଇବା, ଗୋବର ପାଣି ସିଞ୍ଚି ଅଗଣା ଓଳେଇବା, ବାସନ ମଜା, କୂଅରୁ ପାଣି କାଢ଼ି ଘରକୁ ଆଣିବା, ଏତେ ବଡ଼ ପରିବାର ଲୋକଙ୍କ ସକାଳ, ଦ୍ୱିପ୍ରହର ଏବଂ ରାତ୍ରି ଭୋଜନ ପାଇଁ ରନ୍ଧାବଢ଼ା କରିଥାନ୍ତି। ଆଜି ଭଳି ସେ ସମୟରେ ଗ୍ୟାସ ଚୁଲା କିମ୍ବା ଆଧୁନିକ ସାଜ, ସରଞ୍ଜାମ ନଥିଲା ରୋଷେଇ ପାଇଁ। ନଥିଲା ସରକାରଙ୍କ ତରଫରୁ ମାଗଣା ଚାଉଳ ଯୋଗାଇ ଦେବା। କାଠି, କୁଟାରେ ଚୁଲି ଜାଳି ରୋଷେଇ ଠୁଁ ଧାନ ଉଁସା, ଶୁଖା ଏବଂ ଢିଙ୍କିରେ ଧାନକୁଟା ହୋଇ ଚାଉଳ ବାହାରୁଥିଲା। ଏସବୁ ବାଦ୍ ପୁନିଅଁ ପର୍ବରେ ପିଠାପଣା, ଭୋଜିଭାତ, ଦିଅଁ ଦେବତାଙ୍କ ପୂଜାପାଠ ଭଳି ଘରକରଣା କାମରେ ସମୟ ମିଳେନି ଟିକେ ବିଶ୍ରାମ ନେବା ପାଇଁ।

ଦିନ ପରେ ଦିନ ଗଡ଼ି ଚାଲିଥିଲା । କାମ କରିବାର ଦକ୍ଷତା କ୍ରମେ ଧିମେଇ ଆସିଥିଲା । କେବେକେବେ ଅଧିକ ଖଟଣି ପଡ଼ିଲେ ଦେହରେ, ମୁଣ୍ଡରେ ପୀଡ଼ା ଅନୁଭୂତ ହୁଏ । ଆଣ୍ଠୁ ଗଣ୍ଠି ଦରଜ, ଅଣ୍ଟା ଧରିବା, ଖୁଁ ଖୁଁ କାଶ ଭଳି ସାଧାରଣ ରୋଗରେ ପୀଡ଼ିତ ହୁଅନ୍ତି ବଡ଼ବାପା, ବାପା, ବଡ଼ବୋଉ ଏବଂ ବୋଉ । ଡାକ୍ତରୀ ଔଷଧ ଆବଶ୍ୟକ ପଡ଼େନି । ସୁଣ୍ଠି, ଗୋଲମରିଚ ମିଶା ନାଲି ଚା, ପଶାରୁଣୀ ପତ୍ର ଏବଂ ବାଡ଼ି ବଗିଚାରେ ଥିବା ଔଷଧୀୟ ବୃକ୍ଷର ଚେରମୂଳି ଆଉ ପତ୍ରରେ ହିଁ ଆରୋଗ୍ୟ ହୋଇଯାଏ ରୋଗ । ଆଧୁନିକତାର ବିଭିନ୍ନ ସୁବିଧା, ସୁଯୋଗରୁ ବଂଚିତ ଥାଇ ବି ସୁସ୍ଥ, ନିରାମୟ ଜୀବନ ଜିଇବା ଶିଖିଥିଲେ । ଶିଖିଥିଲେ ଏକାନ୍ନବର୍ତ୍ତୀ ପରିବାରରେ ଏକାଠି ରହିବାର କଳା, କୌଶଳ । ଅନୁଭବ କରିଥିଲେ ସୁଖ, ଶାନ୍ତି ଏକାଠି ରହିବାରେ । ସ୍ନେହ, ଶ୍ରଦ୍ଧା, ଭଲ ପାଇବାର ରଜ୍ଜୁରେ ବାନ୍ଧି ହୋଇଥିଲେ ପରିବାରର ସଭିଏଁ ।

ପରିବାରର ପ୍ରତ୍ୟେକେ ପରସ୍ପରର ସୁଖ, ଦୁଃଖରେ ସହଭାଗୀ ହେଉଥିଲେ । ଜଣେ ରୋଗ ଶଯ୍ୟାରେ ପଡ଼ିଥିଲେ ଅନ୍ୟମାନେ ତା' ପାଖରେ ବସି ଆଖିରୁ ଲୁହ ଗଡ଼ାଉଥିଲେ । ଜଣେ ଖୁସିରେ ହସି ଉଠିଲେ ଅନ୍ୟମାନେ ତା' ଖୁସିରେ ସାମିଲ ହୋଇ ହସି ଉଠୁଥିଲେ । ବଡ଼ମାନେ ସବୁ ପିଲାମାନଙ୍କୁ ଯେମିତି ଭଲ ପାଉଥିଲେ ପିଲାମାନେ ସେମିତି ସମ୍ମାନ ଦେଉଥିଲେ ବଡ଼ମାନଙ୍କୁ । ଭେଦଭାବ ନଥିଲା କାହାର କାହା ପ୍ରତି । ଅଭାବ, ଅନାଟନ ପଡ଼ିଲେ ବୁଝାମଣା ତଥା ସହଭାଗିତାରେ ପରିସ୍ଥିତିର ମୁକାବିଲା କରୁଥିଲେ ।

ହିଂସାଦ୍ୱେଷ, ଅସହିଷ୍ଣୁତା ଭଳି ଖରାପ ଗୁଣ ମନରୁ କାଢ଼ି ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଏବଂ ସହିଷ୍ଣୁତାର ମନ୍ତ୍ର ଶିକ୍ଷା ଦେଇଥିଲା ଏଇ ଘର । ଦୁଃଖ, ସୁଖ ଆପଣେଇ ପରସ୍ପରର ମନ ନେଇ ଏକାଠି ରହିବାର ମନ୍ତ୍ର ଶିଖେଇଥିଲା ଏଇ ଘର । ବାପା, ଜେଜେବାପା ତୋଳିଥିବା ଏଇ ଘର । ଆଜିର ଘର କିନ୍ତୁ ଶିକ୍ଷା ଦେଉଛି ବିଚ୍ଛିନ୍ନତାର ମନ୍ତ୍ର । ଏକାନ୍ନବର୍ତ୍ତୀ ପରିବାରରୁ କ୍ଷୁଦ୍ରରୁ କ୍ଷୁଦ୍ର ପରିବାର । ପରସ୍ପର ଭିତରେ ଦ୍ୱନ୍ଦ୍ୱ ଆଉ ମନୋମାଳିନ୍ୟକୁ ଆଧାର କରି ଗଢ଼ି ଉଠୁଛି ଆଜିର ଘର । ସ୍ୱାମୀ, ସ୍ତ୍ରୀରେ ସୀମିତ ଅଥବା ଗୋଟିଏ, ଦୁଇଟି ପିଲାଙ୍କୁ ନେଇଗଢ଼ି ଉଠୁଛି ପରିବାର । ସ୍ୱାମୀ, ସ୍ତ୍ରୀ ମଧ୍ୟରେ ପୁଣି ଝଗଡ଼ା, ମନୋମାଳିନ୍ୟ । ମତାନ୍ତର, ମନାନ୍ତର ଯୋଗୁଁ ପରସ୍ପରଠୁ ଛାଡ଼ପତ୍ର ପାଇଁ କୋର୍ଟ, କଚେରୀକୁ ଧାଁ, ଦଉଡ଼ ।

ଆଜିର ଘର ବିଚ୍ଛିନ୍ନତାର କୁମନ୍ତ୍ର ଶିକ୍ଷା ଦେଉଥିବା ବେଳେ ବାପା, ଜେଜେଙ୍କ ଘର ଆମକୁ ଶିକ୍ଷା ଦେଇଥିଲା ଏକତା ତଥା ସମନ୍ୱୟର ମହାମନ୍ତ୍ର । ଯେଉଁଥି ପାଇଁ ପିଲାଙ୍କଠୁ ବୁଢ଼ାବୁଢ଼ୀ ଯାଏଁ ତିରିଶ ଲୋକଙ୍କୁ ନେଇ ଗୋଟିଏ ଗୋଟିଏ ପରିବାର ତିଷ୍ଠି ରହିଥିଲା । ହେଲେ ଆଜିର ଦିନରେ ବାହାସାହା ନ ହୋଇ ବି ପିଲାମାନେ ବାପା,ମାଆଙ୍କଠୁ ଅଲଗା ରହୁଛନ୍ତି । ବାର୍ଦ୍ଧକ୍ୟର ଯନ୍ତ୍ରଣାଠୁ ବଳି ପଡୁଛି ପିଲାମାନଙ୍କର ହତାଦର । ଏମିତି ଏକ ଅପସଂସ୍କୃତିରେ କବଳିତ ଆଜିର ସମାଜ । ଗାଁଠୁ ସହର ଯାଏଁ ସବୁ ପରିବାର ଉପରେ ଆଜି ଏଇ ଅପସଂସ୍କୃତିର କଳା ବାଦଲ ଛାଇ ହୋଇ ଯାଇଛି । ବାର୍ଦ୍ଧକ୍ୟର ଚିତ୍କାର ଶୁଭୁଛି ପ୍ରତି ପରିବାରରେ ।

ପାଶ୍ଚାତ୍ୟ ସଭ୍ୟତାର ଏଇ ଖରାପ ଗୁଣ ଆମ ଯୁବ ପିଢ଼ୀ ଅନୁକରଣ କରୁଥିବା ବେଳେ ସେମାନଙ୍କର ଭଲ ଗୁଣ ପ୍ରତି ଆଖି ବୁଜି ଦେଇଥାନ୍ତି । ସେମାନଙ୍କର କର୍ମକ୍ଷମ ଜୀବନଯାପନର ମାର୍ଗ ପ୍ରତି ଆଖି ବୁଜି ଦେଇ କର୍ମ ବିମୁଖତାକୁ ଆପଣେଇବା ହିଁ ଦାରିଦ୍ର୍ୟର ପ୍ରମୁଖ କାରଣ ହୋଇଛି । କର୍ମକ୍ଷମ ଜୀବନଯାପନର ମାର୍ଗ ଆପଣେଇ ସେମାନେ ଧନୀ ତଥା ସୁଖି ହୋଇ ଆଗକୁ ବଢୁଥିବା ବେଳେ ଆମେ ଦାରିଦ୍ର୍ୟର ସୀମାରେଖା ତଳକୁ ଖସି ଚାଲିଛେ । କର୍ମବିମୁଖତା ଆଜି ସମାଜର ପ୍ରତ୍ୟେକ ସ୍ତରକୁ ବ୍ୟାପୀ ଗଲାଣି । ପରିଶ୍ରମ କରି ରୋଜଗାର କରିବା ପ୍ରତି ସମସ୍ତେ ନିଃସ୍ପୃହ ।

ସରକାରଙ୍କ ମାଗଣା ଯୋଜନା ହିଁ କର୍ମ ବିମୁଖତା ପାଇଁ ପ୍ରୋତ୍ସାହିତ କରୁଛି । ଯେଉଁମାନଙ୍କର କ୍ରୟ ଶକ୍ତି ନାହିଁ ସେମାନଙ୍କୁ ଏଇ ମାଗଣା ସୁବିଧା ଯୋଗାଇବାର ଆବଶ୍ୟକତା ଥିବାବେଳେ ରାଜନୀତିର ପଶାପାଲିରେ ଭୋଟ ସଂଗ୍ରହର ମନୋବୃତ୍ତି ରଖି ଆର୍ଥିକ ସ୍ୱଚ୍ଛଳ ପରିବାରକୁ ଏଇ ମାଗଣା ସୁବିଧା ଦିଆଯାଉଛି । ପଡ଼ିକାର୍ଡ ହାସଲ ପାଇଁ ପୁଅ, ବାପାଠୁ ଏବଂ ଭାଇ, ଭାଇଠୁ ଅଲଗା ହୋଇ ଯାଉଛି । ସରକାରଙ୍କ ଏଇ ମାଗଣା ଯୋଜନା ପୂର୍ବର ଏକାନ୍ନବର୍ତ୍ତୀ ପରିବାରକୁ ଖଣ୍ଡ ବିଖଣ୍ଡିତ କରିବା ସଂଗେ ସଂଗେ ପରିବାର ଲୋକଙ୍କ ମନରେ ହିଂସା, କପଟତା, ଘୃଣାଭାବ ସୃଷ୍ଟି କରୁଛି । ବିନା ପରିଶ୍ରମରେ ବଡ଼ଲୋକ ହେବାର ନିଶା ଆଜି ସଭିଙ୍କ ମନରେ । ଯେ କୌଣସି ଉପାୟରେ ଅର୍ଥ ହାସଲ ପାଇଁ ବ୍ୟଗ୍ର ମଣିଷ । ଅନ୍ୟାୟ, ଅନୀତି ପ୍ରତି ମନରେ ନଥାଏ କୁଣ୍ଠାବୋଧ କିମ୍ବା ମାନବିକତା ପ୍ରତି ଅଙ୍ଗୀକାରବଦ୍ଧତା ।

ଏମିତି କେତେ କ'ଣ ଭାବନା, ସମ୍ଭାବନା, ଉଦ୍ଦୀପନା, ଉନ୍ମାଦନା ସୃଷ୍ଟି ହେଉଥିଲା ମନରେ, ପ୍ରାଣରେ ଏଇ ଘର ସାମ୍ନାରେ ଠିଆ ହୋଇ ରହିଥିବାବେଳେ । ସୃଷ୍ଟିର ଆଦ୍ୟ ଆବଶ୍ୟକତା ହିଁ ଘର । ପ୍ରତି ମଣିଷ ସୁନ୍ଦର ଘରଟିଏ ତୋଳିବାର ସ୍ୱପ୍ନ ଦେଖିଥାଏ । ମୁଁ ବି ସ୍ୱପ୍ନ ଦେଖିଥିଲି ସୁନ୍ଦର ଘରଟିଏ ତୋଳିବାକୁ ବାପା, ଜେଜେ ବାପା ଏବଂ ନିଜେ ଜନ୍ମ ନେଇଥିବା ଏଇ ଗାଁ ମାଟିରେ । ବାପା, ବଡ଼ବାପା, ଜେଜେବାପା ତାଙ୍କର ସାମର୍ଥ୍ୟ ମୁତାବକ ତୋଳିଥିଲେ ଏଇ ଘର । ଚାଳଘର । ଏଇ ଘର ପଡ଼ିଥିଲା, ତାଙ୍କ ଭାଗରେ । ପୂର୍ବ ପାର୍ଶ୍ୱ କୋଠଘର ପଡ଼ିଥିଲା ବଡ଼ବାପାଙ୍କ ପୁଅମାନଙ୍କ ଭାଗରେ । ଆମେ ଭାଇମାନେ ବଡ଼ ହୋଇ ରୋଜଗାର କରିବା ପରେ ସେଇ କୋଠଘର ତୋଳା ହୋଇଥିଲା । ପରେ ପରେ ଭାଗ ହୋଇ ଯାଇଥିଲା ଘରଗୁଡ଼ିକ ।

ଏଇଟା ବାପାଙ୍କ ଘର । ଭାଙ୍ଗି ଗଲାଣି । ତଥାପି ଠିଆ ହୋଇ ରହିଛି ତିକ୍ତ, ମଧୁର ସ୍ମୃତି ବହନ କରି । ବାପାଙ୍କ ଘର ଏବେ ଖାଲି । ତାଲା ଝୁଲୁଛି ଦାଣ୍ଡ ଦରଜାରେ । ଏଠି କେହି ନାହାନ୍ତି । ଗୋଟିଏ ସମୟରେ ଏଠି ଶବ୍ଦମାନଙ୍କର ନଈ ବହୁଥିଲା । ଲୋକମାନଙ୍କର ଯିବା ଆସିବା ଲାଗି ରହିଥିଲା । ସାମାନ୍ୟ ଲେଖାପଢ଼ା ଜାଣିଥିବା ମଣିଷଟିଏ ହେଲେ ବି ଏ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟରେ ଆଗଭର ହେବା ଏବଂ ଗରିବ ଗୁରୁବାଙ୍କ ସୁଖ, ଦୁଃଖରେ ସମଭାଗୀ ହେଉଥିବା ଯୋଗୁଁ ବେଶ୍ ଲୋକପ୍ରିୟ ଥିଲେ ବାପା । ଗାଁ ଲୋକ ଏବଂ ଆଖପାଖ ଗାଁର ଲୋକମାନଙ୍କର ଯିବା ଆସିବା ଲାଗି ରହୁଥିଲା ସକାଳୁ ରାତିଯାଏ ।

ସେତେବେଳେ ବାପା ଥିଲେ, ବୋଉ ଆଉ ଭାଇ ଭଉଣୀ ହୋଇ ଆମେ ତିନି ଜଣ ଥିଲୁ। ପରେ ପରେ ମୋର ବାହାଘର ହୋଇଥିଲା ଏଇ ଘରେ। ପିଲାମାନେ ଆସିଥିଲେ କୋଳକୁ। ଦିନ ଆସିଲା ବାପା ଚାଲିଗଲେ। ବୋଉ ବି ବିଦାୟ ନେଲା ସବୁଦିନ ପାଇଁ। ବଡ଼ ବାପାଙ୍କ ପୁଅମାନେ ଏଇ ଘର ଛାଡ଼ି ନିଜ ନିଜ ଭାଗରେ ପଡ଼ିଥିବା ଜାଗାରେ ଘର କରି ରହିଲେ। ମୁଁ ବି ସହରରେ ଘର କଲି। ଦୁଇ ଭଉଣୀ ବିଭା ହୋଇଗଲେ। ବାପା, ବୋଉ ଚାଲିଗଲା ପରେ ଶବ୍ଦମାନଙ୍କର ନଈରେ ଭଟ୍ଟା ପଡ଼ିଗଲା। ସବୁ ଶୂନ୍‌ଶାନ୍। ନିର୍ଜନ ଦୀପଟିଏ ଅବା। କାଉ, କୋଇଲିଙ୍କର ରାବ ନାହିଁ କି ମଣିଷର ପାଦ ଚିହ୍ନ ପଡ଼ିବାର ନାହିଁ।

ଅନେକ ସ୍ମୃତି, ବିସ୍ମୃତିର ମୁହୂର୍ତ୍ତଗୁଡ଼ାକୁ ମନେ ପକାଇ ଉଦାସ ମନରେ ଚାହିଁ ରହିଥିଲା ଏଇ ବାପାଙ୍କ ଘର ତା' ଆଡ଼େ। ଉତ୍ତରାଧିକାରୀଙ୍କୁ ପାଖରେ ପାଇ ସଗର୍ବରେ ଫୁଲି ଉଠି ଅଣ୍ଟା ସଳଖି ମୁଣ୍ଡ ଟେକି ଠିଆ ହୋଇପଡ଼ିବାକୁ ଉପକ୍ରମ କରୁଥିଲା ଯେମିତି। ହାତ ଧରି ଆମନ୍ତ୍ରଣ କରୁଥିଲା ଭିତରକୁ ଯିବା ପାଇଁ। ପାହାଚ ଉପରେ ପାଦ ଦେଇ କଳଙ୍କି ଲଗା ତାଲା ଖୋଲି ଘର ଭିତରକୁ ପ୍ରବେଶ କରିଥିଲି। ଧୂଳି, ଅଳନ୍ଧୁରେ ଭର୍ତ୍ତି ଘରଗୁଡ଼ା। ଡହଡହ ବାମ୍ଫ ବାହାରୁଥିଲା ଘର ଭିତରୁ। କାହିଁ କେତେ ବର୍ଷ ତଳର ସେଇ ପୁରୁଣା ଗନ୍ଧ ଏବେବି ବାରି ହୋଇ ପଡୁଥିଲା। ଖୋଲି ଦେଇଥିଲି ଝର୍କା। ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭାରୁ ପୁଳାଏ ପଶି ଆସିଥିଲା ଘର ଭିତରକୁ। ଦୃଶ୍ୟମାନ ହୋଇ ଉଠିଥିଲା ଘରର କୋଣ, ଅନୁକୋଣ। ସ୍ମୃତି ସବୁ ଲଟକି ଥିଲେ କାନ୍ଥ ବାଡ଼ରେ ଜାକିଜୁକି ହୋଇ। ଆପଣାର ମଣିଷକୁ ପାଖରେ ପାଇ ଉଲ୍ଲସିତ ହୋଇ ଉଠିଥିଲା ଏଇ ଘର। ଖୋଲି ଦେଇଥିଲା ସ୍ମୃତିର ପେଡ଼ି।

ଶୈଶବ, କୈଶୋର ଆଉ ଯୌବନର ଉତ୍‌ଫୁଲିତ ମୁହୂର୍ତ୍ତଗୁଡ଼ାକ ବାହାରି ଆସିଥିଲେ ପେଡ଼ି ଭିତରୁ। ଯେଉଁ ସମୟରେ ଆମ ଏକାନ୍ନବର୍ତ୍ତୀ ପରିବାରର ସବୁ ଭାଇଭଉଣୀ, ବଡ଼ବାପା, ବଡ଼ ବୋଉମାନଙ୍କର ମଧୁର ସମ୍ପର୍କ ଯୋଡ଼ି ହୋଇ ରହିଥିଲା। ସୁଖ, ଦୁଃଖକୁ ଆପଣେଇ ସମୟ ଡେଉଁଥିବା ଆମ ପରିବାରର ଲୋକମାନେ କେବେ କ'ଣ ଭାବିଥିଲେ ଜୀବନର ଅଙ୍କାବଙ୍କା ରାସ୍ତାରେ ଚାଲୁ ଚାଲୁ ହଠାତ୍ ଦିନେ ହାତ ଛଡ଼ା ହୋଇଯିବେ। ପରସ୍ପରଠୁ ଅଲଗା ହୋଇଯିବେ। କେହି କାହାରିକୁ ଦେଖି ପାରିବେନି କି ଜାଣି ପାରିବେନି କାହା ସମ୍ପର୍କରେ ଚିହ୍ନିବା ବି ସମ୍ଭବ ହେବନି। ଏଇ ସମ୍ପର୍କର ଦୂରତ୍ୱ ଆହୁରି ବଢ଼ିଯିବ ପରବର୍ତ୍ତୀ ପିଢ଼ି ପାଇଁ।

ଏଇ ଘର ଭିତରେ ଆମେ ପିଲାମାନେ ଲୁଚକାଳି ଖେଳୁଥିଲୁ। ଲୁଡୁ, ବାଘମନ୍ଦାରୀ, ଛକି ଚିହ୍ନ, ଚକାଚକା ଭଉଁରୀ ଖେଳୁଥିଲୁ। ସକାଳୁ ସଂଜଯାଏ ଲାଗି ରହୁଥିଲା ଗହଳି ଚହଳି। ସକାଳ ନ ହେଉଣୁ ଚୁଲିରେ କୁଟା, କାଠି ଜଳାହୋଇ କେଉଁ ଦିନ ମୁଢ଼ି ଭଜା ହେଉଥିଲା ତ କେଉଁ ଦିନ ଚକୁଳି ପିଠା। ଆମେ ପିଲାମାନେ ଚୁଲି ପାଖରେ ଜଗି ରହୁଥିଲୁ ଗରମ ଗରମ ଚକୁଳି କିମ୍ବା ଅଣ୍ଟିରେ ମୁଢ଼ି ନେଇ ବୁଲି ଚାଲି ଖାଇବା ପାଇଁ। ପରେ ପରେ ଆମ ପିଲାମାନଙ୍କର ପଙ୍ଗତ ବସେ ପଖାଳ ଖାଇବା ପାଇଁ। ଏଇ ପଖାଳ ଖାଇବାର ମଜା ଥିଲା ନିଆରା। ମାଛ କଣ୍ଟା ଧାନର ଚାଉଳରେ ହେଉଥିବା ପଖାଳ ଆଜି ପର୍ଯ୍ୟନ୍ତ କେବେ କେଉଁଠି ଦେଖିନାହିଁ। ବାସି ତୋରାଣି ସାଙ୍ଗକୁ ଗୋଟି ଗୋଟି ହୋଇଥିବା ଧୋବଲା ଭାତକୁ ଦେଖିଲେ ଖାଲି ଭାତ ଖାଇଦେଇ ଯିବାକୁ ଇଚ୍ଛା ହୁଏ। ତୋରାଣିର ବାସ୍ନା କହିଲେ ନ ସରେ।

ଏଇ ପଖାଳ ଖାଇବାର ମଜା ନେଉ ଆମେ ପିଲାମାନେ। ବାଡ଼ିରୁ ଲଙ୍କା, କାକୁଡ଼ି ଛିଣ୍ଡେଇ ଆଣୁ। ଆମ୍ବ ଗଛରୁ ଡେମ୍ଫ ଲଗା ଆମ୍ବ ତୋଳି ଆଣି ତୋରାଣିରେ ଡେମ୍ଫ ଭାଙ୍ଗି ଦେଲେ ମହ ମହ ବାସ୍ନା ଉଠେ ପଖାଳରୁ। ବାଡ଼ି ଲଙ୍କା, କାକୁଡ଼ି, ଲୁଣ ଏବଂ କମଳା ଗଛରୁ ତୋଳା ହୋଇ ଆସିଥିବା କମଳାର ବାସ୍ନା କହିଲେ ନ ସରେ। କେବେ କେବେ ପତ୍ର ପୋଡ଼ା ମାଛ ଚକଟା ତ କେବେ ଧାନ ଉଂସା ହାଣ୍ଡିରେ ପୋତା ହୋଇ ସିଝି ଥିବା ଆଳୁ, ବାଇଗଣ ଚକଟାର ମଜା ନେଇଥାଉ ଆମେ ପିଲାମାନେ ଏକାଠି ଏଇ ବାରଣ୍ଡାରେ ବସି ପଖାଳ ଖାଇବାରେ ।

ଚାଷ ଜିମରୁ ଅମଳ ହେଉଥିବା ଧାନରୁ ହିଁ ବର୍ଷକ ପାଇଁ ଖୋରାକି ହୋଇ କିଛି ବଳି ପଡ଼େ। ବଳକା ଧାନ ବିକ୍ରିବଟା ହୋଇ ପରିବାରର ଭଲମନ୍ଦ ଖର୍ଚ୍ଚ ହୋଇଥାଏ। ପୁନିଅଁ ପର୍ବ, ବନ୍ଧୁବେଭାର, ଦେହମୁଣ୍ଡ ଅସୁଖ ହେଲେ ଔଷଧ, ଲୁଗାପଟା କିଣା ଆଦି ଖର୍ଚ୍ଚ ଯେନତେନ ପ୍ରକାରେ ଉଠିଯାଏ ଧାନ ବିକ୍ରି ଟଙ୍କାରେ। ବାଡ଼ିରେ ଫସଲ ଲାଗି ରହିଥାଏ ବର୍ଷ ତମାମ। ଜହ୍ନି, ଭେଣ୍ଡି, କାକୁଡ଼ି, ବାଇଗଣ, କଖାରୁ, ସାରୁ ଏବଂ ଭିନ୍ନ ଭିନ୍ନ ଶାଗ ହେଉଥିବା ଯୋଗୁଁ ପନିପରିବା କିଣା ହେବାର ଆବଶ୍ୟକତା ପଡ଼େନି । ଠିକ୍ ସେମିତି କିଛି ଚାଷ ଜମିରେ ସୋରିଷ, ମୁଗ, ବିରି, କୋଳଥ ଅମଳ ଯୋଗୁଁ ଏତେ ବଡ଼ ପରିବାରର ଲୋକଙ୍କ ପାଇଁ ଖାଦ୍ୟପେୟର ଅଭାବ ନଥାଏ। ପରିବାର ଲୋକଙ୍କ କଠିନ ପରିଶ୍ରମ ଯୋଗୁଁ ସୁରୁଖୁରୁରେ କଟିଯାଏ ଦିନ ।

ଘର ଭିତର ମାଟି କାନ୍ଥରେ ଥିବା କୋଟୋଟି ଠଣାରେ ପଡ଼ି ରହିଥିଲା ହାଡ଼ଗୁଲି, କାଚଗୁଲି, ଗିଲ, ତାସ୍, ଲୁଡୁ ଆଦି କିଛି ଖେଳସାମଗ୍ରୀ। ଏଇ ଠଣାରେ ପିଲାଦିନେ ସେ ନିଜେ ଏଇ ସବୁ ସମାଗ୍ରୀ ରଖୁଥିଲା ବେଳେ ତା'ର ପିଲାମାନେ ମଧ୍ୟ ସେମାନଙ୍କ ଖେଳ ସାମଗ୍ରୀ ରଖୁଥିଲେ ସେଇ ଠଣାରେ। ପିଲାମାନେ ବଡ଼ ହୋଇ ସେମାନଙ୍କ ପୁଅଝିଅ ସ୍କୁଲରେ ପଢ଼ିଲେଣି। ହେଲେ ସେମାନଙ୍କର ପିଲାଦିନର ଖେଳ ଜିନିଷ ପଡ଼ି ରହିଛି ଏଠାରେ। ଦୁଆରେ ଏବେ ବି ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି ମାଟି ଚୁଲି। ବାଟ ଘର କୋଣ ଏବେ ବି ସମତଳଠୁ ଉଚ୍ଚା ଦିଶୁଛି। ସେଠି ଗାତ ଖୋଳା ହୋଇ ତା ଭିତରେ ଭର୍ତ୍ତି ହୋଇଛି ଡ଼େଙ୍ଗୁଆ ମାନ। ସେଠାରେ ଏବେ ବି ସାଇତା ହୋଇ ରହିଛି ବିଅଁ, ଟାକୁଆ। ବିଅଁରେ ହେଁସ, ମସିଣା ବୁଣା ହେଉଥିବା ବେଳେ ଝୋଟରୁ ପ୍ରସ୍ତୁତ ହେଉଥିଲା ବାଣି ଏଇ ଟାକୁଆ ଦ୍ୱାରା। ବାଡ଼ି ନଳିତା ଗଛରୁ ଝୋଟ ପ୍ରସ୍ତୁତ ହେଉଥିଲା ଆଉ ଅନାବନା ପଡ଼ିଆ ପଡ଼ିଥିବା ସ୍ଥାନରେ ଉଠିଥିବା ବେରୁହାଁ କଟା ହୋଇ ଶୁଖିବା ପରେ ସେଥିରେ ହେଁସ, ମସିଣା ବୁଣା ହେଉଥିଲା।

ବର୍ଷାଦିନ ପରେ ପରେ ବିଲବାଡ଼ିରେ ପ୍ରାୟ କାମ ନଥାଏ। ଧାନ ରୁଆ, ବେଉଷଣ ସରିଥାଏ। ଏଇ ସମୟରେ ଗାଁରେ ପ୍ରାୟ ଲୋକ ଦାଣ୍ଡ ପିଣ୍ଡାରେ ହେଁସ, ମସିଣା ବୁଣିଥାନ୍ତି। ଶୀତ ସକାଳରେ କଅଁଳ ଖରାରେ

ଦାଣ୍ଡରେ ବଡ଼ମାନଙ୍କ ଟାକୁଆରୁ ବାଣି ନେଇ ଦୁଇହାତରେ ବଳିବାକୁ ମଜା ଲାଗେ। ମଜା ଲାଗେ ବିଅଁରେ ଝୁଲୁଥିବା ଡେଣୁଆ ଡିଆଁଇ ହେଁସ, ମସିଣା ବୁଣିବାକୁ। ଗାଁରେ ଏଇ ସବୁ ଦୃଶ୍ୟ ଏବେ ଦେଖିବା ସ୍ୱପ୍ନ। ଏଇ ହେଁସ, ମସିଣା ହିଁ ସେଦିନର ସେଇ ହାଡ଼ଭଙ୍ଗା ଶୀତରୁ ରକ୍ଷା କରୁଥିଲା। ଚାଦର, କମ୍ବଳ କିଣିବାକୁ ଟଙ୍କାର ଅଭାବ ଥିଲା। ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଲୋକଙ୍କର ଏଇ ହେଁସ ହିଁ ଥିଲା ଭରସା। ବିଲ କମ୍ବଳ କହୁଥିଲେ ଏଇ ହେଁସକୁ। ଯେତେ ଶୀତ ହେଉଥିଲେ ବି ହେଁସ ଘୋଡ଼ି ହୋଇ ଶୋଇ ପଡ଼ିଲେ ଛାଡ଼ି ଯାଏ ଶୀତ। ଏବେ ବି ଘର କୋଣରେ ଠିଆ ହୋଇ ରହିଛି ଗୋଟିଏ ଦୁଇଟି ହେଁସ ମସିଣା। ଖଟ ନଥିବାରୁ ବାଡ଼ି ପାଖ ବାରଣ୍ଡାରେ ବାଉଁଶରେ ତିଆରି ହୋଇଥିଲା ଭାଡ଼ିଟିଏ। ଏଇ ଭାଡ଼ି ଉପରେ ହେଁସ ପଡ଼ିଥାଏ ସଦାବେଳେ ବସା ଉଠା ପାଇଁ। ବାଡ଼ି ପଟ ପିଢ଼ା ଉପରେ ମାଡ଼ିଥାଏ କଖାରୁ, ନାଉ, ପାଣିକଖାରୁ ଗଛ। ନାଉ, କଖାରୁ ପାକଳ ହୋଇ ତୋଳା ହେଲା ପରେ ଏଇ ଭାଡ଼ି ତଳକୁ ଗଡ଼େଇ ଦିଆଯାଏ। ଆହୁରି କେତେ କ'ଣ ଘରକରଣା ଚିଜ ରହିଥାଏ ଭାଡ଼ି ତଳେ। ବର୍ଷା ଦିନେ ଝୁ ଝୁ ବର୍ଷାରେ ଅବା ଶୀତୁଆ ସଂଜ, ସକାଳେ ଆମେ ପିଲାମାନେ ଭାଡ଼ି ଉପରେ ଜେଜେ, ଜେଜେବୋଉଙ୍କ ପାଖରେ ବସି ଗପ ଶୁଣିଥାଉ। ଟୁଆଁଟୁଇଁ, ବୁଢ଼ୀ ଅସୁରୁଣୀ, ରାଜାପୁଅ, ମନ୍ତ୍ରୀପୁଅ ଭଳି ଗପ ସାଙ୍ଗକୁ ଭୂତ, ପ୍ରେତମାନଙ୍କ ଗପ ଶୁଣି ଭୟରେ ଲୋମ ଟାଙ୍କୁରୀ ଉଠେ ଆମ ପିଲାମାନଙ୍କର। ବସିଥିବା ସ୍ଥାନରୁ ଘୁଞ୍ଚି ଆସି ଜେଜେ, ଜେଜେବୋଉଙ୍କ ପାଖରେ ଜାକିଜୁକି ହୋଇ ବସି ପଡୁ।

ଏଇ ବନ୍ଦ ଘରର ଝର୍କା, କବାଟ ଖୋଲି ଠିଆ ହୋଇଛି ମୁଁ। ଚିନ୍ତିତ ଆଉ ଉଦାସ ମନର କାନ୍‌ଭାସ୍‌ରେ ଗୋଟିଏ ପରେ ଗୋଟିଏ ସ୍ମୃତିର ଚିତ୍ରପଟ ଆଙ୍କି ଦେଉଥିଲା ଏଇ ଘର। ପୁରୁଣା କାଠ ଆଲମାରୀ ପଡ଼ି ରହିଛି ଘରର କାନ୍ଥକୁ ଲାଗି। ଧୂଳି, ଅଳନ୍ଧୁରେ ଆଲମାରୀର ରଂଗ, ବେରଂଗ ହୋଇଛି। ଆଲମାରୀ ଉପର ଛତିର ଗୋଟିଏ କୋଣରେ ବାପାଙ୍କ ପକେଟରୁ ପଇସା ଆଣି ଲୁଚାଇ ରଖୁଥିଲି। ଏଇ ପଇସାରେ ଗିଲ, ଗୁଲି କିଣା ହେଉଥିଲା ତ ପୁଣି କେତେବେଳେ ଚକୋଲେଟ୍, ବିସ୍କୁଟ କିଣୁଥିଲି। ଠିଆ ହୋଇଥିବା ସ୍ଥାନରୁ ଚାଲି ଚାଲି ଯାଇ ଆଲମାରୀ ଖୋଲିଥିଲି। ଆଲମାରୀ ଉପର ଥାକରେ ଥିଲା ଘର, ଜମିବାଡ଼ି ପଟ୍ଟା, କବଲା ଓ ଅନ୍ୟ କିଛି ଦରକାରୀ କାଗଜ ପତ୍ର। ତଳ ଥାକରେ କଂସା, ପିତଳ ବାସନକୁସନ ସାଙ୍ଗକୁ ଅନ୍ୟ କେତେକ ଘରକରଣା ସାମଗ୍ରୀ। ବାପା ସଂସାର ଛାଡ଼ି ଯିବାର ତିରିଶ ବର୍ଷ ଅତିବାହିତ ହେଲାଣି। ଏ ଭିତରେ କାହିଁ କେତେବାର ଏଇ ଘରକୁ ଆସିଥିଲେ ମଧ୍ୟ ଆଲମାରୀ ଖୋଲି କେବେ ଜିନିଷ ପତ୍ର ପରଖି ନଥିଲି। ଆଜି କାହିଁକି ଗୋଟି ଗୋଟି କରି ସବୁ ଜିନିଷ ପରଖିବାକୁ ଇଚ୍ଛା ହୋଇଥିଲା।

ତଳ ଥାକରେ ଥିଲା ପିତଳ ଏବଂ କଂସାର ବାସନକୁସନ। କଂସା ଥାଳି ଗିନା ଆଦିରେ ଆମେ ଖାଉଥିଲୁ। ତମ୍ବା ଗ୍ଲାସରେ ପାଣି ପିଉଥିଲେ ବାପା । ଷ୍ଟିଲ୍ ବାସନକୁସନ ନଥିଲା ସେ ସମୟରେ। ଉପର ଥାକରେ ପଟ୍ଟା, କବଲା ସହ ଆମ ଜମିବାଡ଼ିର ବିବରଣୀ ସଂପର୍କରେ ବାପାଙ୍କ ହାତଲେଖା ପାଇଥିଲି। କେତୋଟି ପୋଷ୍ଟକାର୍ଡ଼ ଚିଠି ବି ମିଳିଥିଲା। କଲେଜରେ ପଢ଼ିବା ବେଳେ ବାପା ମୋ ପାଖକୁ ପଠାଇଥିବା ଏବଂ ମୁଁ ବାପାଙ୍କୁ ପଠେଇଥିବା କିଛି ଚିଠି। ମୋର ସ୍ମରଣ ନଥିଲା ପାଠପଢ଼ା ସରିବା ପରେ ମୁଁ କେବେ ବାପାଙ୍କ ଚିଠି ସବୁ ସାଇତି ରଖିଥିଲି ଏଠାରେ। କି ସୁନ୍ଦର ଥିଲା ବାପାଙ୍କ ଅକ୍ଷରଗୁଡ଼ାକ। ବାଇଗଣ ମଂଜି ଭଳି କରଣୀ ଅକ୍ଷରର ଲେଖା ଟାଇପ୍ ହେଲା ଭଳି ଲାଗୁଥିଲା। ସେଇ ଥାକରେ ପୁଣି ଥିଲା ପତ୍ନୀଙ୍କ ପାଖକୁ ପଠାଉଥିବା କେତୋଟି ଚିଠି। ପହିଲି ଯୌବନର ରସୋତ୍ତୀର୍ଣ୍ଣ, ଉଲ୍ଲସିତ, ବିହ୍ୱଳିତ ମୁହୂର୍ତ୍ତଗୁଡ଼ିକର କିଛିଟା ଆଲେଖ୍ୟ। ପତ୍ନୀ ସେଗୁଡ଼ିକୁ ଯତ୍ନର ସହିତ ସାଇତି ରଖିଥିଲେ ଗୋଟିଏ ଉପନ୍ୟାସ ପୃଷ୍ଠା ଭିତରେ। ଇଚ୍ଛା ହେଲା ସେଇ ଚିଠିରୁ କିଛି ପଢ଼ିବାକୁ। ଆଖି ବୁଲେଇ ଆଣିଲି କେତୋଟି ଚିଠି ଉପରେ। ଉଦାସରେ ଭରିଗଲା ମନ ।

କେତେ ଚଞ୍ଚଳ ଅପସରି ଗଲା ଜୀବନର ସେଇ ଯୌବନଦୀପ୍ତ ମୁହୂର୍ତ୍ତଗୁଡାକ ନଈର ସୁଅ ଭଳି। ଦିନ ଥିଲା ଏଇ ଜୀବନ ଶ୍ରାବଣର ନଈ ଭଳି ଉଛୁଳି ଉଠୁଥିଲା ବାପା, ବୋଉ, ବଡ଼ବାପା, ବଡ଼ବୋଉ, ଭାଇଭଉଣୀ, ପତ୍ନୀ, ଝିଆରୀ, ପୁତୁରା ଏବଂ ପିଲାମାନଙ୍କ ଗହଳି ଚହଳିରେ। ଆଜି ଶୁଖି ଶୁଖି ଆସୁଛି ଏଇ ଜୀବନ ନଈ। କେହି ନାହାନ୍ତି ପାଖରେ। ବାପା, ମାଆ ଚାଲି ଗଲେଣି ଅଫେରା ରାଇଜକୁ। ପିଲାମାନେ ନିଜ ନିଜ ସଂସାରରେ ବ୍ୟସ୍ତ। କର୍ମମୟ ଜୀବନରୁ ଅବସର ପରେ ବୟସର ଅପରାହ୍ନରେ ଆମେ ପତି ପତ୍ନୀ ଦୁହେଁ ରାଜଧାନୀର କେଉଁ ଅଟ୍ଟାଳିକାର ଚାରିକାନ୍ଥ ଭିତରେ ନିସଙ୍ଗତାକୁ ଆପଣେଇ ନେଇଛୁ। ଘର ବାହାରକୁ ବାହାରିଲେ ମହାନଗରୀର ବିରକ୍ତିକର ଶବ୍ଦ। ପେଁ, ପାଁ ଶବ୍ଦରେ ଫାଟି ପଡ଼ିବ କାନ । ଗାଡ଼ି ମଟର ଧୂଆଁରେ ଅସ୍ୱସ୍ତିକର ପରିବେଶ। ଡହ ଡହ ନିଆଁରେ ଜଳୁଛି ସହର। ସାମାନ୍ୟ ବର୍ଷାରେ ଡ୍ରେନ ପାଣି ପଶିଯାଏ ଘର ଭିତରେ। ଘର ବାହାରେ ଆନ୍ତରିକତା ବିହୀନ ଜୀବନ। ଉପରକୁ ଶୁଖିଲା ହସଟିଏ ଫିଙ୍ଗି ପଡୋଶୀ ଚାଲିଯାଏ ତା' ବାଟରେ। ସମୟ ନଥାଏ ଦି'ପଦ କଥା ହେବାକୁ କାହା ପାଖରେ। ସୁଖ, ଦୁଃଖ ବାଣ୍ଟିବା ଦୂରର କଥା। ଆପଣା ପଣ ତଥା ଆନ୍ତରିକତା ବିହୀନ ଏଇ ସହରୀ ଜୀବନଠୁ ଦୂରେଇ ଯାଇ ଗାଁର ଭାଇଚାରା ଜୀବନ ଜିଇବାକୁ ଇଚ୍ଛା ପ୍ରକାଶ କରି ପତ୍ନୀଙ୍କ ପରାମର୍ଶ କ୍ରମେ ଚାଲି ଆସିଥିଲି ଗାଁ ଭୂଇଁକୁ। ଆସିଥିଲି ବାପାଙ୍କ ଏଇ ଘର ଭାଙ୍ଗି ରୁଜି କୋଠାଘରଟିଏ ତୋଳିବାର ପରିକଳ୍ପନା କରିବାକୁ।

ବାପାଙ୍କ ଘର ଭିତରେ ଠିଆ ହୋଇ ସ୍ମୃତିର ପୃଷ୍ଠାଗୁଡାକ ଓଲଟାଇ ଚାଲିଥିଲି। ଶୂନ୍ୟତା ଘେରି ରହିଥିଲା ମୋ ଚାରିପଟେ। ନିସ୍ତବ୍ଧତା, ନିର୍ଜନତା ଭିତରେ ଯେମିତି କେହି ମୋତେ ଲୁଚି ଛପି ଦେଖିବାକୁ ଚାହୁଁଥିବା ଅନୁଭବ କଲି। ମୋର ଗତିବିଧି ଅନ୍ୱେଷଣ କରୁଛି ଯେମିତି। ପଛକୁ ଚାହିଁଲି। କେହି କେଉଁଠି ନଥିଲେ। ତେବେ ନିସ୍ତବ୍ଧତାର କ'ଣ ଶବ୍ଦ ଅଛି ? ନିଜ ନିଶ୍ୱାସ, ପ୍ରଶ୍ୱାସର ଶବ୍ଦ ହୋଇପାରେ ? ନିଜକୁ ନିଜେ ପ୍ରଶ୍ନ କଲି। ଉତ୍ତର ଆସିଲା ପବନର ଶବ୍ଦ ହୋଇପାରେ। କେଜାଣି କାହିଁକି ମନ ବୁଝିଲାନି। ଚାରିଆଡ଼କୁ ଚାହିଁଲି। ଅସ୍ତଗାମୀ ସୂର୍ଯ୍ୟଙ୍କର ଲାଲ୍ ଆଭା ଭିଳି ଆସିଲାଣି। ତେବେ ଘର ଭିତର ଅଂଧାର ହୋଇନି

କାହିଁକି ? ଆକାଶରେ ଓହଳି ପଡ଼ିଥିବା ଫାଳିକିଆ ଜହ୍ନଟା ଝର୍କା ପଟେ ମୋତେ ଚାହିଁଥିଲା । ପଚାରିବାକୁ ଚାହୁଁଥିଲା ମୁଁ କିଏ ? ମୋର ଠିକଣା ? ମୋତେ କେବେ ଦେଖିନି ଏଠାରେ ସେ । ମୁଁ ତାକୁ ଅଜଣା ଅଶୁଣା ପରି ଲାଗୁଚି । ମୁଁ କେମିତି ବୁଝେଇବି ଯେ ମୁଁ ଏଇ ଘରର ମଣିଷ । ଏଇଠି ରହୁଥିଲି ମୋର ବାପା, ବୋଉ, ଜେଜେ, ଜେଜେବୋଉ, ବଡ଼ବାପା, ବଡ଼ବୋଉ ଏବଂ ମୋର ଭାଇ ଭଉଣୀମାନଙ୍କ ସହ ମିଶି । ଚଳଚଞ୍ଚଳ ସଂସାର ଥିଲା ଆମର । ଏଇ ଘରର ଖୁଣ୍ଟ ଭଳି ଆମେ ପରସ୍ପରର ହାତ ଧରାଧରି ହୋଇ ଆମ ସଂସାରକୁ ଠିଆ କରାଇଥିଲୁ ମୁଣ୍ଡ ଉପରକୁ ଟେକି ।

ବାପା, ବଡ଼ବାପା, ବଡ଼ବୋଉ, ବୋଉ ଥିଲେ ତ ଆମ ସଂସାର ଥିଲା । ଆଉ ସେ ସଂସାରରେ ଆମେ ସବୁ ଥିଲୁ । ଆମ ଭିତରେ ଥିଲା ଅନନ୍ତ ଯୁଗର ସଂପର୍କ । ସେମାନେ ଚାଲିଗଲେ ତ ସଂପର୍କ ତୁଟିଗଲା । ତାଙ୍କୁ ଜଣା ନଥିଲା ଏ ନୂଆ ସମୟର ସଂପର୍କ । ଖୁବ୍ ଶୀଘ୍ର ଥକି ପଡ଼ନ୍ତି । କିଛି ବାଟ ସାଥି ହୋଇ ଚାଲିଲା ପରେ ଧୈର୍ଯ୍ୟ ନଥାଏ ଲମ୍ବା ବାଟ ଚାଲିବା ପାଇଁ । ଭିନ୍ନ ବାଟ ଆପଣେଇ ନିଅନ୍ତି ଆଜିର ପିଢ଼ି । ଆମେ ସେଇଆ କଲୁ । ସଂପର୍କକୁ ତା ସ୍ଥାନରେ ଛାଡ଼ି ଦେଇ ସ୍ୱାର୍ଥ ସାଉଁଟିବାକୁ ଏକଲା ଚାଲିଲୁ । ଯେଉଁଦିନ ଆମେ ପରସ୍ପରର ହାତ ଛାଡ଼ି ଦେଲୁ ସେବେଠୁ ଆମ ସଂସାର ଭାଙ୍ଗିଗଲା । ଏକା ଏକା ହୋଇଗଲୁ ଆମେ । ଖାଲି ପଡ଼ିଲା ଏଇ ଘର । ସହରୀ ମାୟାରେ ବାୟା ହୋଇ ସହରରେ ଘର ତୋଳି ସେଠାରେ ରହିବାକୁ ଲାଗିଲୁ ।

ବୟସ ବଢ଼ି ଗଲାଣି । ଚେହେରାରେ ଅନେକ ପରିବର୍ତ୍ତନ । ଯେଉଁଥି ପାଇଁ ମୋତେ ଚିହ୍ନି ପାରୁନଥିଲା ଜହ୍ନ । ମନେ ପକେଇ ଦେଲି ତା' ସହ ମୋର ପିଲାଦିନର ସଂପର୍କକୁ ନେଇ । ଆକାଶର ବାଦଲ ସାଥିରେ ସେ ଯେବେ ଲୁଚକାଳି ଖେଳୁଥିଲା ଆମେ ପିଲାମାନେ ଏଇ ଘର ପଛପଟ ବାଡ଼ିରେ ଏବଂ ଦାଣ୍ଡରେ ଲୁଚକାଳି ଖେଳୁଥିଲୁ । ବାଡ଼ି ଗୁହାଳ, ଘସିଚାଳ, ବନମାଟି ଗଦା ପଛପଟେ ଲୁଚି ରହୁଥିଲୁ । ବାଡ଼ିପଟ, ଦାଣ୍ଡପଟ ପରିଷ୍କାର, ପରିଚ୍ଛନ୍ନ ଯୋଗୁଁ ରାତି ଅଂଧାରରେ ବି ଜନ୍ତୁଜନ୍ତାଙ୍କ ଭୟ ନଥିଲା । ଏବେ କିନ୍ତୁ ଦିନବେଳେ ବି ବାଡ଼ିପଟକୁ ପଶି ହେଉନି । ମଶା, ମାଛି ଏବଂ ଜନ୍ତୁଜନ୍ତାଙ୍କ ଭୟ । ବିଲ, ବାଡ଼ି ସବୁ ପଡ଼ିଆ । ମାଗଣା ଚାଉଳ ସାଙ୍ଗକୁ ମାସିକ ଭତ୍ତା ଆଦି ସୁବିଧା ଯୋଗୁଁ କାମ କରିବାକୁ କାହାରି ସ୍ପୃହା ନାହିଁ ।

ଆଜିର ମଣିଷ ମନରେ ସ୍ପୃହା ନାହିଁ ପ୍ରକୃତି ସହ ନିଜକୁ ହଜେଇ ଦେବାରେ । ପିଲାମାନେ ପାଠ ପଢ଼ାରେ ବ୍ୟସ୍ତ । ଖେଳିବା, ବୁଲିବାର ସୁଯୋଗ ନାହିଁ । ପାଠପଢ଼ି ଅର୍ଥ ରୋଜଗାର କରିବାର ନିଶା କମ୍ ବୟସର ପିଲାମାନଙ୍କ ମନରେ ଭର୍ତ୍ତି କରାଯାଉଛି । ଯେଉଁଥି ପାଇଁ ହସ, ଖୁସିର ଦୁନିଆଁରୁ ବାହାରି ସ୍ୱାର୍ଥ ହିଂସା ଏବଂ ପରଶ୍ରୀକାତରତାର ଅନ୍ଧଗଳିରେ ପଶି ଭ୍ରମିତ ହେବାକୁ ପଡୁଛି । ଛୋଟ ପିଲାମାନଙ୍କୁ ମୋବାଇଲରେ ନାଚ ଗୀତ, ଦେଖାଇ ଖୁଆଇ ଦେଉଛି ମାଆ । ବଡ଼ମାନଙ୍କର ସେମିତି ଘରେ ବସି ବସି ଅଥବା ଟି.ଭି ଦେଖି ସମୟ କଟୁଛି । ପ୍ରକୃତି ଠାରୁ ଦୂରେଇ ଯାଉଛି ମଣିଷ । ନଈ, ନାଳ, ଝରଣା, ପାହାଡ଼, ଜଙ୍ଗଲ, ଚାଷ ଜମି ସହ ଯେଉଁ ଘନିଷ୍ଠତା ଥିଲା ସମୟ କ୍ରମେ ତାହା ଛିଡ଼ି ଛିଡ଼ି ଆସୁଛି । ନଈ, ନାଳ ଝରଣା ପୋତା ହେବାରେ ଲାଗିଛି । ପାହାଡ଼ ଜଙ୍ଗଲ ଛାତିରେ ବାରୁଦ ବିସ୍ଫୋରଣ । ବୁଲଡୋଜର ଆଘାତରେ ମାଟିରେ ମିଶାଇ ଦିଆଯାଉଛି ଖଣିଜ ସଂପଦ ତଥା ଔଷଧୀୟ ବୃକ୍ଷରାଜିରେ ଭରପୂର ଥିବା ପାହାଡ଼ମାନଙ୍କୁ । ପ୍ରକୃତିରେ ଆଜି ବିକୃତି । କଂକିଟ ଜଙ୍ଗଲରେ ପଣିଣତ ହେଉଛି ସବୁଜ ଜଙ୍ଗଲ । ଯେଉଁଥିପାଇଁ ବିଷବଳୟ ମଧ୍ୟରେ ଆଉଟୁ ପାଉଟୁ ହେଉଛନ୍ତି ସମଗ୍ର ଜୀବଜଗତ ।

ମଣିଷକୁ ସତର୍କ କରାଇ ଦେବାକୁ ଲାଲ ଆଖି ଦେଖାଉଛି ପ୍ରକୃତି । କେବେକେବେ ପ୍ରକୃତିର ତାଣ୍ଡବରେ ପ୍ରଳୟ ସୃଷ୍ଟି ହେଉଛି । ତଥାପି ଚେତୁନି ମଣିଷ । ଆଜିର ଏଇ ପରିବର୍ତ୍ତିତ ସମୟରେ ପ୍ରକୃତି ଏବଂ ତାର ଉପାଦାନଠୁ ଦୂରେଇ ଯାଉଛି ମଣିଷ । କୃତ୍ରିମତାକୁ ଆପଣେଇବାରେ ଲାଗିଛି । ଏବେ ଜହ୍ନ ସହ ଚିହ୍ନା, ଜଣା ହେବାର ସୁଯୋଗ କାହିଁ ? ହେଲେ ଆମର ପିଲାବେଳେ "ଆ ଜହ୍ନ ମୁ ଶରଗ ଶଶୀ" ଗୀତ ବୋଲି, ଜହ୍ନ ଦେଖେଇ ଖୁଆଇ ଦେଉଥିଲା ବୋଉ ଅବା ଜେଜେ ବୋଉ । ଶୈଶବ ଆଉ କୈଶୋରରେ ମନ ପ୍ରାଣ ପୁଲକିତ ହୋଇ ଉଠେ ଜ୍ୟୋସ୍ନା ବିଧୌତ ରଜନୀରେ । ଗଭୀର ରାତିରେ ଶୟନ କକ୍ଷରେ ପତ୍ନୀ ସହ ଏକାନ୍ତରେ ସମୟ ବିତାଉଥିବା ବେଳେ ଖୋଲା ଝର୍କା ଦେଇ ଲୁଚି ଛପି ତୁ ଚାହୁଁଥିଲୁ ଆମ ଆଡ଼େନା ।

ଅତୀତକୁ ରୋମନ୍ଥନ କରି ମୁଣ୍ଡ ଟୁଙ୍ଗାରି ଜହ୍ନ ଚାଲି ଯାଇଥିଲା ତା' ବାଟରେ । ମୁଁ ଚାହିଁ ରହିଥିଲି ବିଗତ ଦିନର ସ୍ମୃତିକୁ ଜାବୁଡ଼ି ଧରିଥିବା ବାପାଙ୍କ ଏଇ ଘରର କାନ୍ଥବାଡ଼, କାନ୍ଥରେ ଟଙ୍ଗା ହୋଇଥିବା ବାପା, ବୋଉଙ୍କ ଫଟୋ ଆମ ଭାଇଭଉଣୀଙ୍କ ପିଲା ଦିନର ଫଟୋ ଏବଂ କିଛି ଆସବାବ ପତ୍ର ଆଡ଼େ । ଦାଣ୍ଡକବାଟ ଖୋଲାଥିବା ଦେଖି ଆମ କୁଟୁମ୍ବର ଜଣେ ପୁତୁରା ଡାକ ଛାଡ଼ି ପଶି ଆସିଥିଲା ଘର ଭିତରକୁ । ତା' ଡାକରେ ପ୍ରକୃତିସ୍ଥ ହୋଇଥିଲି ଆଉ ଦୁଇଟି ପିଢ଼ିର ସ୍ମୃତି ଜାବୁଡ଼ି ଧରିଥିବା ବାପା, ଜେଜେବାପାଙ୍କ ଏଇ ଘର ଉପରେ ନୂଆ କୋଠାଘରଟିଏ ତୋଳିବାର ପରିକଳ୍ପନା କାହିଁକି ଧିରେ ଧିରେ ମଉଳି ଯାଉଥିଲା ।

*"ଶାନ୍ତି ନିବାସ"*
*ପ୍ଲଟ ନଂ -୧୨୫୨/୧୪୫୯*
*ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୨୦୫୦୪୯*

# ଷଡ଼ଯନ୍ତ୍ର

ଜନ୍ମେଜୟ ବାବୁ

ଆଲୋକ କଲେଜ୍‌ରେ ପଢୁଥିବାବେଳେ ଅନ୍ତରା ବି କଲେଜ୍‌ରେ ପଢୁଥିଲା। ଦୁହେଁ ଗୋଟେ କ୍ଲାସ୍‌ରେ ସମାନ ବିଷୟ ନେଇ ପଢୁଥିଲେ। ସେତେବେଳେ ଆଉ ଜଣେ ଝିଅ କଲେଜ୍‌ରେ ଆଡ୍‌ମିଶନ୍ ନେଲା। ତା'ର ନାମ ହେଲା, ଅବିରା। ଆଲୋକ ଓ ଅନ୍ତରା ଯେଉଁ ବିଷୟ ମାନ ନେଇଥିଲେ, ସେସବୁ ଅବିରା ବି ନେଇଥିଲା। ତେଣୁ, ଆଲୋକ ଓ ଅନ୍ତରା ସହିତ ଅବିରାର ବନ୍ଧୁତା ସୃଷ୍ଟି ହେଲା।

ସମୟ ଗଡି ଚାଲିଲା। ଇତି ମଧ୍ୟରେ ଅବିରା ଏକତରଫା ଭାବରେ ଆଲୋକକୁ ଭଲ ପାଇବାରେ ଲାଗିଲା। ହେଲେ, ଆଲୋକ ଅନ୍ତରାକୁ ଭଲ ପାଉଥିଲା। ଅବିରାକୁ କିନ୍ତୁ ଜଣାନଥିଲା ଯେ, ଆଲୋକ ଭଲପାଉଛି, ଅନ୍ତରାକୁ। ଅପରପକ୍ଷରେ ଆଲୋକକୁ ବି ଜଣାନଥିଲା, ଅବିରା ଏକତରଫା ଭାବରେ ତାକୁ ଭଲପାଉଛି।

ଅନ୍ତରା ଓ ଆଲୋକ ନିଷ୍ପତ୍ତି ନେଇଥିଲେ ଯେ, ସେ ଦୁହେଁ ଶିକ୍ଷାପରେ ଚାକିରୀ ଅନ୍ୱେଷଣ କରିବେ। ସେ ଦୁହିଁଙ୍କ ମଧ୍ୟରୁ ଯିଏ ବି ଭଲ ଚାକିରୀଟେ ପ୍ରଥମେ ପାଇବା, ସେତେବେଳେ ସେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଯିବେ।

କହୁଁ କହୁଁ ସେ ଦୁହିଁଙ୍କର ଶିକ୍ଷା ଶେଷ ହୋଇଗଲା। ଦୁହେଁ ଭଲ ନମ୍ବର୍ ରଖି ଏମ୍.ଏ. ପାସ୍ କରିଥିଲେ। ତା'ପରେ ସେ ଦୁହେଁ ଚାକିରୀ ଅନ୍ୱେଷଣ କରିଥିଲେ। ପ୍ରଥମେ ଆଲୋକ ଏକ ସରକାରୀ କଲେଜ୍‌ରେ ଅଧ୍ୟାପକ ଚାକିରୀଟିଏ ପାଇଗଲା। ଏବେ ଦୁହିଁଙ୍କର ପୂର୍ବ ନିଷ୍ପତ୍ତି ଅନୁସାରେ ବିବାହର ପ୍ରଶ୍ନ ଉଠିଲା। ତେଣୁ, ଅନ୍ତରା ଆଲୋକକୁ ପରାମର୍ଶ ଦେଲା ଯେ, ଆଲୋକ ଯାଇ ତା'ର ପିତାମାତାଙ୍କ ସହିତ ସେ ଦୁହିଁଙ୍କର ବିବାହ ବିଷୟରେ ଆଲୋଚନା କରୁ।

ଅନ୍ତରାର ପରାମର୍ଶ ଅନୁସାରେ ଆଲୋକ ଏକ ନିର୍ଦ୍ଦିଷ୍ଟ ଦିନ ଅନ୍ତରାର ପିତାମାତାଙ୍କୁ ଭେଟ ହେଲା ଏବଂ ଅନ୍ତରା ସହିତ ତା' ବିବାହର ପ୍ରସ୍ତାବ ଉପସ୍ଥାପନ କଲା। ହେଲେ, ଅନ୍ତରାର ପିତା ଆଲୋକକୁ ପଚାରିଲେ, – "ତମର ନାମ କ'ଣ ?"

– "ଆଲୋକ।"

– "ତମର ଶିକ୍ଷାଗତ ଯୋଗ୍ୟତା କେତେ ? ଆଉ ତମେ କୌଣସି ଚାକିରୀ କରୁଛ କି ନାହିଁ ?"

– "ଦେଖନ୍ତୁ, ଆଜ୍ଞା, ମୋ'ର ଶିକ୍ଷାଗତ ଯୋଗ୍ୟତା- ଏମ୍.ଏ। ଆଉ ଅନ୍ତରା ମୋ' ସାଙ୍ଗରେ ପଢୁଥିଲେ। ଦୁହେଁ ନିଷ୍ପତ୍ତି ନେଇଥିଲୁ ଯେ, ଶିକ୍ଷାପରେ ଆମେ ଦୁହେଁ ଚାକିରୀ ଅନ୍ୱେଷଣ କରିବୁ ଏବଂ ଆମ ଦୁହିଁଙ୍କ ମଧ୍ୟରୁ ଯିଏ ବି ଚାକିରୀଟିଏ ପ୍ରଥମେ ପାଇବା ସେତେବେଳେ ସେ ଦୁହେଁ ବିବାହ ହୋଇପଡିବେ। ମୁଁ ଏବେ ଏକ ସରକାରୀ କଲେଜ୍‌ରେ ଅଧ୍ୟାପକ ଚାକିରୀଟିଏ ପାଇଛି। ଆମର ନିଷ୍ପତ୍ତି ଅନୁସାରେ ଏବେ ଆମର ବିବାହପାଇଁ ମୁଁ ଆପଣଙ୍କର ସ୍ୱୀକୃତି ମାଗୁଛି। ଆପଣଙ୍କ ମତ କ'ଣ ?"

– "ଦେଖ, ତମ ଦି'ଜଣଙ୍କ ବିବାହ ବିପକ୍ଷରେ ଆମେ ନାହୁଁ। ହେଲେ, ତମର ବାପା ମା' କ'ଣ ନାହାଁନ୍ତି ଯେ, ତମେ ନିଜେ ବିବାହ ପ୍ରସ୍ତାବ ଦେବାପାଇଁ ଆସିଛ ?"

– "ମୋ'ମା ବାପା ଅଛନ୍ତି। ହେଲେ, ମୁଁ ଭାବିଲି, ଆପଣଙ୍କ ଅନୁମତି ପାଇଲା ପରେ ଆମର ବିବାହ ବିଷୟରେ ଆପଣଙ୍କଠାରେ କଥାବାର୍ତ୍ତା ହେବାପାଇଁ ମୋ'ର ବାପା ମା'ଙ୍କୁ ପଠାଇବି।"

– "ଠିକ୍ ଅଛି। ମୁଁ ତମକୁ ଅନୁମତି ଦେଲି, ତମ ଦି'ଜଣଙ୍କ ବିବାହ ବିଷୟରେ କଥାବାର୍ତ୍ତା ହେବାପାଇଁ ତମର ବାପା ମା'ଙ୍କୁ ପଠାଅ।" ଅନ୍ତରାର ବାପା କହିଲେ।

ଆଲୋକ ଅନ୍ତରାର ବାପାଙ୍କଠୁଁ ଅନୁମତି ପାଇଲା ପରେ ଖୁସୀ ହୋଇ କହିଲା, – "ଆଜ୍ଞା, ମୁଁ ବିବାହ ବିଷୟରେ କଥାବାର୍ତ୍ତା ହେବାପାଇଁ ଆସନ୍ତା କାଲି ମୋ'ର ବାପା ମା'ଙ୍କୁ ପଠାଇବି।"

ତା'ପରେ ଆଲୋକ ଅନ୍ତରାର ପିତା ମାତାଙ୍କଠୁଁ ବିଦାୟ ମାଗି ଚାଲିଆସିଲା।

ପରଦିନ ଆଲୋକର ପିତାମାତା ଅନ୍ତରାର ପିତାମାତାଙ୍କ ସହିତ ଭେଟ ହେଲେ। ଆଲୋକ ଓ ଅନ୍ତରାର ବିବାହ ସପକ୍ଷରେ ଉଭୟ ପକ୍ଷ

ରାଜି ହେଲେ ଏବଂ ବିବାହର ଲଗ୍ନ ପାଇଁ ଗୋଟେ ପଣ୍ଡିତଙ୍କ ସହିତ ପରାମର୍ଶ କଲେ। ପଣ୍ଡିତ ମହାଶୟ ପାଞ୍ଜି ଦେଖି କହିଲେ, ଅନ୍ତରା ଓ ଆଲୋକର ବିବାହ ପାଇଁ ଚାରିମାସ ପରେ ଏକ ଭଲ ଲଗ୍ନ ଅଛି, ସେହି ଲଗ୍ନରେ ବିବାହ କଲେ, ଶୁଭଙ୍କର ହେବ।

ଇତିମଧ୍ୟରେ ଅବିରା ଜାଣିବାକୁ ପାଇଲା ଯେ, ଚାରିମାସପରେ ଆଲୋକ ସହିତ ଅନ୍ତରାର ବିବାହ ହେଉଛି। ଅବିରା କଲେଜ୍‌ରେ ପଢ଼ିବା ସମୟରୁ ଏକତରଫା ଭାବରେ ଆଲୋକକୁ ଭଲ ପାଉଥିଲା ଏବଂ ମନେ ମନେ ନିର୍ଣ୍ଣୟ ନେଇଥିଲା ଯେ, ଦିନେ ନିଶ୍ଚୟ ଆଲୋକକୁ ବିବାହ ହେବ। ହେଲେ, ଏବେ ଆଲୋକକୁ ବିବାହ ହେବାର ନିର୍ଣ୍ଣୟ ତା'ର ଫସର ଫାଟିବାର ଅବସ୍ଥାକୁ ଆସିଗଲା। ଫଳତଃ ଅବିରାର ମୁଣ୍ଡ ଗୋଳମାଳ ହୋଇଗଲା। ମନ ତା'ର ଈର୍ଷାରେ ଜଳି ଉଠିଲା। ସେ ଦୃଢ଼ ନିଷ୍ପତ୍ତି ନେଲା ଯେ, ଯେ କୌଣସି ମତେ ଆଲୋକକୁ ବାହା ହେବ। ହେଲେ, କେମିତି ? ତା' ପାଖରେ ମାତ୍ର ଚାରି ମାସ ରହିଛି, ଆଲୋକ-ଅନ୍ତରାର ବିବାହକୁ ଭାଙ୍ଗିବା ପାଇଁ।

ଆଲୋକ-ଅନ୍ତରାର ବିବାହକୁ କେମିତି ଭାଙ୍ଗିବ, ସେ ବାବଦରେ ଅବିରା ଅନେକଦିନଯାଏଁ ଗଭୀର ଚିନ୍ତାରେ ବୁଡ଼ିଗଲା। ଶେଷରେ ସେ ଗୋଟିଏ ଉପାୟ ପାଇଲା। ଆଉ ଭାବିଲା, ଏଇ ଉପାୟ ଅବଲମ୍ବନ କଲେ, ସେ ନିଶ୍ଚୟ ତା'ର ଉଦ୍ଦେଶ୍ୟରେ ସଫଳକାମ ହେବ।

ଅବିରାର ମାଉସୀପୁଅ ଭାଇ ଜଣେ ବଡ଼ ଫଟୋଗ୍ରାଫର୍ ଥିଲା - ସହରରେ ତା'ର ଗୋଟେ ଫଟୋ ଷ୍ଟୁଡିଓ ଥିଲା। ଦିନେ ଅବିରା ସେ ତା'ର ମାଉସୀପୁଅ ଭାଇ ରାଘବ ସହିତ ଭେଟ ହେବାପାଇଁ ବାହାରିଲା। ସେ ରାଘବର ଷ୍ଟୁଡିଓରେ ଯାଇ ପହଞ୍ଚିଲା। ସେତେବେଳେ ରାଘବ ଷ୍ଟୁଡିଓରେ ଉପସ୍ଥିତ ଥିଲା। ଭଉଣୀ ଅବିରାକୁ ଦେଖି ରାଘବ ପଚାରିଲା, - "ଆରେ ଭଉଣୀ ଅବିରା, ତୁ ଏଠି.... ? କ'ଣ ଫଟୋ ହେବୁ କି ?"

- "ନା, ଭାଇ, ତୋ' ପାଖକୁ ଗୋଟେ ଜରୁରୀ କାମ ପାଇଁ ଆସିଛି।"

- "କି ଜରୁରୀ କାମ ? ମତେ ବତା।"

- "ହଁ, ବତଉଛି। ଭାଇ, କଲେଜ୍‌ରେ ପଢ଼ିବାବେଳେ ମୁଁ ଜଣଙ୍କୁ ଏକ ତରଫା ଭାବେ ବହୁତ ଭଲ ପାଉଥିଲି, ଏବେ ବି ଭଲ ପାଉଛି। ହେଲେ, ତାଙ୍କର ବିବାହ ଏତେ ଶୀଘ୍ର ଆଉ ଜଣେ ଝିଅ ସହ ସ୍ଥିର ହୋଇଯିବ, ମୁଁ ଭାବିନଥିଲି।" ଅବିରା କହୁଥିଲା ବେଳେ କଥା ମଝିରେ ବାଧା ଦେଇ ରାଘବ ଅବିରାକୁ କହିଲା, - "ଭଉଣୀ, ତୁ ତୋ'ର ପ୍ରେମିକକୁ ଏକତରଫା ଭାବରେ ଭଲ ପାଉଛୁ, ସେ କେମିତି ଜାଣିବେ ଯେ, ତୁ ତାଙ୍କୁ ଭଲ ପାଉଛୁ ବୋଲି। ସେଥିପାଇଁ, ସେ ଅନ୍ୟ ଏକ ଝିଅ ସହିତ ବାହା ହେବେ ନାହିଁ ତ ଆଉ କ'ଣ କରିବେ !"

- "ଭାଇ, ତୁ ଠିକ୍ କହୁଛୁ। ଏଠି ମୋ'ର ଭୁଲ ହୋଇଛି, ମୁଁ ତାଙ୍କୁ ଭଲ ପାଉଛି ବୋଲି ଆଗରୁ କହିଦେବାର ଥିଲା। ମୁଁ ଭାବିଥିଲି- ମୋ'ର ବାପା ମା'ଙ୍କୁ ଏଇ ଭିତରେ ମୋ'ର ପ୍ରେମିକଙ୍କ ଘରକୁ ମୋ'ର ବିବାହ ବିଷୟରେ କଥାବାର୍ତ୍ତା ହେବାପାଇଁ ପଠାଇବି। ହେଲେ, ଏ'ଭଳି ଗୋଟେ ସ୍ପର୍ଶକାତର ବିଷୟ ମୋ'ର ବାପା ମା'ଙ୍କ ଆଗରେ କହିବା ପାଇଁ ସାହସ ଜୁଟିଲାନି। ଭାଇ, ମୁଁ ଗୋଟେ ବିଷୟ କହିଦେଉଛି, ମୁଁ ମୋ'ର ପ୍ରେମିକ ଆଲୋକଙ୍କୁ ମୋ'ର ଅନ୍ତରରୁ ବହୁତ ଭଲ ପାଉଛି। ତାଙ୍କ ବିନା ମୁଁ ବଞ୍ଚିପାରିବି ନି। ସେ ଯଦି ଅନ୍ୟ ଝିଅ ସହିତ ବାହା ହୋଇଯିବେ, ତେବେ ମୁଁ ଆତ୍ମହତ୍ୟା କରିଦେବି। ଏଇ ବିବାହକୁ ଯେକୌଣସି ମତେ ଭାଙ୍ଗିବାକୁ ପଡ଼ିବ, ଆମ ପାଖରେ ଆଉ ମାତ୍ର ଚାରିମାସ ଅଛି।"

ରାଘବ ଅବିରାର ସବୁକଥା ଧୈର୍ଯ୍ୟର ସହିତ ଶୁଣିଲା ଏବଂ ପଚାରିଲା, - "ଅବିରା, ତୁ କ'ଣ ଚାହୁଁଛୁ, ମୁଁ ତତେ କିଭଳି ଏ'ବିଷୟରେ ସାହାଯ୍ୟ କରିପାରିବି ?"

- "ତୁ ଚାହିଁଲେ, ବହୁତ କିଛି କରିପାରିବୁ ?"

- "ମାନେ ?"

- "ମାନେ, ତୁ ଜଣେ ଫଟୋଗ୍ରାଫର୍ ଏଇ ଇଲେକ୍‌ଟ୍ରୋନିକ୍ ଯୁଗରେ ସବୁକିଛି ହୋଇପାରିବ।"

- "ତଥାପି, ମୁଁ ତୋ'ର କଥା ବୁଝିପାରିଲିନି।" ରାଘବ ଅବୁଝା ହୋଇ ପୁଣି ପଚାରିଲା, ଅବିରାକୁ।

- "ଦେଖ୍ ଭାଇ, ମୁଁ ଚାହେଁ, ତୁ ଏମିତି କେତୋଟି ଅଶ୍ଳୀଳ ଫଟୋ ତିଆରି କର, ଯାହାବଳରେ ମୁଁ ମୋ'ର କାମ ହାସଲ୍ କରିପାରିବି।"

- "ଅର୍ଥାତ୍ ?"

- "ଅର୍ଥାତ୍, ମୁଁ ତତେ ଗୋଟେ ଝିଅର ଫଟୋ ଦେବି, ଯେଉଁ ଝିଅ ମୋ'ର ପ୍ରେମିକଙ୍କ ସହିତ ବାହା ହେବାକୁ ଯାଉଛି। ସେହି ଝିଅର ଫଟୋକୁ ଅନ୍ୟ ଏକ ଅପରିଚିତ ପୁରୁଷର ଫଟୋ ସହିତ ଯୋଡ଼ି କେତୋଟି ଅଶ୍ଳୀଳ ଫଟୋ ତିଆରି କରିଦେବୁ, ଯେଉଁ ଫଟୋ ଗୁଡ଼ିକ ମୋ' ପ୍ରେମିକଙ୍କ ପିତାଙ୍କ ନିକଟକୁ ପଠାଇଦେବା। ଯାହାଫଳରେ ଆପେ ଆପେ ସେହି ଝିଅ ଓ ମୋ' ପ୍ରେମିକଙ୍କର ବିବାହ ସବୁଦିନ ପାଇଁ ଭାଙ୍ଗିଯିବ। ତୁ ଏତିକି ମୋ' ପାଇଁ କରି ପାରିବୁ ତ ?" ଅବିରା ପଚାରିଲା, ରାଘବକୁ।

- "ପାରିବି। ହେଲେ, ଏହି କାମ ବିପଜ୍ଜନକ। ପରେ ଜଣାପଡ଼ିଲେ, ଆମେ ଦୁହେଁ ଫସିଯିବା।"

- "କିଛି ହେବନି, ମୁଁ ଜବାବ ଦେଉଛି। ତୋ'ର ଦେହରେ କିଛି ଆଞ୍ଚ ଆସିବ ନି, ଯାହା ହେବ, ମତେ ହେବ।"

- "ଠିକ୍ କହୁଛୁ ତ - ମତେ ଏଇ କାଣ୍ଡରୁ ତୁ ଦୂରେଇ ରଖିବୁ ?"

- "ହଁ, ପରା ମୁଁ କହିଲି, ତତେ ଏଇ କାଣ୍ଡରୁ ଦୂରେଇ ରଖିବି ବୋଲି।" ଅବିରା ରାଘବକୁ କହିଲା।

- "ତେବେ ଠିକ୍ ଅଛି - ମତେ ସେହି ଝିଅର ଫଟୋଟି ଦେଇ ଯା' ଆଉ ଠିକ୍ ଦି' ଦିନପରେ ମୋ' ସହିତ ସାକ୍ଷାତ୍ କର୍ ତୁ ତୋ'ର ମନ ମୁତାବକ ଅଶ୍ଳୀଳ ଫଟୋ କେତୋଟି ପାଇଯିବୁ।" ରାଘବ କହିଲା। ଅବିରା ତା' ପ୍ରେମିକଙ୍କ ସହିତ ବାହା ହେବାକୁ ଥିବା ଝିଅର ଫଟୋଟି ଦେଇ ଚାଲିଗଲା।

ଦି'ଦିନ ପରେ ଅବିରା ରାଘବସହିତ ଭେଟ ହେଲା । ରାଘବ ଅନ୍ତରାର ଫଟୋକୁ ଜଣେ ଅଚିହ୍ନା ବ୍ୟକ୍ତିର ଫଟୋ ସହିତ ଯୋଡି କେତୋଟି ବିଭିନ୍ନ ମୁଦ୍ରାର ଅଶ୍ଳୀଳ ଫଟୋର ପ୍ରସ୍ତୁତି କରିଥିଲା ଓ ଫଟୋ ଗୁଡିକୁ ଅବିରାକୁ ଦେଲା । ଫଟୋ ଗୁଡିକ ଏତେ ଅଶ୍ଳୀଳ ହୋଇଥିଲା ଯେ, ସେଗୁଡିକୁ ଋହିଁ ହେଉନଥିଲା । ଅବିରା ଫଟୋ ଗୁଡିକୁ ଦେଖି ଆନନ୍ଦରେ ଝୁମି ଉଠିଥିଲା ଏବଂ ରାଘବକୁ ଅଶେଷ ଧନ୍ୟବାଦ ଦେଇଥିଲା ।

ତା'ପରଦିନ ଅବିରା ସେହି ଅଶ୍ଳୀଳ ଫଟୋ ଗୁଡିକୁ ଡାକରେ ଆଲୋକର ବାପାଙ୍କ ଆଡ୍ରେସ୍‌ରେ ପଠାଇଦେଲା । ଆଲୋକର ବାପା ସେହି ଅଶ୍ଳୀଳ ଫଟୋଗୁଡିକୁ ପାଇ ରାଗରେ ଉତ୍‌କ୍ଷିପ୍ତ ହୋଇଗଲେ । ଆଉ ତାଙ୍କର ପୁଅ ଆଲୋକକୁ ଡାକି ସେହି ଫଟୋ ଗୁଡିକୁ ଦେଖାଇଲେ । ସେହି ଫଟୋ ଗୁଡିକରେ ଏତେ ଅଶ୍ଳୀଳତା ଥିଲା ଯେ, ଆଲୋକ ସେହିଗୁଡିକୁ ଦେଖି ଲାଜରେ ମୁଣ୍ଡନତ କରିଦେଲା ।

ଆଲୋକର ବାପା ରାଗରେ ତାକୁ କହିଲେ, – "ଆଲୋକ, ତୁ ଯେଉଁ ଝିଅକୁ ବାହା ହେବାପାଇଁ ଆମକୁ ବାଧ କରୁଛୁ, ତା'ର ଏଇ ଫଟୋଗୁଡିକୁ ଦେଖିଲାପରେ ତୁ କ'ଣ ଆଉ ତାକୁ ବାହା ହେବାକୁ ଋହିଁବୁ ? ମୁଁ ତ କଦାପି ଏଇ ଝିଅକୁ ଆମ ଘରର ବୋହୂ ହେବାକୁ ଦେବିନି । ମୁଁ ଏ ଇନେ ଯାଉଛି ଏଇ ଝିଅର ଘରକୁ ବାହାଘର ଭାଙ୍ଗିବା ପାଇଁ ।"

ଆଲୋକ କିନ୍ତୁ ସେହି ଅଶ୍ଳୀଳ ଫଟୋ ଗୁଡିକୁ ଦେଖି ବିଶ୍ୱାସ କରିପାରୁନଥିଲା । ସେ ଭାବିବାରେ ଲାଗିଲା, ଅନ୍ତରା, ଏ'ଭଳି ଖରାପ୍ ଚରିତ୍ରର ଝିଅ ନୁହେଁ।କଲେଜ୍‌ରେ ପଢୁଥିବା ବେଳେ ଅନ୍ତରା ସହିତ ପାଖେ ପାଖେ ଅନେକ ବର୍ଷ ବିତାଇଛି । ହେଲେ, କେବେ ବି ଜାଣିନଥିଲି ଯେ, ଅନ୍ତରାର ପୁଣି ଜଣେ ପ୍ରେମିକ ଅଛି । ଏପରିକି ମୋ'ବ୍ୟତୀତ ଅନ୍ୟ କୌଣସି ଛାତ୍ରଙ୍କ ସହିତ ସେ କେବେ ବେଶୀ କଥାବାର୍ତ୍ତା ହେଉଥିବାର ଜାଣିନି । ଏଇ କାଣ୍ଡର ଅନ୍ତରାଳରେ କିଏ କ'ଣ ଷଡ଼ଯନ୍ତ୍ର କରିଛି କି ? ତା'ଛଡା, ଏଇ ଆଧୁନିକ ଯୁଗରେ ବିଜ୍ଞାନ ଏତେ ଉନ୍ନତ ହେଲାଣି ଯେ, ନାନାପ୍ରକାର ଫନ୍ଦିଫିକର କରି ଅସମ୍ଭବକୁ ସମ୍ଭବ କରାଯାଇପାରୁଛି । କିଏ ଆମର ବିବାହକୁ ବୋଧହୁଏ ଭାଙ୍ଗିବା ପାଇଁ ଅନ୍ତରାର ଫଟୋ ସହିତ ଅନ୍ୟ ଏକ ବ୍ୟକ୍ତିର ଫଟୋ ଯୋଡି ବିଭିନ୍ନ ଅଶ୍ଳୀଳ ମୁଦ୍ରାର ନକଲି ଫଟୋମାନ ତିଆରି କରିଛି । ଏଇ ଇଲେକ୍‌ଟ୍ରୋନିକ୍ ଯୁଗରେ ଏହା ସମ୍ଭବ ବି ହୋଇପାରେ । ହେଲେ, ଫଟୋ ଗୁଡିକର ରହସ୍ୟ କେମିତି ଜାଣିହେବ ? କିଏ ଫଟୋଗୁଡିକୁ ପଠାଇଛି ତାହା ବି ଜଣାପଡୁନି ? ଏବେ ଅନ୍ତରାକୁ ଏଇ ବିଷୟରେ ପଋରିଯିବା ଉଚିତ୍ ନୁହେଁ । କାରଣ, ଏଇ ବିଷୟ ତାକୁ ଜଣାଇଲେ, ମୁଁ ହଲଫ୍ କରି କହିବି, ସେ ପାଗଳି ହୋଇଯିବ । ନା, ମତେ ବାପାଙ୍କ ସହିତ କଥାବାର୍ତ୍ତା ହୋଇ କିଛିଦିନ ପାଇଁ ଏଇ ବିଷୟକୁ ପ୍ରଘଟ କରାନଯାଉ ବୋଲି ତାଙ୍କୁ କହିବି ।" ଏତକ ଚିନ୍ତା କରି ଆଲୋକ ବାପାଙ୍କୁ କହିଲା, – "ବାପା, ଟିକିଏ ଧୈର୍ଯ୍ୟ ଧର, ରାଗନା । ତମେ ଏଇ ବିବାହକୁ ଭାଙ୍ଗନା । ମୁଁ ତମକୁ ବିଶ୍ୱାସର ସହିତ କହୁଛି, ମତେ ଗୋଟେ ମାସ ପାଇଁ ସମୟ ଦିଅ, ମୁଁ ଏଇ କାଣ୍ଡର ରହସ୍ୟ ନିଶ୍ଚିତ ଭାବରେ ଉନ୍ମୋଚନ କରିବି । ଯଦି ମୁଁ ଗୋଟେ ମାସ ଭିତରେ ରହସ୍ୟ ଉନ୍ମୋଚନ କରିପାରିବି ନି, ତେବେ ତମେ ଆମ ବାହାଘରକୁ ଭାଙ୍ଗିଦେବ ।"

ବାପା କିନ୍ତୁ ଆଲୋକର ସର୍ତ୍ତକୁ ଗ୍ରହଣ କରୁନଥିଲେ । ତେବେ ଅତି ଦୟନୀୟ ଭାବରେ ଆଲୋକ ବାପାଙ୍କୁ ଅନୁରୋଧ କରିବାରୁ ଶେଷରେ ବାପା ମାନିଗଲେ । ଆଉ କହିଲେ, – "ଦେଖେ, ଆଲୋକ, ତୁ ମତେ ଦୟନୀୟ ଭାବରେ ଅନୁରୋଧ କରୁଥିବାରୁ ମୁଁ ତତେ ଗୋଟେ ମାସ ସମୟ ଦେଲି । ଏଇ ସମୟ ମଧ୍ୟରେ ଯଦି ଏଇ କାଣ୍ଡର କୌଣସି ରହସ୍ୟ ଉନ୍ମୋଚିତ ହୋଇପାରିଲାନି, ତେବେ ମୁଁ ଆଉ ଅଟକି ପାରିବ ନି ଓ ତୋ'ର ବାହାଘରକୁ ଭାଙ୍ଗିଦେବି ।"

– "ଠିକ୍ ଅଛି, ବାପା ।" ଆଲୋକ କହିଲା । ଆଉ ଏକ ଅସରନ୍ତି ଭାବନାରେ ବୁଡିଗଲା । ସେ କିନ୍ତୁ ଗୋଟେ କଥା ଜାଣିପାରୁନଥିଲା ଯେ, ଏଇ ଫଟୋଗୁଡିକର ରହସ୍ୟ ଜାଣିବା ପାଇଁ କେଉଁଠୁ ଆରମ୍ଭ କରିବ ? ଯିଏ ବି ଏଇ ଫଟୋ ଗୁଡିକ ପଠାଇଛି ସିଏ ନିଜର ଆଡ୍ରେସ ଦେଇନି । ଦ୍ୱିତୀୟରେ ଏଇ ଫଟୋ ଗୁଡିକରେ ଯେଉଁ ଅଚିହ୍ନା ଅଜଣା ବ୍ୟକ୍ତିର ଛବି ଅଛି, ତାକୁ ଆଲୋକ ଜାଣିନାହିଁ । ଏତେ ବଡ ସହରରେ ଅସଂଖ୍ୟ ଭିଡରେ ସେ ଲୋକକୁ କେମିତି ବା ଖୋଜିପାଇବ ? ତା'ଛଡା, ଏଇ ସହରରେ ଅନେକ ଫଟୋ ଷ୍ଟୁଡିଓ ଅଛି, ସେହି ଷ୍ଟୁଡିଓ ଗୁଡିକ ମଧ୍ୟରୁ କେଉଁ ଷ୍ଟୁଡିଓରେ ଏଇ ଫଟୋ ପ୍ରସ୍ତୁତ ହୋଇଛି, ତାହା ଜାଣିବା ମୁସ୍କିଲ୍ । ଏହା କୌଣସି ଅନ୍ୟ ସହରରେ ପ୍ରସ୍ତୁତ ହୋଇଥାଇପାରେ । ଏଇ ଅଚହ୍ନା ଅପରିଚିତ ବ୍ୟକ୍ତି ଜଣକ ଅନ୍ୟ କୌଣସି ସହରରେ ବି ହୋଇଥାଇପାରେ ।

ଆଲୋକର ମୁଣ୍ଡ ଗୋଳମାଳ ହୋଇଯାଉଥାଏ । ହେଲେ, ସେ ଏଇ ବିଷୟରେ ସୂତ୍ରଟିଏ ପାଇପାରୁନଥାଏ ।

ହଠାତ୍ ସେ ଏକ ଅବିଶ୍ୱସନୀୟ ସୂତ୍ରଟିଏ ପାଇଗଲା । ଯେଉଁ ଖାମ୍‌ରେ ଏଇ ଫଟୋ ଗୁଡିକ ଆସିଥିଲା, ସେହି ଖାମ୍ ଦେହରେ ଏଇ ସହରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳସ୍ଥ ଗୋଟେ ପୋଷ୍ଟଅଫିସ୍‌ର ମୋହର ପଡିଥିଲା । ସେ ବିଋରେ କଲା, ସେହି ଅଞ୍ଚଳରୁ ନିଶ୍ଚୟ କିଛି ନା କିଛି ସୂତ୍ର ମିଳିପାରେ ।

ଏହାପରେ ସେ ନିତି ସେହି ଅଞ୍ଚଳରେ ଘୂରିବାରେ ଲାଗିଲା । କାଳେ କୌଣସି ସୂତ୍ର ମିଳିଯିବ ଭାବି ।

ଭାଗ୍ୟ କହନ୍ତୁ ବା ଆକସ୍ମିକତା କହନ୍ତୁ, ସେ ଦିନେ ସେହି ଫଟୋ ଗୁଡିକରେ ଥିବା ଅଚିହ୍ନା ବ୍ୟକ୍ତି ସହିତ ସାମ୍ନାସାମ୍ନି ହୋଇଗଲା । ସେ ସେହି ଅଚିହ୍ନା ବ୍ୟକ୍ତିକୁ ଅଟକାଇଲା ଆଉ କହିଲା, – "ସାର୍, ମତେ ଟିକିଏ ସାହାଯ୍ୟ କରିପାରିବେ କି ?"

– "ଆପଣ କିଭଳି ସାହାଯ୍ୟ ଋହାନ୍ତି ?"

– "ସାର୍, ଆପଣଙ୍କୁ ଫଟୋଟେ ଦେଖାଇବି, ସେହି ଫଟୋରେ ଥିବା ଝିଅକୁ ଆପଣ ଚିହ୍ନିଛନ୍ତି କି ନାହିଁ, କହିବେ ?"

– "ହେଲେ, କାହିଁକି ?"

– "ଏଥିପାଇଁ ଯେ, ଆପଣଙ୍କ ଚିହ୍ନିବା ଉପରେ ଜଣକର ଜୀବନ ମରଣ ସମସ୍ୟା ନିହିତ ରହିଛି ।"

- "ତାହାହେଲେ, ଦେଖାନ୍ତୁ।" ସେହି ଅଚିହ୍ନା ବ୍ୟକ୍ତିଜଣକ କହିଲେ। ଆଲୋକ ତତ୍‌କ୍ଷଣାତ୍ ଅନ୍ତରାର ଫଟୋ ବାହାର କରି ତାଙ୍କୁ ଦେଖାଇଲା।

ସେହି ଫଟୋକୁ ଦେଖି ଅଚିହ୍ନା ବ୍ୟକ୍ତିଜଣକ କହିଲେ, - "ନା, ମୁଁ ଏଇ ଝିଅକୁ ଜାଣିନି କି କେବେ କେଉଁଠି ଦେଖିଛି ବୋଲି ମନେ ହେଉନି।"

ଉକ୍ତ ଅଚିହ୍ନା ବ୍ୟକ୍ତିଙ୍କଠୁଁ ଏତିକି ଜାଣିବା ପରେ ଆଲୋକ ସେହି ଅଶ୍ଳୀଳ ଫଟୋଗୁଡିକୁ କାଢି ତାଙ୍କୁ ଦେଖାଇଲା। ଫଳତଃ, ସେହି ବ୍ୟକ୍ତିଜଣକ ରାଗିଗଲେ। ଆଉ କହିଲେ, - "ଆପଣ ଏ' କ'ଣ ଦେଖାଉଛନ୍ତି, ଏଇ ଝିଅଟି କିଏ ? ଆଉ ଏଇ ଝିଅ ସହିତ ଉଠାହୋଇଥିବା ମୋ'ର ଅଶ୍ଳୀଳ ଫଟୋଗୁଡିକ କେଉଁଠି ପାଇଲେ ?" ଅତିଶୟ ଆବେଗ ଯୋଗୁଁ ସେ କିଛିକ୍ଷଣ କହିପାରିଲେ ନି। ତା'ପରେ ନିଜକୁ ସ୍ୱାଭାବିକ କରି ପୁଣି କହିବାରେ ଲାଗିଲେ, - "ଦେଖନ୍ତୁ, ସତକଥା କୁହନ୍ତୁ, ନ ହେଲେ, ମୁଁ ଏଇ ଫଟୋଗୁଡିକ ସହିତ ଥାନାକୁ ଯିବି ଓ ଆପଣଙ୍କ ବିରୁଦ୍ଧରେ ଥାନାରେ ରିପୋର୍ଟ କରିବି।"

ଆଲୋକ କହିଲା, - "ସାର୍, ଆପଣ ରାଗନ୍ତୁ ନି। ମୁଁ ସବୁ ସତକଥା କହୁଛି। କିଛି ମାସ ଭିତରେ ମୋ'ର ଏଇ ଫଟୋ ଗୁଡିକରେ ଥିବା ଝିଅ ସହିତ ବାହାହେବାକୁ ଯାଉଛି। ଏଇ ଫଟୋଗୁଡିକୁ କିଏ ପଠାଇଲା, ମୁଁ ଜାଣିନି। ବହୁତ ପ୍ରଚେଷ୍ଟା କରୁଛି, ଏଇ ଫଟୋଗୁଡିକୁ ପଠାଇଥିବା ବ୍ୟକ୍ତିକୁ ଧରିବାପାଇଁ। ହେଲେ, ଏ'ଯାଏଁ ଧରିପାରିନି। ହଠାତ୍ କିନ୍ତୁ ଏଇ ଫଟୋ ଗୁଡିକରେ ଥିବା ଆପଣଙ୍କ ଛବିକୁ ଏବେ ଦେଖି ଆପଣଙ୍କୁ ଅଟକାଇଲି, ପ୍ରକୃତ କଥା ଜାଣିବାପାଇଁ। ହେଲେ, ଆପଣ କୁହନ୍ତୁ, ଏଇ ଫଟୋ ଗୁଡିକରେ ଆପଣ ଅଛନ୍ତି କି ନାହିଁ ?"

- "ହଁ, ମୁଁ ଅଛି। ହେଲେ, ଏଇ ଝିଅଟି କିଏ, ମୁଁ ଜାଣିନି କି ଏଇ ଝିଅ ସହିତ ଏମିତି ଅଶ୍ଳୀଳ ଫଟୋ କେବେ ବି ଉଠାଇନି।"

- "ତେବେ ଆଉ ଗୋଟେ କଥା କୁହନ୍ତୁ....ଆପଣ ଏକାକୀ ଥିବା ଫଟୋ କେବେ କୌଣସି ଫଟୋ ଷ୍ଟୁଡିଓରେ ଉଠାଇଛନ୍ତ କି ?" ଆଲୋକ ପଚାରିଲା।

ସେହି ବ୍ୟକ୍ତି ଜଣକ ସେହି ଫଟୋ ଗୁଡିକୁ ଗଭୀରତା ସହିତ ଦେଖିଲେ। ଆଉ ଗୋଟେ ଜିନିଷ ଲକ୍ଷ୍ୟ କଲେ, ସେ ଯେଉଁ ସାର୍ଟ ପିନ୍ଧିଛନ୍ତି, ତାହା ତାଙ୍କ ଅତି ପ୍ରିୟ। ସେହି ସାର୍ଟ ପିନ୍ଧି ଏକ ବିଶେଷ ଅବସରରେ ସହରର ରାଘବ ଫଟୋ ଷ୍ଟୁଡିଓରେ ଫଟୋ ହୋଇଥିଲେ।
- "ହେଲେ, ଏଇ ଅଶ୍ଳୀଳ ଫଟୋଗୁଡିକରେ ମୁଁ କେମିତି ଆସିଲି ?"

ସେହି ବ୍ୟକ୍ତିଙ୍କୁ ଚିନ୍ତିତାବସ୍ଥାରେ ଥିବାବେଳେ ଆଲୋକ ପଚାରିଲା,
- "କ'ଣ ହେଲା, ସାର୍, ମୋ' ପ୍ରଶ୍ନର ଉତ୍ତର ଦେଉନାହାଁନ୍ତି କାହିଁକି ?"

- "ମତେ ଲାଗୁଛି, ମତେ କିଏ କୌଣସି ଷଡ଼ଯନ୍ତ୍ରରେ ପକାଇବାକୁ ଚାହୁଁଛି। ମୁଁ ଏକାକୀ ଏକ ବିଶେଷ ଅବସରରେ ମୋ'ର ଗୋଟେ ପ୍ରିୟ ଏଇ ସାର୍ଟ ପିନ୍ଧି ସହରର ରାଘବ ଫଟୋ ଷ୍ଟୁଡିଓରେ ଫଟୋ ହୋଇଥିଲି। କାହିଁ ରାଘବ ଷ୍ଟୁଡିଓର ମାଲିକ ମତେ କୌଣସି ଷଡ଼ଯନ୍ତ୍ରରେ ଫସାଇବାକୁ ଚାହୁଁଛି କି ?"

- "ନା ! ବରଂ, ମତେ ଫସାଇବାକୁ ଚାହୁଁଛି। କାରଣ, ମୋ'ର ବିବାହ ଏଇ ଫଟୋ ଗୁଡିକରେ ଥିବା ଝିଅ ସହ ଚାରିମାସ ପରେ ହେବାକୁ ଅଛି। କିଏ ବୋଧହୁଏ ଚାହୁଁଛି ଯେ, ମୋ'ର ବିବାହ କଥିତ ଝିଅ ସହିତ ନ ହେଉ। ସେଥିପାଇଁ ବି ଏଇ ଅଶ୍ଳୀଳ ଫଟୋ ଗୁଡିକୁ ମୋ'ର ବାପାଙ୍କ ନିକଟକୁ ପଠାହୋଇଛି। ସାର୍, ଏବେ କ'ଣ କରିବା ?" ଆଲୋକ ସେହି ବ୍ୟକ୍ତିଙ୍କୁ କହିଲା।

- "ଏବେ ରାଘବ ଷ୍ଟୁଡିଓକୁ ଯାଇ ଏଇ ବିଷୟରେ ପଚାରିବାକୁ ହେବ। ରାଘବ ଷ୍ଟୁଡିଓ ତ ଏଇ ପାଖରେ ଅଛି।" ସେହ ବ୍ୟକ୍ତି ଜଣକ କହିଲେ।

- "ଠିକ୍ କହୁଛନ୍ତି, ଚାଲନ୍ତୁ ଯିବା।" ଆଲୋକ ସେହି ବ୍ୟକ୍ତିଙ୍କ କଥାକୁ ସମର୍ଥନ କରି କହିଲା।

ତା'ପରେ ଦୁହେଁ ଯାଇ ରାଘବ ଷ୍ଟୁଡିଓରେ ପହଞ୍ଚିଲେ। ସେତେବେଳେ ରାଘବ ଷ୍ଟୁଡିଓର ମାଲିକ ମି. ରାଘବ ଉପସ୍ଥିତ ଥିଲା।

ରାଘବ ସେହି ଅଚିହ୍ନା ବ୍ୟକ୍ତିଙ୍କୁ ଦେଖି ଡରିଗଲା। ଆଉ ଅତି ନିମ୍ନ ସ୍ୱରରେ କହିଲା, - "କ'ଣ ଚାହାଁନ୍ତି, ଆଜ୍ଞା ? ଫଟୋ ହେବେ କି ?"

- "ନା, ପ୍ରଥମେ କୁହ, ମତେ ଚିହ୍ନୁଛ କି ନାହିଁ ? ମୁଁ ଥରେ ତମ ଷ୍ଟୁଡିଓରୁ ଏକାକୀ ଫଟୋଟେ ହୋଇଥିଲି।"

- "ହୋଇଥିବେ। ଏମିତି ପ୍ରତିଦିନ କେତେ କେତେ ଲୋକ ଏଠିକୁ ଫଟୋ ହେବାକୁ ଆସୁଛନ୍ତି। ମୁଁ କେତେ ଜଣଙ୍କୁ ବା ମନେ ରଖିପାରିବି।"

ସେହି ଅଜଣା ବ୍ୟକ୍ତି ତାଙ୍କ ପର୍ସରେ ରଖିଥିବା ଏକାକୀ ଫଟୋକୁ ରାଘବକୁ ଦେଖାଇଲେ, ଆଉ ପଚାରିଲେ, - "ଏଇ ଫଟୋକୁ ଦେଖୁଛ, ଏଇଟା ତମ ଷ୍ଟୁଡିଓରେ ଉଠା ହୋଇଛି।"

- "ହୋଇଥିବ, ସାର୍।" ରାଘବ ଜବାବ ଦେଲା।

- "ଆଉ ଏଇ ଫଟୋ ଗୁଡିକୁ ଦେଖ - ଏଇ ଗୁଡିକ ତମ ଷ୍ଟୁଡିଓରେ ପ୍ରସ୍ତୁତ ହୋଇଛି ନା ?"

- "ନା, ନା, ସାର୍, ଏଇ ଗୁଡିକ ଏଠି ପ୍ରସ୍ତୁତ ହୋଇନି, ମୁଁ ବିଶ୍ୱାସର ସହିତ କହୁଛି।"

- "ଚୁପ୍ ! ମତେ ମିଛ କହୁଛ କାହିଁକି, ସତ କୁହ ! ନ ହେଲେ, ମୁଁ ଥାନାରେ ରିପୋର୍ଟ କରିବି।" ସେହ ଅଚିହ୍ନା ବ୍ୟକ୍ତି ରାଗି କରି ରଡି କହିଲେ।

- "ନା, ସାର୍, ନା, ଥାନାରେ ରିପୋର୍ଟ କରନ୍ତୁ ନି। ମୁଁ ବଦ୍‌ନାମ୍ ହୋଇଯିବି- ମୋ'ର ଷ୍ଟୁଡିଓକୁ ଆଉ କେହି ଫଟୋ ହେବାକୁ ଆସିବେ ନି।"

- "ତେବେ ସତ କଥା କୁହ।"

- "କହୁଛି, ସାର୍, କହୁଛି।" ରାଘବ କହିଲା ଏବଂ ଗୋଟେ ଦୀର୍ଘ ନିଃଶ୍ୱାସ ନେଇ ପୁଣି କହିବାରେ ଲାଗିଲା, - "ଏଇ ସହରରେ

ମୋ'ର ମାଉସୀ ଝିଅ ଭଉଣୀଟେ ଅଛି। ସେ କଲେଜ୍‌ରେ ପଢୁଥିବାବେଳେ ଜଣେ ସତୀର୍ଥ ଯୁବକକୁ ଏକ ତରଫା ଭାବରେ ଭଲ ପାଉଥିଲା। ସେ ଋହୁଁଥିଲା, ସେହି ଯୁବକକୁ ଶିକ୍ଷା ସମାପ୍ତିପରେ ବାହା ହେବ। ଏବେ ଜାଣିବାକୁ ପାଇଲା ଯେ, ସେହି ଯୁବକ ଅନ୍ୟ ଏକ ଝିଅକୁ ବାହା ହେବାକୁ ଯାଉଛି। ତେଣୁ, ଏଇ ବାହାଘରକୁ ଭାଙ୍ଗିବାପାଇଁ ମୋ'ର ଭଉଣୀ ମୋ' ନିକଟକୁ ଆସିଲା। ଆଉ ତା'ର ଦୁଃଖଦ କଥା ଦୟନୀୟ ଭାବରେ ମୋ'ଠିଁ ବଖାଣିଲା। ତା'ପରେ କହିଲା, ମୁଁ ସେହି ଯୁବବନ୍ଧୁକୁ ବାହା ନ ହେଲେ, ଆତ୍ମହତ୍ୟା କରିଦେବି। ତେଣୁ, ମୋ'ର ଭଉଣୀ କାଳେ ଆତ୍ମହତ୍ୟା କରିଦେବ ଭାବି ସେ ଯେଉଁ ଉପାୟ ବତାଇଲା, ସେହି ଉପାୟ ମୁଁ ଅବଲମ୍ବନ କରି ଏଇ ଅଶ୍ଳୀଳ ଫଟୋମାନ ପ୍ରସ୍ତୁତ କଲି। ମୋ' ପାଖରେ ଆପଣଙ୍କ ଏକ ଏକାକୀ ଫଟୋ ଥିଲା, ସେହି ଫଟୋକୁ ମୁଁ ସେହି ଝିଅର ଫଟୋ ସହିତ (ଯେଉଁ ଝିଅ ତା'ର ସତୀର୍ଥ ଯୁବକ ସହିତ ବିବାହ ହେବାକୁ ଥିଲା।) ଯୋଡି କେତୋଟି ଅଶ୍ଳୀଳ ଫଟୋ ପ୍ରସ୍ତୁତ କରି ମୋ'ର ଭଉଣୀକୁ ଦେଲି। ମୋ'ର ମାଉସୀ ଝିଅ ଭଉଣୀ କିନ୍ତୁ ମତେ ଆଶ୍ୱାସନା ଦେଇଥିଲା ଯେ, ଏଇ କାଣ୍ଡରେ ମତେ ସମ୍ମିଳିତ କରିବନି। ହେଲେ, କଥାଟା ଏବେ ଓଲଟି ଯାଇଛି ଏବଂ ଏବେ ମୁଁ ଫସିଯିବି।"

ସେହି ଅଚିହ୍ନା ବ୍ୟକ୍ତି ରାଘବକୁ ପଋରିଲା, – "ତମ ମାଉସୀ ଝିଅ ଭଉଣୀର ନାମ କ'ଣ?"

– "ଅବିରା।"

– "କ'ଣ କହିଲ, ଅବିରା। ସେ ତ ମୋ'ର ବାନ୍ଧବୀ ଥିଲା ଏବଂ ସେ ମତେ ଭଲ ପାଉଛି ବୋଲି ମତେ କେବେ ବି କହିନଥିଲା।" ପ୍ରଥମ କରି ଆଲୋକ ପାଟି ଫିଟାଇ କହିଲା।

– "ଆପଣ କ'ଣ ସେହି ଯୁବକ, ଯାହାଙ୍କୁ ମୋ'ର ଭଉଣୀ ଏକତରଫା ଭଲ ପାଉଥିଲା?"


– "ହଁ। ଦେଖ, ଏବେ ତମେ ଗୋଟେ କାମ କର ତମର ଭଉଣୀକୁ ନେଇ ମୋ'ର ବାପାଙ୍କଠାରେ କ୍ଷମା ମାଗ ଓ ଏଇ କାଣ୍ଡକୁ ସମାପ୍ତ କର। ନ ହେଲେ, ଆମେ ତମ ନାମରେ ଥାନାରେ ରିପୋର୍ଟ କରିବୁ।"

– "ନା, ସାର୍, ନା, ଆପଣ ଥାନାରେ ରିପୋର୍ଟ କରନ୍ତୁନି। ମୁଁ ଓ ମୋ'ର ଭଉଣୀ ଆସନ୍ତା କାଲି ଆପଣଙ୍କ ବାପାଙ୍କଠାରେ ସବୁକଥା ବୁଝାଇ କ୍ଷମା ମାଗିବୁ।" ରାଘବ ଭୟଭୀତ କଣ୍ଠରେ କହିଲା।

– "ଠିକ୍ ଅଛି।" ଆଲୋକ ଓ ସେହି ଅଚିହ୍ନା ବ୍ୟକ୍ତି କହିଲେ।

ତା'ପରଦିନ ରାଘବ ଓ ତା'ର ମାଉସୀ ଝିଅ ଭଉଣୀ ଅବିରା ଆଲୋକର ଘରେ ପହଞ୍ଚିଲେ ଏବଂ ଆଲୋକର ବାପାଙ୍କୁ ସବୁ ସତକଥା ଦୟନୀୟ ଭାବରେ କହି କ୍ଷମା ମାଗିଲେ। ଫଳରେ ଆଲୋକ ସହିତ ଅନ୍ତରାର ବିବାହ ହେବାମାର୍ଗରେ ଯେଉଁ ବାଧା ଉପୁଜିଥିଲା, ତାହା ହଟିଗଲା।

*ପଟ୍ଟନାୟକ ପଡା, ସମ୍ବଲପୁର - ୧*
*ଦୂରଭାଷ: ୯୩୪୮୪୮୦୩୨୨*




ପ୍ରକାଶ ପାଇଛି ବିଶିଷ୍ଟ କଥାକାର **କ୍ଷୀରୋଦ ଦାସ** ଙ୍କର ବିଂଶତମ ଗଳ୍ପ ସଂକଳନ

**"ଶେଷ ସାକ୍ଷାତ"**

ପ୍ରକାଶକ: ବିଦ୍ୟାପୁରୀ, ବାଲୁବଜାର, କଟକ

# ଅନ୍ୟ ଏକ ଅଧ୍ୟାୟ

ଅରୁଣ କୁମାର ସାହୁ

ଲକ୍ଷ୍ୟହୀନ ଯାତ୍ରା ମନରେ ସଂଶୟ ଆଣେ, ଶଙ୍କା ଜଗାଏ। ପାଖ ହେଉ କି ଦୂର। ଦିଲ୍ଲୀରୁ ଗୋଆ ଜମା ଦି ଘଣ୍ଟାର ରାସ୍ତା; କିନ୍ତୁ ରାଜୀବକୁ ଲାଗୁଛି ଯେମିତି ସେ ବହୁ ଘଣ୍ଟା ଧରି ଉଡ଼ାଜାହାଜରେ ବସିଛି ଆଉ ଉଡ଼ାଜାହାଜଟି ଆଗକୁ ଯାଉନି। ସେଇ ବାଦଲ ଉପରେ କୋଉଠି ଝୁଲୁଛି। ସେ ଗୋଆ କାହିଁକି ଯାଉଛି, ତା'ର ଲକ୍ଷ୍ୟ କ'ଣ, ସେ ନିଜେ ବି ଭାବରେ ଜାଣିନି।

ପ୍ରାୟ ପାଞ୍ଚବର୍ଷ ପୁରୁଣା ଅଚ୍ଛ ଅଜଣା ମଣିଷଟିଏର ହ୍ୱାଟସ ଅପ ମେସେଜ ପାଇଲା ପରେ ତା' ମନରେ ଅନେକ ପ୍ରଶ୍ନ। ପ୍ରଶ୍ନ ନୁଁହେତ, ଆକାଂକ୍ଷା। ଜିଜ୍ଞାସା। ପ୍ରଥମ କଥା ହେଲା, ସେ ପାଞ୍ଚ ବର୍ଷରୁ ଅଧିକ ହେଲା ତାକୁ ମନେ ରଖିଛି ଏବଂ ତା' ଫୋନ ନମ୍ବର ବି ରଖିଛି। ରାଜୀବ ବି ଏ ବର୍ଷ ଗୁଡିକରେ ନିଜ ଫୋନ ନମ୍ବର ବଦଳାଇ ନାହିଁ। ରାଜୀବର ଇଏ ଗୋଟେ ପୁରୁଣା ରୋଗ। ବିଭିନ୍ନ ଲାଭବାନ ଯୋଜନା ସତ୍ତ୍ୱେ ତା' ଫୋନ୍ ନମ୍ବର ବଦଳିନି କି ଫୋନ କମ୍ପାନୀ ବଦଳିନି।

ଏ ନମ୍ବରଟା ତାକୁ ବାପା ଦେଇଥିଲେ। ସେ ସ୍କୁଲରେ ଥିଲାବେଳେ। ହଠାତ୍ ଦିନେ ଅଫିସରୁ ଫେରି ସେ ତା' ହାତକୁ ନୂଆ ଆଇ ଫୋନଟିଏ ବଢାଇ ଦେଇ କହିଲେ, "ଏଇଟା ତୋ ପାଇଁ। ତୁ ଭଲ ପିଲା, ମେଧାବୀ ଓ ପରିଶ୍ରମୀ। ଆଗକୁ ଯାଇ ନିଜର ଦାୟିତ୍ୱ ବୁଝିବୁ ବୋଲି ମୋର ଆଶା। ତୁମ ଯୁଗ ଯାନ୍ତ୍ରିକ। ସାଇବରର ପୃଥିବୀ। ଏ ତୋତେ ବିଶ୍ୱର ଜ୍ଞାନ ଓ ବିଜ୍ଞାନ ସହିତ ଯୋଡ଼ିବ।" ରାଜୀବ ଆଶ୍ଚର୍ଯ୍ୟ ହୋଇଥିଲା। ଖୁସି ବି। ରାତିରେ ମା' ବାପାଙ୍କୁ ପଚାରୁଥିଲେ, "ଏତେ କମ୍ ବୟସରେ ମୋବାଇଲ ଧରାଇବା କଣ ଠିକ୍ ହେଉଛି ? ଅତି କମ୍‌ରେ ହାଇସ୍କୁଲ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ହୁଏତ ଭଲ ହୋଇଥାନ୍ତା।" ବାପାଙ୍କ ସଳଖ ଉତ୍ତର, "ଏ ପିଲାଙ୍କ ଯୁଗ ଟେକ୍ନୋଲୋଜିର, ଭଲ ବି ତାଙ୍କ ହାତରେ,ଭେଲ ବି। ଯେତେଶୀଘ୍ର ସେ ଏହାକୁ ବ୍ୟବହାର କରିବାର କୌଶଳ ଶିଖିଯିବ ସେତିକି ଭଲ। ଆଉ ବି ଫୋନଟିଏ ପାଖରେ ଥିଲେ ଆମେ ତା'ର ସୁରକ୍ଷା ଖବର ଠିକ୍ ସମୟରେ ପାଇପାରିବା।" ମା' ଚୁପ୍ ରହିଲେ। ସମ୍ପୂର୍ଣ୍ଣ ରୂପେ ରାଜି ନହେଲେ ବି ମୁଣ୍ଡ ହଲାଇଲେ। ସେତେବେଳେ ରାଜୀବ ଷଷ୍ଠ ଶ୍ରେଣୀର ଛାତ୍ର।

ଫୋନ୍ ଓ ବାପାଙ୍କ କଥା ରାଜୀବର କୋମଳ ମନରେ ଖୁବ୍ ପ୍ରଭାବ ପକାଇଲା ଓ ତା' ଉପରେ କିଛି ଦାୟିତ୍ୱ ଲଦିଦେଲା। ସେଇ ଫୋନ ବ୍ୟବହାର କରି ସେ କେବଳ ସାଙ୍ଗମାନଙ୍କ ସଙ୍ଗେ ଗପସପ କଲାନି, "ଓଲିଭର ଟ୍ୱିଷ୍ଟ" ଭଳିଆ କ୍ଲାସିକ୍ ବି ପଢୁଥିଲା। କଷ୍ଟ ଅଙ୍କର ସମାଧାନ ପାଉଥିଲା। ସବୁଠୁ ବଡକଥା ହେଲା ସେ ସୌରମଣ୍ଡଳ ଓ ଆଷ୍ଟ୍ରୋଫିଜିକ୍ସ ବିଷୟରେ ବହୁତ କଥା ଜାଣିବାକୁ ପାଉଥିଲା।

ବାପା ସେମିତି ଉଦାର, ପ୍ରଗତିଶୀଳ ଓ ଆଶାବାଦୀ। ନିଜେ କଳା ଓ ସାହିତ୍ୟର ଛାତ୍ର ହୋଇଥିଲେବି ବିଜ୍ଞାନ ଓ ଜ୍ଞାନ ପ୍ରତି ଖୁବ୍ ଆଗ୍ରହ। ସରକାରୀ ପ୍ରସାଶକ ହେଲେ ବି ସୃଜନଶୀଳ। ରାଜୀବ ଉପରେ ତାଙ୍କର ପ୍ରଭାବ ଖୁବ ବେଶୀ। ଏକା ଧାରରେ ସେ ତା' ବାପା, ଶିକ୍ଷକ ଓ ବନ୍ଧୁ। ଦି ବର୍ଷ ତଳେ ସେ ହଠାତ୍ ଚାଲିଗଲେ। କୋଭିଡ ସମୟରେ ସେ ପ୍ରାୟ ଦି ସପ୍ତାହ ଡାକ୍ତରଖାନାରେ ଥିଲେ ଇଣ୍ଟେନ୍ସିଭ କେୟାରରେ। ସେଠୁ ସେ ଫେରିଲେ ସତ, କିନ୍ତୁ ପରବର୍ତ୍ତୀ ସମୟରେ ପୁରା ଶତ ପ୍ରତିଶତ ଶକ୍ତି ପାଇଲେନି। ଡାକ୍ତରଖାନାରୁ ଆସିବାର ବର୍ଷେ ପରେ ସେ ଦିନେ ସକାଳେ ଆଉ ଉଠିଲେନି। ରାଜୀବ ସେତେବେଳେ କଲେଜରେ ଥିଲା। ଘରକୁ ଫେରି ବାପାଙ୍କୁ ବିଦାୟ ଦେବାପରେ ତାକୁ ବୁଝାପଡ଼ିଲା ପୃଥିବୀଟା କେତେ ନୀରବ, ଜନଶୂନ୍ୟ ଓ ବ୍ୟକ୍ତିଗତ। କୋଳାହଳ କରୁଥିବା ଦୁନିଆ ଭିନ୍ନ। ଭିନ୍ନ ତା'ର ସ୍ୱରୂପ, ତା'ର ରୂପରେଖ ଓ ଭିନ୍ନ ତା'ର ଚରିତ୍ର। ମାୟା, ଆସ୍ପର୍ଦ୍ଧା, ଅଜ୍ଞାନତା ମଣିଷର ମୁଣ୍ଡଟିଏ ଅଛି ବୋଲି ଯାହା ଯେତିକି ସୁନ୍ଦର। ନହେଲେ ମଣିଷ କିଏ ଆଉ ପଶୁ କିଏ। ସମସ୍ତଙ୍କର ଶରୀରରେ ପ୍ରାୟ ସେଇ ନଅ ଦ୍ୱାର ଆଉ ସେଇ ନିତି ଦିନିଆ ବଞ୍ଚିବା ପ୍ରକ୍ରିୟା। ଭୋଜନ, ଶୟନ ଓ ପ୍ରଜନନ। ରାଜୀବକୁ ଲାଗିଲା ତା'ର ବୟସ ହଠାତ ବଢ଼ିଗଲା।

ରାଜୀବର ବଡ଼ ଇଚ୍ଛାଥିଲା ସୌର ମଣ୍ଡଳ ଉପରେ ଗବେଷଣା କରିବାକୁ; କିନ୍ତୁ ମାଆଙ୍କ ଅବସ୍ଥା ଦେଖିଲା ପରେ ତା'ର ଆଉ ଇଚ୍ଛା ହେଲାନି। ବାପା ଗଲାପରେ ମାଆ ଖୁବ୍ ନିଃସହାୟ ହୋଇ ପଡ଼ିଛି। ସେ ଆଉ ପୂର୍ବର ସାହସୀ ମାଆ ହୋଇ ନାହିଁ। ବ୍ୟାଙ୍କ ଚାକିରୀରେ ନିଜକୁ ବ୍ୟସ୍ତ ରଖିବାକୁ ଚେଷ୍ଟା କରୁଥିଲେ ବି ସେ ଯେ ଗୋଟେ ପ୍ରକାରର

ନିସଙ୍ଗ ହୋଇ ଯାଇଛି, ସେ କଥା ସେ ଲକ୍ଷ୍ୟ କରି ପାରିଲା । ଏ ସହସାଥୀ, ସହଯାତ୍ରୀ ପ୍ରକ୍ରିୟା ମଧ୍ୟ ଏକ ପ୍ରକାରର ମାୟା । ମଣିଷ ତ ଏ ପୃଥିବୀକୁ ଏକୁଟିଆ ଆସିଛି ଏବଂ ଏକୁଟିଆ ହିଁ ଯିବ, ଆଉ ଏଠି ରହିବା କାଳରେ ଉତ୍ତର ପୁରୁଷ ପାଇଁ ଆଉକିଛି ପିଲା ଜନ୍ମ କରିଯିବ । ଯାତ୍ରା ଖୁବ ସରଳ, କିନ୍ତୁ ମଣିଷ ହିଁ ଯା ଭିତରେ ଭରିଛି ଯେତେ ସବୁ କ୍ଲିଷ୍ଟ ସାମାଜିକତା – ସଙ୍ଗ, ମୈତ୍ରୀ, ପ୍ରେମ, ବିଚ୍ଛେଦ, ବିରହ ଇତ୍ୟାଦି ଇତ୍ୟାଦି ।

ମାଆ ତା' ମନକଥା ଜାଣି କେତେଥର କହି ସାରିଲେଣି ବାହାର କୋଉ ଦେଶକୁ ଯାଇ ସେ ଗବେଷଣା କରୁ, କିନ୍ତୁ ରାଜୀବ ନିଜକୁ ମନାଇ ପାରି ନଥିଲା ଏବଂ ଠିକ୍ କଲା ଯେ ସେ ମାଆ ପାଖରେ ହିଁ ରହିବ । ଏବେ ତା' ହାତରେ ସ୍ୱଚ୍ଛଳ ଚାକିରୀ । ଅସୁବିଧା କିଛି ନାହିଁ । ଖାଲି ସମୟରେ ଟେନିସ ଖେଳେ । ସିନେମା ଦେଖେ । କେବେ କେମିତି ସହକର୍ମୀମାନଙ୍କ ସହିତ ବାର୍ ଯାଏ । ପୁରୁଣା ଝିଅ ସାଙ୍ଗ ମାନଙ୍କ ସହିତ ସମୟ ବିତାଏ । ମୋଟାମୋଟି ଦେଖିଲେ ପ୍ରାୟ ସବୁ ଠିକ୍ ।

କେବେ କେମିତି ମାଆ ତାକୁ ତା' ଝିଅ ସାଙ୍ଗମାନଙ୍କ ବିଷୟରେ ତେରେଛା ପ୍ରଶ୍ନ ପଚାରନ୍ତି । ଜାଣିବାକୁ ଚେଷ୍ଟା କରନ୍ତି କାଳେ କୋଉଠି ମନ ଅଟକିଥିବ । ରାଜୀବ ଶୁଣେ । କେବେ ହସେ ପୁଣି କେବେ ମାଆର ପ୍ରଶ୍ନକୁ ଏଡ଼ାଇ ଯାଏ ।

ଉଡ଼ାଜାହାଜକୁ ଝଟକା ଲାଗୁଛି । କ୍ୟାପଟେନ ତାଗିଦା କଲେଣି – ଦୟାକରି ଅଣ୍ଟା ପେଟି ବାନ୍ଧି ନିଅନ୍ତୁ ଓ ଖାଇବା ଟ୍ରେ ବନ୍ଦ କରି ଦିଅନ୍ତୁ । ଟରବୁଲେନ୍ସ । ରାଜୀବ ବାହାରକୁ ଅନାଇଲା । ଜାହାଜ ତଳେ ମେଘ । ତାକୁ ଲାଗିଲା ହୁଏତ ଏବେ ଯଦି ଜାହାଜଟି ଖସି ପଡିବ, ତା' ହେଲେ ଏ ମେଘ ତାକୁ ଟେକି ଧରିବ । ଦିନଥିଲା ମଣିଷ ମାଟି ଉପରେ ଠିଆ ହୋଇ ଅସୀମ ଆକାଶକୁ ଦେଖୁଥିଲା ଏବଂ ଆଶ୍ଚର୍ଯ୍ୟ ହେଉଥିଲା – ପକ୍ଷୀଟିଏ କେମିତି ଉଡି ପାରୁଛି ! ପୁଣି କେତେ ଉଚ୍ଚରେ !! କିନ୍ତୁ ଆଜି ସେ ନିଜେ ଉଡୁଛି । ସୌରମଣ୍ଡଳକୁ ଉପଗ୍ରହ ପଠାଉଛି, ଆଉ ଇଲନ ମସ୍କ ଭଳିଆ ଶିଳ୍ପପତି କହୁଛନ୍ତି ମଙ୍ଗଳ ଗ୍ରହରେ ମଣିଷ ସମାଜ ଗଢ଼ିବ । ରାଜୀବର ଚିନ୍ତା କଳ୍ପନା ରାଇଜରେ । ମଙ୍ଗଳ ଗ୍ରହରେ ମଣିଷ ଛୁଆଟିଏ ପାଇଁ ପ୍ରକୃତରେ କ'ଣ ଦରକାର ! ଅକ୍ସିଜେନ, ପାଣି, ତାପମାତ୍ରା, ଜଣେ ସୁସ୍ଥ ନାରୀ ଯାହା ଗର୍ଭାଶୟରେ ଶୁକ୍ରାଣୁ ଟିଏ ପୋତା ଯାଇଥିବ ଟେଷ୍ଟ୍ ଟ୍ୟୁବ ଛୁଆ ଭଳିଆ । ତାକୁ ଛାଡ଼ିଦେବ ମଙ୍ଗଳ ଗ୍ରହର ସେ ଗ୍ରୀନ ହାଉସରେ । ସେ ପିଲା ଜନ୍ମ କରିବ ଆଉ ସେଇ ଜାଗାରେ ସେ ବଢ଼ିବ । ତା' ଶରୀର ଓ ମସ୍ତିଷ୍କ କେମିତି ବଢ଼ିବ, ତାହା ଅନୁଧ୍ୟାନ କରାହୋଇ ଆଗକୁ ପୁଣି ତା'ର ବ୍ୟବସ୍ଥା କରାଯାଇ ପାରିବ । ସେ ପିଲାଟା ହୁଏତ ଆଠ ଫୁଟ ଉଚ୍ଚା ହୋଇଯିବ କି ଦୁଇ ଫୁଟରୁ କମ୍‌ରେ ରହିଯିବ, ଆଇନଷ୍ଟାଇନଠୁ ଅଧିକା ଧୀମାନ ହୋଇଯିବ କିମ୍ବା ବୋକାଟେ ହୋଇ ରହିଯିବ । ରାଜୀବକୁ ହସ ମାଡ଼ିଲା - ସବୁ ଜ୍ଞାନ ଓ ବିଜ୍ଞାନ, ମଣିଷର ମୁଣ୍ଡ, ଧୀ ଆଉ ଅନୁସନ୍ଧିତ୍ସା ଡିମ୍ବାଣୁ ଓ ଶୁକ୍ରାଣୁର ଖେଳ ।

ଉଡାଜାହାଜରୁ ଓହ୍ଲାଉ ଓହ୍ଲାଉ ତା'ର ହ୍ୱାଟ୍ସଆପରେ ମେସେଜ – ଡିଡ୍ ୟୁ ରିଚ୍ ?

ୟେସ୍, ଜଷ୍ଟ ଲାଣ୍ଡେଡ – ଲେଖି ସେ ଟାକ୍ସିରେ ବସିଲା । ଜୁଲିଆନା ସଙ୍ଗେ ଦେଖା ହେବାର ସମ୍ଭାବନାରେ ତା'ର ଉନ୍ମାଦ ନଥିଲା । ଥିଲା ଉତ୍ସାହ ଓ ଜିଜ୍ଞାସା ।

ପ୍ରାୟ ପାଞ୍ଚବର୍ଷ ତଳେ ତା'ର ଦେଖା ହୋଇଥିଲା ଜୁଲିଆନା । "ଗୋଆ ପବ୍"ରେ । ଇଂଜିନିୟରିଂ ଡିଗ୍ରୀ ଶେଷକରି ଦି ଦିନ ପାଇଁ ଗୋଆ ଆସିଥିଲା ରାଜୀବ । ବାପା ଗଲାପରେ ସେ ବେଳେବେଳେ ନିଜକୁ ଖୁବ୍ ଏକୁଟିଆ ପାଉଥିଲା ଏବଂ କୌଣସି ଦୂର ଜାଗାରେ ଏକାନ୍ତରେ କିଛି ସମୟ ବିତାଇବାକୁ ସେ ଭଲ ପାଉଥିଲା । ପବ୍‌ର ଗୋଟିଏ କୋଣରେ ବସି ମୋହିତୋର ସ୍ୱାଦ ନେଉନେଉ ନିଜ ସଙ୍ଗେ କଥା ହେଉଥିଲା ରାଜୀବ । କେତେବେଳେ ସମୁଦ୍ର ଢେଉ ତ ଆଉ କେତେବେଳେ ନିଜ ଗ୍ଲାସର ପାନୀୟ ତା'ର ଦୃଷ୍ଟି ଆକର୍ଷଣ କରୁଥିଲା । ବାର୍‌ରେ କିଛି ପର୍ଯ୍ୟଟକ ତାଙ୍କ ଆସର ପକାଇ ସାରିଥିଲେ । ପର୍ଯ୍ୟଟନ ଋତୁ ଆଉ କିଛିଦିନ ବାକି । ଏଥିପାଇଁ ଭିଡ କମ୍ । ଭିଡ଼ ଭିତରେ ବି ରାଜୀବକୁ କିଛି ଅସୁବିଧା ହୁଏନି । ତା' ଭିତରଟା ପ୍ରାୟ ସବୁବେଳେ ନିଛାଟିଆ । ବାହ୍ୟ କଳରୋଳ କେବେ ତାକୁ ବିବ୍ରତ କରି ପାରେନି । ପିଲାଦିନେ ମାଆ ସମସ୍ତଙ୍କୁ କହୁଥିଲେ – "ତାକୁ ଏକୁଟିଆ ଛାଡ଼ିଦିଅ, ସେଥିରେ ସେ ଖୁସି । "ସ୍କୁଲ ଓ କଲେଜରେ ରାଜୀବର ସାଙ୍ଗ କମ୍ । ତା'ର ସବୁଠୁ ଭଲ ସାଙ୍ଗ ଦି ବର୍ଷ ତଳେ ଆମେରିକା ଚାଲିଗଲା ପରେ ସେ ପ୍ରାୟ ଏକୁଟିଆ । ତା'ର କିଛି ଝିଅ ସହପାଠିନୀ ତାକୁ ଖୁବ୍ ଭଲ ପାଆନ୍ତି । ସେମାନେ ବିଭିନ୍ନ ସହରରେ । ଚାକିରୀ ଓ ପାରିବାରିକ ଓ ସାମାଜିକ ଦାୟିତ୍ୱ ସହିତ ବ୍ୟକ୍ତିଗତ ଜୀବନ ବଞ୍ଚୁ ବଞ୍ଚୁ ସେମାନେ ହାଲିଆ । କେବେ କେମିତି ଦେଖା ଓ କେବେ କେମିତି ମେସେଜ୍ ଦିଆ ନିଆ ।

"କେନ୍ ଆଇ ଜଏନ୍ ୟୁ ?" ଜୁଲିଆନାର ପ୍ରଶ୍ନରେ ରାଜୀବର ଧ୍ୟାନ ଭାଙ୍ଗିଥିଲା । "ଓ ସିଓର୍" – ନିଜକୁ ସଜାଡୁ ସଜାଡୁ ରାଜୀବ ଉତ୍ତର ଦେଲା । ରାଜୀବ ସାମ୍ନାରେ ଜୁଲିଆନା । ବୟସ ପ୍ରାୟ ପଚିଶରୁ କମ୍ । କହରା ବାଳ । ସମୁଦ୍ର ଢେଉ ପରି କାନ୍ଧ ଛୁଉଁଛି । ଦେହ ଉପରେ ହାଲୁକା ଫୁଲ ଫୁଲିଆ ସ୍କର୍ଟ । ଟିକେ ଧାରୁଆ ମୁହଁ । ଆକର୍ଷଣୀୟ । ରାଜୀବର ବାପା ମନେ ପଡ଼ିଲେ – ବ୍ୟୁଟି ଇଜ ଇନ ଦି ଆଇଜ ଅଫ ଦି ବିହୋଲଡ଼ର – କିଏ ଲେଖିଥିଲେ ତ ? ସେକ୍ସପୀୟର । ବାପା ବେଳେବେଳେ ଟିପ୍ପଣୀ କରିବା ଛଳରେ କହିଥାନ୍ତି । ସୌନ୍ଦର୍ଯ୍ୟ ପ୍ରସଙ୍ଗରେ ।

ଆର ୟୁ ଡ୍ରିଙ୍କିଙ୍ଗ ଏଲୋନ ? ହାଓ ସାଡ଼ । - ବସୁ ବସୁ କଟାକ୍ଷ କଲା ଜୁଲିଆନା । ରାଜୀବ ସ୍ମିତ ହସି ଚୁପ୍ ରହିଲା ।

ହ୍ୱାଟ ଆର ୟୁ ଡ୍ରିଙ୍କିଂ ? ମୋହିତୋ ଅର ଟକିଲା ?

ମୋହିତୋ ।

ଟୁ ଦେ ହାଭ ଟକିଲା ?

ଦେ ହାଭ ଏଭ୍ରିଥିଙ୍ଗ । ଦିସ୍ ଇଜ୍ ଗୋଆ । ଲେଟ୍ ମି ଅର୍ଡର ଫର୍ ୟୁ ।

ଜୁଲିଆନା ଧନ୍ୟବାଦ ଜଣାଇଲା । ରାଜୀବ ଟକିଲା ବରାଦ ଦେଇ ଜୁଲିଆନା ବିଷୟରେ ଜାଣିବାକୁ ଚାହିଁଲା । ସେ କୋଉ ଦେଶରୁ ଆସିଛି, କ'ଣ କରେ, ଭାରତରେ ଏକୁଟିଆ ନା ସାଙ୍ଗରେ ଆଉ କେହି ଅଛନ୍ତି, ଭାରତ ପ୍ରତି ତା'ର ଆଦ୍ୟ ଧାରଣା ଇତ୍ୟାଦି ଇତ୍ୟାଦି ।

ଟକିଲାର ସ୍ୱାଦକୁ ଉପଭୋଗ କରୁକରୁ ଜୁଲିଆନା ତା'ର ପରିଚୟ ଦେଲା। ସେ ସ୍ୱିଡେନରୁ। ବାଇଓମେଡିକାଲ ଇନଜିନିୟରିଂରେ ଗବେଷଣାରତ। ସେ ତା' ବୟଫ୍ରେଣ୍ଡ ସଙ୍ଗେ ଭାରତ ଆସିବାର ଯୋଜନା କରିଥିଲା; କିନ୍ତୁ ସେ ଆସି ପାରିଲାନି। ତେଣୁ ସେ ଏକୁଟିଆ। ସେ କେବେ ଭାବି ପାରି ନଥିଲା ଯେ ଗୋଟିଏ ଦେଶରେ ଏତେ ସଂଖ୍ୟାରେ ଏତେ ପ୍ରକାରର ଲୋକ ଦେଖାଯାଇ ପାରନ୍ତି। ରାସ୍ତାରେ ଏତେ ପ୍ରକାରର ଯାନ ଓ ବାହନ। ପଶୁ ପକ୍ଷୀ, କୁକୁର, ଗାଈ, ମାଙ୍କଡ। ପ୍ରଥମେ ତାକୁ ଡର ଲାଗିଲା। ପରେପରେ ସେ ଦମ୍ଭଧରି ଆଗ୍ରା ଓ ଜୟପୁର ଦେଖି ଗୋଆ ଆସିଛି। ଏଠାରୁ ଦି ଦିନ ପରେ ସେ ଫେରିଯିବ ସ୍ୱିଡେନ୍।

ରାଜୀବ ଜାଣେ ନିଶୀଥ ସୂର୍ଯ୍ୟର ଦେଶ ସ୍ୱିଡେନ୍। ବର୍ଷର ଅଧା ଦିନ ଓ ଆଉ ଅଧା ରାତି। ଶୀତ। ଲୋକସଂଖ୍ୟା ବହୁତ କମ୍। କୋଟିଏ ପାଖାପାଖି। ସ୍ୱିଡେନ୍‌ର ଲୋକେ ବହୁତ ଧନୀ। ଦେଶ ଉନ୍ନତ। ବିଜ୍ଞାନ ଓ ଗବେଷଣାରେ ବିଶ୍ୱରେ ଖୁବ୍ ଆଗୁଆ। ସ୍ୱିଡେନ୍‌ର ଇତିହାସ ଭାଇକିଙ୍ଗ ସଭ୍ୟତାର ଇତିହାସ ସହିତ ଯୋଡ଼ା। ଏମିତିଆ ଗୋଟେ ଦେଶର ଯାତ୍ରୀକୁ ଭାରତରେ ଡର ଲାଗିବା ସ୍ୱାଭାବିକ।

କଥା କଥାରେ ସମୟର ବୟସ ବଢୁଥିଲା ଓ ମୁଣ୍ଡ ହାଲୁକା ବି। "ଉଇ ସୁଡ଼ କାଚ ସମ ସ୍ଲିପ" କହି ରାଜୀବ ଉଠିବାର ଇଙ୍ଗିତ ଦେଲା। "ୟୁ ଲାଇକଡ଼ ମାଇଁ କମ୍ପାନୀ ? ଡିଡିଣ୍ଟ ୟୁ ?" କହି ହସି ହସି ପଚାରୁ ଥିଲା ଜୁଲିଆନା। ଚିଡ଼େଇବାକୁ ଚେଷ୍ଟା କଲା। ଜୁଲିଆନାର ଢେଉଆ କହରା କେଶ ବାର୍ ଆଲୁଅରେ ଝଲସୁଥିଲା। ରାଜୀବକୁ ଲାଗିଲା ଜୁଲିଆନା ଭିତରେ ସତେଜ ଜୀବନ। ଜୀବନର ମାଦକତା। ରାଜୀବ ହସୁ ହସୁ କହିଲା – ଲେଟସ୍ ଗୋ।

ରାଜୀବ ଜୁଲିଆନାକୁ ତା' ହୋଟେଲ ଦ୍ୱାର ପାଖରେ ଛାଡି ତା' ନିଜ ହୋଟେଲକୁ ଫେରିଲା। ଜୁଲିଆନା ତା ଚିବୁକରେ ଚୁମାଟିଏ ଦେଇ ମେଲାଣି ନେଲା। ଯାଉ ଯାଉ କହିଲା – "ଆଇ ହାଡ ଏ ଲଭଲି ଟାଇମ"। ରାଜୀବ ତାକୁ ତାର ଫୋନ ନମ୍ବର ଦେଲା ଏବଂ କିଛି ଅସୁବିଧା ହେଲେ ଫୋନ କରିବାକୁ କହିଲା।

ଜୁଲିଆନା ସଙ୍ଗେ ତା'ର ପରିଚୟ ବାସ୍ ସେତିକି। ଘରକୁ ଫେରି ଜୁଲିଆନା ହ୍ୱାଟସଆପ ମେସେଜଟିଏ ପଠାଇଥିଲା – "ଆଇ ଆମ ବାକ୍ ହୋମ। ହାଡ ଏ ଗୁଡ଼ ଟାଇମ ଇନ ଇଣ୍ଡିଆ। ଥାଙ୍କ ୟୁ।" ରାଜୀବ ଖୁବ ସଂକ୍ଷିପ୍ତ ପ୍ରତି ଉତ୍ତରଟିଏ ଲେଖିଥିଲା – "ଥାଙ୍କ ୟୁ"।

ପ୍ରାୟ ପାଞ୍ଚ ବର୍ଷ ପରେ ପୁଣି ଜୁଲିଆନା ଯେ ତାକୁ ମେସେଜ କରିବ, ସେ କେବେ ଭାବି ନଥିଲା। ଅଗତ୍ୟା ମେସେଜଟା ଦେଖି ସେ କେମିତି ପ୍ରତିକ୍ରିୟା ଜଣାଇବ ଜାଣିପାରି ନଥିଲା। ଜୁଲିଆନା ପ୍ରତି ଟିକେ ଆତ୍ମୀୟତା ଆସିଲା। ରାଜୀବର ମନକୁ ଆସିଲା – ନିଜ ଲୋକ, ନିଜ ସାଙ୍ଗ ଓ ବନ୍ଧୁ ପରିଜନ ପାଞ୍ଚ ବର୍ଷରେ ପରସ୍ପରଙ୍କୁ ଭୁଲି ଯାଆନ୍ତି। କୋଉ କେତେ ଦୂର ଓ ଅନ୍ୟ କୋଉ ଦେଶ ଓ ସଂସ୍କୃତିର ଅଜଣା ମଣିଷ କଥାତ ପୁଣି କେତେ ଅଲଗା !

ମେସେଜ ଆଦାନ ପ୍ରଦାନରୁ ସେ ବୁଝିଲା ଯେ ଜୁଲିଆନା ପୁଣି ଥରେ ଗୋଆ ଆସୁଛି ଏବଂ ତାକୁ ଭଲ ଲାଗିବ ଯଦି ତା'ର ରାଜୀବ ସଙ୍ଗେ ଦେଖା ହେବ। ଅବଶ୍ୟ ଯଦି ରାଜୀବର ସମୟ ଥିବ ଏବଂ ଇଚ୍ଛା ଥିବ। ପ୍ରସ୍ତାବଟା ପଢ଼ି ରାଜୀବକୁ ଖୁସି ଲାଗିଲା। ମନଟା ହାଲୁକା ଲାଗିଲା। ବହୁତ ଦିନ ହେଲା ସେ କାମରୁ ବିରତି ନେଇ ନଥିଲା ଏବଂ ଗୋଟେ ଚିଡିଚିଡ଼ା ସ୍ୱଭାବ ଯେମିତି ତା' ମୁଣ୍ଡକୁ ପଶୁଥିଲା। ସେ ଭାବିଲା ଦେଖା ହେଲେ ଭଲ ହେବ। ସମୟ, ପରିସ୍ଥିତି ଓ ଜଳବାୟୁର ପରିବର୍ତ୍ତନ ସହିତ କାମରୁ ଟିକେ ମୁକ୍ତି ବି ମିଳିଯିବ। ଏମିତିବି ପାଞ୍ଚ ବର୍ଷ ତଳେ ଜୁଲିଆନା ସଙ୍ଗେ କଟାଇଥିବା ସମୟ କିଛି ଖରାପ ନଥିଲା। ରାଜୀବ ହଁ କଲା ଏବଂ ଜୁଲିଆନା ରହିବା ପାଇଁ ସ୍ଥିର କରିଥିବା ହୋଟେଲରେ ହିଁ ବୁକିଂ କଲା।

ହୋଟେଲ ବୁକିଂ ପରେ ମାଆଙ୍କୁ ସେ ତା' ପ୍ଲାନ ବିଷୟରେ ଜଣାଇଲା। ଜୁଲିଆନା କଥା ବି ଉଲ୍ଲେଖ କଲା। ମାଆଙ୍କର ସଂକ୍ଷିପ୍ତ ଉତ୍ତର – "ଏତେଦିନ ହେଲା ଖାଲି କାମ କରୁଛୁ, ଯାଆ ବୁଲି ଆସିବୁ, ଭଲ ଲାଗିବ।"

ଟାକ୍ସି ଆସି ହୋଟେଲ ସମ୍ମୁଖରେ। ରାଜୀବ ରିସେପସନକୁ ପହଞ୍ଚୁ ପହଞ୍ଚୁ ହିଁ ଜୁଲିଆନା ସଙ୍ଗେ ଭେଟ ହେଲା। ଜୁଲିଆନା ତାକୁ ଗୋଟେ ପ୍ରକାରେ କୁଣ୍ଢାଇ ନେଉ ନେଉ ପଚାରିଲା – "ହାଓ ଆର୍ ୟୁ ?"

"ଗୁଡ଼"।

"ୟୁ ଆର ଲୁକିଙ୍ଗ ଗୁଡ଼।" - କହି ହସିଲା ଜୁଲିଆନା। ରାଜୀବ ବି। ବର୍ଷେ ହେଲା ରାଜୀବ ଟିକେ ନିଜ ସ୍ୱାସ୍ଥ୍ୟ ପ୍ରତି ସଜାଗ ହୋଇଛି। ଠିକ ସମୟରେ ଖାଉଛି ଏବଂ ଅତି କମ୍‌ରେ ସପ୍ତାହରେ ପାଞ୍ଚ ଦିନ ଠିକ ସମୟରେ ଶୋଇବାକୁ ଚେଷ୍ଟା କରୁଛି। ତିନି ଚାରି ଥର ଟେନିସ ଖେଳୁଛି। ସମୟ ପାଇଲେ ଦି ତିନି କିଲୋମିଟର ଚାଲୁଛି। ତାକୁ ବୁଝାପଡିଛି ଯେ ସେ ସୁସ୍ଥ ରହିବା ଜରୁରୀ। ମାଆ ବି ତ ଏକୁଟିଆ। କିଛି ହେଲେ ତାକୁ ହିଁ ସମ୍ଭାଳିବାକୁ ପଡ଼ିବ।

"ଲେଟ ମି କିପ ମାଇଁ ବ୍ୟାଗ ଏଣ୍ଡ ଦେନ ଉଇ କେନ ହାଭ କଫି" – କହିଲା ରାଜୀବ। ଜୁଲିଆନା ମୁଣ୍ଡ ହଲାଇଲା।

"ୟୁ ନୋ, ଦେୟାର ଇଜ ଏ କଫି ବୁକସପ ନିୟର। ଉଇ କେନ ଗୋ ଦେୟାର" – ଜୁଲିଆନା କହିଲା। ରାଜୀବ ହଁ କରି ଗୁଗୁଲ ମ୍ୟାପ ଦେଖିଲା। ଆଠଶହ ମିଟର ଦୂର। ରାସ୍ତାରେ ଚାଲୁ ଚାଲୁ ରାଜୀବକୁ ବହୁତ ଦିନ ପରେ ପ୍ରଥମ ଥର ପାଇଁ ଏକୁଟିଆ ଲାଗୁ ନଥିଲା କି ମନକୁ ଆବୁରୁ ଜାବୁରୁ ଚିନ୍ତା ଆସୁ ନଥିଲା। ତା ମନକୁ କେବଳ ଗୋଟିଏ ପ୍ରଶ୍ନ ଆସୁଥିଲା ପୂର୍ବ ଥର ଦେଖାରେ ଜୁଲିଆନା କହିଥିଲା ତା ବୟଫ୍ରେଣ୍ଡ କୌଣସି କାରଣରୁ ଆସିପାରି ନଥିଲା; କିନ୍ତୁ ଏଥର ପୁଣି କଣ ହେଲା ! ସେ ଜୁଲିଆନା ସଙ୍ଗେ ଆସିନି କାହିଁକି !

"ହାଓ କମ ୟୁ ଆର ଏଲୋନ ? ୟୋର ବୟ ଫ୍ରେଣ୍ଡ ?" – ରାଜୀବ ପଚାରୁ ପଚାରୁ ଟିକେ ସଙ୍କୋଚ ବୋଧ କଲା।

"ଇଟ ଡିଡଣ୍ଟ ଓ୍ୱାର୍କ ଆଉଟ।" ଜୁଲିଆନାର ସହଜ ଉତ୍ତର।

ରାଜୀବ କାରଣ ଜାଣିବାକୁ ଇଚ୍ଛା କଲା ଏବଂ ବୁଝିଲା ଯେ ତା ବୟଫ୍ରେଣ୍ଡକୁ କାନାଡ଼ାରେ କୌଣସି ଗୋଟେ ଭଲ ନିଯୁକ୍ତି ମିଳିଲା ଏବଂ ସେ ସେଠିକି ଚାଲିଗଲା। ଲଙ୍ଗ ଡିଷ୍ଟାନ୍ସ ସଂପର୍କ ରହି ପାରିଲାନି। ଏବେ

ସେ ଏକୁଟିଆ । କିନ୍ତୁ ଖୁସି । କହୁକହୁ ଜୁଲିଆନା ହସିଲା ଏବଂ ରାଜୀବକୁ ତା ପ୍ରଶ୍ନ ଫେରାଇଦେଲା – "ହ୍ୱାଟ ଏବାଉଟ ୟୁ ?"

ରାଜୀବର ସହଜ ଉତ୍ତର – "ନୋ ଓ୍ୱାନ, ହାପିଲି ସିଙ୍ଗଲ ।" ଉତ୍ତର ଦେଉଦେଉ ରାଜୀବର ମନକୁ ଆସିଲା ଯେ ବାପା ଚାଲିଗଲା ପରେ ସେ ପ୍ରକୃତରେ ଏ ବିଷୟରେ କେବେ ବିଶେଷ ଗୁରୁତ୍ୱ ଦେଇନି । ତା'ର ସାଙ୍ଗ ସାଥୀ ଓ ସହଯୋଗୀଙ୍କ ଭିତରେ କିଛି ପୁରୁଣା ଓ ନୂଆ ଝିଅ ଅଛନ୍ତି ନିଶ୍ଚୟ ଓ ସେମାନଙ୍କ ସହିତ ସେ କେବେ କେମିତି ଅନ୍ତରଙ୍ଗ ସମୟ ବି ବିତାଇଛି, କିନ୍ତୁ କୌଣସି ଦୃଢ଼ ସଂପର୍କ ଗଢିବାର ଇଚ୍ଛା ମନକୁ ଆସିନି । ସେ ଯେମିତି ବି ଅଛି, ତାକୁ ଲାଗିଛି, ସେ ଭଲ ଅଛି ।

କଫି ବୁକ ଦୋକାନରେ ପହଞ୍ଚି ରାଜୀବକୁ ବଡ ଆଶ୍ଚର୍ଯ୍ୟ ଲାଗିଲା । ପୁରୁଣା ଶୈଳୀରେ ତିଆରି ଘର । କାଠର ପାହାଚ, କାଠର ଟେବୁଲ, ଚୌକି, ଆସବାବ ପତ୍ର । ମଶା ମାଛି ନ ଆସିବାକୁ ଘର ଚାରିକଡ଼େ ମଶାରୀ । ଛୋଟ ଲାଇବ୍ରେରୀ ଭଳି ତା' ଭିତର ଓ ମଝିରେ କଫି ପିଇବାକୁ ଟେବୁଲ । ରୁଚିପୂର୍ଣ୍ଣ । ଧଳା ଲାଇଟ । ନୂଆ ପୁରୁଣା ବହି । ଜଣେ ଚାହିଁଲେ ସେଠି ବସି କଫି ପିଉ ପିଉ ବହି ପଢି ପାରିବ କିମ୍ବା ପଢୁପଢୁ କଫି ପିଇ ପାରିବ ।

"ନାଇସ ପ୍ଲେସ ।" ଜୁଲିଆନା ଦେଖି ଖୁସି ହେଲା । ଦିହେଁ ପ୍ରଥମେ ବହି ସବୁ ଉପରେ ଦୃଷ୍ଟି ପକାଇ ନେଲେ । ଜୁଲିଆନା କିଛି ବହିର ପୃଷ୍ଠା ଖୋଲି ଦେଖିବାକୁ ଲଗିଲା । ରାଜୀବ ବି । ରାଜୀବ କୁ ଦେଖାଗଲା ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଲିଖିତ "ଦି ହିନ୍ଦୁ ଭିୟୁ ଅଫ ଲାଇଫ୍" । ରାଜୀବ ଏ ବହିଟି ହାଇସ୍କୁଲରେ ଥିଲା ବେଳେ ପଢ଼ିଥିଲା । ତାକୁ ଭଲ ଲାଗିଥିଲା । ବାପା କି ମାଆଙ୍କୁ ସେ ସେମିତି ପୂଜାପାଠ କି ମନ୍ଦିର ଦର୍ଶନ କରିବା ଦେଖି ନଥିଲା । ଦିହେଁ ପ୍ରାୟ କର୍ମଯୋଗୀ । ଘରେ କେବଳ ହାତୀ ମୁଣ୍ଡିଆ ଗଣେଶ ଏବଂ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ କାଠ ମୂର୍ତ୍ତି । ଦିନେ ସ୍କୁଲରୁ ଲେଉଟି ସେ ମାଆଙ୍କୁ ହିନ୍ଦୁ ଧର୍ମ ବିଷୟରେ ପଚାରିଲା, ଏବଂ ମା' ତାକୁ ଏ ବହିଟି ଧରାଇ ଦେଲେ ।

ରାଜୀବ ଲକ୍ଷ୍ୟ କଲା କଫି କାଉଣ୍ଟର ପାଖରେ କାମ କରୁଥିବା ଝିଅଟି ଏବେ ସେମାନଙ୍କ ଆଡକୁ ଦୃଷ୍ଟି ନିକ୍ଷେପ କଲାଣି । ଆଖିରେ ଆଖିରେ ପଚାରିବାକୁ ଚାହିଁଲାଣି – "ଖାଲି ବହି ଦେଖା ହେବ ନା କିଛି କଫି ବି ପିଆ ହେବ !" ରାଜୀବ ତାକୁ ଆଖିର ଇସାରାରେ କହିଲା – "ଆସୁଛୁ, ଟିକେ ଅପେକ୍ଷା କର ।" ଝିଅଟି ମୃଦୁ ହସିଲା ।

"ଇଣ୍ଟେରେଷ୍ଟିଂ" – କହୁକହୁ ଜୁଲିଆନା ରାଜୀବ ପାଖକୁ ଲାଗି ଆସିଲା ।

"ସୁଡ୍ ଉଇ ଅର୍ଡର ସମ୍ କଫି ? ହ୍ୱାଟ୍ ଡୁ ୟୁ ଲାଇକ ?" – ରାଜୀବ ଜୁଲିଆନା କୁ ପଚାରିଲା ।

"ଲେଟ୍ ମି ସି ।" କହି ଜୁଲିଆନା କଫି ବୋର୍ଡ ଆଡକୁ ଦେଖିଲା । "କାଫେ ମୋକା ।"

ରାଜୀବ ଦି କପ୍ ମୋକା ଓ ଗୋଟେ ବଡ଼ ପିସ ଚକଲେଟ କେକ ବରାଦ ଦେଲା । ଜୁଲିଆନା ପଇସା ବାହାର କରୁଥିଲା । ରାଜୀବ ମନା କଲା । "ୟୁ ଆର ମାଇଁ ଗେଷ୍ଟ ।" - କହିଲା ରାଜୀବ । "ଥାଙ୍କ ୟୁ" କହି ହସିଲା ଜୁଲିଆନା ।

"ଟ୍ରାଏ ଦି ଇଣ୍ଡିଆନ କେକ୍ ।" କଫି ଟେବୁଲରେ ବସୁବସୁ କହିଲା ରାଜୀବ । ସେ ଜାଣେ ୟୁରୋପରେ କେକ୍ ତିଆରି କରିବାର ପରମ୍ପରା ଓ ଇତିହାସ । ସେ ବାପା ମାଙ୍କ ସଂଗେ ଯେତେବେଳେ ପ୍ୟାରିସ ଯାଇଥିଲା ସେତେବେଳେ ସେ ଭେଳିକି ଭେଳି କେକ ଓ ଚକଲେଟ ଚାଖିଥିଲା ।

"ନଟ୍ ବ୍ୟାଡ ।" ଜୁଲିଆନା ଗୋଟେ ଚାମଚ ପାଟିରେ ପକାଇ ତା'ର ସ୍ୱାଦ ଚାଖୁ ଚାଖୁ କହିଲା । କଫି ଓ କେକ ଖାଉଖାଉ ଦିହିଁଙ୍କ ଭିତରେ ବାର୍ତ୍ତାଳାପ ବଢି ଚାଲିଲା । ରାଜୀବ ବୁଝିଲା ଯେ ଜୁଲିଆନାର ବୟଫ୍ରେଣ୍ଡ ଚାଲିଗଲା ପରେ ସେ ଏବେ ଏକୁଟିଆ ଏବଂ ନିକଟ ଭବିଷ୍ୟତରେ ସେମିତି କୌଣସି ସମ୍ପର୍କ ସ୍ଥାପନ କରିବାର ସ୍ପୃହା ନାହିଁ । ହଠାତ ତା' ମନକୁ ଦିନେ ଆସିଲା ଯେ ସେ ପୁଣି ଥରେ ଭାରତ ବୁଲି ଆସିବ ଏବଂ ମୁଖ୍ୟତଃ ଗୋଆରେ କିଛି ସମୟ କାଟିବ । ପ୍ରାକୃତିକ ପରିବେଶ, ସମୁଦ୍ର, ଆତ୍ମୀୟତା ଇତ୍ୟାଦିକୁ ପୁଣିଥରେ ଅନୁଭବ କରିବ । ରାଜୀବ ଆଉ ବି ଜାଣିବାକୁ ପାଇଲା ଯେ ଭାରତ ଆସିବା କଥା ଠିକ କରୁକରୁ ରାଜୀବ କଥା ତା' ମନକୁ ଆସିଲା ଏବଂ ସେ ଏମିତି ତାକୁ ମେସେଜ କରିଥିଲା । ତା'ର ବିଶ୍ୱାସ ନ ଥିଲା ଯେ ରାଜୀବ ତାକୁ ମନେ ରଖିଥିବ ଏବଂ ତା ମେସେଜ ର ଉତ୍ତର ବି ଦେବ ।

କଫି ସପ୍‌ରୁ ବାହାରିଲା ବେଳକୁ ପ୍ରାୟ ସନ୍ଧ୍ୟା । ଦୁଇ ଶହ ମିଟର ଦୂରରେ ସମୁଦ୍ର କୂଳ । ବାଲିକୁ ଲାଗି ଖାଇବା ଓ ପିଇବା ଢାବା । ଢାବା ସାମ୍ନାରେ ଚଉକି ଓ ଟେବୁଲ । ବସି ଆରାମରେ ସମୟ କାଟିବାକୁ । ନିଜ ବିଷୟରେ ଭାବିବାକୁ । କିମ୍ବା ସାଙ୍ଗ ସାଥୀ ବନ୍ଧୁ ପରିଜନଙ୍କ ସହିତ ଆତ୍ମୀୟ ସମୟ କାଟିବାକୁ । ରାଜୀବ ଦ୍ୱିତୀୟ ଥର ପାଇଁ ଗୋଆ ଆସିଛି ଏବଂ ଏଥର ତା' ସଙ୍ଗେ ଜଣେ ବିଦେଶରୁ ଆସିଥିବା ଝିଅଟିଏ ଅଛି ।

ରାଜୀବର ଟିକେ ଆଲୁ ଦୋଷ । ବହୁତ ସମୟରେ ସେ ଅନ୍ୟ ସାଥୀ କିମ୍ବା ସହଯାତ୍ରୀ ପ୍ରତି ଉଦାସୀନ ହୋଇଯାଏ । ସେ ପ୍ରକାର ଉଦାସୀନତା କିନ୍ତୁ ଜୁଲିଆନା ପ୍ରତି ଏଯାଏଁ ଆସିନି । ବରଂ ଜୁଲିଆନାର ସଙ୍ଗ ତା' ଭିତରେ ଉତ୍ସାହ ଭରି ଦେଇଛି ଏବଂ ତା' ମନକୁ ତାଜା କରି ଦେଇଛି ।

ସମୁଦ୍ର ଢେଉର ଆକର୍ଷଣ ଖୁବ୍ ଅଲଗା । ଯେତେ ଦେଖିଲେ ବି ନୂଆ । ପ୍ରତି ଢେଉର ଗତିରେ ପ୍ରକୃତି ଓ ପ୍ରତି ପ୍ରକୃତି ନୂଆ । ଯେମିତି ପ୍ରତି ମଣିଷର ପ୍ରକୃତି । ନୂଆ ଓ ଅଲଗା । ଯେମିତି ରାଜୀବର । ଯେମିତି ଜୁଲିଆନାର । କାହିଁ କେତେ ଦୂରରୁ ଆସିଛି ଜୁଲିଆନା ପୃଥିବୀର ଏ ଭୂ ଖଣ୍ଡକୁ । କ'ଣ ପାଇଁ ? ସ୍ୱେଡେନ ପାଖରେ କ'ଣ ସମୁଦ୍ର ନାହିଁ ନା ପାଣିର ଅଭାବ ! ପୁରା ବାଲଟିକ ସମୁଦ୍ର ତା' ପାଖରେ । ତା ପୂର୍ବପୁରୁଷ ନର୍ଶ ସଭ୍ୟତାର ଉତ୍ତରାଧିକାରୀ ଓ ସେମାନଙ୍କର ଜଳଯାତ୍ରା ଇତିହାସ ପ୍ରସିଦ୍ଧ । ତଥାପି ସେ ଏଠି । ଏକ ଭିନ୍ନ ଭୂ-ଭାଗରେ । ମଣିଷର ଚରିତ୍ର ବୋଧହୁଏ ସେ ସମୁଦ୍ର ଢେଉ ପରି । ଉପର ତଳ ହୋଇ ବୋହୁଥିବ ଏବଂ ଲହଡ଼ି ଭାଙ୍ଗୁଥିବ ।

ପ୍ରାୟ ଘଣ୍ଟାଏ ଖଣ୍ଡେ ସମୁଦ୍ର ବେଳାରେ ବୁଲିଲା ପରେ ଗୋଟିଏ ଢାବା ସାମ୍ନାରେ ଅଟକିଲେ ରାଜୀବ ଓ ଜୁଲିଆନା । କୋଉ ପୁରୁଣା ହିନ୍ଦୀ ଗୀତର ସ୍ୱର ଓ ବାଦ୍ୟ – "ଆ ଜାନା ଦିଲ ହେ ଦିଓ୍ୱାନା ।" ବେଳାଭୂମିରେ

କିଛି ଭିଡ଼। କିଛି ପରିବାର, ପିଲା, ସାଙ୍ଗ ଓ ପ୍ରେମୀ। ଜୁଲିଆନାର ଫ୍ରକ ଅଧା ଓଦା ଏବଂ ରାଜୀବର ପ୍ୟାଣ୍ଟ। ଅଧା ଦେହରେ ସମୁଦ୍ର ବାଲି। କିଛି ଶୁଖିଲା, କିଛି ଓଦା।

"ଇନ୍ ଇଣ୍ଡିଆ ୟୁ ମଷ୍ଟ୍ ନଟ୍ ବି ଫିଲିଙ୍ଗ ଲୋନଲି। ସୋ ମେନି ପିପୁଲ।" ଜୁଲିଆନା ଢାବାର ଗୋଟିଏ କୋଣରେ ବସୁ ବସୁ ମନ୍ତବ୍ୟ ଦେଲା। "ୟୁ କେନ୍ ଆଲୱେଜ ଫିଲ୍ ଲୋନ୍‌ଲି ଇଭିନ ଇନ ଏ କ୍ରାଉଡ।" ଟିପ୍ପଣୀ କଲା ରାଜୀବ। ଜୁଲିଆନା ରାଜୀବ ମୁହଁକୁ ସିଧା ଦେଖିଲା। "ହାଁ, ଫିଲୋସଫିକଲ୍" ତା' ଓଠରେ ସ୍ମିତ ହସଟିଏ ଉକୁଟି ଉଠିଲା। ରାଜୀବକୁ ଟିକେ ଲାଜ ଲାଗିଲା। ସେ ଚିଙ୍ଗୁଡ଼ି ଭଜା ବରାଦ କଲା।

"କେନ ୟୁ ହାଣ୍ଡେଲ ଦି ସ୍ପାଇସେସ ?" ପଚାରିଲା ରାଜୀବ।

"ସୁଡ୍ ବି ଓକେ" – କହିଲା ଜୁଲିଆନା। ୟୁରୋପର ଲୋକେ ବେଶୀ ଲଙ୍କା ଖାଇ ପାରନ୍ତିନି, ସେ କଥାକୁ ମନରେ ରଖି ପଚାରିଲା ରାଜୀବ।

"ସମ୍ ହ୍ୱାଇଟ ୱ୍ ଇନ ?"

"ୟେସ, ସିଓର୍।" ମୁଣ୍ଡ ଟୁଙ୍ଗାରିଲା ଜୁଲିଆନା।

ରାତିର ବୟସ ବଢି ଚାଲିଲା। ଜେଟ ଲାଗ ପାଇଁ ଜୁଲିଆନାର ଆଖି ମୁଦି ଆସୁଥିଲା। ରାଜୀବ ଜାଣି ପାରୁଥିଲା।

"ସୁଡ଼ ଉଇ ହାଭ ସମ ଡିନର ?" ପଚାରିଲା ରାଜୀବ, ଯଦିଓ ସେ ଅନୁମାନ କରିଥିଲା ଯେ ଏ ଢାବାରେ ବସି ସେମାନେ ବେଶ କିଛି ଖାଇ ସାରିଲେଣି।

"ଆଇ ଆମ ଫୁଲ୍। ଆଇ ଥିଙ୍କ୍ ଆଇ ସୁଡ୍ କ୍ୟାଚ ସମ୍ ସ୍ଲିପ।" କହି ଉଠିବାକୁ ଚେଷ୍ଟା କଲା ଜୁଲିଆନା। ରାଜୀବ ତାକୁ ସାହାଯ୍ୟ କଲା।

ହୋଟେଲରେ ପହଞ୍ଚି ରାଜୀବ ଜୁଲିଆନାକୁ ତା' କୋଠରୀ ପାଖରେ ଛାଡ଼ିଦେଲା। ଜୁଲିଆନା "ଗୁଡ୍ ନାଇଟ୍" କହୁକହୁ ତା' ଗାଲରେ ଚୁମାଟିଏ ଦେଲା ଏବଂ କବାଟ ବନ୍ଦକଲା। ରାଜୀବକୁ ଲାଗିଲା ଏ ଚୁମାଟି ପାଞ୍ଚବର୍ଷ ତଳେ ଜୁଲିଆନା ଦେଇଥିବା ଚୁମାର ଅନୁପୂରକ।

ପରଦିନ ସକାଳେ ପୁଣି ଏକସଙ୍ଗେ ଜଳଖିଆ। ଜୁଲିଆନାକୁ ଭାରତୀୟ ଜଳଖିଆ ଖାଇବାକୁ ଆଗ୍ରହୀ, କିନ୍ତୁ ଜାଣି ପାରୁନି କେମିତି ଖାଇବ। ରାଜୀବ ତାକୁ ହାତରେ ଦୋଷା ଖାଇବା ଶିଖାଇଲା। ସମ୍ବର ଓ ରସମର ବିବରଣୀ ଦେଲା। ଜୁଲିଆନା ଦୋଷାଟା ଚାଖି ଖୁସି ହେଲା, କିନ୍ତୁ ସମ୍ବରଟା ପାଟିରେ ଦେଉଦେଉ ତା'ର ଜିଭ ପଡିଗଲା। ରାଜୀବ ତାକୁ ଫଳରସ ଦେଲା, ଥଣ୍ଡା ପାଣି ପିଆଇଲା ଆଉ ମିଠା ଦହି ଖୁଆଇଲା।

ଜୁଲିଆନା ଟିକେ ନିଜକୁ ସମ୍ଭାଳି ନେଲା ପରେ ରାଜୀବକୁ ଅନାଇଲା। ହସି ହସି କହିଲା – "ଆଇ କାଣ୍ଟ ବି ୟୋର ପାର୍ଟନର ଇଫ୍ ୟୁ ମେକ ମି ଇଟ ଦିସ୍।" ରାଜୀବ ହସିଲା। ଜୁଲିଆନା, ପୁଣି ତା ପାର୍ଟନର ! ଦିଲ୍ଲୀରେ ଯୋଉ ଟ୍ରାଫିକ୍, ଭିଡ଼, ପୁଣି ଜଳବାୟୁ, ପ୍ରଦୂଷଣ। ଜୁଲିଆନା କ'ଣ କୌଣସି ବି ୟୁରୋପୀୟ ମଣିଷ ଦିଲ୍ଲୀ ଏରିଆରେ ରହିବା କଷ୍ଟ।

ଦିହେଁ ଦିନ ତମାମ ଏକା ସଙ୍ଗେ। ଜୁଲିଆନା ଗୋଆର ପର୍ତ୍ତୁଗୀଜ କଲୋନୀ ଦେଖିବାକୁ ଚାହିଁଥିଲା। ପର୍ତ୍ତୁଗୀଜ କଳା, ସ୍ଥାପତ୍ୟ, ଘର କରିବା ପ୍ରଣାଳୀ। ଗୀର୍ଜା ଘର, ନୂଆ ପୁରୁଣା ସଭାଗୃହ। ଇତିହାସ। ତା' ସାଙ୍ଗକୁ ପର୍ତ୍ତୁଗୀଜ ଖାଇବା। ରାଜୀବ ଲକ୍ଷ୍ୟକଲା, ଜୁଲିଆନାର ବିଭିନ୍ନ ଖାଦ୍ୟ ଚାଖିବାକୁ ଇଚ୍ଛା। ରାଜୀବକୁ ତା'ର ଏ ସ୍ୱଭାବଟା ଭଲ ଲାଗୁଥିଲା। ସନ୍ଧ୍ୟା ହେଲା ବେଳକୁ ତାକୁ ଖୁବ୍ ହାଲିଆ ଲାଗୁଥିଲା। ସେ କିଛି ସମୟ ବିଶ୍ରାମ କରି ଗାଧୋଇ ପାଧୋଇ ଟିକେ ବିଳମ୍ବ ରାତିରେ ରାତ୍ରି ଭୋଜନ କରିବାର ପ୍ରସ୍ତାବ ଦେଲା। ଜୁଲିଆନା ରାଜିହେଲା। ସେ ବି ବୋଧହୁଏ ସେୟା ହିଁ ଚାହୁଁଥିଲା।

କାହାର ଡାକରେ ରାଜୀବର ଆଖି ଖୋଲିଲା। ରାତି ନଅଟା ପାଖାପାଖି। ସେ ସେମିତି ଅସଜଡ଼ା ଅବସ୍ଥାରେ ଦ୍ୱାର ଖୋଲିଲା। ସାମ୍ନାରେ ଜୁଲିଆନା। ତାକୁ ଟିକେ ଲାଜ ଲାଗିଲା। ନିଜକୁ ସଜାଡ଼ିବାର ବ୍ୟର୍ଥ ପ୍ରୟାସ କଲା।

"ୟୁ ଆର୍ ଷ୍ଟିଲ୍ ସ୍ଲିପିଂ ?"

"ୟେ, ଆଇ ଫେଲ୍ଟ ଟାୟାର୍ଡ଼।"

"କେନ୍ ଆଇ କମ ଇନ୍ ?"

"ଓ ୟେସ୍, ପ୍ଲିଜ" କହି ରାଜୀବ ଦ୍ୱାର ପୁରା ଖୋଲିଦେଲା। ଜୁଲିଆନା ସୋଫାରେ ବସିଲା ଏବଂ କୋଠରୀ ଚାରିକଡେ ଦୃଷ୍ଟି ପହଁରାଇ ନେଲା। ରାଜୀବ ନିଜକୁ ସଜାଡୁ ସଜାଡୁ କହିଲା – "ଦି ରୁମ୍ ଇଜ୍ ଏ ମେସ୍।" "ଡୋଣ୍ଟ ବଦର, ଆଇ ଲାଇକ ମେସି ରୁମ" କହି ଜୁଲିଆନା ଟିକେ ଜୋରରେ ହସିଲା। ରାଜୀବ ଆହୁରି ସଂକୁଚିତ ହେଲା। "ଫିଲିଙ୍ଗ ହଂଗ୍ରୀ। ଗେଟ୍ ରେଡି ଆଣ୍ଡ କମ। ଆଇ ଆମ ୱେଟିଂ ୟୁ ଇନ୍ ଦ ଲବି" – କହି ଜୁଲିଆନା ଚାଲିଗଲା।

ରାଜୀବ ଲକ୍ଷ୍ୟ କଲା ଜୁଲିଆନା ସୁନ୍ଦର ଡ୍ରେସ୍‌ଟିଏ ପିନ୍ଧିଛି। କାନରେ ଲାଗିଥିବା ଷ୍ଟଡ଼ ଦିଟା ବିଜୁଳୀ ଆଲୁଅରେ କେବେ କେମିତି ଝଲସି ଉଠୁଛି। ମୋଟାମୋଟି ସେ ଖୁବ୍ ଆକର୍ଷଣୀୟ ଦେଖାଯାଉଛି।

"ଲୁକିଙ୍ଗ ପ୍ରୀଟି – ଡ୍ରେସ୍‌ଡ଼ ଫର୍ ଦି ନାଇଟ୍" – ରାଜୀବ ଜୁଲିଆନାର ସୁନ୍ଦରତାକୁ ପ୍ରଶଂସା କଲା। ଜୁଲିଆନା ଅଳ୍ପ ହସି ଧନ୍ୟବାଦ କଲା ଏବଂ ପାଞ୍ଚବର୍ଷ ତଳେ ଯୋଉ ବାର୍‌ରେ ତାଙ୍କର ପ୍ରଥମେ ଦେଖା ହୋଇଥିଲା ସେଠିକି ଯିବାର ପରାମର୍ଶ ଦେଲା।

"ଗୋଆ ପବ୍"ର ପରିବର୍ତ୍ତନ କିଛି ନାହିଁ କହିଲେ ଚଳେ। ସେ ରାତି ପରି ଏ ରାତି ବି ଗହଳି। "ସାର୍, ପ୍ଲିଜ କମ୍ ଦିସ୍ ସାଇଡ୍" – କହି ବାଟ କଢ଼ାଇଲା ବାର୍‌ର ଝିଅଟି। ପାଣି ପାଖକୁ ସେ ଟେବୁଲ। ସ୍ମାର୍ଟ। ତାକୁ ବୋଧହୁଏ ଜଣା କୋଉ ଗରାଖର କ'ଣ ଦରକାର।

ପୁଣି ସେଇ ମୋହିତୋର ବରାଦ, ଆଉ କିଛି ଆଳୁ ଫ୍ରାଏ। ଜୁଲିଆନା ଗୋଆର ପ୍ରଶଂସା କରୁଥିଲା। ରାଜୀବକୁ ତା ସଂଗେ ଆସିଥିବାରୁ କୃତଜ୍ଞତା ଜଣାଉ ଥିଲା। ରାଜୀବ ଶୁଣୁଥିଲା। ନିଜକୁ ପ୍ରଶ୍ନ ପଚାରୁଥିଲା ଏତେ ଅଳ୍ପ ସମୟରେ ତାକୁ ଜୁଲିଆନା ଏତେ ଆପଣାର ଲାଗୁଛି କେମିତି ! ତା'ର, ଭାଷା, ଜୀବନ ଓ ସଂସ୍କୃତି ସବୁ ଅଲଗା। ତଥାପି ! ରାତିର ବୟସ ଗଡ଼ି ଚାଲିଲା।

ହୋଟେଲକୁ ଫେରୁ ଫେରୁ ମଧ୍ୟରାତ୍ର ସେପାରି। ରାଜୀବ ଜୁଲିଆନାକୁ ତା କୋଠରୀ ପର୍ଯ୍ୟନ୍ତ ଛାଡିବାକୁ ଗଲା।

"କମ୍ ଇନ୍। ଦିସ୍ ଇଜ୍ ଆଓ୍ୱାର ଲାଷ୍ଟ୍ ନାଇଟ୍।" - କହୁକହୁ ଜୁଲିଆନା ଦ୍ୱାର ଖୋଲିଲା। ରାଜୀବକୁ ଏବେ ବୁଝା ପଡିଲା ଯେ, ବାସ କେବଳ ଆଜି ରାତି, ତା'ପରେ କାଲି ସକାଳୁ ଦୁହେଁ ଏୟାରପୋର୍ଟ ଏବଂ ତା'ପରେ ଜୁଲିଆନା ତା ଦେଶକୁ, ଆଉ ରାଜୀବ ତା'ର ପୁରୁଣା ଜୀବନକୁ।

ରାଜୀବ ସୋଫାରେ ବସିଲା। ଜୁଲିଆନା ତା' ବେଡ୍‌ରେ। ପିଠି ପଛରେ ଦି ଟା ତକିଆ। ଦୁହେଁ ଦିହିଁଙ୍କି ସିଧା ସଳଖ ଚାହିଁଲେ କିଛି ସମୟ। ରାଜୀବ ଓଠରେ ହସ। ଜୁଲିଆନାର ବି। "ଥ୍ୟାଙ୍କ ୟୁ ଫର୍ ରିମେମ୍ବରିଙ୍ଗ ମି। ଆଇ ହୋପ୍ ୟୁ ଲାଇକଡ଼ ମାଇ କମ୍ପାନୀ ?" ରାଜୀବ କହିଲା। ଜୁଲିଆନା ହସି ହସି କହିଲା – "ଅଫ୍ କୋର୍ସ। ଲାଷ୍ଟ ଟାଇମ୍ ଉଇ ମେଟ୍, ଫାଇଭ୍ ଇଅର୍ସ ବ୍ୟାକ, ଆଇ ଫେଲଟ ସମ କନେକ୍ସନ। ଦିସ୍ ଟାଇମ୍ ଆଇ କନଫାର୍ମଡ଼ ଇଟ।"

ରାଜୀବକୁ ଖୁବ୍ ଖୁସି ଲାଗିଲା। ସେ ବି ତା' ଭିତରେ ଅନୁଭବ କରିଛି ଜୁଲିଆନା ପ୍ରତି ତା'ର ଆକର୍ଷଣ ବଢ଼ିଛି। ତା'ର ଅବସ୍ଥିତି ଓ ସଙ୍ଗ ତାକୁ ଭଲ ଲାଗୁଛି। ତା' ଭିତରେ ଏକ ପ୍ରକାର ସ୍ଥିରତା ଆଣିଛି। ଆନନ୍ଦ ଦେଇଛି। ସେ ଏମିତି କେବେ ଆଗରୁ ବୋଧ କରି ନଥିଲା। ଜୁଲିଆନା ପଦ୍ମ ପତ୍ର ଉପର ଶିଶିର। ନିଟୋଳ। ଚକଚକ। ମନେ ମନେ ଭାବୁଥିଲା ଏହାକୁ ବୋଧହୁଏ ଭଲ ପାଇବା କୁହନ୍ତି। କୁହନ୍ତି ପ୍ରେମ। କିନ୍ତୁ ଏସବୁ ଅଳୀକ। କ୍ଷଣସ୍ଥାୟୀ। ସକାଳ ହେଲେ ବିଚ୍ଛେଦ। ରାଜୀବ ଭିତରେ ବିଷାଦ ଖେଳିଗଲା।

ରାଜୀବ ମେଲାଣି ମାଗିବାକୁ ସୋଫାରୁ ଉଠିଲା। ଜୁଲିଆନା ବି। ପାରମ୍ପରିକ ହଗ୍ କରି ଚୁମାଟିଏ ଦେଉଦେଉ ଜୁଲିଆନାର ଓଠ ରାଜୀବର ଓଠ ଛୁଇଁଲା। ସେଇଠି କୋଉଠି ଲୁଚିଥିଲା ଅବୁଝା ପାଉଁଶ, ପାଉଁଶରୁ ଜୁଇ ଓ ଜୁଇରୁ ନିଆଁ।

ସକାଳୁ ଉଠିଲା ବେଳକୁ ଜୁଲିଆନା ବିମାନ ବନ୍ଦରକୁ ଯିବାକୁ ସଜାଡି ହେଉଥିଲା। ହସି ହସି ରାଜୀବକୁ ପଚାରିଲା – "ଅଲ୍ ଗୁଡ଼ ?" ରାଜୀବ ସମୟ ଦେଖୁଦେଖୁ ଉତ୍ତରଦେଲା – "ୟେସ୍। ଲେଟ୍ ମି ଗେଟ ରେଡି କ୍ୱିକଲି।" ରାଜୀବ ନିଜ କୋଠରୀକୁ ଫେରି ନିଜକୁ ସଜାଡ଼ିଲା।

ଟାକ୍ସିରେ ବସିବା ପରେ ହିଁ ରାଜୀବର ମନେ ପଡିଲା ଗତ ରାତିର ଅନୁଭୂତି। ବୋଧହୁଏ ଆଗକୁ ବହୁତ ବର୍ଷ ଯାଏଁ ଅଭୁଲା ରହିବ। ଜୁଲିଆନା ବି ଯେମିତି ଚୁପ୍ ହୋଇ ଯାଇଥିଲା। ବାହାରକୁ ଦେଖି କ'ଣ ଅନୁଭବ କରିବାକୁ ଚାହୁଁଥିଲା କେଜାଣି। ରାଜୀବ ହାତ ପାପୁଲି ଉପରେ ଜୁଲିଆନାର ହାତ। ଆଙ୍ଗୁଠି ସବୁ ପରସ୍ପରର ସ୍ପର୍ଶରେ ଶିହରି ଉଠୁଥିଲେ ଯାହା।

ଏୟାରପୋର୍ଟରେ ପହଞ୍ଚି ନିଜ ନିଜ ଗନ୍ତବ୍ୟ ରାସ୍ତାରେ ଆଗକୁ ବଢିଯିବା ପୂର୍ବରୁ ଜୁଲିଆନା କହିଲା – "ସୋ, ହିଅର ଉଇ ଆର।" ରାଜୀବ ଜୁଲିଆନାକୁ କୁଣ୍ଢାଇ ଧରିଲା। ଜୁଲିଆନା ବି। ରାଜୀବର ଇଚ୍ଛା ହେଉଥିଲା ଜୁଲିଆନାକୁ ରୋକିବାକୁ। ସବୁଦିନ ପାଇଁ। କିନ୍ତୁ ସେ ସେମିତି କିଛି କହି ପାରିଲାନି। "ଉଇଲ ୟୁ ଏଭର କମ ଟୁ ସ୍ୱିଡେନ ?" ଜୁଲିଆନା ପଚାରିଲା। ରାଜୀବ ପାଖେ କିଛି ସଠିକ ଉତ୍ତର ନଥିଲା। "ଡୋଣ୍ଟ ନୋମ, ଉଆନ୍ କେନ ନେଭର ନୋ।" - କହିଲା ରାଜୀବ। "ଇଫ୍ ୟୁ ଏଭର କମ୍ ଟୁ ସ୍ୱିଡେନ, ପ୍ଲିଜ ଲେଟ୍ ମି ନୋ। ଆଇ ଉଇଲ ନଟ୍ ଚେଞ୍ଜ ମାଇଁ ଫୋନ ନମ୍ବର" - କହି ଚୁମାଟେ ଦେଲା ଜୁଲିଆନା। ରାଜୀବ ଲକ୍ଷ୍ୟ କଲା ଜୁଲିଆନାର ସବୁଜ ଆଖିରେ ଢଳ ଢଳ ଲୁହ। "ସିଓର୍" କହୁକହୁ ରାଜୀବର ଛାତିରୁ କୋହ ଉଠିଲା। ନିଜକୁ ସମ୍ଭାଳି ନେଲା ବେଳକୁ ଜୁଲିଆନାର ଶରୀରଟି ତା' ଦୃଷ୍ଟିରୁ ଅପସରି ଗଲା।

*ରାଷ୍ଟ୍ରଦୂତ, ବୁଲଗେରିଆ, ଦୂତାବାସ*
*ଦୂରଭାଷ: +୩୫୯୮୮୮୩୩୩୫୮୬*

**ପ୍ରକାଶ ପାଇଲା !**

କବି **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କ

# ଛନ୍ଦକାବ୍ୟ ସମଗ୍ର
## (ପ୍ରଥମ ଭାଗ)

ପ୍ରକାଶକ - ଗାୟତ୍ରୀ, ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର

# ଦେବୀ

କାଳିନ୍ଦୀ ଚରଣ ଭଞ୍ଜ

ଆମ ସମାଜର ଅଲିଖିତ, ଅଘୋଷିତ ବିଧିବିଧାନ, ନୀତି ନିୟମ ଅତି ବିଚିତ୍ର ମଧ୍ୟ ଏକତରଫା। ପୁରୁଷ ପ୍ରାଧାନ୍ୟ ସମାଜରେ ସେ ସର୍ବଦା ତୁଳସୀ, ବିଶୁଦ୍ଧ, ଖାଣ୍ଟି, ନିଷ୍କଳଙ୍କ। ସେ ସବୁଠି ହସିପାରିବ, ବସିପାରିବ, ମିଶିପାରିବ କିନ୍ତୁ ତା ସ୍ତ୍ରୀ ବାହାରକୁ ଗୋଡ଼ କାଢ଼ିଲେ, କାହା ସହିତ ଦୁଃଖ, ସୁଖରେ ଦୁଇପଦ କଥା ହୋଇଗଲେ ପାନରୁ ଚୂନ ଖସିଯାଏ। ସେ ହୋଇଯାଏ ଅସତୀ, ଦୁଶ୍ଚରିତ୍ରା, କୁଳଟା। କୌଣସି କାରଣରୁ ସ୍ୱାମୀର ଅକାଳ ବିୟୋଗ ହୋଇଗଲେ ସେ ପାଲଟିଯାଏ ପିଶାଚୀ ହତଭାଗୀ, ରାକ୍ଷାସୁଣୀ। ବିଧବା ମହିଳାଟି ଉପରେ ଅକାଳେ ବଜ୍ରପାତ ହୁଏ। ଜୀବନରେ କଳା ବାଦଲ ଘୋଟି ଆସେ। ଭଲ ପୋଷାକ ପତ୍ର ପିନ୍ଧିବା ମନା, ଭଲ ବିଛଣାରେ ଶୋଇବା ମନା। ମନା ହୁଏ ମଧ୍ୟ ମାଛ, ମାଂସ, ଘିଅ ଭଳି ଉତ୍ତେଜିତ ଖାଦ୍ୟ ଖାଇବାରେ। ଘରେ ବାହାରେ ସେ କୌଣସି ଶୁଭ ମାଙ୍ଗଳିକ କାର୍ଯ୍ୟରେ ପୁରୋଧା ଦୂରେ ଥାଉ, ସେଠାରୁ ଯିବାକୁ ବାରଣ କରାଯାଏ। ସେ ସର୍ବତ୍ର ପାଲଟିଯାଏ ଏକ ଅଶୁଭ, ଅମଙ୍ଗଳର ପ୍ରତୀକ। ସମାଜର ନିଷ୍ଠୁର, ନିର୍ଦ୍ଦୟ, ଦୟାହୀନ, କଠୋର ନିୟମ ଗଣ୍ଡି ମଧ୍ୟରେ ବିଚାରୀର ଦୋଷ ନଥାଇ ଭୋଗେ ଦୁଃଖ, କଷ୍ଟ, ଅପନିନ୍ଦା, ମାନସିକ, ଶାରୀରିକ ଯନ୍ତ୍ରଣା; କାରଣ କାଳ ନିର୍ଣ୍ଣୟ କରେ ମୃତ୍ୟୁ। ସ୍ୱାମୀର ମୃତ୍ୟୁରେ ସ୍ତ୍ରୀର ହାତ ନଥାଏ, ଦୋଷ ନଥାଏ।

ମୋ ଅଜା ବାଳୁତ କନ୍ୟା ବିବାହ କରିଥିଲେ। ପିତୃ ଗୃହରେ କନ୍ୟାଟିର ଅକାଳ ବିୟୋଗ ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ଓଲାଉଠା, ହଇଜା ବ୍ୟାଧିରେ ସେ ମଧ୍ୟ ମୃତ୍ୟୁବରଣ କଲେ। ସମାଜର ବିଧି ନିୟମରେ ତୃତୀୟ ବିବାହ କରିଥିଲେ ଅଜା ସାହାଡା ବୃକ୍ଷକୁ। ଚତୁର୍ଥ ବିବାହ ଥିଲା ମୋ ଆଈ। ସେ କୁଳରୁ ଜାତ ଆମେ ଆଜି ଏ ସଂସାରରେ ଖେଳାଲୀଳା କରୁଛୁ। ଅଜାଙ୍କ ପାଇଁ ସମାଜର ପ୍ରଥା, ଧାରାରୀତି ଥିଲା ଖୋଲା, ମେଲା, ଅନାବୃତ, ଉନ୍ମୁକ୍ତ। ତାଙ୍କୁ କେହି ରାଣ୍ଡିଆ, ବିପତ୍ନୀକ ମାଇପଖିଆ କହି କଟୂକ୍ତି, ଝିଙ୍ଗାସି ଉଘେଇବାରେ ଖବର କାହାକୁ ଜଣାନାହିଁ ବା ଶୁଣା ନାହିଁ।

ଉପରେ ଯାହା କହିଲୁ ସେ ବହୁଦିନ ତଳର ପୁରୁଣା କଥା। ଏ ନୂଆ ଯୁଗର, ନୂଆ ସକାଳେ, ଶିକ୍ଷା, ବିଜ୍ଞାନ ଶୀର୍ଷ ସ୍ଥାନରେ ପହଞ୍ଚି ଥିଲେ ବି ସେ ପୁରୁଣାକଳିଆ. ଅନ୍ଧବିଶ୍ୱାସ, ଅପସଂସ୍କୃତି ମହିଳାମାନଙ୍କ ପ୍ରତି ଥିବା ତାଚ୍ଛଲ୍ୟ, ଅବଜ୍ଞା, ହୀନମନ୍ୟତା ମନରୁ ଆମର ଲୋପ ପାଇ ନାହିଁ।

ଶୁଣନ୍ତୁ ଆଖିଦେଖା, ଅଙ୍ଗେଲିଭା ଏକ ଘଟଣା ଆମ ପଡୋଶୀ ମାଧବ ବାବୁଙ୍କ ଝିଅ ରଶ୍ମିକୁ ନେଇ। ରଶ୍ମି ଝିଅଟି ଗୋଟିଏ ଚାଉଳରେ ଗଢ଼ା, ସୁନ୍ଦରୀ, ରୂପବତୀ ପାଖ କଲେଜ ରାମାଦେବୀ କଲେଜରୁ ବିଜ୍ଞାନରେ ବି.ଏ ପାଶ୍ କରି ବାଣୀବିହାରରେ ପଢ଼ିବା ପାଇଁ ଆଶାବାନ୍ଧି ବସିଥିଲା। କିନ୍ତୁ ତାହା ଫଳବତୀ ନ ହୋଇ ଅଟକି ଗଲା।

ରଶ୍ମିର ପରିବାର ମଧ୍ୟରେ ବାପ-ମା ଓ ଭାଇ ଭଉଣୀ। ରଶ୍ମି ବଡ, ପିତା ସରକାରୀ ଦପ୍ତରରେ ଜଣେ ପଦସ୍ଥ ଅଫିସର। ଚାକିରିରୁ ଅବସର ନେବାର ଅତି ନିକଟ। ପୁଅ ଏବେ କଲେଜରେ ନାମ ଲେଖାଇଛି।

ରଶ୍ମିର ଉତ୍ତମ ବ୍ୟବହାର, ଚାଲିଚଳନ, ସୌନ୍ଦର୍ଯ୍ୟ ଓ ପାଠ ପଢ଼ାରେ ମୁଗ୍ଧ ଥିଲେ ଅନେକ ପଡୋଶୀ, ବନ୍ଧୁ, ସାଙ୍ଗସାଥୀ। ବୋହୂ କରି ନେବା ପାଇଁ ଅନେକ ପ୍ରସ୍ତାବ ପଠାନ୍ତି। ପ୍ରସ୍ତାବ ଗୁଡ଼ିକ ହାଲୁକା ଭାବେ, ଏବେ ନୁହେଁ ପରେ କହି ସ୍ଥଗିତ ରଖନ୍ତି ରଶ୍ମିର ପିତାମାତା। କିନ୍ତୁ ରଶ୍ମିର ଆଈ ଟିକିଏ ଭିତରକୁ ଯାଇ ପ୍ରତ୍ୟେକ ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରନ୍ତି। ଦିନେ ଆଈ ବୁଢ଼ୀର ଜଣେ ଦୂର ସମ୍ପର୍କୀୟ ଏକ ପ୍ରସ୍ତାବ ନେଇ ମାଧବବାବୁଙ୍କ ଘରେ ପହଞ୍ଚିଲେ। ପୁଅ ସୈନିକ ବିଭାଗରେ କ୍ୟାପେଟେନ୍, ଦୁଇଭାଇ, ଗୋଟିଏ ଭଉଣୀ। ବଡଭାଇ ଭଉଣୀ ବିବାହିତ। ବଡଭାଇ ଇଞ୍ଜିନିୟର, ଭଉଣୀ ବିବାହ କରିଛି ଜଣେ ବ୍ୟାଙ୍କ ଅଫିସରଙ୍କୁ। ଘର ଭୁବନେଶ୍ୱର ନାଗଟାଙ୍ଗୀରେ। ବାପା ସରକରୀ ଚାକିରିରୁ ଅବସର ନେଇ ଘରେ। ତାଙ୍କର ନିଜସ୍ୱ ଦୁଇମହଲା କୋଠା ସହ ଗାଁରେ ପୈତୃକ ସମ୍ପତ୍ତି ମଧ୍ୟ ଅନେକ ରହିଛି। ମୋଟାମୋଟି ପରିବାରଟି ଆର୍ଥିକ ଦିଗରେ ସ୍ୱଚ୍ଛଳ ଓ ସାମାଜିକ ଦୃଷ୍ଟିକୋଣରୁ ଭଦ୍ର, ମାର୍ଜିତ।

ଆଈ ମା' ମଧ୍ୟସ୍ଥିଙ୍କୁ ପିଲାର ଚରିତ୍ର, ସ୍ୱଭାବ ସହ ରୂପ, ରଙ୍ଗ, ବର୍ଣ୍ଣ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ପଚାରିଲେ। ମଧ୍ୟସ୍ଥି ପାଟିରୁ ବାତୁଳି ବେଗରେ ବାହାରି ଆସିଲା ମା' ପଚାରୁଛ କ'ଣ ? ସେ ପରା ଭାରତୀୟ ସୈନ୍ୟ ବିଭାଗର ଜଣେ ଅଫିସର। ବଛା ବଛା ରୂପ କାନ୍ତି, ସୁସ୍ଥ ସବଳ, ଲମ୍ବା,

ଚଉଡ଼ା, ଗଜା ଭେଣ୍ଡା ଟୋକାଙ୍କୁ ନାନା ପ୍ରକାର ପରୀକ୍ଷା ନିରୀକ୍ଷା ପରେ ନିଯୁକ୍ତି ମିଳେ। ମା' ଅଧିକ କ'ଣ କହିବି ? ଏଇତ ଦଶରା ବେଳକୁ ଟୋକା ଆସିଲେ ଦେଖି କହିବେ ମୁଁ ସତୁଆ କି ମିଛୁଆ କହି ବିଦାୟ ନେଲା।

ସେଦିନ ସଞ୍ଜବେଳେ ଟି.ଭି.ରୁ ସିରିଅଲ ଦେଖୁ ଦେଖୁ ବାହାଘରର ଗୋଟାଏ ଛବି ସମସ୍ତଙ୍କ ଆଖିରେ ପଡିଲା। ବୁଢ଼ୀ ଟିକିଏ ସକେଇ ପକେଇ କହିଲେ ଆରେ ଦେଖ। ଯେଉଁ ପ୍ରସ୍ତାବଟା ଗୋପ ପ୍ରଧାନ ଦେଇଗଲା ଖୁବ୍ ବଢ଼ିଆ। ପ୍ରସ୍ତାବର ବିବରଣୀ ସେମାନଙ୍କ ଆଗରେ ବୁଢ଼ୀ ମା' କହିଗଲେ। ପୁଅ ବୋହୂ କୁଣ୍ଠିତ ଦ୍ୱିଧା ଯୁକ୍ତରେ କହିଲେ ଝିଅଟା ଛୁଆ, ଆଉ କେତେ ଦିନ ଯାଉ, ଅଧିକ ଟିକିଏ ପଢୁ। ବୁଢ଼ୀ ମା' ଥିଲା ନ ଛୋଡ଼ ବନ୍ଧା, ସହଜରେ ଛାଡ଼ିବାର ଲୋକ ନୁହେଁ। କହିଲେ ଝିଅ ଛୁଆ, ତାର ବାଇଶ୍ ଯାଇ ତେଇଶ୍ ପଶିଲା। ତା ସାଙ୍ଗର ଝିଅମାନେ ଦୁଇ ତିନିଟା ପିଲାଙ୍କ ମା' ହେଲେଣି। ଆରେ ତୋ ଚାକିରି ସରିବା ଉପରେ। ଏବେ ଅଫିସର ଲୋକେ ସମସ୍ତେ ସାହାଯ୍ୟର ହାତ ବଢ଼ାଇବେ। ଶୁଣ ! ରଶ୍ମିର ରୂପ, ଲାବଣ୍ୟ ଏବେ ଝଟକୁଛି। ଏଣୁ ବିବାହ ବଜାରରେ ତାକୁ ପସନ୍ଦ କରୁଛନ୍ତି। ଏତ ଆଉ ବଢ଼ିବ ନାହିଁ କମିବ। କଥାରେ ଅଛି – ସଜଫୁଲ ବାସ ମହକାଏ। ବାସିହେଲେ ପଚାରେ କିଏ ? "ଯୌବନେ ମର୍କଟୀରମ୍ଭା।"

ପୁଅ ବେହୂ କଥାଟିକୁ ଗ୍ରହଣ କଲେ ରଶ୍ମିର ବିବାହ ଡିସେମ୍ବର ୨୬ ତାରିଖରେ ଭୁବନେଶ୍ୱର ହୋଟେଲ କଳିଙ୍ଗରେ ଖୁବ୍ ଆଡମ୍ବରରେ କ୍ୟାପ୍ଟେନ୍ ପଦ୍ମପାଣି ମାହାପାତ୍ରଙ୍କ ସହ ସମ୍ପନ୍ନ ହେଲା। ଯୋଡିକୁ ନିମନ୍ତ୍ରିତ ଅତିଥି, ଅଭ୍ୟାଗତ ଖୁବ୍ ପ୍ରଶଂସା ଢ଼ାଳିଲେ। ତୃପ୍ତିକର ଭୋଜନରେ ସନ୍ତୋଷ ଲାଗ ପୂର୍ବକ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଗଲେ।

ମଧୁଚନ୍ଦ୍ରିକା ଦିବସ ଗୁଡ଼ିକରେ ନବଦମ୍ପତି ଏକାନ୍ତରେ, ଏକତ୍ରବସ୍ଥାନ, ପ୍ରମୋଦ ବିହାର କଲେ କୋଣାର୍କ, ପୁରୀ ବେଳାଭୂମିରେ। ଅନେକ ନୂଆ ଆଶା, ଆକାଂକ୍ଷାର ଶୌଧ ଗଢ଼ିଲେ। ଲମ୍ବା ଜୀବନ କାଳରେ ସର୍ବଦା ପରସ୍ପର ମଧ୍ୟ ଉତ୍ତମ ବୁଝାମଣା କରି ସୁଖ, ଆନନ୍ଦମୟ ଜୀବନଯାପନ କରିବାର ପ୍ରତିଜ୍ଞାବଦ୍ଧ ହେଲେ।

କ୍ୟାପ୍ଟେନଙ୍କ ଛୁଟି ଶେଷ ହେଲା। ସୁବିଧା ସୁଯୋଗ ଦେଖି ଘରର ବ୍ୟବସ୍ଥା କରି ରଶ୍ମିକୁ ନେଇଯିବାର ପ୍ରତିଶ୍ରୁତି ଦେଇ ଉଡ଼ିଗଲେ ରାତ୍ରକାଳୀନ ଫ୍ଲାଇଟରେ ଦିଲ୍ଲୀ। ସେଠାରୁ ଚାଲିଗଲେ କର୍ମକ୍ଷେତ୍ର କାର୍‌ଗିଲ ସେକ୍ଟରକୁ।

ସମୟ ଗଡିଚାଲେ ତା'ର ନିତ୍ୟ, ଚିରନ୍ତନ ଗତି ପଥରେ। କେତେ ଘଟଣ, ଅଘଟଣ ସମୟ ସାଥେ ଯୋଡି ହୋଇଯାଏ। କାହା ଭାଗ୍ୟ ପଥର ତଳେ ଚାପା ପଡିଯାଏ ତ କାହା ଭାଗ୍ୟରେ ମାଟି ମୁଠାଇଲେ ସୁନା ପାଲଟି ଯାଏ। ସମୟର ଚକ କିନ୍ତୁ ଗଡି ଚାଲିଥାଏ ଆପଣା ବାଟରେ।

କାଶ୍ମୀର ସମସ୍ୟାକୁ ନେଇ ୧୯୯୯ ମସିହାରେ ପାକିସ୍ତାନ ସୈନ୍ୟ ତୁଙ୍ଗ ହିମାଳୟର ଉତୁଙ୍ଗ କାର୍‌ଗିଲ, ଦ୍ରାସ୍ ସେକ୍ଟରରେ ଲଜ୍ୟାଜନକ ଗୋପନୀୟ ଅନୁପ୍ରବେଶ କଲେ। ଏଣୁ ସେହି ବର୍ଷ ମେ ମାସରେ କାର୍‌ଗିଲ୍ ଯୁଦ୍ଧର ଅୟମାରମ୍ଭ ହୁଏ। ଭାରତୀୟ ଯବାନଙ୍କ ଆକ୍ରମଣ ପ୍ରତି ଆକ୍ରମଣ ତୋପ, କମାଣ, ଗର୍ଜନ, ଗୁଳି ବର୍ଷଣର ସାମନା କରି ନପାରି ପାକିସ୍ତାନୀ ସୈନ୍ୟ ହାତ ଟେକି ଆତ୍ମସମର୍ପଣ କଲେ। ଯୁଦ୍ଧରେ ଭାରତୀୟ ସୈନ୍ୟବାହିନୀ ତରଫରୁ ପାଞ୍ଚଶହ ସୈନ୍ୟ, ଅଫିସର ସହିଦ ହୋଇଗଲେ। ସେମାନଙ୍କ ରକ୍ତଦାନ ପର୍ବର ସାର୍ଥକତା ରହିଲା।

ଓଡ଼ିଶାରୁ ଅନେକ ବୀର ଯୁବକ ପ୍ରାଣ ଦେଇ ରାଜ୍ୟର ଗୌରବ ବର୍ଦ୍ଧନ କଲେ। ମରି ସୁଦ୍ଧା ସେମାନେ ଅମର ଓ ଚିରନମସ୍ୟ ହୋଇ ରହିଲେ। ସେମାନଙ୍କ ମଧ୍ୟରେ ରଶ୍ମିର ସ୍ୱାମୀ ପଦ୍ମପାଣି ସହିଦ୍ ହୋଇଥିଲେ।

ଖବର ପ୍ରଚାର ହେଲା ଟି.ଭି, ରେଡ଼ିଓ ଓ ଅନ୍ୟ ଗଣମାଧ୍ୟମରେ। ସେନାବାହିନୀ ତରଫରୁ ଖବର ପହଞ୍ଚିଲା ପଦ୍ମପାଣିଙ୍କ ଗୃହରେ। ପରିବାର ମଧ୍ୟରେ ଖେଳିଗଲା ଦୁଃଖର ଛାୟା।

ପରିବାରବର୍ଗ ଶୋକର ଅକଥନୀୟ ଯନ୍ତ୍ରଣା ଭୋଗ ମଧ୍ୟରେ ରଶ୍ମି ବାରମ୍ବାର ସଂଜ୍ଞାହୀନ ହୋଇ ପଡୁଥିଲା। ଦୁଃଖରେ ମର୍ମାହତ ସମସ୍ତେ। ଭୋଗନ୍ତି ସମଦଶା। କିଏ କାହାକୁ ପଚାରୁଛି ନା ଦେଖୁଛି। କିନ୍ତୁ ଶୋକ ସମୁଦ୍ର ଅର୍ଥାତ୍ ଶୋକର ଅକଥନୀୟ ଯନ୍ତ୍ରଣା ମଧ୍ୟ ବିଚାରୀ ରଶ୍ମିର ଦୁଃଖ ଦ୍ୱିଗୁଣିତ ହୋଇଗଲା। ପରିବାରର କିଛି ସମ୍ପର୍କୀୟ ରଶ୍ମିର କନ୍ଦା, କଟା ମଧ୍ୟରେ ଜୋର ଜବର କରି ହସ୍ତରୁ ଶଙ୍ଖା ଭାଙ୍ଗି ଦେଲେ। ମଥାରୁ ସିନ୍ଦୂର ଲିଭାଇ ଦେଲେ, ପାଦରୁ ନୂପୁର ଖୋଲି ନେଲେ। ସଧବା ବଧୂର ଝିନପତନି ପାଟବସ୍ତ୍ର ଜାଗାରେ ପିନ୍ଧିବାକୁ ଦେଲେ ବିଧବା ବସ୍ତ୍ର। ଆହାଃ କି ଅକଥନୀୟ ବର୍ବରତା। ବୋଝ ଉପରେ ନଳିତା ବିଡ଼ା। ପୁଅ କଥା ମନେ ପକାଇ ଶାଶୁ ନିର୍ମଳା ଯେବେ କାନ୍ଦନ୍ତି, ବର୍ଷଣ କରନ୍ତି ରଶ୍ମିକୁ ମଧ୍ୟ। ହତଲକ୍ଷ୍ମୀ, ଚଣ୍ଡାଳୁଣୀ ଯୋଗୁ ପୁଅର ଦଶା ଏପରି ହେଲା। ଏ ଘରେ ପଶିବା ଦିନଠୁ ପରିବାରରେ ଦୁଃଖ, ଯନ୍ତ୍ରଣା, ଅଶାନ୍ତି ବଢ଼ିଚାଲିଛି କହି ମୁଣ୍ଡ ପିଟନ୍ତି, ଚୁଟି ରାପୁ ରାପୁ କରି ଟାଣି ଶୋକ କରନ୍ତି। ସେହିପରି ଯା' ନଣନ୍ଦ କହନ୍ତି ମହାଫଳ ବଡ ସୁନ୍ଦର ତା ମଧ୍ୟେ କଳା ମଚମଚ ମଞ୍ଜି ପିତା ଜହର। କେଉଁଠୁ ଆସି ଭାଇକି ଖାଇ ବିଧବା ହେଲା। ବୈଧବ୍ୟ ଯନ୍ତ୍ରଣା, ଅପବାଦର ବୋଝ। ଅନ୍ତଃ ର୍ଦାହର ଦାରୁଣ ଦୁଃଖ ତାକୁ ପ୍ରତି ମୁହୂର୍ତ୍ତରେ ତିଳ ତିଳ କରି ଦଗ୍ଧ କରୁଥିଲା।

ଅନେକ ଦିନ ଶରୀର ପ୍ରତି ଯତ୍ନ ନାହିଁ, ଖାଦ୍ୟ ପାନୀୟ ଅଭାବ ସହ ମାନସିକ ଅଶାନ୍ତି, ପରିବାରବର୍ଗଙ୍କ ଝିଙ୍ଗାସ, କଟୂକ୍ତି ଯୋଗୁ ଦୁର୍ବଳ ହୋଇ ପଡ଼ିଲା ରଶ୍ମି। ଶ୍ୱଶୁର ଦୀନବନ୍ଧୁ ବାବୁ ସର୍ବଦା ନୀରବ, ନିରୁତ୍ତର, ନିର୍ବାକ।

ରଶ୍ମିର ବାପା, ବୋଉ ମଝିରେ ମଝିରେ ଆସି ରଶ୍ମିକୁ ଓ ସେ ପରିବାରଙ୍କୁ ବୁଝାନ୍ତି। ଶାନ୍ତ୍ୱନା ଦେଇ ଯାଆନ୍ତି। କିନ୍ତୁ ଝିଅର ଅବସ୍ଥା ଖରାପ ଆଡକୁ ଯାଉଥିବାରୁ ରଶ୍ମିକୁ ନିଜ ଗୃହକୁ କିଛିଦିନ ପାଇ ନେବାର ପ୍ରସ୍ତାବ ବାଢ଼ିଲେ ସମୁଦୀ ଓ ସମୁଦୁଣୀଙ୍କ ପାଖରେ ଓ ସେମାନଙ୍କ ସ୍ୱୀକୃତି ରାଜିରେ ଗୃହକୁ ନେଇ ଆସିଲେ।

ଧୈର୍ଯ୍ୟହରା, ଅସ୍ଥିର ଓ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସରେ ବର୍ଦ୍ଧିତ ଦୀନବନ୍ଧୁ ପରିବାରରୁ ମୁକ୍ତି ପାଇ ରଶ୍ମି ଶାନ୍ତିରେ ନିଃଶ୍ୱାସ ମାରିଲା। ପରିବାରଙ୍କ ଆଶ୍ୱାସନା ପ୍ରବୋଧନା, ସାନ୍ତ୍ୱନାରେ ଲିଭି ଲିଭି ଯାଉଥିବା ଜୀବନ ଜାଗୁରିତ ହେଲା।

ପଛକଥା ଭୁଲିଯିବା ପାଇଁ ଝିଅକୁ ନେଇ ରଶ୍ମିର ବୋଉ ଏକ

ସ୍କୁଲରେ ବିନା ବେତନରେ ଶିକ୍ଷାଦାନର ବ୍ୟବସ୍ଥା କରାଇ ଦେଲେ। ଧୀରେ ଧୀରେ ତାର ପୂର୍ବ ରୂପ, କାନ୍ତି, ସୌନ୍ଦର୍ଯ୍ୟ ଫେରି ଆସିଲା। ପଛକଥା ପଛକୁ ପକାଇ କର୍ତ୍ତବ୍ୟରେ ଲାଗିଲା।

**- ଦୁଇ -**

ସ୍କୁଲ ପାଖାପାଖି ଧୀରେନ କୁମାର ରାଉତରାୟଙ୍କ ଏକ କପଡା ଦୋକାନ ରହିଛି। ଧୀରେନ ଜଣେ ବିତ୍ତଶାଳୀ ଖ୍ୟାତି ସମ୍ପନ୍ନ ପରିବାରର ପୁଅ। ବଡଭାଇଙ୍କର ସହରରେ ମେଡିସିନ୍‌ର ହୋଲସେଲ୍ ବ୍ୟବସାୟ। ଭଉଣୀ ବିବାହ କରିଛି ଜଣେ ବିଶିଷ୍ଟ ଶିଳ୍ପପତିଙ୍କୁ। ଘରେ ଖାଦ୍ୟ, ବସ୍ତ୍ର, ଘର, ଗାଡି କୌଣସି ଦିଗରେ ଅଭାବ ନାହିଁ। ଧୀରେନ୍ ଜଣେ ସ୍ୱାଧୀନଚେତା, ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ ଯୁବକ। ଖୁବ୍ ଉତ୍ତମ ଚରିତ୍ର ଓ ଦୟାବାନ୍ ବ୍ୟକ୍ତି ବିଶେଷ ବୋଲି ଲୋକଙ୍କ ପାଖେ ମଧ୍ୟ ପରିଚିତ।

ଧୀରେନ ଲକ୍ଷ୍ୟ କଲେ ରଶ୍ମିକୁ। ରଶ୍ମିର ସୌନ୍ଦଯ୍ୟରେ ଖାଲି ନୁହେଁ; ତାର ଉତ୍ତମ ବ୍ୟବହାର, କର୍ତ୍ତବ୍ୟନିଷ୍ଠତାର ପ୍ରଶଂସା ଶୁଣିଥିଲା ଅନେକ ବନ୍ଧୁଙ୍କଠାରୁ। ଦିନେ ଧୀରେନକୁ ପରିଚୟ କରାଇ ଦେଇଥିଲେ ମନ୍ଦିର ବେଢ଼ାରେ ଜଣେ ଶିକ୍ଷୟିତ୍ରୀ। ପ୍ରଥମେ ପରିଚୟ। ପରିଚୟରୁ ଆତ୍ମୀୟତା ବଢ଼ିଲା। ଦୁଇଜଣଙ୍କ ମଧ୍ୟରେ ଧୀରେନ ଅବିବାହିତ। ଖୋଜି ବୁଲୁଥିଲା ଜୀବନର ଏକ ସରଳ, ନିଷ୍କପଟ, କର୍ତ୍ତବ୍ୟନିଷ୍ଠ, ସ୍ନେହୀ ଜୀବନ ସଙ୍ଗିନୀ। ସେ ଉପଲବ୍ଧି କଲା ରଶ୍ମି ହିଁ ଏସବୁ ଗୁଣର ଅଧିକାରିଣୀ। ଯିବା ରାସ୍ତାରେ ଦେଖା ହେଲେ ହାତ ହଲାଇ ମୁରୁକି ହସି ଚାଲିଯାଏ। ଏକାନ୍ତ ନିରୋଳାରେ କଥା ହେବାକୁ ସମୟ ଉଣ୍ଡେ।

ସେଦିନ ଛୁଟିଥିଲା ରଶ୍ମିର। ମନ୍ଦିର ଦର୍ଶନ କରି ଫେରୁଥିବା ରାସ୍ତାରେ ଭେଟ ହୁଏ ଧୀର ସହ ଏକ ନିରୋଳ ନିକାଞ୍ଚନ ବରଗଛ ପାଖରେ। ହାତ ହଲାଇ ମୃଦୁ ହାସ୍ୟରେ ଚାଲି ଯାଉଥିବା ରଶ୍ମିକୁ ଟିକିଏ ଅପେକ୍ଷା କରିବା ପାଇଁ ଅନୁରୋଧ ଜଣାଇଲା ଧୀର। ରଶ୍ମି ଅଟକି ଗଲା। ପଚାରିଲା ଅଟକାଇବାର ଲକ୍ଷ୍ୟ ଉଦ୍ଦେଶ୍ୟ।

ଧୀର - ମ୍ୟାଡାମ୍ କିଛି ନ ଭାବିଲେ ମୁଁ ମୋ ଅନ୍ତରର କଥା ଖୋଲି କହିବି।

ରଶ୍ମି - ଧୀରବାବୁ ତୁମେ ମୋର ଜଣେ ବନ୍ଧୁ। ଅନ୍ତର ଖୋଲି କୁହ କ'ଣ ଚାହଁ, ବିନା ଦ୍ୱିଧା ସଂକୋଚରେ।

ଧୀର - ଭଦ୍ର ନମ୍ର ମଧୁର ସ୍ୱରରେ କହିଲା ରଶ୍ମି ! ମୁଁ Rearlly Love You Rearly Deeply I Love You ରଶ୍ମି।

ରଶ୍ମି - ଧୀରବାବୁ ତୁମେ ମୋର ଜଣେ ବନ୍ଧୁ। ଭଲ ପାଇବା ସ୍ୱାଭାବିକ। କିନ୍ତୁ ତୁମ କଥାବାର୍ତ୍ତାରୁ ସ୍ୱରରୁ ଓ ଭାବ ବିହ୍ୱଳତାରୁ ତୁମେ ମୋଠାରୁ ଅଧିକ କିଛି ଚାହଁ ବୋଲି ମୁଁ ଅନୁମାନ କରିପାରୁଛି। ଏଣୁ ଯଦି ଏବେ ଏ ଜାଗାରେ ତୁମର ମନର ଇଚ୍ଛା, ଭାବନା ବ୍ୟକ୍ତ କରିପାରୁନାହଁ ଆସନ୍ତା ରବିବାର ମନ୍ଦିରର ଆରତି ପରେ ଦେଖା କରିପାର ମନ୍ଦିର ବେଢ଼ାରେ।

ରବିବାର ସନ୍ଧ୍ୟା ବେଶୀଦିନ ନଥିଲା। ଥିଲା କେବଳ କେତେ ଘଣ୍ଟାର ବ୍ୟବଧାନ। କିନ୍ତୁ ଧୀରକୁ ଏହି ସମୟତକ ଲାଗିଲା ମାସ ମାସ ଯୁଗ ଯୁଗ ଭଳି।

ସେଦିନ ରାତିରେ ଧୀର ସ୍ୱପ୍ନରେ ଦେଖିଲା ରଶ୍ମିକୁ। ଭାବିଲା Love ଅର୍ଥକୁ କେଉଁ ଅର୍ଥରେ ବୁଝିଲା କି ସେ ? ଏହା ଖୁବ୍ ବ୍ୟାପକ ଦୂର ପ୍ରସାରୀ, ଆଚ୍ଛାଦକ। ଏହା ହୋଇପାରେ ମାନବଜାତି ପ୍ରତି ଈଶ୍ୱରଙ୍କ ଦୟା, ଆଶୀର୍ବାଦ, ହୋଇପାରେ ବାପ-ପୁଅକୁ. ଭାଇ-ଭଉଣୀକୁ, ପଡୋଶୀ-ପଡୋଶୀକୁ, ଦେଶକୁ ଏପରିକି କୁରୁରକୁ। କିନ୍ତୁ ରଶ୍ମି ପ୍ରତି ତାର Love-beLoved Love- ପ୍ରିୟେ ସମ୍ବୋଧନ, Sexual passion ଯୌନପ୍ରେମ to have sexual intercourse- ରମଣ, ସଂଭୋଗ, ସହବାସ ସମ୍ପର୍କ। ଆହୁରି ଅନେକ ସ୍ୱପ୍ନ ଦେଖୁ ଦେଖୁ ରାତି ପାହିଗଲା, ନିଦ ଭାଙ୍ଗିଗଲା।

ତରଳ ଅନ୍ଧକାର ସନ୍ଧ୍ୟା ଆଗମନର ସୂଚନା ଦେଉଥାଏ। ଚଇତାଳି ପବନର ମୃଦୁ ସ୍ପର୍ଶ ଛୁଇଁ ଯାଉଥାଏ ଧୀରର ଶରୀରକୁ। ଦେବାଳୟରୁ ଘଣ୍ଟ ଧ୍ୱନିର ମର୍ମରିତ ଶବ୍ଦ ଶବ୍ଦୟିତ କରିଦେଲା ପରିବେଶକୁ। ଧୀର ଯାଇ ପହଞ୍ଚି ଯାଇଥିଲା ମନ୍ଦିର ବେଢ଼ାରେ ରଶ୍ମି ପହଞ୍ଚିବା ଆଗରୁ।

ସନ୍ଧ୍ୟାର ଧୂପ, ନୈବେଦ୍ୟ ଶେଷ ପରେ ଧୀର ରଶ୍ମିକୁ ଇସାରା ଦେଇ ଚାଲିଗଲା ପାଖ ବଗିଚାର ଏକ ସିମେଣ୍ଟ ବେଞ୍ଚକୁ ଦୁଇଜଣ ବସିବା ମଧ୍ୟରେ ଧୀର ସ୍ମରଣ କରାଇ ଦେଲା ପୂର୍ବ ଦିନର। I Love ର ବିବୃତିକୁ।

ରଶ୍ମୀ - ଧୀର ତୁମର କ'ଣ କହିବାର ଅଛି, ଖୋଲା ଅକପଟ, ପ୍ରକାଶ୍ୟ ବନ୍ଧନଯୁକ୍ତ ମନରେ କୁହ। ଧୀର ଏକ ଅସ୍ପଷ୍ଟ ସ୍ୱରରେ I Love You ରଶ୍ମି, ଅର୍ଥ ମୁଁ ତୁମକୁ ବିବାହ କରିବା ପାଇଁ ଚାହେଁ କହି ଲାଜେଇ ଗଲା।

ରଶ୍ମି ମଧ ମୃଦୁହାସ୍ୟ, ପ୍ରଫୁଲ୍ଲ ଚିତ୍ତରେ କହିଲା ବନ୍ଧୁ ତୁମେ ଲାଇଫ୍ ପାର୍ଟନର, ସ୍ତ୍ରୀ ସହଧର୍ମିଣୀ ବାଛିବାରେ ଭୁଲକରି ପହଞ୍ଚିଛ ଏକ ଶୁଷ୍କ ମରୁଦ୍ୟାନରେ। ଯାହାର ଜୀବନରେ ହସ ଖେଳ, ରୋମାଞ୍ଚ ସବୁ ପୋଡିଯାଇ କେବଳ ଜୀବନଟା ବଞ୍ଚିଛି। ତୁମେ ଏକ ସୁନ୍ଦରୀ, ରୂପମୟୀ, ତରୁଣୀ ଖୋଜିନିଅ। ଜୀବନ ଉପଭୋଗ କର।

ଧୀର - ରଶ୍ମି ମୁଁ ବୁଝିପାରୁ ନାହିଁ ତୁମେ କ'ଣ କହୁଛ । ସ୍ପଷ୍ଟ କରି କୁହ ତୁମର ହୋଇଛି କ'ଣ, ଅସୁବିଧା କେଉଁଠି ?

ରଶ୍ମି - କାନ୍ଦ କାନ୍ଦ ଅଶ୍ରୁ ବିସର୍ଜନ ପୂର୍ବକ କହିଲା ଧୀରବାବୁ 'ମୁଁ ବିବାହିତା ଓ ବି...ଧ...ବା କହି ଉଠି ଚାଲି ଯାଉଥିଲା।

ଧୀର - ରଶ୍ମି ଧୈର୍ଯ୍ୟ ଧର ପ୍ଲିଜ୍ ଶୁଣାଅ ତୁମ ଜୀବନର ଦୁଃଖ, ଦୁର୍ଗତିର କରୁଣ କାହାଣୀ। କହିଗଲେ ଦୁଃଖ କିଛିଟା ଲାଘବ ହେବ।

ରଶ୍ମି ତା ଅଳ୍ପଦିନର ବୈବାହିକ ଜୀବନ, କାର୍‌ଗିଲ ଯୁଦ୍ଧର ସ୍ୱାମୀ ସହିଦ ହେବା ଓ ପରବର୍ତ୍ତୀ ଦିନଗୁଡ଼ିକ ଶାଶୂଘରେ ଭୋଗିଥିବା ଦୁଃଖ ଯନ୍ତ୍ରଣା, ଲାଞ୍ଛନା, ଭର୍ତ୍ସନା, ଅପମାନଗୁଡ଼ିକୁ ବର୍ଣ୍ଣନା କରି ଅଶ୍ରୁ ବିସର୍ଜନ କରିପକାଇଲା।

ଧୀର - ତୁମେ ଧନ୍ୟା, ବରେଣ୍ୟା, ଚିରନମସ୍ୟା ମହିଳା। ଯେଉଁ ସୈନିକଙ୍କ ଦୁଃସାହିକ ପଦକ୍ଷେପ ଯୋଗୁ ଭାରତ କାର୍‌ଗିଲ ଯୁଦ୍ଧରେ ବିଜୟ ହାସଲରେ ସହିଦ ହୋଇଗଲେ ଓ ମରଣୋତ୍ତର ମହାବୀର ଚକ୍ର ଉପାଧିରେ ଭୂଷିତ ହେଲେ ସେଥିପାଇଁ ଦେଶ ଗର୍ବିତ। ତାଙ୍କ ବିଧବା

ଧର୍ମପତ୍ନୀଙ୍କ ସମାଜ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବା ଅନ୍ୟାୟ ଅନୁଚିତ ଅସୁନ୍ଦର।

ରଶ୍ମି ମୁଁ ତୁମକୁ ମାନ, ଇଜତ୍, ସମ୍ମାନ ଦେଇ ଧର୍ମପତ୍ନୀ ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ। ଲିଭାଇ ଦେଇଥିବା ମଥାର ସିନ୍ଦୂର ଭାଙ୍ଗି ଦେଇଥିବା ହାତର ଶଙ୍ଖା, ଚୁଡି ଓ ପାଦ ନୂପୁର ପିନ୍ଧାଇ ତୁମକୁ ସମାଜରେ ମୁଣ୍ଡଟେକି ଚାଲିବା ପାଇଁ ସୁବିଧା ସୁଯୋଗ ଦେବି। ପ୍ରସ୍ତୁତ ତ ?

ଧୀରର ଉଦାରତା, ସମାଜର ଜଣେ ବିଧବା ମହିଳା ପ୍ରତି ଥିବା ଦରଦ, ସମବେଦନା, ଆନ୍ତରିକତା ଯୋଗୁଁ ଧନ୍ୟବାଦ ଜଣାଇଲା ରଶ୍ମି। କିନ୍ତୁ ପ୍ରଶ୍ନ କଲା ତାକୁ କ'ଣ ତା ପିତାମାତା ଗ୍ରହଣ କରିବେ କି ? ଯଦି ସମାଜ ବିଧବାମାନଙ୍କୁ ଇଜତ, ମାନସମ୍ମାନ ଦେଉଥାନ୍ତା, ଏତେ ସଂଖ୍ୟକ ନିଜ ଗୃହ ଛାଡି କାଶୀ, ବୃନ୍ଦାବନ, ଆଲ୍ଲାବାଦ, ବନାରସ ଭଳି ତୀର୍ଥ ସ୍ଥାନରେ ଭିକ୍ଷାବୃତ୍ତି କରି ଜୀବିକା ନିର୍ବାହ କରିବାର କାରଣ କ'ଣ ?

ପୁରୁଣା କଥା ଛାଡ଼ କିଏ କ'ଣ କରୁଛି, କଲା ମୁଣ୍ଡରେ ନପୂରାଇ ତୁମେ ମୋ ଉପରେ ବିଶ୍ୱାସ ରଖ ଓ ପୁନର୍ବିବାହ କରିବା ପାଇଁ ଯଦି ମାନସିକ ସ୍ତରରେ ପ୍ରସ୍ତୁତ, କଥା ଦିଅ, କହିଲା ଧୀର। ମୁଁ ମୋ ବାପା ମାଆଙ୍କୁ ବୁଝାଇବି। ଆମେ ସମାଜରେ ଏକ ନୂଆ ଅଧ୍ୟାୟ ଖୋଲି ଦୁନିଆକୁ ଏକ ଆଦର୍ଶ ଦମ୍ପତିର ଉଦାହରଣ ଦେଖାଇବାର ଦୃଢ଼ ବିଶ୍ୱାସ, ନିର୍ଭର ପ୍ରତିଶ୍ରୁତି ଶୁଣାଇଲା ଧୀର ରଶ୍ମିକୁ।

ରଶ୍ମି ତଥାପି ଧୀରର ବାକ୍‌ଚାତୁରୀ ଉପରେ ବିଶ୍ୱାସ ନକରି ଚାହିଁଲା ସମାଜିକ ସ୍ୱୀକୃତି, ସମ୍ମତି, ରାଜି କହିଲା "ଦେଖ ଧୀରବାବୁ ମୁଁ ସମାଜରେ ଘୃଣିତ, କୁତ୍ସିତ, ଅବଜ୍ଞାତ। ବିଧବାର ମୁଖ ଦର୍ଶନରେ କାଳେ କାର୍ଯ୍ୟ ହୁଏ ଅମଙ୍ଗଳ, ନିଷ୍ଫଳ। ଏଣୁ ବିଧବାକୁ ରାଣ୍ଡି ଗୋସେଇଁ ଖାଇ ଭଳି କଟୁକ୍ତି କରି ଅଯଥାରେ ଦାୟୀ କରାଯାଏ। କେଉଁ ମୁହଁରେ ସାହସରେ ମୁଁ ଦ୍ୱିତୀୟ ବିବାହର ପ୍ରସ୍ତାବ ବାଢ଼ିବି ବାପ ଭାଇ ବନ୍ଧୁବର୍ଗ ଆଗରେ। ତୁମେ ଯଦି ପ୍ରକୃତରେ ମୋତେ ଭଲପାଅ, ମୋତେ ନେଇ ଘର ସଂସାର କରିବା ଇଚ୍ଛା ନିଜେ ବା କାହାଦ୍ୱାରା ପ୍ରସ୍ତାବ ପଠାଇ ମତାମତ ଲୋଡ଼। ଏହା ହିଁ ଉଭୟ କୂଳକୁ ହିତକର ହେବ ଓ ସହଯୋଗ ମିଳିବ ମଧ୍ୟ।

ଧୀର ଅସ୍ଥିର। ରଶ୍ମିକୁ ବିବାହ କରିବା ଇଚ୍ଛା ପ୍ରବଳରୁ ପ୍ରବଳତାର ହେଲା। ଜଣେ ବନ୍ଧୁଙ୍କୁ ଧରି ରଶ୍ମିର ଗୃହରେ ପହଞ୍ଚି ପ୍ରସ୍ତାବ ବାଢ଼ିଲା।

ରଶ୍ମିର ପିତାମାତା ବିଧବା ଝିଅ ବିବାହ ପ୍ରସ୍ତାବ ନେଇ ଆସିଥିବା କଥା ଶୁଣି ଆଶ୍ଚର୍ଯ୍ୟ ହେଲେ। ପ୍ରସ୍ତାବଟି ନେଇ ଆସିଥିବା ଭଦ୍ରଲୋକ ଦ୍ୱୟ ନର ନା ଦେବତା ଦ୍ୱନ୍ଦରେ ପଡ଼ିଲେ। ଆଲୋଚନା ହେଲା ରଶ୍ମିର ମତାମତ ନେଇ ଶୁଣାଇବେ କହି ବିଦାୟ ଦେଲେ।

ବୁଢ଼ାବୁଢ଼ୀ ଭାବିଲେ ଆଜିକଥା କାଲିକି ନାହିଁ। ଆମେ ଏବେ ଅଛୁ ଏଣୁ ଝିଅ ଆମ ପାଖରେ ଆଶ୍ରିତ। ପରେ ଭାଇ ଭାଉଜ କ'ଣ ତା କଥା ବୁଝିବେ। ଧୀର ସମ୍ବନ୍ଧରେ ତଥ୍ୟ ସଂଗ୍ରହ କଲେ, ରଶ୍ମିର ମୌନ ସମ୍ମତ ବୁଝି ପ୍ରସ୍ତାବରେ ରାଜି ହୋଇ କହିଲେ – ଏବେ ତାର ବୟସ ସହ ସୌନ୍ଦର୍ଯ୍ୟ ଅଛି, ଆଗକୁ ଦୀର୍ଘ ଜୀବନ ପଡି ରହିଛି।

ଏଣେ ଧୀର ଘରେ ଘରବୁଡି ପାଣି ଆଣ୍ଠୁଏ। ପ୍ରସ୍ତାବ ଶୁଣି ଧୀରର ବାପା ବୋଉ କ'ଣ କହିବା ଆଗରୁ ବୁଢ଼ୀ ମା' ଖେପିଗଲେ। କହିଲେ ଆରେ ପାଷାଣ୍ଡ, ଚଣ୍ଡାଳ। ବିଧବା ମୁହଁ ଚାହିଁଲେ ଅଶୁଭ, ଅମଙ୍ଗଳ। ପୁନଶ୍ଚ ଆମେ ନୈସର୍ଗିକ ବ୍ରାହ୍ମଣ। ସେ ଠାକୁର ପୂଜା ତର୍ପଣ କଲେ ସବୁ ବୃଥା ହେବ। ବଡ ବଡବଡିଆ ପାଣି ପାଇବେ ନାହିଁ, ମୁକ୍ତି ହେବା ଦୂରର କଥା।

ଧୀରକୁ ବୋଉ ରାଧାମଣୀ ପାଖକୁ ଡାକି ବୁଝାଇ କହିଲେ 'ପୁଅ ତତେ କନିଆ କ'ଣ ଅଭାବ ? ଦେଖେ କେତେ ପ୍ରସ୍ତାବ ହାତରେ ଅଛି। ଗୋଟାଏ ବାଛ। ଆସନ୍ତା ଦୋଳ ପରବ ପରେ ବିବାହ କରାଇ ଦେବୁ। କାହିଁକି ସମାଜରେ ଯାହା ଚାଲୁ ନାହିଁ ଚଳେଇବୁ। ବିଧବାଟାକୁ ନେଇ ଘର ସଂସାର କରିବାକୁ ଜିଦ୍ ଧରି ଅଡି ବସି ଘରେ ବିଘ୍ନ ସୃଷ୍ଟି କରୁଛୁ'।

ଧୀର ହସିଦେଇ କହିଲା ବୋଉ ରଶ୍ମି ରୂପ, ଗୁଣ, ଆଚାର, ବ୍ୟବହାର ଓ ଶିକ୍ଷାରେ କେଉଁଥିରେ କମ୍ ନୁହେଁ। ଏଇତ ସଦ୍ୟ ବିଧବା। ଜାଣୁ କାର୍‌ଗିଲ ଯୁଦ୍ଧରେ ସହିଦ ହୋଇ ମରଣୋତ୍ତର ମହାବୀର ଚକ୍ରରେ ଭୂଷିତ ଓଡ଼ିଶାର ବରପୁତ୍ର ତା'ର ସ୍ୱାମୀ। ତାକୁ ବୋହୂ କରି ଘରକୁ ଆଣିଲେ ଆମର ମାନ ମର୍ଯ୍ୟାଦା ବଢ଼ିବ। ସମାଜର ବିଧବା ବିବାହ ନେଇ ରହିଥିବା କୁସଂସ୍କାର, ଅନ୍ଧବିଶ୍ୱାସ ଦୂର ହୋଇଯିବ। ବୋଉ ସହଯୋଗ କର, ସମ୍ମତି ଦେ।

ପିତା ହରବାବୁ ମଝିରେ ହସ୍ତକ୍ଷେପ କରି କହିଲେ 'ରାଧାମଣୀ ଯୁଗ କେଉଁଠି ପହଞ୍ଚିଲାଣି ତୁମେ ଜାଣି ପାରୁନାହଁ। ପୁଅ ଯଦି ଚାହୁଁଛି ରଶ୍ମିକୁ ବିବାହ କରି ଖୁସିରେ ରହିବ ରହୁ। ତାଙ୍କ ଖୁସିରେ ଆମ ଖୁସି'।

ଦୁଇ ପରିବାରର ସହମତିରେ ଧୀର ଓ ରଶ୍ମିଙ୍କ ବିବାହ ସମ୍ପନ୍ନ ହେଲା ଏଇ ଆମ ଆଠ ନମ୍ବର କଲ୍ୟାଣ ମଣ୍ଡପରେ। ବହୁ ସାମ୍ବାଦିକ, ଭଦ୍ରବ୍ୟକ୍ତି ସମାଜରେ ଏ ପ୍ରକାର ବିଧବା ବିବାହ ନିଶ୍ଚୟ ପ୍ରଶଂସନୀୟ, ସାଧୁବାଦ କହି ବରକନ୍ୟାଙ୍କୁ ଆଶୀର୍ବାଦ ଦେଇଗଲେ। ବିବାହର ଫଟୋ ପ୍ରକାଶ ପାଇଲା ସମ୍ବାଦପତ୍ର, ଟି.ଭି., ପତ୍ରିକା ଗୁଡ଼ିକରେ।

ନବ ଦମ୍ପତି ଯଥା ରୀତିରେ ମଧୁଚନ୍ଦ୍ରିକା ଯାପନ କଲେ, ଖୁସି ଆନନ୍ଦରେ କିଛିଦିନ କଟାଇ ଦେଇ ପହଞ୍ଚି ଗଲେ ନିତିଦିନିଆ ତେଲ ଲୁଣ ଦୁଃଖ, ସୁଖ ସଂସାରରେ; କିନ୍ତୁ ଅଟକି ଯାଉଥିଲେ ପରିବାର ମଧ୍ୟରେ ଥିବା ଅଶାନ୍ତି ଯୋଗୁଁ।

ମଣିଷର ପ୍ରକୃତି ସହଜରେ ବଦଳେ ନାହିଁ। ଯଦି ବଦଳେ ସାମୟିକ କ୍ଷଣସ୍ଥାୟୀ। ପରେ ଦେଖିବେ ସେ ଯେମିତି ଥିଲା ସେମିତି ରହିବ। ଯେତେ ଶିକ୍ଷା, ଦୀକ୍ଷା ଥିଲେ ବି ଅନ୍ଧବିଶ୍ୱାସ, କୁସଂସ୍କାର ଆମର ଅସ୍ଥି ମଜା ଭେଦି ଯାଇଛି। ରଶ୍ମି ଶିକାର ହେଲା ସେଇଥିରେ। ବିଧବାଟା ଆଳରେ ତାକୁ ଠାକୁର ଘର ରୋଷଇଶାଳ ମନା। ଶୁଭ କାର୍ଯ୍ୟରେ ହାତ ଦେବାରେ ହେଲା ବାରଣ। ଗାଁର ନିଆଁ ପାଣି ବାଛନ୍ଦ ଭଳି ଯା ନଣନ୍ଦ, ଶାଶୁ, ପଡୋଶୀ ତା'ଠାରୁ ଦୂରେଇ ଗଲେ।

ରଶ୍ମି ପ୍ରବଳ ମନଦୁଃଖ କରେ, କାନ୍ଦେ। ବୋଝେ ବିଷାଦକୁ ପସରା କରି ଭାଗ୍ୟକୁ ନିନ୍ଦା କରି ବେଶ୍ ଚିନ୍ତିତ ଓ ମର୍ମାହତ ହୁଏ।

ଝରଣାର ପ୍ରବହମାନ ଗତିରେ, ପବନର ସୁବାସରେ ଫୁଲର ରୂପ ସମ୍ଭାରରେ ଏବଂ ପ୍ରକୃତିର ବିବିଧତା ମଧ୍ୟରେ ରଶ୍ମି ଖୋଜି ବୁଲୁଥିଲା ସୁଖ, ଶାନ୍ତି, ଖୁସି। କିନ୍ତୁ ହେଲା କ'ଣ ?

ସହି ସହି ସେଦିନ ରାତ୍ରିର ନୀରବତା ମଧ୍ୟରେ, ଆଖିରୁ ରଶ୍ମିର ବହି ଯାଉଥିଲା ଗଙ୍ଗା ଯମୁନାର ଧାର। ସ୍ୱାମୀ ଧୀର ନିଜ ବ୍ୟବସାୟ ଧନ୍ଦାରେ ବାହାରିଗଲା ପରେ ସେ କିପରି ଗୃହବନ୍ଦୀ ହୋଇ ମାନସିକ ଯନ୍ତ୍ରଣା ଭୋଗେ କହିଲା। ଏହାର ବିହିତ ପ୍ରତିକାର କରିବାକୁ ଅନୁରୋଧ କଲା। କୋଳରେ ସନ୍ତାନଟିଏ ଥିଲେ ତା ସେବାରେ, ମୁଖ ଦର୍ଶନରେ ସମୟ କଟନ୍ତା କହି ବିଳାପ କଲା। ଏହାର ଶେଷ କେବଳ ଆତ୍ମହତ୍ୟା କହି ଧୀରକୁ ତା ପୂର୍ବ ପ୍ରତିଶ୍ରୁତି ମନେ ପକାଇ ଦେଇ ଶୋଇ ପଡ଼ିଲା।

ଦିନପରେ ଦିନ ବିତିଯାଏ। ସଞ୍ଜ ହୋଇ ସକାଳ ହୁଏ। ରଶ୍ମି ଉପରେ ବର୍ଷଣ, ଅପମାନ କମେ ନାହିଁ। ଧୀର ଏଥର ନିରବ ନରହି ବାପା-ବୋଉଙ୍କୁ ସେ ବ୍ୟବସାୟ ପାଖ ଏକ ଭଡ଼ାଘରେ ରଶ୍ମିକୁ ନେଇ ରହିବାର କଥା ଶୁଣାଇଲା।

ପରିବାର ନିରବ ସମର୍ଥନରେ ବିଷାଦ, ବିଷଣ୍ଣ ମନରେ ଗୃହଛାଡ଼ି ଖଣ୍ଡଗିରି ପାର୍ଶ୍ୱରେ ଏକ ଭଡ଼ା ଘରେ ରହିଲେ ଧୀର ଓ ରଶ୍ମି।

ଋତୁଚକ୍ରର ଆବର୍ତ୍ତନରେ ଗୋଟିଏ ନୁହେଁ ବାରଟା ବସନ୍ତ ବହିଗଲା ପୃଥିବୀରେ। ଧୀର ଓ ରଶ୍ମିର ସମ୍ପର୍କ ରାମ-ସୀତାଙ୍କ ବନବାସ ସଦୃଶ ହୋଇଗଲା ବାପା-ବୋଉ ପରିବାରଙ୍କଠାରୁ।

ଧୀର ଲୁଗା ବ୍ୟବସାୟ ବଢ଼ିଲା ଓ ରଶ୍ମିର କିଛି ରୋଜଗାର ମିଶି ବର୍ତ୍ତମାନ ବଢ଼ିଛି ଆର୍ଥିକ ସ୍ୱଚ୍ଛଳତା। ନିଜସ୍ୱ ଏକ ଗୃହ ପାଇଁକି ସମ୍ ହସ୍ପିଟାଲ୍ ପାଖାପାଖି ଏକ ଜାଗା କିଣି ଘର କଲେ। ଏ ମଧ୍ୟରେ ରଶ୍ମିର କୋଳକୁ ଆସିଗଲା ଝିଅ ସୁଇଟି ଓ ପୁଅ ରତନ। ଏକ ସୁନ୍ଦର ସଂସାର ଗଢ଼ି ଉଠିଲା। ଅବସର ଓ ଛୁଟି ଦିନରେ ପରିବାର ସଦସ୍ୟ ମିଳିମିଶି ଏକ ସବୁଜ ବଳୟ ସୃଷ୍ଟି କଲେ। ନାନା ଜାତିର ଫୁଲ, ଫଳ ଫଳିଲା। ଚିର ବସନ୍ତ ସେଠାରେ ବିରାଜିଲା। ପିଲା ଦୁଇଟିଙ୍କୁ ନୀତିଶିକ୍ଷା ସହ ଶ୍ରମର ମୂଲ୍ୟ ବୁଝାଏ ରଶ୍ମି। ସେମାନଙ୍କୁ ଲଗାଇ ଘର ସଜା, ବଗିଚାରେ ଖତ ପାଣି ଦେଇ ଜୀବନ ବୃକ୍ଷର ଉପକାରିତା ବୁଝାଏ। ମୋଟାମୋଟି ଗୃହର ସାଜସଜା, ପରିଷ୍କାର ପରିଚ୍ଛନ୍ନତା, ପରିବେଶ ଏକ ଆଶ୍ରମ ତୁଲ୍ୟ ଲାଗିଲା। ପଡୋଶୀମାନଙ୍କ ସହ ଉତ୍ତମ ସମ୍ପର୍କ ରଖି ଏକ ଆଦର୍ଶ ପରିବାର ଖ୍ୟାତି ଅର୍ଜନ କଲେ ଧୀର ଓ ରଶ୍ମି।

ରାସ୍ତାର ଏକ ପାଖରେ କଣ୍ଟା। ଆର ପାଖ ରାସ୍ତାରେ ଫୁଲ। ଗୋଟିଏ ପାଖରେ ପ୍ରଳୟ, ଅନ୍ୟ ପାଖରେ ମଳୟ। ଆମ ଜୀବନ କିପରି ହେବ ତାହା ନିର୍ଭର କରେ ଆମ ଉପରେ।

ଧୀରର ବାପା ବୋଉ ବର୍ତ୍ତମାନ ଜରାଗ୍ରସ୍ତ। ଚଳନଶକ୍ତି ରହିତ ଖୋଜନ୍ତି ପୁଅ, ଝିଅ, ବୋହୂଙ୍କ, ସେବା ସହାନୁଭୂତି, ଚକିତ୍ସା। ଦେଉଛି କିଏ ? ଯେଉଁ ବଡ ବୋହୂର କଥାରେ ସାନବୋହୂ ରଶ୍ମିକୁ ଖୁଣ୍ଟା ଉଲୁଗୁଣା ଦେଇ ଘରଛାଡ଼ି ଚାଲିଯିବାକୁ ବାଧ୍ୟ କଲେ ସେ ଆଡ ଆଖିରେ ଦେଖେନା। ବଡ ଘରର ଝିଅ ଉପରମୁହାଁ, କ୍ଲବଯାଏ, ଟିଭି ଦେଖେ, ପୁଅଝିଅ, ସ୍ୱାମୀ କଥା ବୁଝିବାକୁ ବେଳ ଅଣ୍ଟେନା, ସେ କ'ଣ ବୁଢ଼ାବୁଢ଼ୀଙ୍କ ମଇଳା ଲୁଗାସଫା କରିବ, ମଶାରି ଟାଙ୍ଗିବ, ସମୟ ମୁତାବକ ଔଷଧ ଦେବ ?

ବୁଢ଼ୀ ଅପେକ୍ଷା ବୁଢ଼ା ବେଶୀ ରୋଗଗ୍ରସ୍ତ, ପୀଡ଼ିତା ବୁଢ଼ୀ କହେ ଏ ସବୁ ଭାଗ୍ୟଦୋଷ କହି ଅଟୋରେ ନେଇଯାଏ ଡାକ୍ତରଙ୍କ ପାଖକୁ। ଅଟୋ ସେଦିନ ବୁଢ଼ାବୁଢ଼ୀଙ୍କୁ ଡାକ୍ତରଖାନାରେ ଛାଡି ଅନ୍ୟ ଏକ ଭଡା ନେଇ ଶୀଘ୍ର ଆସୁଛି କହି ଫେରିବାରେ ବିଳମ୍ବ କଲା।

ଖରାଦିନ, ଦିନ ବଢ଼ିଲା, ତାତି ବଢ଼ିଲା ଅଟୋ ପହଞ୍ଚିବାରେ ଅହେତୁକ ବିଳମ୍ବ ଯୋଗୁ ବୁଢ଼ାବୁଢ଼ୀ ଧୀରେ ଧୀରେ ରାସ୍ତାକୁ ଆସି ଏକ ଗଛ ମୂଳେ ଅପେକ୍ଷା କଲେ।

ଗଛର ଅନତି ଦୂରରେ ଦୁଇଟି ପିଲା ସ୍କୁଲରୁ ଫେରି ବୁଲାବୁଲି କରୁଥିଲେ। ବହୁ ସମୟ ଅପେକ୍ଷା କରିଥିବା ଦମ୍ପତ୍ତିଙ୍କୁ ଅପେକ୍ଷା କରିବାର କାରଣ ପଚାରି ବସିବା ପାଇଁ ଚେୟାର ଓ ପିଇବା ପାଇଁ ପାଣି ଆବଶ୍ୟକ କି ପଚାରିଲେ। ଏ ମଧ୍ୟରେ ସାନ ପୁଅ ପିଲାଟି ତା ନାନୀକୁ କହିଲା ପଚାରୁଛୁ କ'ଣ ଆଣିକି ଦେଉନୁ। ଠିଆ ହୋଇ ଅଣ୍ଟା ଧରିବଣି, ପ୍ରବଳ ତାତିରେ ଶୋଷ ଲାଗିବଣି।

ବୃଦ୍ଧ ଦମ୍ପତି ପିଲା ଦୁଇଟିଙ୍କର ଏପରି ଉଦାରତା, ମହତଗୁଣ ଦେଖି ବିସ୍ମୟ ପ୍ରକାଶ କଲେ। ବୃଦ୍ଧା ପିଲା ଦୁଇଟିଙ୍କ ମୁଣ୍ଡକୁ ଆଉଁଶି ଦେଇ ତାଙ୍କ ବାପା ଓ ଘର ପଚାରି ବୁଝିବା ମଧ୍ୟରେ ଅଟୋ ଆସି ଯାଇଥିଲା। ପିଲା ଦୁଇଟି ହାତ ହଲାଇ ଟାଏ ଟାଏ କରି ବିଦାୟ ଦେଲେ।

ଧୀରେ ଧୀରେ ସନ୍ଧ୍ୟା ନଇଁ ଆସିଲା। ଆକାଶର ଶୁଭ୍ରତା କମି ଅନ୍ଧାର ଆବୋରି ଆସିଲା। ବୃଦ୍ଧା ସନ୍ଧ୍ୟା ଦୀପ ଲଗାଇବା ମଧ୍ୟରେ ସେ ନିରୀହ, ଶାନ୍ତ ପିଲା ଦୁଇଟିଙ୍କର ଚିତ୍ର ଆଖି ଆଗରେ ଦେଖି ପାରୁଥିଲେ।

ଦୁଇ କପ୍ ଚା ଧରି ବୃଦ୍ଧା ସ୍ୱାମୀଙ୍କ ପାଖରେ ବସି ବିସ୍ମିତ, ଅପରିଚିତ ପିଲା ଦୁଇଟିଙ୍କ ବିଷୟରେ ଆଲୋଚନା କଲେ। ବଡ ଝିଅ ପିଲାଟି ତା ପିତାଙ୍କ ନାମ ଧୀରେନ୍ କୁମାର ରାଏ କହୁଥିବା ମନେ ପକାଇ ଦେଲେ। ସେ ଆମ ଧୀର ନୁହେଁ ତ ? ବୃଦ୍ଧ ଭୂଲତା କୁଞ୍ଚନ କରି ଏକ ଅସ୍ୱାଭାବିକ ସ୍ୱରରେ କହିଲେ ତୁମେ ଶାଶୁ ବୋହୂ ଦିଇଟା ବିଭିନ୍ନ ପ୍ରକାର ସତମିଛ, ନିନ୍ଦା କୁତ୍ସାରଟି ପୁଅ ବୋହୂଙ୍କୁ ଘରୁ ତଡ଼ି ଦେଲ। ଆଜକୁ ବାରବର୍ଷ ହୋଇଗଲା। ଦିନେ ପୁତ୍ରର ବାତ୍ସଲ୍ୟ ମମତା ତୁମକୁ ଘାରି ନଥିଲା। ତାର ଅପରାଧ ଥିଲା ସେ ଗୋଟାଏ ବିଧବା ରାଣ୍ଡିକୁ ବିବାହ କରିଛି। ଆଜି କାହିଁକି ମନେ ପକାଇ ପୁରୁଣା ଘା ଉଖାରୁଛ। ଧୀର ନାମଧାରୀ ଲୋକ କ'ଣ ପୃଥିବୀରେ ବିରଳ ? ବୃଦ୍ଧାଙ୍କର କୌଣସି ଉତ୍ତର ନଥିଲା। କେବଳ ଚକ୍ଷୁରୁ ଅଶ୍ରୁ ବିସର୍ଜନ କରି ଚାଲିଗଲେ।

ସେଦିନ ଥିଲା ଛୁଟିଦିନ ରବିବାର। ବୃଦ୍ଧ ଦମ୍ପତି ଡାକ୍ତର ପାଖରେ ସ୍ୱାସ୍ଥ୍ୟ ଚେକ୍ଅପ କରାଇ, ଔଷଧ ନେଇ ବାହାରକୁ ଆସିଲେ। କିନ୍ତୁ ବୃଦ୍ଧା ରାଧାମଣୀ ସ୍ୱାମୀଙ୍କୁ ଅପେକ୍ଷା ନକରି ଡଗଡଗ କରି ଦୃତ ଗତିରେ ଚାଲିଲେ ସେହି ପୂର୍ବ ପରିଚିତ ବୃକ୍ଷ ମୂଳକୁ, ଅନୁସନ୍ଧାନ କଲେ ସେ ଦୁଇ ୱଣ୍ଡର ଚିଲ୍ଡ୍ରେନଙ୍କୁ। ପିଲା ଦୁଇଟିଙ୍କ ସହ ଜଣେ ସ୍ତ୍ରୀ ଲୋକ ମିଳିତ ଭାବେ ଗଛ ମୂଳରେ ଖତସାର ଦେଇ ପାଣି ଦେଉଥିବାର ଦୃଷ୍ଟିଗୋଚର ହେଲା। ସମୟ ମଧ୍ୟରେ ବୃଦ୍ଧ ହରବାବୁ ସେଠାରେ ପହଞ୍ଚି ପଚାରିଲେ କ'ଣ ଦେଖୁଛ। ଅଟୋ ଡାକ ଯିବା।

ରାଧାମଣୀଙ୍କର ସେ ଦିଗକୁ ଲକ୍ଷ୍ୟ ନଥିଲା। ପିଲା ଦୁଇଟାଙ୍କ ଧାଁ ଧପଡ଼, ଏ କାମ କରିବା, ସେ ଫୁଲ ତୋଳିବା, ପୋକଖିଆ ଫୁଲ ଫଳକୁ ଗଛରୁ ଛିଡ଼ାଇ ଦେବା କାର୍ଯ୍ୟ ତାଙ୍କୁ ଭଲ ଲାଗୁଥିଲା।

ଏ ମଧ୍ୟରେ ଭାଇଭଉଣୀ ପୂର୍ବ ପରିଚିତ ବୃଦ୍ଧ-ବୃଦ୍ଧାଙ୍କୁ ଦେଖି ଚାଲିଆସି ପଚାରିଲେ – ଗ୍ରାଣ୍ଡପା ଆଜି କ'ଣ ହେଲା ? ଅଟୋ ବାଲା ଆଜି ବି ବିଳମ୍ବ କଲା । ଆସନ୍ତୁ ଆମ ଘର ଦେଖିଯିବେ, ଥଣ୍ଡା ପାଣି ପିଇ ଶୋଷ ମେଣ୍ଟାଇବେ ।

ରୋଗୀ ଖୋଜୁଥିଲା ଯାହା ବଇଦ ବତାଇଲା ତାହା ଭଳି ବୃଦ୍ଧା ରାଧାମଣୀ ଆଗେଇ ଯିବା ବେଳେ ବୃଦ୍ଧ ହରବାବୁ କହିଲେ ହଇଏ ତୁମର ଭଲମନ୍ଦ ବିଚାର ନାହିଁ । ପିଲାଙ୍କ କଥାରେ ତାଙ୍କ ଘର ଭିତରକୁ ପଶି ଯାଉଛ । କିଏ କ'ଣ କହିବ ?

କଥା ନଶୁଣି ରାଧାମଣୀ ଗେଟ୍ ଖୋଲି ସମ୍ମୁଖ ବଗିଚା ମଧ୍ୟ ଦେଇ ଗୃହ ମଧ୍ୟକୁ ଚାଲିଲେ । ପ୍ରଥମେ ତାଙ୍କ ଦୃଷ୍ଟିରେ ପଡିଲା ଧୀର ପିଲାଦିନର ଫଟୋ । ତା ସହ ଦେଖିଲେ ପରିବାର ଫଟୋ । ନିଶ୍ଚିତ ହେଲେ ଏହା ହିଁ ପୁଅ ଧୀରର ଘର । ଏ ମଧ୍ୟରେ ରଶ୍ମି ରାଧାମଣୀଙ୍କ ପାଖରେ ପହଞ୍ଚିଯାଇ ନମସ୍କାର କରି ବସିବାକୁ ଅନୁରୋଧ କଲା । ବାହାରେ ଅପେକ୍ଷାରତ ହରବାବୁଙ୍କୁ ପିଲାମାନେ ଡାକି ଆଣିଲେ ।

ଦୀର୍ଘଦିନର ବ୍ୟବଧାନରେ ପରିଚୟ ବାଧକ ସାଜିଥିଲେ ବି ରାଧାମଣୀ ରଶ୍ମିକୁ ଆଲିଙ୍ଗନ କରି କହିଲେ ମୁଁ ଏବେ ଜାଣିଗଲି ତୁହିଁ ମୋ ସାନ ବୋହୂ ରଶ୍ମି । ହରବାବୁଙ୍କୁ ଏ ମଧ୍ୟରେ ବଡଝିଅ ସୁଇଟି ଘରକୁ ଡାକି ଆଣିଥିଲା । ରଶ୍ମି ହରବାବୁଙ୍କୁ ଚିହ୍ନିପାରି ପ୍ରଣାମ କଲା । ଜାଣିଗଲେ ପିଲାଦ୍ୱୟ ସେମାନଙ୍କ ନାତିନାତୁଣୀ । ଏ ମଧ୍ୟରେ ଧୀର ବଜାରରୁ ଫେରି ଆସିଥିଲା ।

ଏକ ସୁସ୍ଥ ପରିବେଶ ଓ ଉତ୍ତମ ଶିକ୍ଷାପ୍ରାପ୍ତ ଦୁଇ ବାଳିକା, ବାଳକ ଯୋଗୁ ଏହି ମହାମିଳନ ସମ୍ଭବ ହୋଇପାରିଲା । ମମତାରେ ବୁଣା ହୋଇଥିବା ମନର ମଲାଟରେ ସପ୍ତରଙ୍ଗ ଇନ୍ଦ୍ରଧନୁର ବର୍ଣ୍ଣାଳୀ ବିଚ୍ଛୁରିତ ହୋଇ ଉଠିଲା । ସମସ୍ତ ବାଦ, ବିବାଦ, ଅପବାଦ, କୁସ୍କାରଟନାର ଅବସାନ ଘଟିଲା ।

ଧୀର ପିତାମାତାଙ୍କୁ ସ୍ୱାସ୍ଥ୍ୟ, ଖାଦ୍ୟ, ରହଣୀ ବିଷୟରେ ପଚାରି ବୁଝିଲେ । ତାଙ୍କର ସେବାଯତ୍ନ ନେବାରେ ବଡପୁଅ ବୋହୂ ଅଣଦେଖା, ଅବହେଳାରୁ ବାପାଙ୍କର ସ୍ୱାସ୍ଥ୍ୟର ଅବନତି ଘଟୁଛି, କେଉଁ ମୁହୂର୍ତ୍ତରେ କ'ଣ ଘଟିଯିବାର ସମ୍ଭାବନା ପ୍ରକାଶ କଲେ ରାଧାମଣୀ । ରଶ୍ମି ଶୁଣୁଥିଲା । ନିରବରେ କହିଲା ମା' ଆପଣମାନଙ୍କର ସେବା କରିବାର ସୁଯୋଗ ମିଳୁ । ଏଠାକାର ପରିବେଶ ରଶ୍ମିର ଉତ୍ତମ ବ୍ୟବହାର, ପିଲାଦ୍ୱୟର ଚପଳତାରେ ପ୍ରୀତ ହୋଇ ବୃଦ୍ଧ ଦମ୍ପତି କିଛିଦିନ ପରେ ଧୀରର ଗୃହରେ ରହି ଶେଷ ଜୀବନ ବିତାଇଲେ ।

ବିଧବା ରଶ୍ମି ପାଲଟି ଯାଇଥିଲା ଦେବୀ । ସମାଜରେ ବିଧବାମାନଙ୍କ ପ୍ରତିଥିବା ଅନ୍ଧବିଶ୍ୱାସ, କୁସଂସ୍କାର, ଭ୍ରମାତ୍ମକ ଧର୍ମବିଶ୍ୱାସ ଦୂର ହେବାରେ ସାହାଯ୍ୟ କଲା ।

*୭୮୯ - ଲକ୍ଷ୍ମୀସାଗର, ଭୁବନେଶ୍ୱର -୬*
*ଦୂରଭାଷ: ୯୩୩୭୮୮୭୮୯୮*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଈ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ଶାଶ୍ୱତ ସମ୍ପର୍କ

**ଡକ୍ଟର କଳ୍ପଲତା ଦାସ**

ନମିତା ପିଲାମାନଙ୍କୁ ସ୍କୁଲରେ ଛାଡ଼ି ଦେଇ ଆସିଲା ପରେ ତରତର ହୋଇ ରୋଷେଇ ଘରେ ପଶିଗଲା। କମଳା ମଧ୍ୟ ଠିକ୍ ସମୟରେ ପହଞ୍ଚିଗଲା। ନମିତା ଡାଲି, ଚାଉଳ ଡ଼ବାରୁ ବାହାର କରି ରଖିଲା ପରେ ଫ୍ରିଜ୍‌ରୁ ପରିବା ଆଣିବାକୁ ଗଲା। କମଳା ଗ୍ୟାସର ଗୋଟିଏ ପଟେ ଭାତ ବସାଇ ପ୍ରେସରକୁକର୍‌ରେ ଅନ୍ୟ ପଟେ ଡାଲି ଚଢ଼ାଇଦେଲା। କାରଣ ସେ ଜାଣିଛି ଦଶଟା ସୁଦ୍ଧା ଭାତ, ଡାଲି କୌଣସି ଗୋଟିଏ ପ୍ରକାର ତରକାରି କିମ୍ବା ଭଜା କରିଦେଲେ ନମିତାର ଗଣ୍ଡାଏ ଖାଇଦେଇ କଲେଜ ବାହାରିଯିବ। ଖାଇବାରେ ନମିତା କୌଣସି ବାଛ ବିଚାର ନଥାଏ। ଠିକ୍ ସମୟରେ ଯାହା ଗଣ୍ଡାଏ ଖାଇଦେଲେ ହେଲା। ତାହା କିନ୍ତୁ ପରିଷ୍କାର, ପରିଚ୍ଛନ୍ନ ହୋଇଥିବା ଦରକାର। ନମିତା ଗଲାପରେ କମଳା ମାଛ, ମାଂସ କିମ୍ବା ଅନ୍ୟ ଯାହା ତରକାରି ହେବାର ଥାଏ କରିଦେଇ ତା ଘରକୁ ଯାଏ। ପୁଣି ସନ୍ଧ୍ୟାବେଳେ ଆସି ରୁଟି ତରକାରି କରେ। ଖିରି, କଷ୍ଟାଡ଼, କିମ୍ବା ଅନ୍ୟ କୌଣସି ମିଠା ଜିନିଷ ପ୍ରସ୍ତୁତ କରିବାକୁ ଥିଲେ ଅଳକା ଦେବୀ ନିଜେ କରନ୍ତି।

ନମିତାର ଶାଶୁ ଅଳକା ଦେବୀ ରେଭେନ୍ସା ବାଳିକା ବିଦ୍ୟାଳୟର ଅବସର ପ୍ରାପ୍ତ  ପ୍ରଧାନ ଶିକ୍ଷୟିତ୍ରୀ। ଶ୍ୱଶୁର ରମେଶ ବାବୁ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ। ଏକମାତ୍ର ନଣନ୍ଦ ମିଠି ସର୍ଜରୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର। ତାର ସ୍ୱାମୀ ଦେବେନ୍ଦ୍ର ମଧ୍ୟ ସେହି ବିଭାଗର ପ୍ରଫେସର। ଶ୍ୱଶୁର ରମେଶ ବାବୁ ଅବସର ପ୍ରାପ୍ତ ଆସିଷ୍ଟାଣ୍ଟ ପ୍ରଫେସର। ଦିଅର ଶୁଭେନ୍ଦୁ M.B.B.S ପାସ କଲାପରେ ଗୋଟିଏ ନର୍ସିଂ ହୋମ୍‌ରେ ଜଏନ୍ କରିଛି। ପରିବାରର ସମସ୍ତେ ଉଚ୍ଚଶିକ୍ଷିତ ଏବଂ ଉପାର୍ଜନ କ୍ଷମ। ପ୍ରତ୍ୟେକ ସଦସ୍ୟ କର୍ମଠ ଏବଂ ପରସ୍ପରର ସୁଖ ଦୁଃଖରେ ଅଂଶୀଦାର। ଅଳକା ଦେବୀ ଏତେ ବୟସରେ ମଧ୍ୟ ପରିବାର ପ୍ରତି ଥିବା ତାଙ୍କର ଦାୟିତ୍ୱ ସଠିକ୍ ଭାବରେ ସମ୍ପାଦନ କରିଥାଆନ୍ତି। ନମିତା କଲେଜକୁ ଚାଲିଗଲା ପରେ ଏବଂ କମଳା ରୋଷେଇ କରି ଗଲା ପରେ ସେ ସମସ୍ତଙ୍କର ଖାଇବା ପିଇବା ବୁଝନ୍ତି। ସ୍କୁଲ ଛୁଟି ହେବା ପରେ ଯେଉଁ ଦିନ ନମିତା କଲେଜରୁ ଫେରି ନଥାଏ ସେଦିନ ଅଳକା ଦେବୀ ପିଲାମାନଙ୍କୁ ସ୍କୁଲରୁ ଆଣନ୍ତି। ନାତି, ନାତୁଣୀଙ୍କର ପାଠପଢ଼ା ସହିତ ସେମାନଙ୍କର ସଂଗୀତ ଶିକ୍ଷା, ଟେବୁଲ ଟେନିସ୍, ଆର୍ଟ କ୍ଲାସ ଇତ୍ୟାଦିର ଦାୟିତ୍ୱ ନମିତା ଦେବୀଙ୍କ ଉପରେ ହିଁ ନ୍ୟସ୍ତ ଥାଏ। ଏସବୁ କରିବାକୁ ତାଙ୍କୁ ଖୁବ୍ ଭଲ ଲାଗେ। ତେଣୁ ନାତି ନାତୁଣୀଙ୍କର ସମସ୍ତ ପ୍ରକାର ଅଭିଯୋଗ ଏବଂ ଦାବି ଅଳକାଙ୍କ ପାଖରେ ଖୁବ୍ ସହଜରେ ପହଞ୍ଚିଯାଏ। ସକାଳୁ ସନ୍ଧ୍ୟାଯାଏ ପରିବାର ଲୋକଙ୍କର ସମସ୍ୟାର ସମାଧାନ କରୁ କରୁ କେତେବେଳେ ସୂର୍ଯ୍ୟ ଉଦୟ ହୁଅନ୍ତି, କେତେବେଳେ ଚନ୍ଦ୍ର ଆକାଶରେ ଦେଖା ଦିଅନ୍ତି ଅଳକା ଜାଣି ପାରନ୍ତି ନାହିଁ।

ଏହି ଭଳିଆ ଶାଶୁଘର ଏବଂ ସ୍ନେହୀ ପରିବାର ସଦସ୍ୟ ମିଳିଥିବାରୁ ନମିତା ସବୁବେଳେ ଈଶ୍ୱରଙ୍କୁ ନିଜର କୃତଜ୍ଞତା ଜଣାଉଥାଏ। ସ୍ୱାମୀ ବିନୟ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି। ପ୍ରକୃତି ଯେପରି ଶାନ୍ତ, କୋମଳ ଚେହେରା ସେହିଭଳି ସୁନ୍ଦର, କମନୀୟ। ନମିତା ଯେତେବେଳେ ବାଣୀବିହାରରେ ଅର୍ଥଶାସ୍ତ୍ର ବିଭାଗରେ ପି:ଜି ପ୍ରଥମ ବର୍ଷରେ ନାମ ଲେଖାଇଲା, ବିନୟ ସେତେବେଳେ ସେହି ବିଭାଗରେ ଏମ.ଫିଲ କରୁଥିଲେ। ବହୁତ ଭଲ ଛାତ୍ର ଥିଲେ। ବ୍ୟବହାର ଉତ୍ତମ ଥିଲା। ସେଥିପାଇଁ ପ୍ରଫେସରଙ୍କ ଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ। ବିନୟଙ୍କ ସହିତ ନମିତାଙ୍କର କେଉଁ ଦିନ କେଉଁ ସ୍ଥାନରେ ପ୍ରଥମ ସାକ୍ଷାତ ଏବଂ ପରିଚୟ ହେଲା ସେକଥା ଠିକ୍ ଭାବରେ ନମିତାର ମନେ ନଥିଲେ ମଧ୍ୟ ସେହି ମୁହୂର୍ତ୍ତଟି ଏ ପର୍ଯ୍ୟନ୍ତ ନମିତାର ମାନସପଟରେ ଜୀବନ୍ତ ହୋଇ ରହିଛି। ସମୟକ୍ରମେ ବନ୍ଧୁତ୍ୱର ରଜ୍ଜୁ ମଜଭୁତ୍ ହୋଇଛି। ପଢ଼ାପଢ଼ିରେ ଅନେକ ସାହାଯ୍ୟ କରିଛନ୍ତି ବିନୟ। ଅଳକା, ବିନୟଙ୍କର ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଛି। ଏମ.ଫିଲ ସରିଲା ପରେ ପି.ଏଚ୍.ଡ଼ି ପାଇଁ ବିନୟ ନାମ ପଞ୍ଜିକରଣ କରିଛନ୍ତି। ଇତ୍ୟବସରରେ ଓ.ପି.ଏସ୍.ସି. ଦ୍ୱାରା ମନୋନୀତ ହୋଇ ବିନୟ ଅଧ୍ୟାପକ ଭାବରେ ସରକାରୀ କଲେଜରେ ଯୋଗଦାନ କରିଛନ୍ତି। ଅଧ୍ୟାପନା ସହିତ ରିସର୍ଚ୍ଚ କାମ ସମାନ୍ତରାଳ

ଭାବରେ ଆଗେଇ ଚାଲିଛି। ଅଳକା ପ୍ରଥମ ଶ୍ରେଣୀରେ ଏମ.ଏ ପାସ୍ କରିଛି। ନମିତା ପରୋକ୍ଷ ଭାବରେ ବିବାହ ପ୍ରସ୍ତାବ ଉପସ୍ଥାପନ କରିଛି ମାତ୍ର ବିନୟ ସର୍ତ୍ତ ରଖିଛନ୍ତି ପି.ଏଚ୍.ଡ଼ି କାମ ଶେଷ ନହେଲା ପର୍ଯ୍ୟନ୍ତ ସେ ବିବାହ କଥା ଚିନ୍ତା କରିବେ ନାହିଁ। ସମୟର ଅପଚୟ ନକରି ବି.ଇଡି ଟ୍ରେନିଂ ନେବା ପାଇଁ ସେ ନମିତାକୁ ପ୍ରବର୍ତ୍ତାଇଛନ୍ତି। ନମିତା ବି.ଇଡି ପାସ୍ କଲା ପରେ ପରେ ତାକୁ ସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଚାକିରି ମିଳିଯାଇଛି। ଉପଯୁକ୍ତ ସମୟରେ ବିନୟ, ନମିତା ସହିତ ବିବାହ ପ୍ରସ୍ତାବ ପରିବାର ସମକ୍ଷରେ ଉପସ୍ଥାପନ କରିଛନ୍ତି। ନମିତାର ଶିକ୍ଷାଗତ ଯୋଗ୍ୟତା, ତାର ଚାକିରି, ପରିବାରର ମାନ ମର୍ଯ୍ୟାଦା, ସର୍ବୋପରି ତାର ଶାନ୍ତ, କୋମଳ ଚେହେରା ଦେଖିଲା ପରେ ସମସ୍ତେ ବିନୟର ପ୍ରସ୍ତାବକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିଛନ୍ତି। ସୁରୁଖୁରୁରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ନମିତା ନବବଧୂ ବେଶରେ ବିନୟଙ୍କର ଗୃହାଙ୍ଗନରେ ପାଦ ଥାପିଛି। ନମିତାର ଚାଲିଚଳନ, ବ୍ୟବହାରରେ ସମସ୍ତେ ମୁଗ୍ଧ ହୋଇଛନ୍ତି। ପ୍ରଥମ ଦିନରୁ ହିଁ ନମିତା ବିନୟଙ୍କର ପରିବାରକୁ ଆପଣାର ପରିବାର ମନେ କରିଛି। ପରିବାର ପାଇଁ ଯାହା କରିବାର କଥା ସେଥିରେ ତ୍ରୁଟି କରିନାହିଁ। ବିଭାଘରର ଦ୍ୱିତୀୟ ବର୍ଷରେ ରାନୀ ଏବଂ ଚତୁର୍ଥ ବର୍ଷରେ ରାହୁଲ ନମିତାର କୋଳ ମଣ୍ଡନ କରିଛନ୍ତି। ନୂତନ ଅତିଥିଙ୍କର କୁଆଁ, କୁଆଁ ଶବ୍ଦରେ ପରିବାରର ଆନନ୍ଦ ଦ୍ୱିଗୁଣିତ ହୋଇଯାଇଛି। ଦୁଇ ଛୁଆଙ୍କର ଜନ୍ମ ହେବାର ମାସକ ପୂର୍ବରୁ ଏବଂ ଜନ୍ମହେବାର ଦୁଇମାସ ପର୍ଯ୍ୟନ୍ତ ନମିତା ମାଟର୍‌ନିଟି ଛୁଟି ନେଇଛି। କାର୍ଯ୍ୟରେ ଯୋଗଦେବା ପରେ ଛୁଆଙ୍କର ଲାଳନପାଳନ ସହିତ ପରିବାର ଦାୟିତ୍ୱ ପୂର୍ବପରି ତୁଲାଇଛି। କର୍ମକ୍ଷେତ୍ର ଏବଂ ସଂସାର କ୍ଷେତ୍ରର ଦାୟିତ୍ୱ ସଠିକ୍ ଭାବରେ ତୁଲାଇବାରେ ନମିତାକୁ ଅବଶ୍ୟ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ସେଥିପାଇଁ ସେ କେବେ ପଚଘୁଞ୍ଚା ଦେଇନାହିଁ। ଶ୍ରେଣୀରେ ପାଠପଢ଼ାଇବା ପାଇଁ ସେସବୁ ସମୟରେ ନିଜକୁ ପ୍ରସ୍ତୁତ କରିଥାଏ। ସେଥିପାଇଁ ଛାତ୍ର, ଛାତ୍ରୀମାନେ ତାର ପାଠପଢ଼ାଇବା ପ୍ରଣାଳୀକୁ ଖୁବ୍ ପସନ୍ଦ କରନ୍ତି। ବିନୟ ମଧ୍ୟ ନିଜର ଅଧ୍ୟାପନା ସହିତ ତାଙ୍କ ଅଧିନରେ ରିସର୍ଚ୍ଚ କରୁଥିବା ଛାତ୍ରମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବାରେ ଅବହେଳା କରୁନଥାନ୍ତି।

ରାନୀକୁ ତିନବର୍ଷ ହେଲା ପରେ ନିକଟସ୍ଥ ନର୍ସରୀ ସ୍କୁଲରେ ତାର ନାମ ଲେଖା ହେଲା। ଅଧିକାଂଶ ଦିନ ବିନୟ ରାନୀକୁ ସକାଳ ସାତଟାର ସ୍କୁଲରେ ଛାଡ଼ି ଦେଇ ଆସନ୍ତି। ସାଢ଼େ ନଅଟାରେ ସ୍କୁଲ ଛୁଟି ହେଲା ପରେ ନମିତା ଝିଅକୁ ଘରେ ଛାଡ଼ିଦେଇ ପରେ ନିଜ ସ୍କୁଲକୁ ଚାଲିଯାଏ। ନମିତାର ଘରେ ଅନୁପସ୍ଥିତି ସମୟରେ ଅଳକା ଦେବୀଙ୍କୁ ହିଁ ନାତି, ନାତୁଣୀଙ୍କର ଖାଇବା, ପିଇବା, ଗାଧୁଆ ପାଧୁଆ ସବୁକିଛି କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଥାଏ। ରାନୀର ଷ୍ଟାଣ୍ଡାର୍ଡ ଓ୍ୱାନ୍ ହେବା ସମୟକୁ ପ୍ଲେସ୍କୁଲ୍‌ରେ ରାହୁଲର ନାମ ଲେଖା ହେଲା। ନମିତା ରାହୁଲକୁ ଖୁଆଇ ପିଆଇ, ପୋଷାକ ପିନ୍ଧାଇ ଶାଶୁଙ୍କ ପାଖରେ ଛାଡ଼ିଦିଏ। ଅଳକା ଦେବୀ ରାହୁଲର କୁନି କୁନି ନରମ ହାତକୁ ନିଜ ହାତ ମୁଠାରେ ବନ୍ଦୀକରି ସ୍କୁଲ ଫାଟକ ପାଖରେ ପହଞ୍ଚାଇ ଦେଇ ଆସନ୍ତି। ପୁଣି ସ୍କୁଲ ଛୁଟି ହେଲା ପରେ ଯାଇ ଘରକୁ ନେଇ ଆସନ୍ତି। ଚାହୁଁ ଚାହୁଁ ପାଞ୍ଚୋଟି ବର୍ଷ କେମିତି କଟିଗଲା କେହି ଜାଣି ପାରିଲେ ନାହିଁ। ରାନୀ ଷ୍ଟାଣ୍ଡାର୍ଡ ୬ ଏବଂ ରାହୁଲ ଷ୍ଟାଣ୍ଡାର୍ଡ ୭କୁ ଉନ୍ନୀତ ହୋଇ ସାରିଥିଲେ। ଦୁଇଜଣ ଖୁବ୍ ଭଲ ପଢୁଥିଲେ। ରାନୀ ଗୀତ ଏବଂ ଟେବୁଲ ଟେନିସ୍ ଶିଖୁଥିଲା। ରାହୁଲ ଟାଇକୋଣ୍ଡ କ୍ଲାସକୁ ଯାଉଥିଲା। ଘରକୁ ଜଣେ ସାର୍ ଡ୍ରଇଂ ଶିଖାଇବାକୁ ଆସୁଥିଲେ। ଅଳକା ଦେବୀ ଲକ୍ଷ୍ୟ କରିଥିଲେ ଅଢ଼େଇ ତିନି ବର୍ଷ ଦିନରୁ ରାହୁଲ ଟେଲିଭିଜନରୁ କାର୍ଟୁନ ଛବି ଦେଖି କାଗଜ କଲମ ଧରି ସେ ସବୁକୁ ଆଙ୍କେ। ସେଥିପାଇଁ ଅଳକା ଦେବୀ ଜଣେ ଭଲ ଡ୍ରଇଂ ଶିକ୍ଷକ ରାହୁଲ ପାଇଁ ନିଯୁକ୍ତ କରିଥିଲେ। ରାହୁଲ ଖୁବ୍ ସୁନ୍ଦର ଡ୍ରଇଂ କରୁଥିଲା। ରାନୀ ମଧ୍ୟ ଚଣ୍ଡୀଗଡ ସଂଗୀତ ବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇ ପ୍ରାଥମିକ ଏବଂ ପ୍ରାରମ୍ଭିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା। ତା' କଣ୍ଠରୁ ଭଜନ ଯେ କୌଣସି ଲୋକଙ୍କୁ ଚମତ୍କୃତ କରିଥାଏ। ସବୁ ଠିକ୍‌ଠାକ୍ ଚାଲିଥିଲା। ଅଚାନକ ବିନୟଙ୍କର ବ୍ରହ୍ମପୁରକୁ ବଦଳି ହୋଇଗଲା। ହୁଏତ ଚେଷ୍ଟାକରିଥିଲେ ବିନୟ ତାଙ୍କର ବଦଳି ବନ୍ଦ କରାଇ ପାରିଥାଆନ୍ତେ। କିନ୍ତୁ ଏଥିରେ ସେ ମନ ଦେଲେ ନାହିଁ। ତେଣୁ ନିର୍ଦ୍ଦିଷ୍ଟ ଦିନରେ ବିନୟ ଖଲ୍ଲିକୋଟ କଲେଜରେ ଜଏନ୍ କଲେ। ଶାଶୁ, ଶ୍ୱଶୁରଙ୍କ ସହଯୋଗରେ ନମିତା ପିଲାମାନଙ୍କର ରକ୍ଷଣା-ବେକ୍ଷଣ ସହିତ ପରିବାରର ଆନୁସଙ୍ଗିକ କର୍ମ ଠିକ୍‌ଠାକ୍ କରି ଚାଲିଲା। ଶିକ୍ଷୟିତ୍ରୀ ହିସାବରେ ନମିତାର ସୁନାମ ବେଶ୍ ଥିଲା। ବିନା ପାରିଶ୍ରମିକରେ; ଯେଉଁ ଛାତ୍ରଛାତ୍ରୀମାନେ ତାଙ୍କଠାରୁ କିଛି ବୁଝିବାକୁ ଚାହୁଁଥିଲେ ସେମାନଙ୍କୁ କେବେହେଲେ ସେ ନିରାଶ କରୁନଥିଲା। ସେଥିପାଇଁ ଛାତ୍ରଛାତ୍ରୀମାନେ ନମିତାକୁ ଖୁବ୍ ଶ୍ରଦ୍ଧା ଓ ଭକ୍ତି କରୁଥିଲେ।

ବିନୟ ବ୍ରହ୍ମପୁରରେ ଗୋଟିଏ ଘର ଭଡା ନେଇ ରହୁଥିଲେ। ହୋଟେଲରେ ଖାଉଥିଲେ। କାରଣ ରୋଷେଇର 'ର' ଅକ୍ଷର ବିନୟଙ୍କୁ ଜଣା ନଥିଲା। ସେଥିପ୍ରତି ତାଙ୍କର ଆଗ୍ରହ ମଧ୍ୟ ନଥିଲା। ପ୍ରଥମେ କେତେମାସ ବିନୟ ପ୍ରତି ଶନିବାର ରାତିରେ କଟକ ଆସି ସୋମବାର ସକାଳୁ ବ୍ରହ୍ମପୁର ଫେରିଯାଇ କଲେଜରେ କ୍ଲାସ ନିଅନ୍ତି। ପରିବାର ସହିତ ପୁରାପୁରି ଗୋଟିଏ ଦିନ ଆନନ୍ଦରେ କଟାନ୍ତି। ବାପାଙ୍କୁ ଦେଖି ରାନୀ ଖୁବ୍ ଖୁସି ହୋଇଯାଏ। ବାପା ଆସିଲେ ରବିବାର ରାତିରେ ବାହାରେ କୌଣସି ରେଷ୍ଟୁରାଣ୍ଟରେ ଖାଇବାର ଯୋଜନା ପ୍ରସ୍ତୁତ କରି ରଖିଥାଏ। କିଛି ମାସ ପରେ ବିନୟଙ୍କର କଟକ ଆସିବା ପ୍ରତି ସପ୍ତାହ ବଦଳରେ ପ୍ରତି ମାସକୁ ଘୁଞ୍ଚିଗଲା। ମାସକୁ ଥରେ ଆସନ୍ତି। କିନ୍ତୁ ପୂର୍ବ ପରି ତାଙ୍କ ମନରେ ହସ ଖୁସିର ଲହଡ଼ି ଉଠେ ନାହିଁ। ଯେମିତି ସବୁବେଳେ ଚିନ୍ତିତ ଥିବା ଭଳି ଜଣା ପଡ଼ନ୍ତି। ବିନୟଙ୍କର ଏହିଭଳି ଅନ୍ୟମନସ୍କ ଏବଂ ଚିନ୍ତାର କାରଣ ନମିତା ଜାଣିବାକୁ ଚାହିଁଥିଲା। ମାତ୍ର ବିନୟ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ପରିବାରର ପ୍ରଥମ ସନ୍ତାନ ହୋଇଥିବାରୁ ରାନୀର ଜନ୍ମଦିନ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ବନ୍ଧୁ, ବାନ୍ଧବ, ସାଙ୍ଗ, ସାଥିଙ୍କ ମେଳରେ ରାନୀ ପରିଟିଏ ଭଳି ଘୁରି ବୁଲୁଥାଏ। ରାନୀର ଏକାଦଶ

ଜନ୍ମଦିନ ସୋମବାର ଦିନ ପଡୁଥିଲା। ତେଣୁ ସମସ୍ତେ ଭାବିଥିଲେ ବିନୟ ଶନିବାର ରାତିରେ ଆସି ପହଞ୍ଚିବେ ଏବଂ ରବିବାର, ସୋମବାର ରହି ମଙ୍ଗଳବାର ଦିନ ଫେରିଯିବେ। କିନ୍ତୁ ଯେତେବେଳେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ବିନୟ ଆସି ନ ପହଞ୍ଚିଲେ ଅଳକା ଏବଂ ନମିତା ଉଭୟ ବିନୟଙ୍କୁ ଫୋନ୍ କଲେ। ପ୍ରଥମ ପ୍ରଶ୍ନ ଥିଲା – 'ଦେହ ଭଲ ଅଛିତ?' ବିନୟ ଦେହ ଭଲ ଥିବା କଥା କହିଲେ। ନମିତା ପଚାରିଥିଲା – 'ଆସନ୍ତାକାଲି ରାନୀର ଜନ୍ମଦିନ ତମେ ଆସି ପହଞ୍ଚିଲ ନାହିଁ କାହିଁକି?' ବିନୟ ସ୍ୱଗତୋକ୍ତି କଲା ପରି ପଚାରିଲେ – 'କାଲି ରାନୀର ଜନ୍ମଦିନ?' ତା' ପରେ ଅବିଚଳିତ ସ୍ୱରରେ କହିଲେ – 'ମୁଁ ଏଥର ଜନ୍ମଦିନରେ ରହି ପାରୁନାହିଁ।' କିନ୍ତୁ ରେଷ୍ଟୁରାଣ୍ଟକୁ ଫୋନ୍ କରି ହୋମ୍ ଡେଲିଭରି ବ୍ୟବସ୍ଥା କରି ଦେଉଛି। ଠିକ୍ ସମୟରେ ଡିନର ଘରେ ପହଞ୍ଚିଯିବ। ଜନ୍ମଦିନ ଦିନ କେବଳ ନମିତା ଏବଂ ଅଳକା ନୁହନ୍ତି ନିଜେ ରାନୀ ଖୁବ୍ ମନ ଦୁଃଖ କରିଥିଲା। କାରଣ ବାପାଙ୍କୁ ସେ ଖୁବ୍ ଭଲପାଏ। ବିନୟଙ୍କର ବ୍ରହ୍ମପୁର ବଦଳି ହେବା ସମୟରେ ସେ ତାଙ୍କ ସହିତ ବ୍ରହ୍ମପୁର ଯିବା ପାଇଁ ଜିଦ୍ କରୁଥିଲା। ସେ କହୁଥିଲା – 'ତମେ କେହି ବାପାଙ୍କ ସାଙ୍ଗରେ ନଗଲେ ମଧ୍ୟ ମୁଁ ବାପାଙ୍କ ସଙ୍ଗରେ ବ୍ରହ୍ମପୁର ଯିବି ଓ ସେଠାରେ ପାଠ ପଢ଼ିବି।' ନମିତା ବୁଝାଇଥିଲେ – 'ମୋର ତ କଟକରେ ଚାକରି। ବଦଳି ନ ହେବା ପର୍ଯ୍ୟନ୍ତ ମୁଁ ତ କଟକ ଛାଡି ଯାଇ ପାରିବି ନାହିଁ। ଏଠାରେ ତୋର ଜେଜେବାପା, ଜେଜେମା ଅଛନ୍ତି। ସେମାନଙ୍କୁ ଏକୁଟିଆ ଛାଡି ଯିବାକୁ ତୋର ଇଚ୍ଛା ହେଉଛି? ରାନୀ ଆଉ ଯୁକ୍ତି କରି ନଥିଲା। କିନ୍ତୁ ପ୍ରତି ରବିବାର ଦିନ ତା' ବାପାଙ୍କୁ ଅପେକ୍ଷା କରି ବସିଥିବ। ପ୍ରଥମେ ପ୍ରତି ଦିନ ରାତିରେ ବାପାଙ୍କ ସହିତ କଥାବାର୍ତ୍ତା ନ ହେଲେ ତା' ଆଖିକୁ ନିଦ ଆସୁନଥିଲା। ବିନୟଙ୍କର କଟକ ଆସିବା ଅବଧି ଯେପରି ଘୁଞ୍ଚି ଘୁଞ୍ଚି ଗଲା ରାନୀର ଫୋନ୍ କରିବା ଅବଧି ସେପରି ଗଡ଼ି ଗଡ଼ି ଚାଲିଲା।

ଏମିତି ଏମିତିରେ କେତୋଟି ବର୍ଷ କଟିଗଲା। ନମିତା ସ୍କୁଲକୁ ତାର ଜଣେ ସାଙ୍ଗ ଯିଏକି ପୂର୍ବରୁ ବିନୟଙ୍କୁ ଭଲ ଭାବେ ଚିହ୍ନିଥିଲା ସେ ବ୍ରହ୍ମପୁରରୁ ସେଠାକୁ ବଦଳି ହୋଇ ଆସିଲା। ନମିତାକୁ କହିଲା – " ତୋର ମାମୁଁ ଝିଅ ଭଉଣୀ ଖୁବ୍ ସ୍ନେହୀ ଓ ମେଳାପୀ। ସମସ୍ତଙ୍କ ସହିତ ଖୁବ୍ ସହଜରେ ମିଶିଯାଏ। ସେ ବିନୟଙ୍କର ଖୁବ୍ ଯତ୍ନ ନେଉଛି। ପୂର୍ବରୁ ତ ବିନୟ ହୋଟେଲରେ ଖାଉଥିଲେ। ଏବେ ପ୍ରାୟ ସେ ତାର ହାତରନ୍ଧା ବିନୟଙ୍କୁ ଖୁଆଉଛି।" ନମିତା ଆଶ୍ଚର୍ଯ୍ୟ ହୋଇଗଲା। ପ୍ରଶ୍ନ କଲା – "କେଉଁ ମାମୁଁ ଝିଅ? ମୋ ମାମୁଁଙ୍କର ତ ଆଦୌ ଝିଅ ନାହାନ୍ତି।" ନମିତାର ସାଙ୍ଗ କହିଥିଲା – "ବିନୟଙ୍କ କଲେଜରେ ଇଂରାଜୀ ଡ଼ିପାର୍ଟମେଣ୍ଟରେ ଆଡ଼ହକ୍‌ରେ ଝିଅଟିଏ ଜଏନ୍ କରିଛି। ତା ନାମ ଶିବାନୀ। ଥରେ ଗୋଟିଏ ମଲ୍‌ରେ ବିନୟ ସହିତ ଶିବାନୀକୁ ଦେଖିଥିଲି। ମୁଁ କିଛି ପ୍ରଶ୍ନ କରିବା ପୂର୍ବରୁ ବିନୟ ତା ସହିତ ମୋର ପରିଚୟ କରାଇ ଦେଇଥିଲେ କହିଥିଲେ – "ଇଏ ନମିତାର ମାମୁଁ ଝିଅ ଭଉଣୀ। ଏ ସ୍ଥାନ ତା ପାଇଁ ପୁରା ଅପରିଚିତ। ସେଥିପାଇଁ ତାର ସବୁ ପ୍ରକାର ସୁବିଧା ଅସୁବିଧା ମତେ ବୁଝିବାକୁ ହେଉଛି।" ପ୍ରଥମେ ସେ ଝିଅ ଅନ୍ୟ ଯାଗାରେ ଘର ଭଡ଼ା ନେଇ ରହୁଥିଲା। ଏବେ ବିନୟ ଯେଉଁ ବିଲଡ଼ିଂରେ ରହୁଛନ୍ତି ତାର ଉପରେ ଖାଲି ଥିବା ଦୁଇବଖରା ଘରେ ଘର ମାଲିକଙ୍କୁ କହି ବିନୟ ତାକୁ ରଖାଇଛନ୍ତି। ସଂସାର ବିଷୟରେ ଅନେକ କିଛି ଅଭିଜ୍ଞତା ଅର୍ଜନ କରିଥିବା ନମିତାକୁ ବିନୟଙ୍କ କଟକ ନ ଆସିବା ଏବଂ ପରିବାରଠାରୁ ଏକ ପ୍ରକାର ଦୂରେଇ ଯିବାର କାରଣ ଆଉ ଅଜଣା ରହିଲା ନାହିଁ। ପ୍ରାଣକୁ ଯେତେ ଆଘାତ ଲାଗିଥିଲେ ମଧ୍ୟ, ମନ ଯେତେ କଷ୍ଟ ହେଲେ ମଧ୍ୟ ଶାଶୁ, ଶ୍ୱଶୁରଙ୍କୁ ଏହାର ସାମାନ୍ୟତମ ସୁରାକ ସେ ଦେଇନଥିଲା।

ପ୍ରାୟ ଚାରିମାସ ପରେ ବିନୟ କଟକ ଆସିଲେ। ନମିତାର ପ୍ରଥମ ପ୍ରଶ୍ନ "ମୋର କେଉଁ ମାମୁଁ ଝିଅ ଭଉଣୀ ତମ ସାଙ୍ଗରେ ରହୁଛି? ତମର ଭଲଭାବେ ଯତ୍ନ ନେଉଛି। ନିର୍ବିକାର ଭାବରେ ବିନୟ କହିଥିଲେ – "ଆମ କଲେଜକୁ ନୂଆ ଝିଅଟିଏ ଆସିଛି। ଭାରି ମେଳାପି, ସ୍ନେହୀ।" ଆଉ କିଛି ପଚାରିବାକୁ କିମ୍ବା ଶୁଣିବାକୁ ନମିତାର ଇଚ୍ଛା ହେଲା ନାହିଁ। ଦିନ ଗଡ଼ି ଚାଲିଥିଲା। ପୁଅଙ୍କର କୀର୍ତ୍ତି କିଛି କିଛି ରମେଶ ବାବୁ ଏବଂ ଅଳକା ଦେବୀଙ୍କ କାନରେ ପଡ଼ିଛି।" ଏ ବିଷୟରେ ବିନୟଙ୍କୁ କୌଣସି କଥା ପଚାରିବାକୁ ନମିତା ସେମାନଙ୍କୁ ବାରଣ କରିଛି। ଏଥର ପ୍ରତିବର୍ଷ ବିନୟଙ୍କର ବିନା ଉପସ୍ଥିତିରେ ରାନୀର ଜନ୍ମଦିନ ପାଳନ କରାଗଲା। ରାନୀର ଜନ୍ମ ତାରିଖ ବିନୟ ଯେପରି ଭୁଲିଗଲା – ତାକୁ ଏ ବିଷୟରେ ମନେ ପକାଇବାକୁ ମଧ୍ୟ କେହି ଉଚିତ ମଣିଲେ ନାହିଁ। ଏହା ମଧ୍ୟରେ ରାନୀ ନବମ ଶ୍ରେଣୀରେ ପଢ଼ିଲାଣି। ସବୁବେଳେ ଶ୍ରେଣୀର ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ରହୁଛି। ପାଠପଢ଼ା ପ୍ରତି ତା'ର ଯେତିକି ଏକାଗ୍ରତା ସଂଗୀତ ପ୍ରତି ମଧ୍ୟ ତା'ର ସେତିକି ଝୁଙ୍କ୍। ଚଣ୍ଡୀଗଡ଼ ଗାନ୍ଧର୍ବ ମହାବିଦ୍ୟାଳୟରୁ ବି.ମ୍ୟୁଜରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି। ଆକାଶବାଣୀ କଟକ କେନ୍ଦ୍ରରେ ଅଡିସନ୍ ଦେଇ ପ୍ରଥମେ ଶିଶୁ ସଂସାର ଏବଂ ପରେ କିଶୋରଚକ୍ର ପ୍ରୋଗ୍ରାମ୍‌ରେ ଅନେକ ଥର ଅଂଶଗ୍ରହଣ କରିଛି। ରାହୁଲ ମଧ୍ୟ ପାଠ ସହିତ ଡ୍ରଇଂ ଏବଂ ଟାଇକୋଣ୍ଡରେ କୃତିତ୍ୱ ପ୍ରଦର୍ଶନ କରିବାରେ ପଛାଇ ନାହିଁ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଅନେକ ଥର ଅଂଶଗ୍ରହଣ କରି ପୁରସ୍କାର ଏବଂ ଟ୍ରଫି ହାସଲ କରିଛି।

ରାନୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲା। ଗଣିତ ଏବଂ ବିଜ୍ଞାନ ପଢ଼ାଇବା ପାଇଁ ଜଣେ ସାର୍ ଘରକୁ ଆସିଲେ। ଅନ୍ୟ ସମସ୍ତ ବିଷୟ ନିଜେ ନିଜେ ପଢ଼େ। ଦରକାର ସମୟରେ ନମିତାଙ୍କ ସାହାଯ୍ୟ ନେବାକୁ ଭୁଲେ ନାହିଁ। ରାତି ଦିନ ଏକ କରି ପାଠ ପଢ଼ିବାର ଫଳ ସ୍ୱରୂପ ଶତକଡ଼ା ୯୨ ଭାଗ ନମ୍ବର ରଖି ଦଶମ ଶ୍ରେଣୀ ପାସ୍ କଲା। ପରୀକ୍ଷା ଫଳ ବାହାରିଲା ପରେ ନମିତା ଭାବିଥିଲା ଝିଅର କୃତିତ୍ୱର ସମ୍ବାଦ ବିନୟଙ୍କୁ ଜଣାଇବ। ମାତ୍ର ତା'ର ଅନ୍ତରାତ୍ମା ଏଥିପାଇଁ ସ୍ୱୀକୃତି ଦେଲା ନାହିଁ। ରାନୀକୁ ସୁନ୍ଦର ଘଣ୍ଟାଟିଏ ଉପହାର ଦେଲା ଏବଂ ରେଷ୍ଟୁରାଣ୍ଟରେ ସାଙ୍ଗମାନଙ୍କ ସହିତ ଖାଇବା ପାଇଁ କିଛି ଟଙ୍କା ଦେଲା। ସ୍କୁଲରେ ଦ୍ୱାଦଶ ଶ୍ରେଣୀରେ ପଢ଼ିବାର ସୁଯୋଗ ଥିଲେ ମଧ୍ୟ ରାନୀ +୨ ପଢ଼ିବା ପାଇଁ ରେଭେନ୍ସା କଲେଜରେ ନାମ ଲେଖାଇଲା।

ଜୁଲି ତା' ନିଜର କିଛି ଦରକାରୀ କାର୍ଯ୍ୟରେ ଖଲ୍ଲିକୋଟ କଲେଜକୁ

ଯାଇଥିଲା । ସେଠାରୁ ପେରି ନମିତାକୁ ଏକ ଚମକପ୍ରଦ କାହାଣୀ ଶୁଣାଇଲା । ଶିବାନୀର ବିଭାଘର ତା'ର ମାମୁଁ ପୁଅ ଭାଇ ସହିତ ସ୍ଥିର ହୋଇଛି । ନିର୍ବନ୍ଧ ଏବଂ ମୁଦି ପିନ୍ଧା ଶେଷ ହୋଇଛି । ଆଗାମୀ ତିଥିରେ ବିଭାଘର ହେବ । ଶିବାନୀର ମାମୁଁଙ୍କର ପୁଅ ଦୁଇ ବର୍ଷ ତଳେ ଆଇ.ଏ.ଏସ ପାଇଛି । ଦକ୍ଷିଣ ଓଡ଼ିଶାର ନିୟମ ଅନୁସାରେ ମାମୁଁ ପୁଅ ଭାଇ ସହିତ ପିଉସୀ ଝିଅ ଭଉଣୀ କିମ୍ବା ପିଉସୀ ପୁଅ ଭାଇ ସହିତ ମାମୁଁ ଝିଅ ଭଉଣୀର ବିଭାଘର ହେବା ସ୍ୱାଭାବିକ । ଯଦି ସେମାନଙ୍କ ପରିବାରରେ କେହି ଉପଯୁକ୍ତ ପ୍ରାର୍ଥୀ ନଥିବେ ତେବେ ସେମାନେ ବାହାରେ ପ୍ରସ୍ତାବ ପକାଇବେ । ଶିବାନୀ ଚାକିରି ଛାଡି ଚାଲି ଯାଇଛି । କାରଣ ତା' ବରର ପୋଷ୍ଟିଂ ଗୁଜୁରାଟରେ । ବିଭାଘର ପରେ ଶିବାନୀ ଗୁଜୁରାଟ ଚାଲିଯିବ । ଏ ସମ୍ବାଦ ନମିତାର ମନରେ କୌଣସି ଭାବାନ୍ତର ସୃଷ୍ଟି କରି ନଥିଲା ।

ରାନୀକୁ ଷୋହଳ ବର୍ଷ ପୁରିଲା । କଲେଜର ପ୍ରଥମ ପାହାଚରେ ପାଦ ଥାପିଥିବା ରାନୀକୁ ଯିଏ ଥରେ ଦେଖିବ ତା'ର ଚକ୍ଷୁ ଦ୍ୱିତୀୟ ଥର ଆପେ ଆପେ ସେହି ଆଡ଼େ ପ୍ରସାରିତ ହୋଇଯିବ । ଜେଜେ ବାପା, ଜେଜେ ମା'ଙ୍କର ଗଳାର ମାଳି, ମା'ଙ୍କର ନୟନ ପିତୁଳି ରାନୀର ଷୋହଳ ପୂଜା ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସମସ୍ତେ ମନସ୍ଥ କଲେ । ନମିତା ଏବଂ ଅଳକା ଦେବୀ କାର୍ଯ୍ୟକ୍ରମ ପ୍ରସ୍ତୁତ କଲେ । ତାହାକୁ ସଫଳ ରୂପାୟନ କରିବାକୁ ରମେଶ ବାବୁ ପ୍ରତିଶ୍ରୁତିବଦ୍ଧ ହେଲେ ।

ଜନ୍ମଦିନ ସକାଳୁ ସବୁ ବର୍ଷ ପରି ଚକୁଳିପିଠା, ଖିରୀ, ତରକାରି ପ୍ରସ୍ତୁତ କରାଯାଇ ପ୍ରସ୍ତୁତ କରାଯାଇ ଷଠିମାଙ୍କର ପୂଜା କରାଗଲା । ରାନୀ ନୂତନ ବସ୍ତ୍ର ପରିଧାନ କରି ଠାକୁରଙ୍କୁ ଏବଂ ଜେଜେବାପା, ଜେଜେମା'ଙ୍କୁ ମୁଣ୍ଡିଆ ମାରିଲା । ସନ୍ଧ୍ୟା ପୂର୍ବରୁ ବିଧି ମୁତାବକ ସତ୍ୟନାରାୟଣ ପୂଜା କରାଗଲା । ରାତିରେ ସମସ୍ତ ବନ୍ଧୁବାନ୍ଧବ ନମିତା ଏବଂ ଅଳକା ଦେବୀଙ୍କର କେତେଜଣ ଘନିଷ୍ଠ ସାଙ୍ଗ ଏବଂ ରାନୀ ଏବଂ ରାହୁଲର ସାଙ୍ଗମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏତେ ସବୁ ଆନନ୍ଦ ଉତ୍ସବ ମଧ୍ୟରେ ବି ରାନୀର ମନ ସେପରି ଖୁସି ଥିଲା ଭଳି ଜଣାପଡୁନଥିଲା । ନମିତାର ମା' ମନ ରାନୀର ଅନ୍ତରର ଭାଷାକୁ ପଢ଼ିବା ପାଇଁବେଶୀ ସମୟ ଲାଗି ନଥିଲା । ରାନୀର ଚିନ୍ତାଗ୍ରସ୍ତ ଚକ୍ଷୁ ବିନୟଙ୍କର ଉପସ୍ଥିତିକୁ ଖୋଜି ବୁଲୁଥିଲା । ସନ୍ଧ୍ୟାରେ ମଣ୍ଡପରେ ସମସ୍ତେ ଏକତ୍ରିତ ହୋଇ କେକ୍ କାଟିବାର ବ୍ୟବସ୍ଥା କଲେ । ରାନୀର ପସନ୍ଦ ମୁତାବକ ବିରାଟ କେକ୍ ବରାଦ ଦିଆଯାଇଥିଲା । କେକ୍ ଉପରେ ମହମବତୀ ସଜାଗଲା । ହାତରେ ଛୁରୀ ଧରି ରାନୀ କେକ୍ କାଟିବାକୁ ପ୍ରସ୍ତୁତ ହେଲା । ମହମବତୀ ଫୁଙ୍କି ସାରି ରାନୀ କେକ୍ କାଟିବାକୁ ଉଦ୍ୟତ ହେଲା ବେଳେ ସମ୍ମିଳିତ ସ୍ୱରରେ ଭାସି ଆସିଲା –

"ହାପି ବାର୍ଥ ଡେ ଟୁ ରାନୀ
ହାପୀ ବାର୍ଥ ଡେ ଟୁ ୟୁ ।"

ସମ୍ମିଳିତ ସ୍ୱର ମଧ୍ୟରୁ ଗୋଟିଏ ସ୍ୱର ରାନୀର କର୍ଣ୍ଣଗହ୍ୱରରେ ଅମୃତ ସିଞ୍ଚନ କଲା । ରାନୀ, ନମିତା, ଅଳକା ଦେବୀ ଓ ରମେଶ ବାବୁ ସମସ୍ତେ ପଛକୁ ଚାହିଁଲେ । ବିନୟ ଦୋଷୀଟିଏ ଭଳି ସମସ୍ତଙ୍କ ପଛରେ ଛିଡ଼ା ହୋଇଛନ୍ତି । ଏବେବି ତାଙ୍କ ଓଠରୁ ବାହାରୁଛି "ହାପି ବାର୍ଥଡେ ଟୁ ରାନୀ"

*ସାବିତ୍ରୀ ନିବାସ, ବି.୧୫୦୬/୧*
*ମର୍କତ ନଗର, କଟକ*
*ପିନ୍ : ୭୫୩୦୧୪*



# ଝଗଡ଼ା

## ମୂଳଲେଖା – ରସ୍କିନ ବଣ୍ଡ
## ରୂପାନ୍ତର - ନଗେନ୍ଦ୍ର ନାଥ ପଟ୍ଟନାୟକ

ରଣଜୀ ଏବେ ଜୟପୁର ଆସିବାର ମାସକରୁ କମ୍ ସମୟ ହୋଇଥିଲା, ଯେତେବେଳେ ସେ ଜଙ୍ଗଲରେ ପୋଖରୀଟେ ଠାବ କରିନେଇଥିଲା । ଟାଇଁଟାଇଁ ଖରା ହେଉଥିଲା । ଆଉ ତା' ସ୍କୁଲ ଏବେ ଖୋଲିନଥିଲା । ଅର୍ଦ୍ଧହିଲ୍ ଷ୍ଟେସନରେ ତା'ର ଏବେ ବି କାହା ସହିତ ବନ୍ଧୁତା ହୋଇନଥିଲା। ପାହାଡ଼ ଓ ଜଙ୍ଗଲ ମଝିରେ ସେ କୌଣସି ଗୋଟେ ଭଲ ଜାଗା ସନ୍ଧାନରେ ଥିଲା, ସେଥିପାଇଁ ସେ ସହର ଚାରିପଟେ ଚକ୍କର ମାରି ସାରିଥିଲା। ବର୍ଷକର ସେ ସମୟରେ ତପତ ନିଦାଘ ଅନୁଭୂତ ହେଉଥିଲା। ରଣଜୀ ହାଫପ୍ୟାଂଟ ଓ ବାନିୟାନ ପିନ୍ଧିଥିଲା । ତା'ର ବାଦାମୀ ରଙ୍ଗର ପାଦ ଭୂଇଁରେ ପଡିବାରୁ ଧୂଳି ଉଡୁଥିଲା, ବୋଧହୁଏ ସେ ବେଶ୍ ଉତ୍ସାହିତ ଥିଲା; ଦଲକାଏ ଥଣ୍ଡା ପବନ ବହିଯିବାରୁ ସେ ସତେଜ ଅନୁଭବ କରୁଥିଲା। ଅସରାଏ ବର୍ଷାର ଅପେକ୍ଷାରେ ଥିଲା।

ଏ ଗୋଟେ କ୍ଳାନ୍ତଭରା ଗରମ ଦିନ ଥିଲା ଯେତେବେଳେ କି ରଣଜୀ ଜଙ୍ଗଲରେ ପୋଖରୀଟେ ଖୋଜି ପାଇ ସାରିଥିଲା । ପାଣିରେ କୋମଳତା, ସ୍ୱଚ୍ଛତା ଥିଲା, ଆଉ ପୋଖରୀ ତଳେ ଗୋଲ୍ ଗୋଲ୍ କଙ୍କର-ଗୋଡ଼ି ଥିଲା ଯାହା କି ଆଖିକି ଜଳଜଳ ଦିଶୁଥିଲା। ସେଇ ପୋଖରୀକୁ ଜଳରେ ଭରିଦେବା ପାଇଁ ପଥର ମଝିରେ ଛୋଟ ଜଳଧାରା ବାହାରିଥିଲା। ମେଘ ବର୍ଷିବା ସମୟରେ ଏଇ ଧାରା ଝରଣାରେ ପରିଣତ ହୋଇ ଯାଇଥିଲା ଏବଂ ପାହାଡ଼ ତଳେ ଝରି ପଡୁଥିଲା। ମାତ୍ର ଗ୍ରୀଷ୍ମଦିନରେ ଛୋଟ ଜଳଧାରାଟିଏ ବି ହୋଇପାରିବା ମୁସ୍କିଲ ହୋଇପଡୁଥିଲା । ପଥର ସେଇ ପାଣିକୁ ରୋକି ଦେଉଥିଲା, ଆଉ ଏଇ ପୋଖରୀଟି ଅନ୍ୟ ସରୋବର ଭଳି ଶୁଖି ଯାଉଥିଲା।

ରଣଜୀ ଯେତେବେଳେ ସେଇ ପୋଖରୀକୁ ନିଜ ଆଖିରେ ଦେଖିଲା ତା' ଭିତରକୁ ଯିବାକୁ କୌଣସିପ୍ରକାର ଦ୍ୱିଧାବୋଧ ତା'ର ନଥିଲା। ଯେତେବେଳେ ସେ ନିଜ ଘରଲୋକଙ୍କ ସହିତ ମରୁଭୂମି ମଝିରେ ରାଜପୁତ୍‌ମାନଙ୍କର ଏକ ସହରରେ ରହୁଥିଲା ଅଧିକାଂଶ ସମୟରେ ଏକୁଟିଆ କି ସାଙ୍ଗଦୋସ୍ତଙ୍କ ସାଙ୍ଗରେ ପହଁରିବାକୁ ଯାଉଥିଲା। ସେଠି ମାଟି-କାଦୁଅ ଦଲ୍‌ଦଲ୍ ପୋଖରୀଟିଏ ଥିଲା, ଯେଉଁଟି ମଇଁଷିମାନେ ଲତ୍‌ପତ୍ ହୋଇ ଲୋଟି ପଡୁଥିଲେ ଏବଂ ମହିଳାମାନେ ମଇଳା କପଡ଼ା ସଫାସଫି କଚାକଚି କରୁଥିଲେ। ଯେତେବେଳେ ସେ ମରୁଭୂମିରେ ଥିବା ପୋଖରୀଗୁଡିକ ଆଡକୁ ଯାଉଥିଲା କେବେ ବି ଏଭଳି ପୋଖରୀ ପୂର୍ବରୁ ଦେଖି ନଥିଲା। ତା'ର ଅଙ୍ଗ କୋମଳ ଥିଲା, ମୋଟା ଚଉଡା ନ ଥିଲା ଓ ତା'ର ଗାଢ ରଙ୍ଗର କଳେବରଟା ସୁନେଲି ସୂର୍ଯ୍ୟଙ୍କ କିରଣରେ ଝଲମଲ୍ ହେଉଥିଲା ।

ପରଦିନ ସେ ତଥାପି ଜଙ୍ଗଲର ସେଇ ଥଣ୍ଡାପାଣି ଭରା ପୋଖରୀ ପାଖରେ ପହଁଚିଗଲା। ସେ ସେଠି ପାଖାପାଖି ଘଂଟାଏ ପର୍ଯ୍ୟନ୍ତ ସେଇ ସ୍ୱଚ୍ଛଳ ଜଳ ଭିତରେ ଆଉ ବାହାରେ ଥାଏ ଓ ହଳଦୀ ରଙ୍ଗର ପଥରଗୁଡ଼ିକ ମଝିରେ ଗହଳିଆ ପତ୍ରଥିବା ବଡ ବୃକ୍ଷମାନଙ୍କ ଛାଇରେ ବସିଯାଏ । ସେ ଉଲଗ୍ନ ହୋଇ ସେଇ ପଥରଗୁଡିକ ଉପରେ ଚିତ୍‌ହୋଇ ଲୋଟିଗଲା ବେଳକୁ ଦେଖିଲା କିଛି ଦୂରରେ ଅନ୍ୟ ଜଣେ ବାଳକ ଛିଡ଼ା ହୋଇଛି । ଡେଙ୍ଗା ଆଉ ମୋଟାସୋଟା ଭଳି ମନେ ହେଉଥିଲା। ତା' ନାକଟା ଲମ୍ବା ଓ ମୋଟା ଥିଲା ଏବଂ ଓଠଟି ଲାଲ। ସେ ଏବେ ରଣଜୀକୁ ଦେଖି ପୋଖରୀର ଏକ କୂଳରେ ଗାଧୁଆ କପଡା ପିନ୍ଧି ଛିଡ଼ା ହୋଇଗଲା। ସେ ରଣଜୀକୁ ବାହାରି ଆସିବାକୁ ଅପେକ୍ଷା କରିଥିଲା।

ଯେତେବେଳେ ରଣଜୀ କିଛି କହିଲାନି ଅନ୍ୟ ବାଳକଟି ତାକୁ ଡାକିଲା: ଆରେ ମିଷ୍ଟର ! ତୁମେ ଏଠି କ'ଣ କରୁଛ ?

ରଣଜୀ, ଯିଏ ମିତ୍ରବତ୍ ବ୍ୟବହାର ଲାଗି ଉଦ୍ୟତ ଥିଲା, ସେ ବି ବୈରଭାବପୂର୍ଣ୍ଣ ଆଚରଣ ଦେଖି ସେମିତି ଜବାବ ଦେଲା: ସନ୍ତରଣ କରୁଛି। ତୁମ ସାଙ୍ଗ ଆସି କାହିଁକି ପହଁରୁନାହିଁ ?

: 'ମୁଁ ସଦାବେଳେ ଏକାକୀ ପହଁରିଥାଏ ।' ଅନ୍ୟ ବାଳକଟି ଜବାବ ଦେଲା ।

: ଏଟା ମୋର ପୋଖରୀ, ମୁଁ ତମକୁ ଡାକିଛି । ଆଉ ତୁମେ କପଡ଼ା କାହିଁକି ପିନ୍ଧିନ ?

: ମୁଁ କପଡ଼ା ପିନ୍ଧିବି କି ନାଇଁ, ଏଟା ତୁମ କାମ ନୁହେଁ ଆଉ, ଏ କଥା ନେଇ ମୋର ଲଜ୍ଜାବୋଧ ନାହିଁ ।

: ହାଡଗୁଡିକ ଦେଖୁଛ ? ଜଲଦି କପଡ଼ା ପିନ୍ଧ ।

: ଆବେ ମୋଟୁ, ନିଜ କପଡ଼ାକୁ ଉତାରି ଦେ ।

କେହି ଜଣେ ଅଜଣା ଅଚିହ୍ନା ବାଳକ ବରଦାସ୍ତ କରିବାର ସୀମା ପାର କରିଦେଲା । ସେ ଗଲା ରଣଜୀ ପାଖକୁ, ଯିଏ ଏବେ ବି ସେଇ

ପଥର ଉପରେ ଗୋଡ ଫରକଟା କରି ବାଲିରେ ଥୋଇ ବସିଥିଲା ଯେପରି ସେ ପୂରା ମାମଲାକୁ ସଦାବେଳ ପାଇଁ ମୀମାଂସା କରିଦେବ । ସେ କହିଲା: ମୁଁ ଜଣେ ପଂଜାବୀ, ଏକଥା ତୁମେ କ'ଣ ଜାଣିନ ? ତୁମ ଭଳି ବାରବୁଲା, ଯାଯାବରଙ୍କଠୁ ମୁଁ କୌଣସି ଜବାବ ପାଉନି ।

: ଗାଁବାଲାଙ୍କ ସହ ଝଗଡ଼ା କରିବା କ'ଣ ତୁମର ପସନ୍ଦ ?' ରଣଜୀ ପଚାରିଲା ।

: ମୁଁ ବାସ୍ତୁହରା, ଯାଯାବର ନୁହେଁ, ମୁଁ ଖୋଦ୍ ରାଜପୁତ୍ ।

: ମୁଁ ପଂଜାବୀ ।

: ମୁଁ ରାଜପୁତ୍ !!

ଦୁହିଁଙ୍କର ଅବସ୍ଥା ସାଂଘାତିକ ହୋଇ ସାରିଥିଲା। ଜଣେ ନିଜକୁ ପଂଜାବୀ କହୁଥିବା ବେଳେ ଅନ୍ୟ ଜଣକ ରାଜପୁତ୍ ବୋଲି ଦମ୍ଭର ସହ ଫୁଟାଣି ମାରୁଥାଏ । କଥାଟା ଯାଠୁ ଆଗକୁ ବଢୁଥିଲା ।

: ତୁମକୁ ପଂଜାବୀ ହେବା ମତଲବ ଜଣାଅଛି ? ସେ ଅଜଣା ବାଳକଟି ଏଇ ଭାବନା ନେଇ ପ୍ରଶ୍ନକଲା ଯେପରି ଏଥର ରଣଜୀ ମନରେ କଥାଟା ଧସେଇ ପଶିବ ।

: ମୁଁ ଶୁଣି ପାରିଲିନି, ଏକୁ ଆହୁରି ତିନି ଚାରିଥର କୁହ ।

: ତା'ହେଲେ ପୁଣ ତୁମେ କାହିଁକି ପଳାଇ ଯାଉଛ ?

: ତୁମେ ବରଂ ଏଠୁ ପଳା, ମୁଁ ପଳେଇବି କାହିଁକି ?

: ମୁଁ ତମକୁ ଖୁବ୍ ମାରିବି । ସେଇ ଅପରିଚିତ ବାଳକଟି ଏକଥା ଭାବୁଥିଲା ଯେପରି ତା'ର ଏ କ୍ରୋଧଭରା ଆଚରଣ ଦେଖି ରଜଣୀ ମନରେ କିଛିକଥା ବୁଝା ପଡ଼ିବ।

: ଆସ, ଦେହରେ ହାତ ମାରି ଦେଖ ତ ? ରଣଜୀ କହିଲା ।

: ମୁଁ ସତରେ ମାରିଦେବି। ସେଇ ଅନ୍ୟ ବାଳକଟି ରାଗରେ ନିଆଁବାଣ ହୋଇ ଜବାବ ଦେଲା ।

ରଣଜୀ ତା' ଆସିବା ବାଟକୁ ଚାହିଁ ରହିଥିଲା । ସେଇ ଅନ୍ୟ ବାଳକଟି ଅଦ୍ଭୁତଭାବେ ତାଳି ମାରିବାରୁ ଶବ୍ଦ ସୃଷ୍ଟିହେଲା। ଦୁହେଁଯାକ ପରସ୍ପରକୁ ନିମିଷେ ଚାହାଁଚୁହିଁ ହେଲେ । ଠିକ୍ ସେତିକିବେଳେ ପଂଜାବୀ ବାଳକଟି ରଣଜୀ ଗାଲରେ ଶକ୍ତ ଚାପୁଡାଟେ କଷିଦେଲା। ରଣଜୀ ମୁହଁ ଲାଲ ହୋଇଗଲା । ତା' ଗାଲରେ ଆଙ୍ଗୁଳି ଚିହ୍ନ ହୋଇ ଯାଇଥିଲା।

: 'ତୁମର ଏ ଔକାତ! ଶତ୍ରୁ ଜବାବ ଦେଲା, 'ଏବେ କ'ଣ ବାହାରିଯିବ ?

ଯାର ଜବାବରେ ରଣଜୀ ତା' ଗାଲରେ ଗୋଟେ ଚାପୁଡ଼ା ମାରିଲା।

ସେତେବଳକୁ ଦୁହେଁ ପରସ୍ପରର ବେକକୁ ମାଡିବସିଲେ, ପଥରେ ଉପରେ କଚାଡ଼ି ଦେଉଥିଲେ ଓ ବାଲିରେ ଅଣେଇ ଦେଉଥିଲେ । ଏଇ ହିଂସାତ୍ମକ ସଂଘର୍ଷରେ ପରସ୍ପରର ହାତ ଗୋଡ଼ କାବୁ ହୋଇ ଯାଇଥିଲା ।

ଏବେ ପାଣି ସାଙ୍ଗକୁ ମାଟି ବି ସେ ଦୁହିଁଙ୍କ ଦେହରେ ଲାଗି ଯାଇଥିଲା। ଏଇ କେଇ ପାଂଚମିନିଟ ପରେ ଅଯଥା ଝଗଡ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। କୋଉ ବାଳକ ବି ଜିତାପଟ ହାସଲ କରନ୍ତିନି । ସେ ଦୁହିଁଙ୍କ ଶରୀରେ କ୍ଲାନ୍ତ ଅବଶ ହୋଇ ସାରିଥିଲା, ଦୁହେଁ ପରସ୍ପରଠୁ ଅଲଗା ଛିଡ଼ା ହୋଇଥିଲେ । ତେବେ ସେଇ ଶକ୍ତି କହିବାରେ ଲାଗିଥିଲା।

: ମୁଁ ପଂଜାବୀ ବୋଲି ଏବେ କ'ଣ ତୁମକୁ ଜଣାପଡ଼ିଲା ? ସେ ଅପରିଚିତ ଜଣକ ପଚାରିଲା।

: ମୁଁ ରାଜପୁତ ବୋଲି ତୁମେ ଜାଣିଲ କେମିତି ? ରଣଜୀ ବଡ଼ କଷ୍ଟରେ କହି ପାରିଲା।

ସେ ଦୁହେଁ ପରସ୍ପରକୁ କିଛିକ୍ଷଣ ବୋଲିବାକୁ ସମୟ ଦେଲେ। ଏ ଭିତରେ ଦୁହେଁ ଶ୍ୱାସରୁଦ୍ଧ ହୋଇ ଯାଇଥିଲେ ଏବଂ ସେମାନଙ୍କର ହୃଦୟ ଧଡଧଡ୍, ସ୍ପନ୍ଦିତ ହେଉଥିଲା ।

: ତା'ହେଲେ କ'ଣ ତୁମ ପୋଖରୀ ଛାଡ଼ିବିନି ? ପଂଜାବୀ ବାଳକଟି ପଚାରିଲା ।

: ନାହିଁ, ମୁଁ ଜମା ଛାଡ଼ିବିନି । ରଣଜୀ ମୁହଁତୋଡ ଜବାବ ଦେଲା ।

: ତା'ହେଲେ ଆମେ ଦୁହେଁ ଲଢେଇ ଜାରି ରଖିବା । ଅନ୍ୟ ଜଣକ କହିଲା ।

: ଠିକ୍ଅଛି । ରଣଜୀ ରାଜି ହୋଇଗଲା ।

: କିନ୍ତୁ କୋଉ ବାଳକ ପହିଲମାନ ନୁହେଁ ଯେ !

ପଂଜାବୀ ବାଳକଟି ଉତ୍ତେଜିତ ହୋଇ କହିଲା: କାଲି ଏ ଝଗଡ଼ା ଜାରି ରହିବେ।

: ଯଦି କାଲି ବି ନଆସିବ ତେବେ ଏ ଝଗଡ଼ା ଜାରି ରହିବ । ମୁଁ କାଲି ତୁମ ଉପରେ ଦୟା ଦେଖାଇବିନି ଯେପରି ଆଜି ଦେଖାଉଛି। ପଂଜାବୀ ବାଳକଟି ଯୁଦ୍ଧଂଦେହି ଡାକରା ଦେଲା ।

: 'ମୁଁ କାଲି ଆସିବି,' ରଣଜୀ ଆହ୍ୱାନକୁ ସ୍ୱୀକାର କରିଥିଲା, ମୁଁ ପ୍ରସ୍ତୁତ ରହିବି ।' ରଣଜୀ ଆହ୍ୱାନକୁ ସ୍ୱୀକାର କରି ନେଇଥିଲା ।

: ମୁଁ ଏକବାରେ ପ୍ରସ୍ତୁତ ହୋଇ ରହିବି ।

ଦୁହେଁ ପରସ୍ପର ଆଡିକୁ ପିଠି କଲେ, ନିଜ କପଡ଼ା ପିନ୍ଧି ଅଲଗା ଅଲଗା ରାସ୍ତାରେ ଚାଲିବା ଆରମ୍ଭ କଲେ । ରଣଜୀ ଘରେ ପହଁଚିଲା ବେଳକୁ ତା' ମୁହଁ, ହାତ ଓ ଗୋଡ଼ରେ ଆଘାତଜନିତ ଚିହ୍ନ ଥିଲା ଯାହାକି କଳିଝଗଡ଼ା କଲାବେଳେ ଲାଗିଥିଲା । ଏ ମାଡ଼ଦାଗ ବାବଦରେ ବଖାଣ କରିବା ମୁସ୍କିଲ ହୋଇ ପଡୁଥିଲା। ଆଜି ସେ ଝଗଡ଼ା କରିଛି ବୋଲି ସ୍ୱୀକାର କରିବା କାଠିକର ଥିଲା। ମା' ସାରାଦିନ ଘରେ ତା' ରହଣି ଉପରେ ଜୋର୍ ଦେଉଥିଲେ। ତଥାପି ସେ ସଂଜକୁ ଚୁପଚାପ୍ ଘରୁ ବାହାରିଗଲା ଓ ବଜାରରେ ପହଁଚି ଯାଇଥିଲା, ଯେଉଁଠି ସେ ଲେମ୍ବୁପାଣି ପିଇ ଜିଲାପି ଖାଇଲା । ଶତ୍ରୁକୁ ସାମନା ସଡକ ଉପରେ ଆସୁଥିବା ଦେଖିଲା ବେଳକୁ ସେ ଲେମ୍ବୁପାଣି ପିଇ ନିଃଶେଷ କରି ଦେଇଥିଲା । ପଛକୁ ଫେରିପଡି ଅନ୍ୟ ଦିଗକୁ ଦେଖି ଚାଲିବ ବୋଲି ତା' ମନରେ ବିଚାର ଆସିଲା। ଲେମ୍ବୁପାଣି ବୋତଲ ତା' ଉପରେ ଫିଙ୍ଗିଦେବ ବୋଲି ଆଉଗୋଟେ ବିଚାର ଆସିଲା ତା' ମନରେ, ଅଥଚ ସେ ଏମିତି କିଛି କଲାନାହିଁ । ଏହା ସତ୍ୱେ ବି ସେ ଭୂଇଁରେ ଛିଡାହେଲା ଏବଂ ନିଜ ଶତ୍ରୁକୁ ତା' ସାମନା ଦେଇ ଚାଲି ଯାଉଥିବା ଦେଖୁଥିଲା। ପଂଜାବୀ ଟୋକା ବି କିଛି କହିଲାନି; ପରନ୍ତୁ ସେ ବି ସେମିତି ତାକୁ ନିରେଖି ତା' ବାଟରେ ଚାଲିଗଲା ।

ପରଦିନ ଗଲାଦିନ ଅପେକ୍ଷା ଭୀଷଣ ଗରମ ଅନୁଭୂତ ହେଉଥିଲା । ରଣଜୀ ନିଜକୁ ନିର୍ବଳୁଆ ଓ କର୍ମକୁଢ ବୋଲି ଅନୁଭବ କରୁଥିଲା ।

କଳିଝଗଡ଼ା ପାଇଁ ସେ କେବେ ବି ପ୍ରସ୍ତୁତ ନ ଥିଲା । ତା' ଶରୀର ପଛଦିନର ଝଗଡା ହେତୁ ପୀଡା ଯନ୍ତ୍ରଣାରେ ଛଟପଟ ହେଉଥିଲା; ଅଥଚ ସେ ଏଇ ଆହ୍ୱାନକୁ ଅସ୍ୱୀକାର କରି ନଥିଲା । ସେଠି ନ ପହଁଚିବା ସେମିତି ଥିଲା ପରାଜୟ ସ୍ୱୀକାର କରିନେବା ଭଳି । ତାକୁ ନିଜ ଶତ୍ରୁକୁ ହରାଇବାକୁ ପଡିବ, ତାହାହେଲେ ଯାଇ ତାର ଇଜ୍ଜତ ରକ୍ଷା ପାଇପାରିବ । ମୁଁ ପରାଭବକୁ ସ୍ୱୀକାର କରିନେଲେ ସଦାସର୍ବଦା ମୁଁ ବେଇଜ୍ଜତ ହେବି । ମୁଁ ଝଗଡା କରି ମାଡ ଖାଇଲେ ପର ମୁହୂର୍ତ୍ତରେ ଝଗଡ଼ା କରି ତାକୁ ମାରିବାକୁ ମଉକା ତ ରହିବ । ସେ ଝଗଡ଼ା କରୁଥିବା ପର୍ଯ୍ୟନ୍ତ ତାକୁ ଜଙ୍ଗଲ ପୋଖରୀ ଯିବାର ଅଧିକାର ପ୍ରାପ୍ତ ହେବ । ସେ ପଂଜାବୀ ବାଳକଟି ହୁଏତ ଏ ଝଗଡ଼ାକୁ ଭୁଲି ଯାଇଥିବ ବୋଲି ଅବଦମିତ ମନ ଭାବୁଥିଲା; କିନ୍ତୁ ସେ ସେଠି ପହଁଚିଲା ବେଳକୁ ତାର ଦବି ଯାଇଥିବା ଆଶା ବି ଭାଙ୍ଗିଗଲା । ତା' ବିରୋଧୀ ପୋଖରୀର ଆରପଟ ପଥର ଉପରେ ବସିଛି ବୋଲି ସେ ଦେଖିଲା । ପଂଜାବୀ ବାଳକଟି ନିଜ ଦେହରେ ତେଲ ମାଲସ କରୁଥିଲା । ସେ ରଣଜୀକୁ ଶାଳଗଛମୂଳେ ବସିଥିବା ଦେଖିଲା ।

: ଇଆଡକୁ ଆସି ମଲ୍ଲଯୁଦ୍ଧ କର । ସେ ଚିଲେଇଲା ।

କିନ୍ତୁ ରଜଣୀ ତା' ବିରୋଧୀ ପ୍ରତିପକ୍ଷର କୌଣସି ନିୟମ ମାନବାକୁ ଚାହିଁନଥିଲା ।

: ଇଆଡକୁ ଆସ ଓ ଝଗଡ଼ା କର । ସେ ବି ସେତିକି ବଡ଼ପାଟିରେ ଲଢ଼େଇ ପାଇଁ ଡାକରା ଦେଲା ।

: ତୁ ଏଠିକି ଆସ ଆଉ ମୋ ସହିତ ଝଗଡ଼ା କର,' ଆରଜଣକ ଆଉ ଗୋଟେ ଆହ୍ୱାନ ଦେଲା । 'ହୁଏତ ତୁମେ ଏତେବଡ ପୋଖରୀରେ ପହଁରି ନପାର ।'

କିନ୍ତୁ ରଣଜୀ ଏଭଳି ପୋଖରୀରେ ବାରଥର ପହଁରି ପାରିଥିଲା ଓ ଏଠାରେ ପଂଜାବୀ ବାଳକକୁ ନିଜର ବରିଷ୍ଠତା ଦେଖାଇବାର ମଉକା ତାକୁ ଜୁଟିଥିଲା । ସେ ତତ୍‌କ୍ଷଣାତ୍ ନିଜ ଦେହରୁ ବାନିୟାନ ଓ ହ୍ୟାପ୍‌ପ୍ୟାଂଟ ଉତାରି ସିଧା ପାଣି ଭିତରକୁ କୁଦିପଡିଲା । ଠିକ୍ ସେମିତି କଲା ଯେମିତି ଛୁରୀଟିଏ କେଉଁ ଗୋଟେ ଫଳକୁ କାଟିଦିଏ । ସେଇ ପଂଜାବୀ ବାଳକ ମୁହଁ ଖୋଲୁଖୋଲୁ ରହିଗଲା ।

: ତୁମେ ବି ପାଣିରେ ବୁଡିପାରୁଛ ? ସେ ପ୍ରଶ୍ନକଲା ।

: ଖୁବ୍ ସହଜରେ । ରଣଜୀ କହିଲା ।

ହୁଏତ ସେ ପରବର୍ତୀ ଆହ୍ୱାନକୁ ଅପେକ୍ଷା କରିଥିଲା, 'ତୁମେ ପାଣିରେ କୁଦ ମାରିଲେ ମୁଁ ବି ଶିଖେଇଦେବି ।'

: 'ନାହିଁ ।' ଅପର ବାଳକଟି ଜବାବ ଦେଲା । 'ମୁଁ ସୁଧା ପାଣିକୁ କୁଦା ମାରୁଛି । ପାଣିରେ କେମିତି କୁଦା ମାରିବାକୁ ହେବ ବତେଇଲେ ମୁଁ ବି ଶିଖିଯିବି ।'

: 'ବଡ ଅନାୟାସରେ, ରଣଜୀ କହିଲା । 'ପଥର ଉପରେ ଛିଡା ହୋଇଯାଅ, ନିଜ ବାମ ହାତକୁ ପ୍ରସାରିତ କରି ଲମ୍ୱେଇଦିଅ ଆଉ ନିଜେ ସର୍‌କିନା କୁଦିପଡ ।'

ପଂଜବୀ ବାଳକଟି ଛିଡା ହୋଇଗଲା, ସିଧା ତା' ହାତକୁ ମେଲାଇ ପ୍ରସରିଦେଲା । ତା' ପରେ ନିଜକୁ ପାଣି ଭିତରେ ଫୋପାଡ଼ି ଦେଲା । ତା' ନିଜ ପେଟର ଶକ୍ତି ହ୍ରାସ ଏମିତି ପାଇଲା ଯେ ସେ ଖୁବ୍ ଜୋର୍‌ରେ ଚିତ୍କାର ଛାଡିଲା ।

: ତୁମକୁ ଶିଖିବାକୁ ପଡ଼ିବ ।

: ତୁମେ ମତେ ନ ଶିଖାଇଲେ ମୁଁ ତମକୁ ମାରିବି । ତୁମେ କଣ ଫ୍ରି'ଦିନ ଆସି ମତେ ଶିଖେଇବ ?

: ତୁମେ ଇଚ୍ଛାକଲେ ଶିଖେଇବି ନିଶ୍ଚୟ । ରଣଜୀ ଜବାବ ଦେଲା । ଦୁହେଁ ପାଣି ବାହାରକୁ ଆସିଲେ, ଆଉ ଏକାସାଥିରେ ପାଖରେ ପଡିଥିବା କହରା ରଙ୍ଗର ପଥରଟି ଉପରେ ବସିଗଲେ ।

: ମୋର ନାମ ସୂରଜ । ସେ ପଂଜବୀ ବାଳକଟି ତା' ନା କହିଲା ଯେମିତି ସେ ନିଜ ଶକ୍ତିର ପ୍ରଦର୍ଶନ କରୁଛି ।

: ରଣଜୀ !

: ମୁଁ ବି ବଲୁଆ ନା !' ସୂରଜ ତା' ବାହୁକୁ ମୋଡିଦେଇ ପ୍ରଶ୍ନକଲା ଯେପରି ସେ ନିଜ ତାକତ୍ ପ୍ରଦର୍ଶନ କରୁଅଛି ।

: ମୁଁ ଦିନେ ବିଶ୍ୱବିଜେତା ପହିଲମାନ ହେବି । ତା' ଜଂଘକୁ ବାଡେଇ ସୂରଜ କହିଲା । ସେ ରଣଜୀର ଟାଣ ତଥା ପତଳା ଦେହ ଆଡିକି ଆଲୋଚକ ଦୃଷ୍ଟିରେ ଦେଖିଲା । ତୁମେ ବି ମଜୁବୁତ୍; କିନ୍ତୁ ତୁମ ହାଡଗୁଡିକ ଦେଖୁଛି । ତୁମେ ପ୍ରଚୁର ଖାଦ୍ୟ ପାଇପାରୁନ ବୋଲି ମତେ ଜଣାଅଛି । ତୁମେ ମୋ ସାଙ୍ଗରେ ଆସି ଭୋଜନ କର ।

: ମୁଁ ଲୋଟାଏ କ୍ଷୀର ନିଇତି ପିଉଛି । ମୋ ନିଜ ପାଖରେ ଗାଇଟିଏ ଅଛି । ମୁଁ ବି ସେମିତି ତୁମକୁ ପହିଲମାନ କରେଇଦେବି । ଆଛା ରହିବ ନ !

: 'ହଁ, ବହୁତ ଭଲ ହେବ ।' ରଣଜୀ କହିଲା; କିନ୍ତୁ ସେ ଜାଣିଥିଲା ବଦଳରେ ସେ ବହୁତ କିଛି ପ୍ରାପ୍ତ କରିଛି ।

ସୂରଜ ତା' କାନ୍ଧ ଉପରେ ନିଜ ହାତକୁ ରଖି କହିଲା: ଏବେ ଆମେ ଦୁହେଁ ଦୋସ୍ତ ,ହଁ ନା !

ଦୁହେଁ ପରସ୍ପର ଆଡିକି ସଜାଦୃଷ୍ଟିରେ ଅନାଉଥିଲେ । ସେ ମୁହୂର୍ତରେ ଦୁହିଁଙ୍କ ଭିତରେ ପ୍ରେମ-ପ୍ରୀତି ଓ ସଦ୍‌ଭାବନା । ଦେଖିବାକୁ ମିଳୁଥିଲା ।

: ହାଁ ,ଆମେ ଦୁହେଁ ଦୋସ୍ତ । ରଜଣୀ ତା' କଥାକୁ ସମର୍ଥନ କଲା ।

ଚଢ଼େଇମାନେ ଦଳଦଳ ହେଇ ନିଜ ନିଜର ନୀଡ ଆଡକୁ ଡେଣାଝାଡି ଉଡି ଚାଲିଗଲେ ଓ ପୋଖରୀର ପାଣି ଶାନ୍ତସ୍ଥିର ହୋଇଗଲା ।

: ଏଇ ଆମ ପୋଖରୀ । ସୂରଜ ଛାତିଫୁଲେଇ କହିଲା । ଏବେ କେହି ବି ମୋର ବିନା ଅନୁମତିରେ ସ୍ନାନ କରିପାରିବ ନାହିଁ । ଏଭଳି ସାହସ କିଏ କରିବ ?

: ହଁ , କାହାର ଏତେ ସାହସ ଅଛି ! ରଣଜୀ ମୁରୁକି ମୁରୁକି ହସି ଜବାବ ଦେଲା,କାହିଁକିନା- ସେ ଜିତାପଟ ହାସଲ କରଛି ବୋଲି ତାକୁ ଜଣାଥିଲା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର,*
*ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ ରୋଡ୍ ,ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

ଭ୍ରମଣ କାହାଣୀ

# ଭ୍ରମଣର ଏକ ଅନନ୍ୟ ଅନୁଭୂତି

ଡା: ରାଜ କିଶୋର ପଣ୍ଡା

ମୁଁ ଏବଂ ମୋ ସ୍ତ୍ରୀ ଜୟଶ୍ରୀ ମେ ମାସ ବାଇଶି ତାରିଖ ୨୦୨୨ ରେ କେରଳ ଅଭିମୁଖେ ବାହାରିଥିଲୁ ଭୁବେନଶ୍ୱର ବିମାନବନ୍ଦରରୁ। ବୃତ୍ତିରେ ଆମେ ଦୁଇଜଣ ଡାକ୍ତର ହୋଇଥିବା ଯୋଗୁ କର୍ମ କ୍ଷେତ୍ରରୁ ଆମ ଦୁଇଜଣଙ୍କୁ ବହୁତ କମ୍ ଅବ୍ୟାହତି ମିଳିଥାଏ । ତେଣୁ ଏହି କେରଳ ଯିବା ଅବସରଟି ଆମ ଦୁଇ ଜଣଙ୍କର ପକ୍ଷେ ନିଶ୍ଚିତ ଭାବରେ ଏକ ମହାର୍ଘ ଅନୁଭୂତି ଥିଲା। ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଆମେ ବାଙ୍ଗାଲୋର ନିମନ୍ତେ ବିମାନ ଧରିଲୁ । ଏହିଠାରେ କହିରଖିବାକୁ ଚାହୁଁଛି କି ଭୁବନେଶ୍ୱରରୁ କେରଳର କୋଚିକୁ କୌଣସି ସିଧା ସଳଖ ବିମାନ ବ୍ୟବସ୍ଥା ନଥିଲା। ବିମାନ ବାଙ୍ଗାଲୋରର କେମ୍ପେଗୌଡା ବିମାନବନ୍ଦରରେ ରହିଲା ପରେ ସେଠାରୁ କେରଳର କୋଚିକୁ ଅନ୍ୟ ବିମାନର ବ୍ୟବସ୍ଥା ଅଛି। ଏଇଟି ମୋର ବିମାନରେ ବସିବାର ଥିଲା ପ୍ରଥମ ଅଭିଜ୍ଞତା। ଅବଶ୍ୟ ଜୟଶ୍ରୀ ଓଡିଶା ବାହାରେ ଡାକ୍ତରୀ ପଢ଼ିଥିବାରୁ ବିମାନରେ ବସିବାର ତାଙ୍କର ପୂର୍ବରୁ ଅଭିଜ୍ଞତା ଥିଲା।

ସକାଳ ୮ଟା ରେ ବିମାନରେ ବସି ଆମେ ୧୦:୩୦ ରେ ବାଙ୍ଗାଲୋର ବିମାନ ବନ୍ଦରରେ ପହଂଚିଲୁ। ପରବର୍ତ୍ତୀ ଫ୍ଲାଇଟ ପ୍ରାୟ ୮ ଘଣ୍ଟା ବିଳମ୍ବରେ ସନ୍ଧ୍ୟା ୭ ଟାରେ ଥିବାରୁ ବିମାନ ବନ୍ଦର ରେ ଅପେକ୍ଷା ନକରି ଆମେ ବାଙ୍ଗାଲୋର ବିମାନବନ୍ଦର ପାଖରେ ଥିବା କୌଣସି ଦର୍ଶନୀୟ ସ୍ଥାନ ଦେଖିବାକୁ ମନସ୍ଥ କଲୁ ।

ବିମାନବନ୍ଦରରେ ଜଣେ କର୍ମଚାରୀଙ୍କୁ ପଚାରି ଆମେ ନିକଟରେ ଥିବା ନନ୍ଦି ହିଲସ୍‌କୁ ବୁଲିବାକୁ ଯିବା ପାଇଁ ସ୍ଥିର କଲୁ। ବାଙ୍ଗାଲୋର ବିମାନ ବନ୍ଦରରୁ ଏହା ପ୍ରାୟ ୩୫ କି.ମି.। ଏହା ଏକ ପୁରାତନ ଶୈଳନିବାସ। ଯାହାକି ଗଙ୍ଗ ଶାସକ ମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ମହୀଶରର ରାଜା ଟିପୁ ସୁଲତାନ ମଧ୍ୟ ଏହାକୁ ଏକ ଗ୍ରୀଷ୍ମକାଳୀନ ନିବାସ ରୂପେ ବ୍ୟବହାର କରୁଥିଲେ । ଟିପୁ ସୁଲତାନଙ୍କର ଇଁରେଜ ମାନଙ୍କର ସହିତ ପ୍ରଥମ ଯୁଦ୍ଧରେ ଲର୍ଡ କର୍ଣ୍ଣୱାଲିସ୍ ନନ୍ଦି ହିଲସ୍‌କୁ ଅବରୋଧ କରିଥିଲେ । ଟିପୁ ସୁଲତାନଙ୍କ ପତନ ପରେ ଇଁରେଜ ମାନେ ମଧ୍ୟ ଏହାକୁ ଶୈଳ ନିବାସ ରୂପେ ବ୍ୟବହାର କରିଥିଲେ । ପର୍ବତ ଉପରେ ଆମେ ଦେଖିବାକୁ ପାଇଲୁ ଟିପୁ ଡ୍ରପ୍ । ନନ୍ଦି ହିଲସ୍‌ରେ ବହୁତ ଦୁର୍ଲଭ ଗଛ ତଥା ଫୁଲ ମଧ୍ୟ ଦେଖିବାକୁ ମିଳେ। ଭାରତ ଦ୍ୱାରା ଆୟୋଜିତ ପ୍ରଥମ ସାର୍କ ସମ୍ମିଳନୀ ୧୯୮୬ ମସିହାରେ ନନ୍ଦି ପର୍ବତରେ ଅନୁଷ୍ଠିତ ହୋଇଥିଲା । ନନ୍ଦି ହିଲସ୍ ଉପରୁ ସୂର୍ଯ୍ୟୋଦୟ ଦେଖିବା ଅତ୍ୟନ୍ତ ମନୋ ମୁଗ୍ଧକର ଏବଂ ପର୍ଯ୍ୟଟକ ମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ। ନନ୍ଦି ହିଲସ୍‌ରେ କିଛି ସମୟ ବୁଲାବୁଲି କରିବା ପରେ ଆମେ ଫେରିଆସିଲୁ ବାଙ୍ଗାଲୋର ବିମାନବନ୍ଦରକୁ। ସନ୍ଧ୍ୟା ୭:୩୦ ରେ ବାଙ୍ଗାଲୋର ବିମାନବନ୍ଦରରୁ ଆମେ ଫ୍ଲାଇଟ୍ ଧରିଲୁ କୋଚିକୁ । କୋଚିରେ ପହଂଚିବା ବେଳକୁ ରାତି ୯:୩୦। କୋଚି ନଗରୀରେ ପହଂଚି ଏହାର ସୌନ୍ଦର୍ଯ୍ୟରେ ଆମେ ଦୁହେଁ ବିମୋହିତ ହୋଇଗଲୁ । ଯଥାରେ କୋଚି ସହରକୁ କୁହାଯାଏ ଆରବ ସାଗରର ରାଣୀ ।

ପରଦିନ ସକାଳେ ହୋଟେଲ୍ ଆଖପାଖରେ ବୁଲୁଥିବା ବେଳେ ଆଖିରେ ପଡିଲା କୋଚିର ମାର୍ ସାବୋର ଆଫ୍ରୋଥ୍ ଚର୍ଚ୍ଚ। ଚର୍ଚ୍ଚର ପ୍ରବେଶ ସ୍ଥଳ ତୋରଣରେ ଲାଗିଥିବା ଫଳକରୁ ଜଣାପଡ଼ିଲା ଏହାର ପ୍ରତିଷ୍ଠା କାଳ ଖ୍ରୀଷ୍ଟାବ୍ଦ ୮୨୫। ଏଇଥିରୁ ଜଣାପଡ଼େ କେରଳରେ ଖ୍ରୀଷ୍ଟିଆନ୍ ଧର୍ମର ପୁରାତନତା।

ଦିନ ୧୦:୩୦ ବେଳକୁ ଆମେ ବାହାରିଲୁ ଆଦି ଶଙ୍କରାଚାର୍ଯ୍ୟଙ୍କର ପାଦୁକା ମଣ୍ଡପ ଦେଖିବାକୁ । କୋଚି ଠାରୁ ଅଳ୍ପଦୂରରେ ଏହା ଅବସ୍ଥିତ। ଏହି ସ୍ଥାନଟିର ନାମ କାଲାଡି। ଏଠାରେ ଆଦି ଶଙ୍କରାଚାର୍ଯ୍ୟଙ୍କର କଠଉ ବା ପାଦୁକା ଆମେ ଦେଖିବାକୁ ପାଇଲୁ । ଏହା ସହିତ ଏହା ଏକ ସ୍ତମ୍ଭାକୃତି ମନ୍ଦିର ଅଟେ । ଉପରକୁ ଯିବା ପାଇଁ ଏଠାରେ ପାହାଚ ଭଳି ବ୍ୟବସ୍ଥା ଅଛିଙ ଆମେ ଦୁଇଜଣ ପାହାଚରେ ଉପରକୁ ଗଲା ବେଳେ ଆଦି ଶଙ୍କରାଚାର୍ଯ୍ୟଙ୍କର ଜୀବନର ବିଭିନ୍ନ ପ୍ରମୁଖ ଘଟଣାବଳୀ ଦେଖିବାକୁ ପାଇଲୁ ଯାହାକି ସେଠାରେ ଅତ୍ୟନ୍ତ ସୁନ୍ଦର ଭାବରେ ଖୋଦିତ ହୋଇଛି ।

କିଛି ପ୍ରମୁଖ ଘଟଣାବଳୀ ଯାହା ଆମେ ସେଠାରେ ଦେଖିବାକୁ ପାଇଲୁ ତାହା ହେଉଛି ପ୍ରୟାଗଠାରେ ଶଙ୍କରଙ୍କର କୁମାରିଲ ଭଟ୍ଟଙ୍କୁ ସାକ୍ଷାତ। ସେତେବେଳେ କୁମାରିଲ ଭଟ୍ଟ ଅଗ୍ନିସମାଧି ନେଉଥାନ୍ତି କାରଣ ନିଜର ବୌଦ୍ଧ ଗୁରୁଙ୍କୁ ସେ ତର୍କରେ ପରାସ୍ତ କରିଥିଲେ ବେଦର ପକ୍ଷ ନେଇ ଆହୁରି ମଧ୍ୟ ଆମେ ଦେଖିଲୁ ଶଙ୍କରଙ୍କର ମଣ୍ଡନ ମିଶ୍ରଙ୍କର ସହିତ ଶାସ୍ତ୍ର ଚର୍ଚ୍ଚା, ଶେଷ ସମୟରେ ମାତାଙ୍କ ସେବା ଏବଂ ଦେହ ତ୍ୟାଗ ପରେ ମାତାଙ୍କ ସ୍ୱର୍ଗାରୋହଣ ଶଙ୍କରଙ୍କ ଦ୍ୱାରା ବଦ୍ରିନାଥ ମନ୍ଦିର ପ୍ରତିଷ୍ଠା ଇତ୍ୟାଦି। ଆହୁରି ଅନେକ ଘଟଣାବଳୀ ମଧ୍ୟ ସେଠାରେ ସୁନ୍ଦର ଭାବରେ ଖୋଦିତ ହେଇଛି। ସେଠାରେ କିଛି ସମୟ ରହିଲାପରେ ଆମେ ବାହାରିଲୁ ମୁନ୍ନାର ଅଭିମୁଖେ। ଯିବା ବାଟରେ ଆମେ ଦେଖିବାକୁ ପାଇଲୁ ଗୁଡ଼ିଏ ମସଲା ବଗିଚା ଆମେ ଟିକଟ

କରି ଗୋଟିଏ ମସଲା ବଗିଚା ଭିତରକୁ ଗଲୁ ଆମ ସାଥିରେ ଜଣେ ଗାଇଡ୍ ମଧ୍ୟ ଗଲେ । ବିଭିନ୍ନ ମସଲା ଗଛ ଯେପରିକି ଡାଲଚିନି, ଗୋଲମରିଚ, ଗୁଜୁରାତି, ଆଦି ଆମେ ସେଠାରେ ଦେଖିବାକୁ ପାଇଲୁ । ଗାଇଡ୍ ଜଣକ ଗଛଗୁଡ଼ିକୁ ଚିହ୍ନାଇ ତା ବିଷୟରେ ସମ୍ୟକ ବିବରଣୀ ପ୍ରଦାନ କରୁଥାନ୍ତି ।

କେରଳର ଅର୍ଥନୀତିର ମୁଖ୍ୟ ଭାଗ ବିଭିନ୍ନ ମସଲା ଉତ୍ପାଦନରୁ ଆସିଥାଏ । ଏହାର ମୁଖ୍ୟ କାରଣ କେରଳର ଜଳବାୟୁ । ଏଠାରେ ଆଉଗୋଟିଏ ଉଲ୍ଲେଖନୀୟ ଗଛ ମଧ୍ୟ ଦେଖିବାକୁ ପାଇଲୁ ତାହା ହେଉଛି କୋକୋ ଗଛ । ଏହି ଗଛର ଫଳରୁ ଚକୋଲେଟ୍ ତିଆରି ହୋଇଥାଏ । ତେଣୁ କେରଳର ବହୁ ସ୍ଥାନରେ ଏହି କୋକୋ ଫଳକୁ କେନ୍ଦ୍ରକରି "Home made chocolate" ଭଳି ବ୍ୟବସାୟିକ କେନ୍ଦ୍ର ଗଢ଼ିଉଠିଛି । ଆମେ ମୁନ୍ନାର୍ ପହଁଚିବା ବେଳକୁ ଦିନ ଦୁଇଟା । ମୁନ୍ନାରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ । ଏକ ଶୈଳ ନିବାସ ଭାବରେ ଏହା ବ୍ରିଟିଶ ରାଜତ୍ୱ କାଳରୁ ବ୍ୟବହାର ହୋଇଆସୁଛି । ଏହାର ଚାରିପଟେ ଦିଗନ୍ତ ବିସ୍ତାରି ପାହାଡ଼ ଓ ଚା ବଗିଚ଼ । ମୁନ୍ନାରରେ ଆଗକୁ ଠିକ୍ ହୋଇଥିବା ଗୋଟିଏ ହୋଟେଲରେ ଆମର ଜିନିଷପତ୍ର ରଖି ଓ କିଛି ସମୟ ବିଶ୍ରାମ ପରେ ଆମେ ବାହାରିଲୁ କଥକଲି ନୃତ୍ୟ ଦେଖିବା ପାଇଁ । କଥକଲି ନୃତ୍ୟ ଦେଖିବା ସହିତ ଆମେ ମଧ୍ୟ ଆଉ ଗୋଟିଏ ନୃତ୍ୟ ଦେଖିଲୁ ଯାହାର ନାମ କଲାରିପୟାଟ୍ଟୁ । ଓଡ଼ିଶାର ପାଇକ ନୃତ୍ୟ ସହିତ ଏହାର ସାମଞ୍ଜସ୍ୟ ଅଛି । ପରଦିନ ସକାଳେ ଆମେ ଦେଖିବାକୁ ଗଲୁ ପ୍ରସିଦ୍ଧ କନ୍ନନ୍ ଦେବାନ୍ ଚାହା ପ୍ରକ୍ରିୟାକରଣ ଓ ବିକ୍ରୟ କେନ୍ଦ୍ର । ଏହି ଚାହା ପ୍ରକ୍ରିୟାକରଣ କେନ୍ଦ୍ରଟି ବ୍ରିଟିଶ ସରକାରଙ୍କ ଦ୍ୱାରା ଊନବିଂଶ ଶତାବ୍ଦୀରେ ସ୍ଥାପନା କରାଯାଇଥିଲା । ସମ୍ପ୍ରତି ଏହା ଟାଟା କମ୍ପାନୀର ମାଲିକାନାରେ ଅଛି । ଏଥିରେ ଚାହା ପ୍ରକ୍ରିୟା କରଣର ବିଭିନ୍ନ ପ୍ରକ୍ରିୟା ଅତ୍ୟନ୍ତ ବିଶଦ ଭାବରେ ଦର୍ଶାଯାଇଛି । ତା ସହିତ ଏଠାରେ ଏକ ଭବ୍ୟ ସଂଗ୍ରହାଳୟ ମଧ୍ୟ ଅଛି । ସଂଗ୍ରହାଳୟଟିରେ ଇଂରେଜମାନଙ୍କ ଅମଳରୁ ଚାହା ବଗିଚ଼ ଏବଂ ଚାହା ପ୍ରକ୍ରିୟା କରଣର ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି । ମୁନ୍ନାରରେ ଆମେ ଗୋଟିଏ ହ୍ରଦ ଦେଖିଲୁ । ଏହାର ନାମ ମାଟୁପେଟି ହ୍ରଦ । ଏହାର ପରିବେଶ ଅତ୍ୟନ୍ତ ମନୋରମ ଅଟେ । ଏହା ପରଦିନ ଆମେ ପହଞ୍ଚିଲୁ ଥେକାଡିରେ । ଥେକାଡିରୁ ଆମେ ଗୋଟିଏ ଗାଡ଼ି ଭଡ଼ା କରି ବାହାରିଲୁ ତାମିଲନାଡୁର ଥେନି ଜିଲ୍ଲା ଅଭିମୁଖେ ଦୂରତା ପ୍ରାୟ ୬୫ କି.ମି. ଯିବା ବାଟରେ ଆମେ ଦେଖିଲୁ ପଶ୍ଚିମଘାଟ ପର୍ବତମାଳାର ମନୋରମ ଏବଂ ଭୀମକାନ୍ତ ଦୃଶ୍ୟ । ଏହି ପଶ୍ଚିମଘାଟ ପର୍ବତମାଳା କେରଳରୁ ଗୁଜୁରାଟ ଯାଏଁ ପ୍ରାୟ ୧୬୦୦ କି.ମି. ଯାଏଁ ପରିବ୍ୟାପ୍ତ ।

ଏହି ପଶ୍ଚିମଘାଟ ପର୍ବତମାଳା ଦେଖୁଥିବା ବେଳେ ମୋର ମନେପଡ଼ିଲା ହିନ୍ଦୁ ଶିରୋମଣି ଛତ୍ରପତି ଶିବାଜୀ ମହାରାଜାଙ୍କ କଥା । ପଶ୍ଚିମଘାଟ ପର୍ବତମାଳାକୁ ସହ୍ୟାଦ୍ରୀ ବୋଲି ମଧ୍ୟ କୁହାଯାଏ । କୁହାଯାଏ ପ୍ରାୟ ତିନିଶହ ଅଭେଦ୍ୟ ଦୁର୍ଗ ମରାଠାମାନଙ୍କ ଦ୍ୱାରା ଏଠାରେ ନିର୍ମିତ ହୋଇଥିଲା । ଏହି ପଶ୍ଚିମଘାଟ ପର୍ବତମାଳାର ଘଞ୍ଚ ଜଙ୍ଗଲ ଓ ସଂକୀର୍ଣ୍ଣ ଗିରିପଥ ଛତ୍ରପତି ଶିବାଜୀ ମହାରାଜାଙ୍କୁ ସାହାଯ୍ୟ କରିଥିଲା ମୋଗଲମାନଙ୍କ ବିରୋଧରେ ଗରିଲା ଯୁଦ୍ଧ ଲଢ଼ିବା ପାଇଁ । ଥେନି ଜିଲ୍ଲାର ମୁଖ୍ୟ ଆକର୍ଷଣ ଥିଲା ଏହାର ନଡ଼ିଆ ବଗିଚ଼ ଓ ଅଙ୍ଗୁର ବଗିଚ଼ । ଏଠାରେ ଆମେ ଅଙ୍ଗୁର ବଗିଚା ଭିତରେ ବୁଲିବା ସହିତ ତାଜା ଅଙ୍ଗୁର ରସର ମଧ୍ୟ ମଜା ନେଲୁ ।

ପରଦିନ ଆଲେପି ଯିବା ବାଟରେ ଆମକୁ କୋଟାୟମ୍ ଦେଇ ଯିବାକୁ ପଡ଼ିଲା । କୋଟାୟମ୍‌ରେ ଆମେ ଦେଖିବାକୁ ପାଇଲୁ ବ୍ୟାପକ ରବର ବଗିଚ଼ । କୋଟାୟମ୍ ଗୋଟିଏ ଅତ୍ୟନ୍ତ ସୁନ୍ଦର ଓ ପରିଷ୍କାର ସହର କୁହାଯାଏ ଏହା ହେଉଛି ତିନି ଏଲର ସହର । ପ୍ରଥମ ଏଲ ଟି ଲେକ୍ (ହ୍ରଦ)କୁ ଦ୍ୱିତୀୟ ଏଲ୍ ଟି ଲାଟେକ୍ସ (ରବର)କୁ ଏବଂ ତୃତୀୟ ଏଲ୍ ଟି ଲେଟରସ୍ (ସାହିତ୍ୟ)କୁ ବୁଝାଏ । ମାଲାୟଲମ୍ ର ଅଗ୍ରଣୀ ପୁସ୍ତକ ପ୍ରକାଶନ ସଂସ୍ଥା ଓ ଖବର କାଗଜର ମୁଖ୍ୟାଳୟ ଏଠାରେ ଅବସ୍ଥିତ ଥିବାରୁ ଏହାକୁ ଏପରି କୁହାଯାଏ ।

ଆଲେପିର ମୁଖ୍ୟ ଆକର୍ଷଣ ଭେମ୍ୱାନାଡ୍ ହ୍ରଦ । ଏହି ହ୍ରଦରେ ଘରଭଳି ଡିଜାଇନ୍ ହୋଇଥିବା ଡଙ୍ଗା ସବୁ ରହିଛି ହ୍ରଦରେ ବୁଲିବା ପାଇଁ । ଏହାକୁ ବୋଟ୍ ହାଉସ୍ ବୋଲି କୁହାଯାଏ । ପ୍ରାୟ ୨୫୦ ବର୍ଗ କି.ମି. ରେ ପରିବ୍ୟାପ୍ତ ଏହି ହ୍ରଦଟି କେରଳର ତିନୋଟି ଜିଲ୍ଲା ମଧ୍ୟରେ ବ୍ୟାପିଛି । ଭେମ୍ୱାନାଡ୍ ହ୍ରଦ ଏବଂ ଏହାର ଆଖପାଖ ଅଞ୍ଚଳ ଆର୍ଦ୍ରଭୂମି ଅଟେ । ପରିବେଶ ସୁରକ୍ଷା ଏବଂ ଉତ୍ତାପ ନିୟନ୍ତ୍ରଣରେ ଏହି ଆର୍ଦ୍ରଭୂମି ମାନଙ୍କର ଭୂମିକା ମହତ୍ୱପୂର୍ଣ୍ଣ ଅଟେ ।

କେରଳ ଭ୍ରମଣର ସବୁଠାରୁ ମୁଖ୍ୟ ଆକର୍ଷଣ ଥିଲା ତ୍ରିଭେନ୍ଦ୍ରମ୍‌ର ଶ୍ରୀ ପଦ୍ମନାଭ ସ୍ୱାମୀ ମନ୍ଦିର ଯାହାକୁ ଆମେ ଶେଷଦିନ ଦର୍ଶନ କରିବାକୁ ଗଲୁ । ଏହି ପଦ୍ମନାଭ ସ୍ୱାମୀ ମନ୍ଦିର ବିଷ୍ଣୁଙ୍କୁ ସମର୍ପିତ ହୋଇଥିବା କେରଳର ପ୍ରମୁଖ ମନ୍ଦିରମାନଙ୍କ ଭିତରୁ ଅନ୍ୟତମ । ଦ୍ରାବିଡୀୟ ସ୍ଥାପତ୍ୟ କଳା ଅନୁସାରେ ମନ୍ଦିରଟି ନିର୍ମାଣ କରାଯାଇଛି । ଏହି ମନ୍ଦିରରେ ପ୍ରଭୁ ପଦ୍ମନାଭ ସ୍ୱାମୀ ଯିଏ ବିଷ୍ଣୁଙ୍କ ଏକ ଅବତାର, ଅନନ୍ତ ଶୟନରେ ବିରାଜମାନ ଅଛନ୍ତି ଏବଂ ପୂଜା ପାଉଛନ୍ତି । ମନ୍ଦିର ଭିତରକୁ ଯିବା ପାଇଁ ନିୟମ ଅନୁଯାୟୀ କିଛି ବିଶେଷ ପୋଷାକର ବ୍ୟବସ୍ଥା ରହିଛି । ସ୍ତ୍ରୀ ଲୋକମାନେ କେବଳ ଶାଢ଼ୀ ପିନ୍ଧି ପାରିବେ । ପୁରୁଷମାନେ ମଧ୍ୟ କେବଳ ଧୋତି ପରିଧାନ କରି ମନ୍ଦିରରେ ପ୍ରବେଶ କରିପାରିବେ । ମନ୍ଦିରର ତଥା ପର୍ଯ୍ୟଟକ ମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କେରଳ ସରକାରଙ୍କ ଦ୍ୱାରା ବ୍ୟାପକ ପୋଲିସ୍ ନିୟୋଜିତ ହୋଇଛନ୍ତି । ଦର୍ଶନ କରିବା ପାଇଁ ଲମ୍ବା ଧାଡ଼ି ଥିଲେ ମଧ୍ୟ ଆମେ ଶୃଙ୍ଖଳିତ ଭାବରେ ଠାକୁରଙ୍କୁ ଦର୍ଶନ କଲୁ । ଦର୍ଶନ ସରିଲା ପରେ ଠାକୁରଙ୍କ ପ୍ରସାଦ ଭାବେ ଆମେ ନାଲି ଚାଉଳ ଓ ଗୁଡରେ ପ୍ରସ୍ତୁତ ନୈବେଦ୍ୟ ଖାଇଲୁ । ଏହାକୁ ମାଲାୟାଲମ୍‌ରେ ଉନ୍ନିୟାପାମ୍ ବୋଲି କୁହାଯାଏ । କେରଳର ପ୍ରାୟ ସବୁ ପ୍ରମୁଖ ମନ୍ଦିର ଯେପରିକି ପଦ୍ମନାଭସ୍ୱାମୀ ମନ୍ଦିର ଓ ସାବରୀମାଳା ମନ୍ଦିରରେ ଏହି ଉନ୍ନିୟାପାମ୍ ହିଁ ମୁଖ୍ୟ ପ୍ରସାଦରୂପେ ମିଳିଥାଏ । ଅତ୍ୟନ୍ତ ସ୍ୱାଦିଷ୍ଟ ଥିଲା ଏହି ଉନ୍ନିୟାପାମ୍ ମନ୍ଦିର ପ୍ରସାଦ । ଦର୍ଶନ ପରେ ଆମେ ଦୁଇଜଣ କୋବଲମ୍ ସମୁଦ୍ର ଉପକୂଳ ଦେଖିବା ପାଇଁ ଗଲୁ ଏଠାରେ ସମୁଦ୍ରର ସୁଅ ଅତ୍ୟନ୍ତ ପ୍ରଖର ଏବଂ ଦେଖିବାକୁ ଏହା ଅତ୍ୟନ୍ତ ଭୟଙ୍କର । ସେହିଦିନ ଅପରାହ୍ନରେ ହିଁ ଆମେ ଟ୍ରେନ୍ ଯୋଗ ତ୍ରିଭେନ୍ଦ୍ରମରୁ ବାଙ୍ଗାଲୋର୍ ଅଭିମୁଖେ ବାହାରିଲୁ । ବାଙ୍ଗାଲୋର୍‌ରେ ପହଞ୍ଚିବା ବେଳକୁ ପରଦିନ ସକାଳ ହୋଇଗଲା । ବାଙ୍ଗାଲୋରରୁ ଖରାବେଳେ ପ୍ଲେନ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ବାହାରି ଆମେ ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଲୁ ।

କେରଳର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନୋହର ହୋଇଥିବାରୁ ଏହାକୁ God's own country ମଧ୍ୟ କୁହାଯାଏ ।

ମନର ଦିଗନ୍ତରେ ଚିରଦିନ ପାଇଁ କିନ୍ତୁ କେରଳ ଭ୍ରମଣର ଦୃଶ୍ୟପଟ୍ଟ ଅବିସ୍ମରଣୀୟ ହୋଇ ରହିଗଲା ।

*ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବେଗୁନିଆ, ଖୋର୍ଦ୍ଧା*
*ଦୂରଭାଷ: ୮୧୧୪୦୪୨୯୯୭*

# କାବେରୀ ଭଳି ଝିଅଟିଏ

(ମୂଳ ତାମିଲ)- ଡଃ. ତ୍ରିପୁର ସୁନ୍ଦରୀ ଲକ୍ଷ୍ମୀ
(ଓଡ଼ିଆନୁବାଦ)- ଡଃ. ଶକୁନ୍ତଳା ବଳିୟାର ସିଂହ
ସଂକ୍ଷିପ୍ତ ଆକଳନ : ଅକ୍ଷୟ କୁମାର ଜେନା

'ଓରୁ କାବେରୀ ଯାଇ ପୋଲା' ବହିଟି ଔପନ୍ୟାସିକା ଡଃ. ତ୍ରିପୁର ସୁନ୍ଦରୀ ଲକ୍ଷ୍ମୀଙ୍କର ଏକ ବଳିଷ୍ଠ ତାମିଲ ଉପନ୍ୟାସ, ଯାହା କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ଏହାକୁ ଓଡ଼ିଆରେ ଅନୁବାଦ କରିଛନ୍ତି ବିଶିଷ୍ଟ ଲେଖିକା,ସଂପାଦିକା ତଥା ସାହିତ୍ୟ ସଂଗଠିକା ଡଃ. ଶକୁନ୍ତଳା ବଳିୟାର ସିଂହ, ଯାହାକୁ ପ୍ରକାଶ କରିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଏଥିପାଇଁ ସେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାର ଅନୁବାଦିକା ଭାବେ ପୁରସ୍କୃତ ।

'କାବେରୀ' ନଦୀ ଦକ୍ଷିଣ ଭାରତୀୟଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି । ସେହି ଶ୍ରଦ୍ଧାରେ ଅନେକ ଝିଅଙ୍କ ନାଁ ସେମାନେ କାବେରୀ ରଖିଥାଆନ୍ତି । ଔପନ୍ୟାସିକା ଉପନ୍ୟାସର ନାମକରଣ ,ପରି ରଖିଥିବା ମୂଳରେ ସେ କାବେରୀ ନଦୀକୁ ଆଖି ଆଗରେ ରଖିଥାଇପାରନ୍ତି ବୋଲି ମୋର ବିଶ୍ୱାସ, କାରଣ ଉପନ୍ୟାସର ଅନ୍ତିମ କେଇଟି ବାକ୍ୟରେ ସେ କହିଛନ୍ତି, "ସ୍ୱାମୀ ଯେପରି କହିଥିଲେ- ସେ ଗୋଟିଏ କାବେରୀ ପରି ଜିଇବ । ପୂରା ଦୁନିଆ ତା ଦ୍ୱାରା ଉପକୃତ ହେବେ । ଏହା ସୁନିଶ୍ଚିତ । ଏକ ଦୃଢ଼ ସିଦ୍ଧାନ୍ତର ସହ ସେ ଦାଣ୍ଡ କବାଟ ବନ୍ଦ୍ କରିଦେଲା ।" ଏଠାରେ 'ସେ' ଅର୍ଥାତ୍ ମୁଖ୍ୟ ଚରିତ୍ର କାବେରୀ ଏବଂ 'କାବେରୀ ପରି ଜିଇବ'ରେ କାବେରୀ ଶବ୍ଦଟି କାବେରୀ ନଦୀପାଇଁ ବ୍ୟବହୃତ । ଚିରସ୍ରୋତା ସୁନାବ୍ୟା କାବେରୀ ନଦୀ, ବିଶେଷ କରି ଦକ୍ଷିଣ ଭାରତୀୟଙ୍କ ଜୀବନ ଯାତ୍ରାକୁ ସୁଗମ କରିବାରେ ଯେପରି ସହାୟକ ହୋଇଛି- ବିଭିନ୍ନ ଦୃଷ୍ଟି କୋଣରୁ, ଯଥା- ପାନୀୟ ଜଳ, କୃଷି ପାଇଁ ଜଳ, ମତ୍ସ୍ୟ ଉତ୍ପାଦନର ଭଣ୍ଡାର ସାଜି, ସେହିପରି ଅନ୍ୟମାନଙ୍କ ଉପକାରରେ ନିଜର ଜୀବନକୁ ଉତ୍ସର୍ଗ କରିବାକୁ ଦୃଢ଼ ସଂକଳ୍ପ ନେଇଛି ମୁଖ୍ୟ ଚରିତ୍ର କାବେରୀ, ତାହା ପୁଣି ଦାମୋଦରନ୍‌ଙ୍କ ପ୍ରେରଣାରେ । ଉପନ୍ୟାସର ଆଦ୍ୟ ଭାଗରେ କାବେରୀ ଯେ ଅନ୍ୟମାନଙ୍କୁ ଭଲ ପାଇନାହିଁ କିମ୍ବା ଅନ୍ୟମାନଙ୍କ ଉପକାରରେ ଆସିନାହିଁ ସେପରି କଥା ନୁହଁ । ଭାଇ,ଭାଉଜ,ବନ୍ଧୁ,ପରିଜନ ସମସ୍ତଙ୍କୁ ଭଲ ବ୍ୟବହାର ଦେଖାଇଛି । ଗୋଟିଏ ସରକାରୀ ସ୍କୁଲର ଚିକିତ୍ସା-ଅନୁସନ୍ଧାନ ବିଭାଗର ନର୍ସ ରୂପେ ଅନାବିଳ ଭାବେ ପିଲାମାନଙ୍କ ସ୍ୱାସ୍ଥ୍ୟର ତଦାରଖ କରିଛି । ବଡ଼ ଭାଉଜ ସୁନ୍ଦରୀ ଦେବୀଙ୍କୁ ମାତୃତୁଲ୍ୟ ସମ୍ମାନ ଜଣାଇଛି ଏବଂ ତାଙ୍କର ଦେହ ଖରାପ ଥିବା ସମୟରେ ଘରେ ତଥା ଡାକ୍ତର ଖାନାରେ ଦେଖାରଖା କରିଛି । ସାନ ଭାଉଜ ଯଶୋଦାଙ୍କୁ ଯଥୋଚିତ୍ତ ସମ୍ମାନ ପ୍ରଦର୍ଶନ କରିବା ସହିତ ଚାକିରିରୁ ଫେରି ଘର କାମରେ ସାହାଯ୍ୟ କରିଛି । ଚାକରାଣି ଲୀନାକୁ ଘରର ଜଣେ ସଦସ୍ୟା ଭାବେ ବିଚାର କରି ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିଛି । ସାନଭାଇ ଲୋକେନ୍ଦ୍ରକୁ ଭାଇର ସମ୍ମାନ ଦେଖାଇ ତାଙ୍କ କହିବା ଅନୁସାରେ କାୟିକ ତଥା ଆର୍ଥିକ ସହଯୋଗ କରିଛି ।

କାବେରୀ ଏକ ନାରୀକୈନ୍ଦ୍ରିକ ଉପନ୍ୟାସ, ଯହିଁରେ କାବେରୀ ମୁଖ୍ୟ ଚରିତ୍ର ଓ ଦାମୋଦରନ୍ ନାୟକ । କାବେରୀ ବ୍ୟତୀତ ଗୌଣ ଚରିତ୍ର ଭାବରେ ଅନେକ ଯଥା- ସୁନ୍ଦରୀ ଓ ଯଶୋଦା ଭାଉଜ, ଚାକରାଣି ଲୀନା, ଦାମୋଦରନ୍‌ଙ୍କ ମା',ଖୁଡ଼ୀ ଓ ତାଙ୍କ ଝିଅ ଅମ୍ବିକା, ସହକର୍ମୀ ତଥା ବାନ୍ଧବୀ ନଳିନୀ, କନ୍ଦସ୍ୱାମୀଙ୍କ ସ୍ତ୍ରୀ ମିନାକ୍ଷୀ, ମହିଳା ସଂଘର ସଦସ୍ୟାବୃନ୍ଦ,ବାନ୍ଧବୀ ଜଗଦା, ସତ୍‌ଗୁଣମ୍ ଆଣ୍ଟି, ପିଉସୀ ମୁରୁଗମ୍ମାଲ, କାମାକ୍ଷୀ, ମର୍କଦମ୍, ବସନ୍ତା, ବସନ୍ତାର ମା' ଆଲୁମେଲୁ, ଡାକ୍ତର ରବିକାନ୍ତର ଭଉଣୀ ଲାବଣ୍ୟା, ଗୋଟାଏ କସ୍‌ମେଟିକ୍ କଂପାନୀର ଜଣେ ଯୁବତୀ, ସୀତାମରେି ଜମାଲ୍, ପ୍ରାକ୍ତନ ଗଣିତ ଅଧ୍ୟାପିକା ଏସ୍.ଆର୍.କଲ୍ୟାଣୀ ଆଣ୍ଟି ପ୍ରଭୃତି ନାରୀ ଚରିତ୍ରମାନେ କାବେରୀକୁ କେନ୍ଦ୍ର କରି ଘୂରିଛନ୍ତି । ସେମାନଙ୍କ ମଧ୍ୟରେ କେତେକ ଦୁଷ୍ଟ ଓ ସ୍ୱାର୍ଥପର ଚରିତ୍ରର ତ ଅନ୍ୟମାନେ ସାହାଯ୍ୟର ହାତ ବଢ଼େଇଛନ୍ତି କାବେରୀ ଆଡ଼େ । ନାୟକ ଦାମୋଦରନ୍ ଠୁଁ ଆରମ୍ଭ କରି କେତେ ଯେ ପୁରୁଷ ଚରିତ୍ର ଉପନ୍ୟାସକୁ ଗତିଶୀଳ କରାଇବାରେ ସାହାଯ୍ୟ କରିନାହାଁନ୍ତି ସେ କଥା ନୁହଁ, କିନ୍ତୁ କାବେରୀର ଜନ୍ମ, ପାଠପଢ଼ା, ଚାକିରି, ଭଲପାଇବା,ପ୍ରେମ, ହତାଶା,ବିବାହ, ଉଭୟ

ଦକ୍ଷିଣ ଆଫ୍ରିକା ଓ ଭାରତରେ ସଂଗ୍ରହ କରିଥିବା ତିକ୍ତ ମଧୁର ଅନୁଭୂତି ଓ ଶେଷରେ ନାଟକୀୟ ଶୈଳୀରେ ପ୍ରେମିକ ତଥା ସ୍ୱାମୀ ଦାମୋଦରନ୍‌ଙ୍କୁ ଜଣେ ବନ୍ଦୀ ଭାବରେ ବିଦାୟ ଦେଉଥିବା ଗୋଟିଏ ନାରୀର ଜୀବନ ଗାଥାହିଁ ଉପନ୍ୟାସର କଥାବସ୍ତୁ ।

ଉପନ୍ୟାସର ଆରମ୍ଭ ହୋଇଛି ଦକ୍ଷିଣ ଆଫ୍ରିକାର ଡରବନ୍ ସହରରେ ଗୋଟିଏ ତାମିଲ ସଂପ୍ରଦାୟର ପରିବାରର ବଡ଼ ବୋହୂ ସୁନ୍ଦରୀର ଅସୁସ୍ଥ ଅବସ୍ଥାରୁ, ଗତିଶୀଳ ହୋଇଛି ଡରବନ୍ ତଥା ପରିସ୍ଥିତିର ଚାପରେ ଡରବନ୍ ଛାଡ଼ି ଭାରତକୁ ଆସିଥିବା କାବେରୀର ହିନସ୍ଥା ଓ ସୁବ୍ୟବସ୍ଥାର କାହାଣୀ ମାଧ୍ୟମରେ ଏବଂ ଶେଷ ହୋଇଛି ସେହି ଡରବନ୍ ସହରରେ, ଯେତେବେଳେ କାବେରୀ ଭାରତରୁ ଫେରିଯାଇଛି ଡରବନ୍‌କୁ ଓ ସେଠାରେ ପ୍ରେମିକ ଦାମୋଦରନ୍‌ଙ୍କୁ ବାହା ହୋଇ ସୁଖର ଜୀବନ ବିତାଇବାକୁ ଯାଉଥିବା ବେଳେ ସେଠାକାର ପୋଲିସ୍ ଦ୍ୱାରା ରାଜନୈତିକ ବନ୍ଦୀ ଭାବରେ କାବେରୀଠୁଁ ବିଦାୟ ନେବାବେଳେ । କାବେରୀର ଜନ୍ମ ଡରବନ୍ ସହରରେ ସତ, ମାତ୍ର ତାର ପୂର୍ବପୁରୁଷଙ୍କ ଜନ୍ମଭୂମି ଦକ୍ଷିଣ ଭାରତରେ । କାବେରୀ ସେଠାରେ ମ୍ୟାଟ୍ରିକ୍ ପାଶ୍ କରି ନର୍ସିଂ ଟ୍ରେନିଂ ନେଇ ଲେଡିସ୍ ସ୍ମିଥ୍ ସ୍କୁଲରେ ଚାକିରି କରିଛି । କାବେରୀର ବାପା ମାଆଙ୍କ କଥା ଉଲ୍ଲେଖ ନଥିବାରୁ ବିଝିନେବାକୁ ପଡ଼ିଛି ଯେ ସେମାନେ ଦିବଂଗତ । ବଡ଼ଭାଇ ମଧ୍ୟ ବାହାସାହା ହେଇ ନିସନ୍ତାନ ଭାବରେ ଅଳ୍ପ ବୟସରେ ହାର୍ଟ ଆଟାକ୍‌ରେ ପରଲୋକ ଗମନ କରିଛନ୍ତି । ବଡ଼ ଭାଇଙ୍କ ପରେ ପରେ ମା' ସମାନ ବଡ଼ ଭାଉଜ ଶାରିରୀକ ତଥା ମାନସିକ ଅସୁସ୍ଥତା ମଧ୍ୟରେ ଗତି କରି ଦିନେ ମୃତ୍ୟୁବରଣ କରିଛନ୍ତି । ବଡ଼ ଭାଇ ବଂଚିଥିବା ବେଳେ କାବେରୀ ଚାକିରି କରୁଥିବା ସ୍କୁଲର ଅଧ୍ୟକ୍ଷ ମୋହନଙ୍କ ସହିତ କାବେରୀର ବିବାହ ସ୍ଥିର ହୋଇଯାଇଛି । ଇତି ପୂର୍ବରୁ ଆଡ଼୍‌ଭୋକେଟ୍ ଦାମୋଦରନ୍‌ଙ୍କ ସହିତ କାବେରୀର ସମ୍ପର୍କ ଗଢ଼ିଉଠିଥିଲା, କାରଣ ଦାମୋଦରନ୍‌ର ବ୍ୟକ୍ତିତ୍ୱ ଓ ଆଦର୍ଶ ତାକୁ ଭଲ ଲାଗିଥିଲା । ଅପରପକ୍ଷରେ ମୋହନର ବ୍ୟକ୍ତିତ୍ୱକୁ ସେ ପସନ୍ଦ କରୁନଥିଲେ ମଧ୍ୟ ଭାଇଙ୍କ ପ୍ରସ୍ତାବରେ ସେ ରାଜି ହୋଇଯାଇଥିଲା । ଦାମୋଦରନ୍‌ଙ୍କ ବାପା ଶିବଗାମୀଜୀ ଦିନେ ପୁଅ ପାଇଁ ଅର୍ଥାତ୍ ଦାମୋଦରନ୍ ପାଇଁ ପ୍ରସ୍ତାବ ଧରି କାବେରୀର ଘରକୁ ଆସିଥିଲେ, ମାତ୍ର ଦାମୋଦରନ୍ ସରକାର ବିରୋଧି ଗୋଷ୍ଠୀରେ ସାମିଲ ହୋଇଥିବାରୁ କାବେରୀର ବଡ଼ ଭାଇ ସେ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ । କାବେରୀର ବଡ଼ଭାଇ ଇହଧାମ ତ୍ୟାଗ କଲାପରେ ମୋହନ ସହିତ କାବେରୀର ବିବାହ ପ୍ରସ୍ତାବ ଭାଂଗି ଯାଇଥିଲା ।

ସୁନ୍ଦରୀ ଭାଉଜ ବଂଚିଥିବା ବେଳେ କାବେରୀକୁ ଝିଅତୁଲ୍ୟ ଭଲ ପାଉଥିଲେ । କାବେରୀକୁ କେହି କିଛି କହିଲେ ସେ ସହିପାରୁ ନଥିଲେ । ଦିନେ ଏହିପରି ଘଟଣାରୁ ତାଙ୍କର ଦେହାନ୍ତ ହୋଇଥିଲା । କାବେରୀ ଦାମୋଦରନ୍‌ଙ୍କ ସହିତ ମିଳାମିଶା କରୁଥିବାରୁ ସାନଭାଇ ଲୋକେନ୍ଦ୍ର ସହିନପାରି କାବେରୀକୁ ଯାହା ଇଚ୍ଛା ତାହା କହିଯାଉଥିଲେ । ମାତ୍ର ଯେଉଁଦିନ କାବେରୀ ଉପରକୁ ହାତ ଉଠାଇଲେ ସେଦିନ ସେ ଉତ୍ତେଜିତ ହୋଇ ଚେତା ହରାଇଲେ । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ବଂଚାଇ ପାରିନଥିଲେ । ସୁନ୍ଦରୀ ଭାଉଜ ଓ ବଡ଼ଭାଇଙ୍କର ଠିକ୍ ବିପରୀତ ଥିଲେ ସାନଭାଇ ଲୋକେନ୍ଦ୍ର ଓ ସାନ ଭାଉଜ ଯଶୋଦା । ଭାଇ ତାଙ୍କର ବ୍ୟବସାୟରେ ବ୍ୟସ୍ତ ଥିଲେ ଏବଂ ଭାଉଜଙ୍କୁ ଲଗାମଛଡ଼ା କରିଦେଇଥିଲେ । ଉଭୟ କାବେରୀକୁ ନିର୍ଯ୍ୟାତନା ଦେଉଥିଲେ । କାବେରୀକୁ କାମରେ ଖଟାଉଥିଲେ ଏବଂ ଶେଷରେ ଘର ଚଳିବା ପାଇଁ କାବେରୀ ପାଉଥିବା ସ୍ୱଳ୍ପ ଦରମାରୁ ମାସକୁ ଶହେ ରାଣ୍ଡ(ଆଫ୍ରିକାନ୍ ମୁଦ୍ରା) ଆଦାୟ କରୁଥିଲେ । ବଡ଼ ଭାଉଜ ମରିଯିବା ପରେ ତାଙ୍କ ଘରକୁ ଖାଲିକରି ଦିଆଗଲା ଓ ତାଙ୍କର ଜିନିଷ ପତ୍ରକୁ ଫୋପାଡ଼ି ଦିଆଗଲା । ବଡ଼ ଭାଉଜ ବଂଚିଥିବା ବେଳେ ଚାପ ପକାଇ ତାଙ୍କ ନାମରେ ଥିବା ଉଇଲିକୁ ବଦଳାଇ ଦିଆଯାଇଥିଲା, ଯଦ୍ୱାରା କାବେରୀର କୌଣସି ହକ୍ ନଥିଲା । ଯେଉଁଦିନ କାବେରୀକୁ ମାରି ତଡ଼ିଦେଲେ ସେଦିନ ପଡ଼ୋଶୀ କନ୍ଦସ୍ୱାମୀ ତାକୁ ତାଙ୍କ ଘରେ ଆଶ୍ରୟ ଦେଇଥିଲେ । ମାତ୍ର ନିଜ ଘର ପାଖରେ ରହିବାକୁ ଭଲ ନଲାଗିବାରୁ ସେ ସେସ୍ଥାନ ଛାଡ଼ିଦେଇ ବାନ୍ଧବୀ ଜଗଦା ସାଥିରେ ରୁମ୍‌ମେଟ୍ ହୋଇ ରହିବା ପାଇଁ ଶ୍ରେୟସ୍କର ମନେ କରିଥିଲା ।

ଦିନେ ତା ହେଡ୍ ଅଫିସ୍‌ରେ ସି.ଆଇ.ଡି. ରଘୁନନ୍ଦନ ଆସି କାବେରୀକୁ ଜେରା କଲେ । କହିଲେ, " ତମେ ଦାମୋଦରନ୍ ଘରକୁ ଯାଆ ଆସ କରୁଛ କାହିଁକି ।" କାବେରୀ କହିଲା, " ସେ ମୋର ପ୍ରେମିକ । ପ୍ରେମ କରିବା କଣ ପାପ" ? ତାପରେ ରଘୁନନ୍ଦନ କହିଲେ " ତୁମେ ଜଣେ ସରକାରୀ ଚାକିରିଆ । ସରକାର ବିରୋଧୀ ଗୋଷ୍ଠୀ ସହ ମିଳାମିଶା କଲେ ତୁମ ଜୀବନ ନଷ୍ଟ ହୋଇଯିବ ବୋଲି ଜାଣ ତ ? ଦାମୋଦରନ୍ ଖୁବ୍ ଶୀଘ୍ର ବନ୍ଧା ହେବାକୁ ଯାଉଛି । ମୁଁ ତୁମର ଶୁଭାକାଂକ୍ଷୀ ଭାବରେ ସତର୍କ କରିଦେଉଛି । ଏହାପରେ ମୋ ଦୋଷ ଦେବନାହିଁ ।" ଏତକ କହି ରଘୁନନ୍ଦନ ଚାଲିଗଲେ । କାବେରୀ ଦାମୋଦାରନ୍‌ର ଅଫିସକୁ ଫୋନ୍ ଲଗେଇଲା । ରିସେପ୍‌ସନିଷ୍ଟ୍ କହିଲା, "ସେ କେତେଦିନ ହେଲାଣି ବାହାରକୁ ଯାଇଛନ୍ତି ।" ତାପର ଦିନ ସେ ପବ୍ଲିକ୍ ବୁଥ୍‌ରୁ ଦାମୋରନ୍‌ଙ୍କୁ ଫୋନ୍ କଲା । ସେପଟରୁ ଉତ୍ତର ଆସିଲା, "ସେ ଗୋଟେ ଜରୁରୀ ବୈଠକରେ ବନ୍ଧୁ ମାନଙ୍କ ସହ କଥାବାର୍ତ୍ତା ହେଉଛନ୍ତି ।"-କାବୋରୀ ଭାବିଲା- ଦାମୋଦରାନ୍ ବାହାରୁ ଫେରିଆସିଛନ୍ତି, ଅଥଚ ଫୋନ୍‌ଟିଏ ବି କରୁନାହାଁନ୍ତି । ଏହାର ଅର୍ଥ ସେ କାବେରୀକୁ ଭଲ ପାଉନାହାଁନ୍ତି । ତେଣୁ ଆଭୋଏଡ୍ କରୁଛନ୍ତି । ନାଁ, ସେ ଆଗରୁ ଥରେ ନିଆଁ ସାଥିରେ ଖେଳିସାରିଛି । ଆଉ ନୁହଁ । ସେ ସ୍ଥିର କଲା- ଭାରତ ଚାଲିଯିବ । ମୁଖ୍ୟ କାର୍ଯ୍ୟାଳୟରେ ୬ ମାସ ପାଇଁ ଛୁଟି ଦରଖାସ୍ତ ଦେଇ ଯାତ୍ରାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲା । ପରଦିନ,

କାମସାରି ସତ୍‌ଗୁଣମ୍ ସହିତ ଦେଖା କରିବାକୁ ଗଲା । କାରଣ ସତ୍‌ଗୁଣମ୍ ତାଙ୍କ ପାଖ କଲୋନୀରେ ରହୁଥିଲେ  ଏବଂ ଗତ ଡିସେମ୍ବରରେ ସେ ଭାରତ ଯାଇଥିଲେ । ତାଙ୍କୁ ପଚାରିଲେ ଭାରତ ଯିବା ସୁବିଧା ହେବ । ତାଛଡ଼ା ସତ୍‌ଗୁଣମ୍  ସେଠାକାର ଆଶ୍ରମ,ମନ୍ଦିର ତଥା କୀର୍ତ୍ତନ ମଣ୍ଡଳୀ ସହିତ ସଂପୃକ୍ତ । ସେ ସତ୍‌ଗୁଣମ୍ ପାଖରୁ ଗୋଟିଏ ଆଶ୍ରମର ଠିକଣା ଟିପି ଆଣିଲା । ସେଠାରୁ ଫେରି କାହାକୁ କିଛି ନକହି ଇଂରେଜ ଡାକ୍ତରଙ୍କ ପାଖରୁ ଟୀକା ନେଇ (ଆଫ୍ରିକାରୁ ବାହାରକୁ ଯିବା ଲୋକଙ୍କୁ ଏଲୋ ଫିବର୍,ହଇଜା,ଟାଇଫଏଡ୍, ମେଲେରିଆ ଆଦି ଟୀକା ଦିଆଯାଏ ) ପାସପୋର୍ଟ, ପ୍ଲେନ୍ ଟିକେଟ ଦକ୍ଷିଣ ଭାରତର ଏକ ହୋଟେଲ୍ ବୁକ୍ କରିଦେଲା । ବ୍ୟାଙ୍କକୁ ଯାଇ ଆବଶ୍ୟକୀୟ ପରିମାଣର ଟଙ୍କା ଉଠାଇ ଆଣିଲା ଏବଂ ନିଜ ସୁଟ୍‌କେଶ୍ ସଜାଡ଼ି ନେଲା । ସେ ଜଗଦା ଛଡ଼ା କାହାରିକୁ ତା' ଯାତ୍ରା ବିଷୟରେ ଜଣାଇଲା । ନାହିଁ । ସାଥିରେ ଭାଉଜଙ୍କ ଅନ୍ତିମ ଇଚ୍ଛା ମୁତାବକ କାବେରୀ ନଦୀରେ ତାଙ୍କ ଶାଢ଼ୀକୁ ବିସର୍ଜନ କରିବା ପାଇଁ ସୁଟ୍‌କେଶ୍‌ରେ ଭରି ନେଇଥିଲା ।

ସକାଳ ସାଢ଼େ ଆଠଟାରେ ଡରବନ୍‌ରୁ ଏୟାରପୋର୍ଟ ଅଭିମୁଖେ ବାହାରିଥିଲା କାବେରୀ । ପ୍ଲେନ୍ ଛାଡ଼ିବା ବେଳେ ପଛରେ ରହିଯାଇଥିବା ଡରବନ୍ ସହରକୁ ଶୋକାକୁଳ ଦୃଷ୍ଟିରେ ଚାହୁଁଥିଲା । ସେ ଡରବନ୍ ଛାଡ଼ି ପ୍ରଥମେ ମରିସସ୍ ଓ ପରେ ମାଡ୍ରାସ୍‌ରେ ପହଁଞ୍ଚିଲା । ମାତ୍ର କ୍ରମଶଃ ଲୋକମାନଙ୍କର ତଥା ଅନୁଷ୍ଠାନ ମାନଙ୍କର ଶଠତାର ଶିକାର ହୋଇ କାନ୍ଦ କାନ୍ଦ ହୋଇଥିଲା । ତଥାପି ସଂଗ୍ରାମ ଜାରି ରଖିଥିଲା । ଶେଷରେ କଲ୍ୟାଣୀ ନାମକ ଭଦ୍ର ମହିଳା ଯିଏ ଦିନେ ଡରବନ୍‌ରେ ଗଣିତ ଅଧ୍ୟାପିକା ଥିଲେ ତାଙ୍କରି ସହାୟତାରେ ମାଡ୍ରାସ୍ ତଥା ଭାରତର ଅନ୍ୟାନ୍ୟ ସ୍ଥାନକୁ ଉପଭୋଗ କରିବାରେ ସହଜ ମଣିଥିଲା । ତାଙ୍କରି ପରାମର୍ଶ କ୍ରମେ ଡରବନ୍‌କୁ ଫେରିଯାଇ ଦାମୋଦରନ୍‌ଙ୍କୁ ବାହାହୋଇ ସୁଖରେ ଜୀବନ ଯାପନ କରିବାର ସ୍ୱପ୍ନ ଦେଖିଥିଲା । ମାତ୍ର ବିଧିର ବିଧାନ ଅନ୍ୟପ୍ରକାର ଥିଲା ।

ଉପନ୍ୟାସଟି ସେହି ସମୟର ପୃଷ୍ଠଭୂମିରେ ରଚିତ ଯେଉଁ ସମୟରେ ଦକ୍ଷିଣ ଆଫ୍ରିକାରେ ଜାତିଭେଦ ଓ ବର୍ଣ୍ଣବୈଷମ୍ୟକୁ ନେଇ ଲୋକଙ୍କ ଭିତରେ ବିଦ୍ରୋହର ଚାପାସ୍ୱର ଅନୁରଣିତ ହେଉଥିଲା । ଗାନ୍ଧୀଜୀଙ୍କ ନେତୃତ୍ୱରେ ସରକାର ବିରୋଧୀ ଗୋଷ୍ଠୀର ଉଦ୍‌ଭବ ହୋଇଥିଲା । ଦାମୋଦରନ୍ ସେହି ଗୋଷ୍ଠୀରେ ଅର୍ନ୍ତଭୁକ୍ତ ଥିବା ଦୃଷ୍ଟିରୁ ରାଜନୈତିକ ବନ୍ଦୀ ହିସାବରେ ଜେଲ୍ ବରଣ କରିଥିଲା ।  ବାସ୍ତବରେ ଦାମୋଦରନ୍ କାବେରୀକୁ ପ୍ରତାରିତ କରିନଥିଲା । କର୍ତ୍ତବ୍ୟର ଚାପରେ ସେ କିଛି ଦିନ କାବେରୀ ସହିତ ବାର୍ତ୍ତାଳାପ କରିପାରିନଥିଲା । ପ୍ରେମରେ କିଛି ଦିନର ବ୍ୟବଧାନ ଯୁଗ ଯୁଗ ପରି ଲାଗେ । ତେଣୁ କାବେରୀର ଭୁଲ୍ ବୁଝାମଣା ଦୃଷ୍ଟିରୁ ତାକୁ ଭାରତ ଛାଡ଼ିବାକୁ ପଡ଼ିଥିଲା । ନଚେତ୍ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ ତାକୁ ହୁଏତ ଭାରତକୁ ଆସିବାକୁ ପଡ଼ିନଥାନ୍ତା କିମ୍ବା ଏତେ ହିନସ୍ତା ହେବାକୁ ପଡ଼ିନଥାନ୍ତା । ଭାରତରେ ବିଶେଷ କରି ଦକ୍ଷିଣ ଭାରତରେ କାବେରୀର ରହଣି ସମୟରେ ପ୍ରାୟ ସର୍ବତ୍ର ସେ ପ୍ରବଞ୍ଚନା, ଶଠତା ଓ ନିର୍ଯ୍ୟାତନାର ଶିକାର ହୋଇଛି । କିନ୍ତୁ ଯେତେବେଳେ କତିପୟ ଭଦ୍ରଲୋକଙ୍କ ମମତାର ସ୍ୱର୍ଶ ପାଇଛି ଏବଂ ଭାରତର ସାଂସ୍କୃତିକ ଦିଗଟିକୁ ଦେଖିବାର ସୁଯୋଗ ପାଇଛି ସେତେବେଳେ ସେ ମହାନ୍ ପରଂପରାର ଦେଶକୁ ସଭକ୍ତି ପ୍ରଣାମ ଜଣାଇଛି । ଭାରତବର୍ଷ ଆଫ୍ରିକା ମହାଦେଶ ମଧ୍ୟରେ ଭୌଗୋଳିକ ଦୂରତା ଥିଲେ ମଧ୍ୟ ସାମ୍ୟ ଅନେକ । ଏହି ସାମ୍ୟକୁ ବହୁ ପ୍ରକାର ସ୍ୱଷ୍ଟ କରାଯାଇଛି ଉପନ୍ୟାସରେ ।



*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍: ୭୫୪୨୯୫*




# ଅଳିଅପା

**ଡକ୍ଟର ନାରାୟଣ ପଣ୍ଡା**

ମଣିଷମରା ଖରାରେ
ଉପାସ ଭୋକରେ
ଓହୋପଟ ବୁଲୁଥାଏ ଗାଁ ସାରା।
ନଇକୁଳିଆ ପବନରେ
ଘର ଉପରୁ ଉଡ଼ିଯାଇଚି ଛପର।

ପୁନିଅଁ ପର୍ବରେ
ଶଙ୍ଖମହୁରୀ ବାଜିଲେ
ଅଳିଅପାର ଗୋଡ଼ ତଳେ ଲାଗେନି
ଅଭାବ ସ୍ୱଭାବରେ
ପଡ଼ୋଶୀ ଘରେ
ଅଣ୍ଟାଭିଡ଼ି ଠିଆ ହୁଏ।

ତୁଣ୍ଡବଳରେ
ଗଜାରସିକ ମାନଙ୍କର
ଟାହିଟାପରାକୁ ହସି ଉଡ଼ାଇଦିଏ।
ଅଂଧାର ଆଢୁଆଳରେ
କେହି ଜଣେ କହୁଥିବାର ଶୁଣେ
ଆ ଜହର ଢୋକିବୁ
ସେ ଜହର ଅତି ସୁଆଦ।
ଆ ନିଆଁ ଗିଳିବୁ
ସେ ନିଆଁ ଅତି ଶୀତଳ।

ମଥା ଉପରୁ
ବୋଉର ପଣତ ଗଲାଦିନୁ
ଭାଂଗିଗଲା ଅଭେଦ୍ୟ ଦୁର୍ଗ।
ଭଂଗାକାଚ ମାଳମାଳ କଣ୍ଟାରେ
ପରିପୂର୍ଣ୍ଣ ଜୀବନର ପଥ।

# ହାଣ୍ଡିଶାଳ ପଥେ

**ଡକ୍ଟର ସୁଷମା ମିଶ୍ର**

ଭାତ ଡାଲି କରି ଜଗିଥିଲି ମୁହିଁ
ଆଣିବେ ଚିଙ୍ଗୁଡ଼ି ବୋଲି
ପାୱାର୍ କଅଟ୍ ହୋଇଯିବ କାଳେ
ମସଲା ସଜାଡ଼ି ଦେଲି।
ଯାଙ୍କ ଏତେ ଡେରି ଦେଖି କଲ୍ ଦେଲି
କହିଲେ, 'କଅଣ କୁହ'
ଚିଙ୍ଗୁଡ଼ି ଶୁଣିକି କହିଦେଲେ, ଓହୋ
'ଭୁଲିଯାଇଚି ମୁଁ ରୁହ'।
'ଆଉ କିଛି ରାନ୍ଧି ଚଳେଇ ଦେଉନ
ପାର୍କରେ କାଟୁଚି ଘାସ'
'ଘାସ କାଟିବାକୁ ବେଳ ଅଛି ତୁମ
କାଟିତ ପାରୁନ ନିଶ'।
'ଶନିବାର ଦିନ ଦୁଇ ବୋହୂ ମୋର
ଆମିଷ ଛୁଇଁବେ ନାହିଁ
ଗୁରୁବାର ଗଲା ସାତ୍ତ୍ୱିକ ଭୋଜନେ
ଶୁକ୍ରବାର ଛାଡ଼ଖାଇ'।
ଜବାବ ନଦେଇ ନବାବଙ୍କ ପରି
ଫୋନ୍ ଦେଇଥିଲେ କାଟି
ବୁଢ଼ା ଭେଣ୍ଡି ଥିଲା କାଞ୍ଜି କରିଦେଲି
ଶୁଭିଲା ବାବୁଙ୍କ ପାଟି।
ଛୋଟିଆ ଚିଙ୍ଗୁଡ଼ି କେଜିଏ ସରିକି
ଧରାଇ ଦେଲେ ମୋ ହାତେ
ଏସି ଘରେ ବସି ଆଦେଶ କରିଲେ,
'ବେଲ ପଣା ଦିଅ ମତେ'।
ହାତ ଧୋଇ ଆଗ ପାଣି ପଣା ଦେଲି
ଚିଙ୍ଗୁଡ଼ି ବାଛିଲି ଯାଇ
ଝୋଳ କଲାପରେ ଭାଜିଲି ପୋଟଳ
ସାଲାଡ଼ ଯୋଗାଡ଼ି ଦେଇ।
ବଡ଼ବୋହୂ ଯିବ ପ୍ରୋଗ୍ରାମରେ ବୋଲି
ତଳେ ଲୋକ ହାଉଯାଉ
ଏଇ ଗୋଟେ ଦିନ ୱର୍କ ଫ୍ରମ୍ ହୋମ୍

ସ୍କ୍ରିନ୍ ଆଗେ ସାନବୋହୂ।
ନାତିଧନ ମୋର ଡାକୁଚି ଜେମାଲୋ,
କହିଦେ ବିଲେଇ ଗପ
ଜଞ୍ଜାଳ ପୋଖରୀ ଭିତରେ ମୁଁ ପରା
ଖେଳୁଛି ଜୀବନ ଚାପ।
ଯୋଗାଡ଼ିଆ ଝିଅ ଆସୁନାହିଁ ଆଉ
ଆସିବ ଆସିବ କହି
ଭତ୍ତା ପାଇ ଲୋକେ ମାଗଣା ଖାଇଲେ
ଶ୍ରମକୁ ବିମୁଖ ହୋଇ।
'ଭୋଜନ ପ୍ରିୟ ମୋ ପରାଣ ଦେବତା
ଇଷ୍ଟପ୍ରଭୁ ଜଗନ୍ନାଥ।
ବଞ୍ଚିଥିବାଯାଏଁ ହାଣ୍ଡିଶାଳ ପଥେ
ଗଡୁ ମୋ ଜୀବନ ରଥ'।

*ସ୍ପନ୍ଦନ, ଖଣ୍ଡଗିରି ଏନ୍ କ୍ଲେଭ୍, ଭୁବନେଶ୍ୱର-୩୦*

# ପେହେଲ୍‌ଗାମ

**ସୁଜାତା ମହାପାତ୍ର**

ଦଳେ ପକ୍ଷୀ ଉଡ଼ିଗଲେ ଡେଣାଝାଡ଼ି
ଆକାଶ ଆଡ଼କୁ, ଗୁଳିର ଶବ୍ଦରେ
ମାଟିର କମ୍ପନରେ କମ୍ପିଗଲା ସବୁଜ ଉପତ୍ୟକା
କିଛିକ୍ଷଣ ନୀରବିଗଲା ମାଟି, ପାଣି, ପବନ
ଝରଣାର କୁଳୁକୁଳୁ ସ୍ୱର ଆଉ ପାଇନ ଗଛର ଗୀତ,
ଏବେ ଏବେ ତ ଉଇଁଛି ସୂରୁଜ, ପତ୍ର ଗହଳରୁ
ମୁହଁ ଦେଖାଉଛି ହଳଦୀ ରଙ୍ଗର ଆଲୁଅ
ଚେଇଁ ଶୋଇଛି ପେହେଲଗାମ୍, ବରଫ ଚଦର
ତଳୁ ଅଳସ ଭାଙ୍ଗୁଛି, କଅଁଳ ଖରାର ଧାସ
ଠେକୁଆ ଧରି ଫଟୋପୋଜ୍ ଦେଉଥିଲା ଝିଅଟିର
ଆଖିରୁ ନିଦ ଛାଡ଼ିନି ଏଯାଏ,
ତା ଛିଣ୍ଡା ସ୍ୱେଟର ଭିତରୁ ଠେକୁଆଟି ଚାହିଁଛି
ଝିଅଟି ଭାବୁଛି
ଏ ଶବ୍ଦ, କି ଶବ୍ଦ, ଗୁଳି ନା ବାଣ ଫୁଟିବାର
ଏବେ ଏବେ ତ ଜମି ଆସୁଥିଲା କୋଳାହଳ
ଘଣ୍ଟାରେ ବାଜିଥିଲା କିନ୍ତୁ ଏଗାରଟା ପନ୍ଦର
ପିଲାମାନଙ୍କ କଳରବରେ ଫାଟିପଡୁଥିବା ଜାଗାଟା
ହଠାତ୍ ନୀରବିଗଲା, ରୁଦ୍ଧି ହୋଇଗଲା ଛାତିତଳର ନିଶ୍ୱାସ
ଆଃ ! ଆଠଦିନ ତଳେ ନୂଆ ଜୀବନ ଗଢ଼ିଥିବା
ନବ ଯୁବକର ମୃତଦେହ ଲୋଟୁଥିଲା
ସକାଳର କାକରଭିଜା ଘାସ ଫୁଲ ଉପରେ
ନବ ପରିଣିତା ତାର, ଗୁହାରି କରୁଥିଲା
ମୋତେ ବି ମୁକ୍ତିଦିଅ, ଶେଷ କରିଦିଅ
ସେଇ ଜହ୍ଲାଦ ମାନଙ୍କ ପାଖରେ
ତା ବିଶ୍ୱାସର ବାଲିଘର, ଉଜୁଡ଼ିଗଲା କ୍ଷଣିକରେ
ସେ କ'ଣ ଭାବିଥିଲା
ତା ଶାଢ଼ୀ, ସିନ୍ଦୂର, ଅଳତା ଯେ ଦିନେ
ତା ସୌଭାଗ୍ୟକୁ ଗିଳିଯିବ ତାରି ଘରେ
ତାରି ମାଟିରେ ପୁଣି ତାରି ଦେଶରେ।
ତାର ତ, ଏକାନୁହେଁ, ଏମିତି ଏମିତି
ଛବିଶଟି ଅମୂଲ୍ୟ ଜୀବନ ଓ ତାଙ୍କ ପରିବାର
ଧର୍ମ, ହିନ୍ଦୁ ନା ମୁସଲମାନ୍, ଗୀତା ନା କୋରାନ୍ ?
ଆରେ ଅଧମ ! ପଚାରିଲନି ମୋ ରକ୍ତର ରଙ୍ଗ ବିଷୟରେ
ମୋ ଦେଶ, ମୋ ସମ୍ମାନ, ମୋ ସ୍ୱାଭିମାନ ବିଷୟରେ
ମୋ ସମଗ୍ର ଦେଶର ଭାବନା ଓ ଭାଇଚାରା ବିଷୟରେ।

*ଅମୃତାୟନ, ମଧୁସୂଦନ ନଗର, ତୁଳସୀପୁର, କଟକ-୭୫୧୦୦୮*
*ଦୂରଭାଷ: ୯୯୩୭୯୯୩୯୯୭*

# ଅନ୍ତର କଥାକୁ

**ଡାକ୍ତର ଦୀନବଂଧୁ ସାହୁ**

ଅନ୍ତର କଥାକୁ ଜାଣ ବୋଲି ପ୍ରଭୁ
ନାମ ତୁମ ଅନ୍ତର୍ଯ୍ୟାମୀ
ଜଗତ କରତା ଜଗତ ନିୟନ୍ତା
ଭକ୍ତି ଘେନ ଭବସ୍ୱାମୀ।

ଭକତି ସୁମନ ଭରି ଅଂଜଳିରେ
ପଦେ କରେ ପ୍ରଣିପାତ
ଭାବରେ ବତୁରା ଏ ଦୀନ ସମ୍ବଳ
ଘେନ ସ୍ନେହେ ଜଗନ୍ନାଥ।

ଦାସିଆ ବାଉରୀ ବାଡ଼ି ନଡ଼ିଆକୁ
ଆଣିଦେଲା ଯେଉଁ ଭାବେ
ବାଲି ରଥେ ପୂଜି ଭକ୍ତ ବଳରାମ
ଯେ ଭାବେ ବିଦିତ ଭବେ।

ସେ ଭାବକୁ ସରି ନ ହେଲେ ନାହିଁ ମୋ
ଭାବ କୁସୁମ ଅଂଜଳି
ସଦୟ ହୃଦୟେ ଆପଣାର ମଣି
ଘେନା କରିବାକୁ ଅଳି ।

ଭକତଜନଙ୍କ ହୃଦରତ୍ନ ସାର
ସାଜି ଜଗତ ଠାକୁର
ଭାବେ ଖେଳ ଖେଳ ଭାବ ବିନୋଦିଆ
ଲୀଳା ଅନନ୍ତ ଅପାର ।

ବର୍ଣ୍ଣନ ଚିନ୍ତନ କଳ୍ପନା ଉର୍ଦ୍ଧ୍ୱରେ
ରୂପ ଗୁଣ ଯା ମହିମା
ଅତୁଳନୀୟ ସେ ଶ୍ରେଷ୍ଠ ଯାଦୁଗର
ନାହିଁ ସୀମା ପରିସୀମା ।

ଅନାଦି ଅନନ୍ତ କାଳାତୀତ ପ୍ରଭୁ
କାଳ କାଳ ଲୀଳା କରି
ଅଧରମ ନାଶି ଧରମ ଥାପିଛ
ଧରା ଧାମେ ଅବତରି ।

ଅବତାରଧାରୀ ହେ ବିଶ୍ୱ ବିହାରୀ
ଭକତ ଜନଙ୍କ ପ୍ରାଣ
ଭକତଙ୍କ ହିତେ ରହି ଥାଅ ନିତ୍ୟେ
ଘେନ ଅନ୍ତର ଜଣାଣ ।

*ପରଦେଶୀ ପଡା, ଭବାନୀପାଟଣା*
*ଦୂରଭାଷ: ୯୪୩୭୨୧୯୧୪୭*

# ଶୁଆ

**ଡା: କୃଷ୍ଣ ଚନ୍ଦ୍ର ରଥ**

ଏବେ ମୁଁ ନିଜକୁ ଓଡ଼ିଆ ବୋଲି
କହିବାକୁ ଲାଜ
ମୁଁ ହରାଇ ବସିଛି ମୋ ଓଡ଼ିଆ ପଣ
ଭାଷାରେ, ଭାବରେ, ଲେଖନ ଓ ପଠନ
ଶୈଳୀରେ ଜୀବନ ଜୀଇବାରେ ।
ସାକ୍ଷୀ କରି ବସାଇ ଦେଇଛି ଗୋଟେ ଶୁଆ
ସୁନା ପଞ୍ଜୁରିରେ
ଏବେ ଏବେ ଦୁଆର ରଖୁଛି ଖୋଲା
ଶୁଆଟି ବେଳେବେଳେ ଗୀତଟିଏ ଗାଏ
ଚକ୍ରଧର, ପକ୍ଷୀଜନ୍ମରୁ ପାରିକର ହେ
କମଳାର ବର ।

ସତକୁ ସତ ଫୁଲ ଫୁଟି ମଉଳି ଯାଇଛି
ଆମ ପୂର୍ବସୁରୀ ମାନଙ୍କ ଜ୍ୟୋତି ଝାଉଁଳି ଯାଇଛି
ନିଜକୁ ଅପଦାର୍ଥ କହିବାକୁ ପାଟି ଲେଉଟୁନି
ଷ୍ଟୁପିଡ୍ ବେକୁଫ ଗାଳି ଶୁଣିଶୁଣି
କେବଳ ଶୁଣିବା ଅଭ୍ୟାସ ହୋଇ ଯାଇଛି
ସେମାନଙ୍କ ପ୍ରିୟ ଭାଷାର ଗାଳି
ମତେ ମିଠାମିଠା ଲାଗୁଛି,
ଏବେ ମୁଁ ଶୀଘ୍ର ବୋବାଳି ଛାଡ଼ିଛି ।
ଚାକରର ଗୋଟାଏ ହସ କାନ୍ଦ କ'ଣ
କେବଳ ଦାସତ୍ୱ କେବଳ ବେଡ଼ି
ପିଅନ ହେଉ କି ପ୍ରଶାସକ ।

ସବୁଠି ବସି ଆମେ କାନ୍ଦୁ କୁମ୍ଭୀର କାନ୍ଦଣା
ଗରିବର, ଆତ୍ମସମ୍ମାନର, ଭାଷା ବିଚ୍ୟୁତର
ମୋ ଘର ତ ସୁନା ରୂପା ମୋତି ମାଣିକ୍ୟର ଖଣି
ସଭିଏଁ ଜାଣନ୍ତି ମୁଁ ପୂର୍ବରୁ ସାଧବ ଘରର ରାଣୀ
ଏବେ କିନ୍ତୁ ମୁଁ ଖଣିର ଚଉକିଦାର
ମାସିକ ଦରମାରେ ମୋର ଅଧିକାର
ସାହସ ନଥାଏ ଦାସର ।

ଦିନେ ଶୁଆ ବୁଲୁଥିଲା ଖୋଲା ବାଟଘାଟରେ
ମୋ ନାଁ, ମୋ ଭାଷା କେଉଁଠି ବି ଦିଶିଲାନି ହାଟରେ
ଏବେ ମୋ ପଞ୍ଜୁରି ଦୁଆର ମେଲା
ମୁକ୍ତ ବାଣିଜ୍ୟର ହାଓ୍ୱାରେ ସମସ୍ତଙ୍କର ଭରୁଛି ଝୋଲା
ମୁଁ ଶିଖିଛି ସବୁ ଭାଷା, ସବୁ ଗୁଣ ଅବଗୁଣ,
ବିଦେଶୀଙ୍କ ଲଙ୍ଗଳା ନାଚ
ପ୍ରେମ ପାଇଁ ଭାଲେଣ୍ଟାଇନ୍ ଡେ
ବେଶ ପାଇଁ ଖୋଲାଦେହ
ଦ୍ରବ୍ୟର ପ୍ରଚାର ପାଇଁ ଖୋଲା ନିତମ୍ବର ଚିତ୍ରାଙ୍କନ
ସବୁ ଶିଖିକି ଛାଡ଼ି ପାରୁନି ଶୃଙ୍ଖଳ ଦାସତ୍ୱର
ମଞ୍ଜିଟିଏ ପୋତି ପାରିଲିନି ଆଜି, ବେଳ ବୁଡ଼ିଗଲା
ଭାବି ପାରିଲିନି କାଲି ହୁଏତ ହେବ ଏକ ମହାଦ୍ରୁମ
ମାନର, ମହତର, ଓଡ଼ିଶାର, ଓଡ଼ିଆ ଭାଷାର ।

*ଦୂରଭାଷ: ୯୪୩୭୧୬୩୭୬୩*

# ହଁ, କେହି ଜଣେ ଆସିବେ

ଜ୍ୟୋତି ପ୍ରକାଶ କର

ହଁ, କେହି ଜଣେ ଅବଶ୍ୟ ଆସିବେ
ଧରାଧାମକୁ ଧରାବତରଣରେ
ସିନ୍ଦୂରିତ ଅକାଶରୁ
କିମ୍ବା ସିନ୍ଧୁ ଶୟନରୁ
ନୂତନ ଆଶାର ଆଲୋକ ଆଣି।
ଆମେ ସମସ୍ତେ ପ୍ରତୀକ୍ଷାରେ
ସ୍ୱାଗତ ସମ୍ଭାଷରେ
ମଥାନତ ଇଶାଣର ଈଶ୍ୱରଙ୍କଠାରେ।
ହଁ, ସେ ଉଦୀପ୍ତ ହେବେ
ଉନ୍ମାଦଙ୍କ ଉତ୍ପାଟନ ପାଇଁ
ଶରଣାଗତ ସନ୍ତ୍ରାସିତଙ୍କ ସୁରକ୍ଷାରେ,
ସିଂହଭାଗ ସ୍ୱାହା କରି
ସିଂହାସନେ ଆସୀନ ଆସାମୀଙ୍କ
ଆସନ ଅପସାରଣ ପାଇଁ
ତାଙ୍କରି ସର୍ଜିତ ସଂସାରର
ସଂସ୍କାର କି ସଂହାର ପାଇଁ।
ରାଜାମାନେ ଗୋଜା ଅଯୋଗା
ଚରଣ ସେବାରେ ଚାଟୁକାରମାନେ
ଭାଟମାନେ ଭିଡ଼ାଭିଡ଼ି
ଚରିତ ଭଣତି କରି
ଚରିତାର୍ଥ ମନେ କରିବାରେ।
ହଁ, କେହି ହେବେ ଚକ୍ରବର୍ତ୍ତୀ
ଚକ୍ରପେଷି ନାଶିବେ ନକ୍ର
ମଞ୍ଚାରୁ ଖସେଇବେ
ବାରହାତ ଖଣ୍ଡା ଧରି ଭୂଖଣ୍ଡ ଭ୍ରମିବେ
ଖର୍ବ କରିବେ ଗର୍ବ,
ଶିରମାନେ ଅଶରୀରୀ ହେବେ
"ମୁଁ" ମାନଙ୍କୁ ମୃତ୍ୟୁଲୋକ ପଠେଇବେ।
ସେ ଅନାଦି ଅନନ୍ତ ଅନନ୍ୟ
ଅନପେକ୍ଷ ଅନନୁମେୟ
ଜରାୟୁ ଜନ୍ମିତ ଅବା ଅଯୋନି ସମ୍ଭୂତ।

*୪୯/ସି, ଶକ୍ତିନଗର, କଟକ-୭୫୩୦୧୨*
*ଦୂରଭାଷ: ୯୪୩୮୫୩୨୪୫୭*

# ଉଇଁବ ଦିନେ

ଗୋପାଳ ଚନ୍ଦ୍ର ମିଶ୍ର

ଉଇଁବ ଦିନେ ରେ ନୂତନ ସୂରୂଜ ଉଇଁବ ଦିନେ,
କଳା କାରନାମା ଲିଭିବ ଦିନେ ରେ ଲିଭିବ ଦିନେ।

ଶୋଷଣକାରୀଙ୍କ ଦୁଆରେ ଲାଗିଛି ଲୁହାର ବାଡ଼,
ଶୋଷିତ କାନ୍ଦୁଛି ଦିଶୁଛି ତାହାର ପଞ୍ଜରା ହାଡ଼।
ଭାଙ୍ଗିବ ଦିନେ ଏ ଲୁହାର ପାଚେରୀ ରଖିଥା ମନେ,
ଉଇଁବ ଦିନେରେ ନୂତନ ସୂରୂଜ ଉଇଁବ ଦିନେ।

ଦୁନ୍ଦୁଭି ନାଚରେ ସ୍ତବ୍ଧ ଭାରତ ଉଠିବ ମାତି,
ନିଷ୍ପ୍ରଭ ତାହାର ଅମୃତ ସଙ୍ଗୀତ ଭରିବ ତାତି।
ମୁକ୍ତିର ପ୍ରଦୀପ ଜଳିବ ଦିନେ ରେ ଜଳିବ ଦିନେ,
ଉଇଁବ ଦିନେରେ ନୂତନ ସୂରୂଜ ଉଇଁବ ଦିନେ।

ଆମରି ସଂସ୍କୃତି ଆମ ପରମ୍ପରା କହିବ କଥା,
ଠାଣି ମାଣି ଆମ ଦେଖି ବିଦେଶୀଙ୍କ ନଇଁବ ମଥା।
ବିବେକାନନ୍ଦଙ୍କ ଧର୍ମ ସଭା କଥା ନାହିଁକି ମନେ,
ଉଇଁବ ଦିନେ ରେ ନୂତନ ସୁରୁଜ ଉଇଁବ ଦିନେ।

ଗାନ୍ଧୀ ସୁଭାଷଙ୍କ ସ୍ୱପ୍ନର ଭାରତ ହୋଇବ ସତ,
ଅନ୍ଧାର ଚିରିଣ ସତ ସହିତରେ ବସିବା ମିତ।
ଆମ ଯଶ କୀର୍ତ୍ତି ଶୋଭା ପାଉଥିବ ସାରା ଭୁବନେ,
ଉଇଁବ ଦିନେରେ ନୂତନ ସୂରୂଜ ଉଇଁବ ଦିନେ।

*ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ, ଅରିଲୋ, କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

# ଭିନ୍ନ ଏକ ଫୁଲ

ଜ୍ୟୋସ୍ନା ପାତ୍ରୀ

କେବେ କେହି ପଚାରିଛ ମଶାଣୀ ଫୁଲକୁ ?
ବୁଝିଛ କି ? କେବେ ତା'ର ଅନ୍ତର୍ଦାହ ନିଃସଙ୍ଗ ପଣକୁ ॥
ତା ପାଇଁ ଜନ୍ମ ଓ ମୃତ୍ୟୁର ଫରକ୍ କଣ ଯେ ?
ପ୍ରାରବ୍ଧ କର୍ମର ଫଳ ଭୋଗୁଛି ସେ- ମଶାଣୀ କୋଳରେ

ସେ ତ ସଦାବେଳେ ହସୁଥାଏ ଯୁଇର ଧାସରେ
ଶେଷହେବ ଦିନେ ପୁଣି ଯୁଇର ନିଆଁରେ ॥
ତାକୁ କେହି ଚିହ୍ନିନ୍ତିନି, ତା ଗୁଣର ସମୀକ୍ଷା ବା କରିବ କିଏ ?
ସେ'ତ ସହନଶୀଳତାର ଶିଳା ଖଣ୍ଡଟିଏ ॥
ଫୁଟିବା ଦିନଠୁଁ ସିଏ ଖାଲି ଶୁଣିଛି ରାମ୍ ନାମ୍ ସତ୍ୟ ହେ...
ଆତ୍ମୀୟଙ୍କ ବୁକୁଫଟା କାନ୍ଦଣାର ସ୍ୱର ।
ଅବିଚଳିତ ସେ ! ଡରିବି ଯାଇନି ଦେଖି-
ଲେଲିହାନ୍ ଶିଖା ଅଗ୍ନିର ॥
ପ୍ରତି ମୂହୁର୍ତ୍ତରେ ଖୋଜି ଚାଲିଛି ତା-
ଜୀବନ ମୂଲ୍ୟକୁ
ଛାତି ତଳେ ଚାପିଛି ତା ନିଜସ୍ୱ ଦୁଃଖକୁ ॥
ପ୍ରେମର ମହନୀୟତା ରୁ, ପୁଣ୍ୟ ଆଉ ପାପର ଫାଙ୍କରୁ,
ଯନ୍ତ୍ରଣାରେ ଦଗ୍ଧିଭୂତା ବେଦନା ଭିତରୁ ॥
ହରାଇଛି ବେଶୀ, ତଥାପି ତ ହାରିନାହିଁ ଜୀବନ ଯୁଦ୍ଧରେ ।
ଏକମାତ୍ର ଲକ୍ଷ୍ୟ ତା'ର, ଲୀନହେବ ଯୁଇ ବିଭୂତିରେ ॥
ଶୁଣିଛକି ଦୋଷ କେବେ ଦେଉଛିସେ ସୃଷ୍ଟିର ସ୍ରଷ୍ଟାକୁ ?
କରିଛିକି ଭାବନାରେ କଳ୍ପନା ସେ ଆକାଶ କୟାଁକୁ ?
ସଅଂପିଛି ନିଜକୁ ସେ କୁଢ଼ କୁଢ଼ ଶବ ପାଉଁଶରେ ॥
ଈଶ୍ୱରଙ୍କ ସୃଷ୍ଟି ସିଏ... ସବୁ ଫୁଲଠାରୁ ସ୍ୱତନ୍ତ୍ର ଓ ଭିନ୍ନ ।
ତଥାପିତ ବିଭୁପାଦେ ପାଏନା ସେ ସ୍ଥାନ
ମନେ ନାହିଁ କ୍ଲେଶ ଆବିଳତା, ଭିନ୍ନ ଭିନ୍ନ ଶବପାଶେ ହୁଅଇ ବିଲୀନ ॥

*ମାର୍ଫତ - କୃପାସିନ୍ଧୁ ପାଢ଼ୀ*
*ପି.ଡବ୍ଲୁ.ଡି. ରୋଡ଼ (ସିରାଜ୍ ଉଦ୍ଦିନ୍ ଛକ)*
*ଜି.:- କେନ୍ଦୁଝର, ପିନ୍-୭୫୮୦୦୧*
*ଦୂରଭାଷ: ୯୬୭୮୮୮୯୦୪୮*

# ଯୁଦ୍ଧ-୪

**ଡାଃ ବିଜୟଲକ୍ଷ୍ମୀ ତାରେଣିଆ**

ବିଜୟର ଦ୍ୱାରଦେଶେ
ଏ ଜୀବଜଗତ
ମଣିଷ ପଶୁପକ୍ଷୀ
ଯେତେସବୁ ଗଛ ବୃଛ
ସହରରେ ଖେଳିଯାଏ ଆତଙ୍କ
ସ୍ୱଷ୍ଟ ଦିବାଲୋକେ
ଫୁଟୁଥାଏ ଗୁଳି
ଲକ୍ଷ ପୁରୁଷର ମଥା
ସନ୍ତାନ ଓ ସ୍ତ୍ରୀ ସମ୍ମୁଖରେ
ଭୂପତିତ ପିତା
ବୁଝିବା ପୂର୍ବରୁ
ଧର୍ମର ପରିଭାଷା ।

ବୀଭତ୍ସ ତାଣ୍ଡବ ନୃତ୍ୟ
ପୈଶାଚିତ ମନୋବୃତ୍ତି
ଏ ଆତଙ୍କବାଦୀର
ନିମିଷେ ଉଜୁଡ଼ିଯାଏ ପରିବାର
ହୋଇଯାଏ ଛାରଖାର
ଅବୋଧ କିଶୋର
ଭୟାତୁର ଚାହାଣୀରେ
ଦେଖେ ତା'ର କ୍ରୂରତା
ପିତା ପାଇଁ ହୃଦୟରେ
ଭରିଯାଏ ଆକାଶର
ବହଳ ଶୂନ୍ୟତା
ଯୁଦ୍ଧ ତ ଚାଲୁଛି
ଚାଲିବ ବି ଅନନ୍ତକାଳ
ଦଣ୍ଡପାଏ ନିର୍ଦ୍ଦୋଶ ଜନତା

ଶିଶୁର ଭୋଜନରେ
ପ୍ରକମ୍ପିତ ଚତୁର୍ଦ୍ଦିଗ
ଅନନ୍ତ ବେଦନାରେ
ମାତୃପ୍ରାଣ ସନ୍ତାପିତ
ସୀମାରେଖା ସେପଟେ
ଉପାୟହୀନା, ଦୁଃଖିନୀ ମା
ଆଖିରେ ଲୁହର ଶ୍ରାବଣ
ମାନବୀୟ ଗୁଣରେ
ଲାଗିଯାଏ ଘୁଣ
ବିନାଦୋଷେ ଦଣ୍ଡ ଦେଶାନ୍ତର
ଏ ପଟେ ଅଝଟ ଶିଶୁ
ଟାଣୁଛି ପଣତ ମା'ର
ବାଷ୍ପାଛନ୍ନ ଆଖି
ନିରୁପାୟ ଜନତା'ର
କରୁଣ ପରିବେଶ
ଭୋଗୁଥାନ୍ତି ନରନାରୀ
ବାଳୁତ କିଶୋର
ହୋଇ ଅତ୍ୟନ୍ତ ବିବଶ ।

*ଅବସରପ୍ରାପ୍ତ ଅଧ୍ୟାପିକା, ଆ:/ପୋ:- ବଳରାମ ପ୍ରସାଦ,*
*ଭାୟା- ବଅଁରପାଳ, ଅନୁଗୁଳ-୭୫୯୧୨୮*

# ବସନ୍ତ ବଲ୍ଲରୀ

**ଦେବଯାନୀ ଦାଶ**

ଆକାଶ ହସୁଛି ଧରଣୀ ଖେଳୁଛି
ପ୍ରକୃତି ଗାଉଛି ଗୀତ
ମଧୁ ମଳୟର ମନ୍ଦ୍ରିତ ମୁଦ୍ରାରେ
ବିମୋହିତ ଏ ବସନ୍ତ
ପ୍ରୀତି ପଲ୍ଲବର ପ୍ଲାବିତ ଧାରାରେ
ଧରାବିମୋହିତ ହୁଏ
ପବନ ଶୁଣାଏ ପାବନୀ ସଙ୍ଗୀତ
ଚନ୍ଦ୍ରମା ଚକିତ ହୁଏ
ପ୍ରକୃତି ରାଣୀର ପ୍ରୀତ୍ୟାର୍ପଣରେ
ପ୍ରସ୍ଫୁଟିତ ପୁଷ୍ପରାଜି
ଆମ୍ର କୁଞ୍ଜେ ବସି କୋକିଳ ଗାଉଛି
କୁହୁ କୁହୁ ତାନ ସାଜି
ରଜନୀ ରାଣୀର ରାଗ ରାଗିଣୀରେ
ସୁମନ ଆଳାପ ଦିଏ
ଉଷା ଆଗମନେ ଉଦୟ ଅରୁଣ
ଉଲ୍ଲାସର ଗୀତ ଗାଏ
ବିବିଧ କୁସୁମ ବିମୁଗ୍ଧା ବନାନୀ
ବିସ୍ମିତ ବୀଜ ମନ୍ତ୍ରରେ
ବସନ୍ତ ବାସ୍ନାରେ ବସନ୍ତ ବଲ୍ଲରୀ
ବିତରି ଯାଉ ବିଶ୍ୱରେ।

ଆହା !
ଯନ୍ତ୍ରଣାଟା କେତେ ଗଭୀର
ଚାଲିଯାଉ ସେ ଭଲରେ ଚାଲିଯାଉ
ଆଉ ପଛକୁ ଫେରି ନ ଅନାଉ
ଯେତେ ପଛକୁ ଫେରିବ
କଷ୍ଟ ସେତେ ସମୁଦ୍ର ଖାଇବ।

ଦେଖୁ ଦେଖୁ କିଛି କ୍ଷଣରେ ଝୁଲିପଡ଼ିଲା ମୁର୍ଦ୍ଦାରଟା
ପାଦଟା ଭୂଇଁକୁ ଛାଡ଼ିଗଲା ଫୁଲ ଇଞ୍ଚରୁ
ସମୟର ପାଞ୍ଜି କରିବାକୁ ସମୟ ବି ହେଲାନି !
ତାରାମାନେ ମିଟି ମିଟି କରି ଚାହିଁଛନ୍ତି
ଜହ୍ନ ଜୋଛନା ଅଶ୍ରୁ ଢାଳି ଦେଇଛି
ଆଇ ବେଙ୍ଗୁଲୀ ପଥର।

ସତେ ଅବା
କେଉଁ ଅନାଦି କାଳର ସଂପର୍କ
ଆଜି ମୋହ ଛିଡ଼ାଇ ଚାଲିଯିବାରୁ
ସବୁ ଯେମିତି ଧୂଆଁ ଧୂଆଁ,
ପ୍ରକୃତି ବିଧବା , ରାଜପଥ ମୁକୁଟ ବିହୀନ
ବତୀଖୁଣ୍ଟ ଶେଷ ନିଃଶ୍ୱାସରେ।

ଯନ୍ତ୍ରଣା ଗୁଡ଼ିକ କାହିଁକି ଏତେ ଆପଣାର ?
ସେଥିପାଇଁ ବୋଧେ ମୋହ କରିଛି ଆସ୍ଥାନ
ଯନ୍ତ୍ରଣା ତ ମୁକ୍ତି ଦିଏ ନାହିଁ କି ମୋହ
ମୁକ୍ତି ଦିଏ ତ କେବଳ ଭଲପାଇବା
କାହିଁକି ସମାଜ ସଂପର୍କରେ ପାଗଳ ?

*ରାଜନଗର, କେନ୍ଦ୍ରାପଡ଼ା, ପିନ୍-୭୫୪୨୨୫*
*ଦୂରଭାଷ: ୮୦୧୮୧୪୧୩୦୩*

# ବାଦୁଡ଼ି

**ଦୀପାଞ୍ଜଳି ବେହେରା**

କର୍କଟର ଚତୁର୍ଥ ପର୍ଯ୍ୟାୟରେ ଝୁଲୁଥିବା ବାଦୁଡ଼ିଟି
କାଲି ରାତିରେ ଆତ୍ମହତ୍ୟା କରିଛି
ବରଗଛ ଓହଳରେ।
ବେଙ୍ଗୁଲୀଟି ସାରୁବୁଦା ମୂଳେ ସାକ୍ଷୀଥିଲା
ଜହ୍ନ ମଧ ଛୁଇଁଥିଲା ମାଟି
କହୁଥିଲେ,

# ମୋ ଶ୍ୱଶୁର

**ଡ. ଚନ୍ଦ୍ରକଳା ନାୟକ**

ପ୍ରତିବର୍ଷ ରଜ ଆସିଲେ
ମୋ ଶ୍ୱଶୁର ବହୁତ ବେଶି ଖୁସି ଥାନ୍ତି
ତାଙ୍କ ନୀରବତା ଭିତରେ ବି
ମୁଁ ଠଉରାଏ, ରଜଛୁଟିଟା ବୋଧେ
ତାଙ୍କ ଅପେକ୍ଷାର ବନ୍ଧକୁ ମଜବୁତ କରେ।
ଶ୍ୱଶୁରଙ୍କୁ ପରଖିବା ମୋ ପାଇଁ ଭାରି କଷ୍ଟ

ମଣିଷ ନାଁ ଦେବତା ତା ବି ସନ୍ଦେହ
ଆଜିଯାଏ ବର୍ଣ୍ଣି ପାରୁନି
ମୋ ଏରୁଣ୍ଡି ବନ୍ଧ ଡେଇଁବା ଦିନଠାରୁ
ତାଙ୍କ ପିତୃ ପୁରୁଷଙ୍କ ଦେଇପିଣ୍ଡି ପର୍ଯ୍ୟନ୍ତ ।
ସର୍ବଦା ଚଳଚଂଚଳ ଠିକ ଉପନ୍ୟାସର ନାୟକ ପରି
ଚିତ୍ରକରଟିଏ ତ ମୁଁ ନୁହେଁ
କେମିତିବା ଆଙ୍କି ପାରିବି ତାଙ୍କ ସ୍ୱପ୍ନ ସବୁକୁ....
ନୂଆ ନୂଆ ବୋଉ ହେଲାବେଳେ
ତାଙ୍କ ପୁରୁଣା ଭଙ୍ଗା ସ୍କୁଟରରେ ବସାଇ
ମୋତେ ବୋହି ନିଅନ୍ତି
ମୋ ମନର ସ୍ୱପ୍ନ ସବୁକୁ ପୁରା କରିବାକୁ
ଖାଲ, ଢିପ, ବଙ୍କା ଗଡାଣି ରାସ୍ତାରେ
ମୋ ସପନର ବୋଝରେ
ରବିବାରକୁ ଛାଡି ନିଇତି ଭିଜୁଥିଲେ ବର୍ଷା ଓ ଖରାରେ ।
ସତରେ ଶ୍ୱଶୁରମାନେ କଣ ଏତେ ଶକ୍ତ
ପ୍ରଥମରୁ ଭାବିଛି କେବେ ନିରୋଳାରେ
ପଚାରିବି ମୋ ମନର ଭାଷାରେ
ବାବା ....ତମେ ଠିକ ଅଛ ତ ?
ମୁଁ ତ ଅଲିଅଳି ପରି ସବୁ ମାଗିଛି
ତାଙ୍କ ସରକାରୀ ଚାକିରୀର ଦରମାରୁ ବିକିଛି
ରୋଗ ସହ ଲଢୁଥିବା ମୋ ଶାଶୁ
ହେଲେ ତମେ ଦୁଇଜଣଙ୍କ କର୍ତ୍ତବ୍ୟ ପୂରଣ କରିଛ ।
କେମିତିକା ଏ ସମ୍ପର୍କ ସତେ !
ମୁଁ ବେଶୀ ସୁରକ୍ଷିତ ତୁମରି ହୃଦୟ ଭିତରେ
ଅଦୃଶ୍ୟସତ୍ତାଟିଏ ପରି, ଶିଶୁ ପାଲଟିଯାଏ
ଏ ସଂସାରଟାର ସବୁ ମୋହ, କୋହ, ଦୁଃଖ, ସୁଖ
କେମିତି ତୁମେ ଏକା ଆପଣେଇ ନିଅ
ତୁମ ବିଶ୍ୱାସକୁ ଭାଙ୍ଗୁଥିବା ବିଶ୍ୱାସଘାତକମାନଙ୍କୁ
ତୁମେ ହାଲକା ହସରେ ଆଉଁସି ଦିଅ ।
ଘର ସଜାଡିବାର ସବୁ ମନ୍ତ୍ର ଦେଇ
ଅତି ସହଜରେ ବୁଝାଇ ଦେଇଛ
ଅମା ଅନ୍ଧକାରରେ ଦିନେ ଆଲୋକ ଆସିବ
ଏହି ମହାମନ୍ତ୍ରକୁ ନିଇତି ସଜାଇ ରଖିଛ ।
ଜୋତାଠାରୁ ଛତା, କେଉଁ କାମ କରିନ ଜାଣିଛ
ସବୁବେଳେ ଘର ବାହାର ଉଭୟ ଦେଖିଛ
ଚୁନାମାଛ ଭଜା, ପଣସ କଟା, ଭୋଜିଭାତ
ଗାଁ ଡ୍ରାମା, ଅଷ୍ଟପ୍ରହରୀ ,ଚୁଲି ପୋଡପିଠା
ସବୁଯେମିତି ତୁମ ଅପେକ୍ଷାରେ ଥାଏ
ମୋ ପିଲାଙ୍କର ତୁମେ ଶ୍ରେଷ୍ଠବ୍ୟକ୍ତିତ୍ୱ
ମୋଠାରୁ ବି ପ୍ରିୟ ତୁମେ ଏକଥା ସାବ୍ୟସ୍ତ କରିଛ ।
ବାବା.... ତୁମେ ଜୀବନସାରା ମୋର ଛାଇଟିଏ
ଚିତ୍ର ଆଙ୍କି ପାରୁନଥିବା ଚିତ୍ରକରର
ପ୍ରେରଣାର ଶେଷ ଉତ୍ସଟିଏ
ଶ୍ୱଶୁର ପରିଗାଳି ଦେଇ, ଡରେଇ, ଶାସନ ନୁହେଁ
ବରଂ ଜଣେ ଭଲ ମଣିଷ ହେବାର ଗୁରୁମନ୍ତ୍ରଟିଏ ଦେଇଛ ।
ମୁଁ ଜାଣେ ତୁମେ ମୋର ପରିଚୟ, ମୋ ବିଶ୍ୱାସର ସେତୁବନ୍ଧ
ମୋ ସ୍ୱାଭିମାନ ଓ ଅଭିମାନ ବି
ଆଉ ମୋ ହୃଦୟର ନୀରବ ସ୍ପନ୍ଦନ
ତୁମେ ମୋର ଶ୍ୱଶୁର କମ ବରଂ
ମୋ ମୁକ୍ତି ପଥର ଶେଷ ତୀର୍ଥଟିଏ ।

*ଅଧ୍ୟାପିକା, ମହାପୁରୁଷ ହାଡି ଦାସ ମହାବିଦ୍ୟାଳୟ,*
*ଛତିଆ, ଯାଜପୁର,*
*ଦୂରଭାଷ: ୯୪୩୭୯୫୭୬୧୭*

# ରମାକାନ୍ତ ସ୍ମରଣେ

**ଶ୍ରୀ ରତ୍ନାକର ରାଉତ**

ଲଣ୍ଠନ ବତୀ ଦିକ୍ ଦିକ୍ ହୋଇ ଯାହା ଜଳୁଥିଲା
ନିଷ୍ପ୍ରଭ ହେଲାଣି ନିଅନ ଆଲୁଅ ମେଳେ
ଅନେକ କୋଠରୀ ଦୁଆର ତ ଏବେ
ଗୋଟେ ଅଗଣାରେ ଖୋଲେ
ଠିକ୍ ଏତିକି ବେଳେ
ତୁମେ ବାହୁଡ଼ିଲ ଅଫେରା ରାଇଜେ
କତରା ଶେଯରୁ ତୁମ କଥା ଶୁଣି
ଚନ୍ଦ୍ରା ବେହୁରାଣୀ ଲୁହର ଦୀପାଳି ଜାଳେ ।

ଶ୍ରୀରାଧାକୁ କେତେ କଲ ଆପଣାର
ଗଢ଼ିଲ ଯତନେ ସାଜି ତାର ରୂପକାର
କାବ୍ୟ ନୁହେଁ ତାହା ପ୍ରେମ ପରିଭାଷା
ସଭିଙ୍କ ହୃଦରେ ପ୍ରେମର ବିହୁଡ଼ି
କବିତାରେ ଜାଳିଦେଲ
ଜଳୁଛି ଜଳିବ ସେ ଅଲିଭା ସଳିତା
ଲିଭିବନି ଦୀପ ଶିଖା
ପ୍ରେମ ଶାଶ୍ୱତ
ପ୍ରେମ ଚିରନ୍ତନ
ପ୍ରେମ ଦୁର୍ଲଭ
ଦେଇଗଲ ମହାଦୀକ୍ଷା ।

ସପ୍ତମ ଋତୁର ଅନିଷାରେ ତୁମ

ବିତିଲା ଜୀବନ କାଳ
ଶ୍ରୀପଳାତକ ସଭିଏଁ ଏଠାରେ
ସଭିଙ୍କୁ ଆୟତ୍ତ କରେ କାଳ କରବାଳ
ଆଶାର ମୁରୁଜ ବୁଣି ବୁଣି ତୁମେ
ବାହୁଡ଼ିଲ କାଳ ବଳେ
ଯେଉଁଠିକି ଗଲେ କେହି କଣ କେବେ
ଆଉ ଏ ରାଇଜେ ଫେରେ ?

କାଳର ବୁକୁରେ ତୁମେ ଛାଡ଼ିଗଲ
ଯେଉଁ ସବୁ ହସ୍ତାକ୍ଷର
ହୃଦ କନ୍ଦରକୁ ଛୁଇଁଗଲା ଭଳି
ତୀକ୍ଷ୍ଣ କାବ୍ୟିକ ସ୍ୱର
ଆଙ୍କିଦେଇ ଯେଉଁ ଛବି ଅମଳିନ
ହୋଇ କାଳର ଭାଷ୍ୟକାର
ଭାଷା ସାହିତ୍ୟର ଇତିହାସେ ତୁମ
ଲିଖିତ ସ୍ୱର୍ଣ୍ଣାକ୍ଷର
ତୁମେ ନାହଁ କବି
ତୁମ ବିୟୋଗରେ ସେମାନେ ଜାଜ୍ୱଲ୍ୟମାନ
କବି ମରେ ନାହିଁ
ମରିପାରେ ନାହିଁ
କାଳର ବୁକୁରେ ଜୀଇଁଥାଏ କାଳକାଳ
ଜୀଇଁଥାଏ ଚିରକାଳ ।

# ସୁବର୍ଣ୍ଣପୁରରେ ବର୍ଷା

**ଡଃ ସଂଜୟ କୁମାର ତ୍ରିପାଠୀ**

ବର୍ଷା ଯେବେ ଆସେ
ଉଦ୍ଧତ ଯୌବନ ମୌସୁମୀର ଲୁଚକାଳି ଖେଳରେ
ସୋନପୁର ରାଜରାସ୍ତାରେ ଅହମିକା ଓ ଭ୍ରାଂତିରେ
ପ୍ରଚ୍ଛର ସର୍ବସ୍ୱ ରାଜନୀତିର ଅଭ୍ୟସ୍ତ ଛଂଦପତନରେ ।

ବର୍ଷା ଆସିଥିଲା: ପର୍ବତର ମୂଷିକ ପ୍ରସବରେ
ବୁଦ୍ଧଙ୍କ ସ୍ମିତ ହାସ୍ୟରେ
ଦଧୀଚିଙ୍କ ଅଙ୍ଗୁଳି ବଳିଦାନରେ ।

ବର୍ଷା ଆସିଛି: ସିନ୍ଦୁର ଅଭିଯାନର ବଳିଷ୍ଠ ପୃଷ୍ଠଭୂମିରେ
ଆତଙ୍କବାଦର ପୂର୍ଣ୍ଣ ମୂଳୋତ୍ପାଟନରେ
କୂଟନୈତିକ ପଦକ୍ଷେପର ସଫଳ
କ୍ରିୟାନ୍ୱୟନରେ ।

ବର୍ଷା ଆସିବ: କ୍ଷୁଧା, ଦାରିଦ୍ର୍ୟ ରହିତ ବିଶ୍ୱର ସାର୍ଥକ
ପରିକଳ୍ପନାରେ ଅବୋଲକରା କାହାଣୀରେ –
ଯକ୍ଷ ପ୍ରଶ୍ନରେ ମୌସୁମୀ ସିକ୍ତା ସାଧବ
ବୋହୂର ଅପାପବିଦ୍ଧ ହସରେ

ସର୍ବୋପରି: ନିତ୍ୟ ପରିବର୍ତ୍ତନଶୀଳା ପ୍ରକୃତିର ଏକ ଶ୍ରାବଣୀ
କବିତାରେ

*ସଂତୋଷ ବିହାର, ଗୋପାଳମାଳ, ବୁଢ଼ାରଜା, ସମ୍ବଲପୁର*
*ଦୂରଭାଷ: ୯୯୩୮୧୪୨୯୦୭*



ରମ୍ୟରଚନା

# ନିଶ ପ୍ରହସନ

ପ୍ରଭାତ କୁମାର ମହାପାତ୍ର

ଏକଦା ଜଣେ ଜଣାଶୁଣା ଲେଖକ ଗୋଟିଏ ଯାତ୍ରୀବାହୀ ବସ୍‌ରେ ପ୍ରଥମ ଧାଡିରେ ବସି ଯାତ୍ରା କରୁଥିଲେ । ଧାଡ଼ିର ମଝି ସିଟ୍‌ରେ ବସିଥିବାରୁ କାଚ ଝରକା ବାଟେ ବାହାର ଦୃଶ୍ୟ ଦେଖିବାର ସୌଭାଗ୍ୟରୁ ବଞ୍ଚିତ ହୋଇଥିଲେ । ବସି ବସି ବୋର୍ ଲାଗିବାରୁ ହାତ ଘଣ୍ଟା ଚାହିଁ ଦେଖିଲେ ଯେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଆଉ ଅତି କମରେ ଘଣ୍ଟାଏ ସମୟ ଲାଗିବ । ତେଣୁ ସମୟ କାଟିବା ପାଇଁ ବସ୍‌ର ଚାରିଆଡେ ଏକ ବିହଙ୍ଗ ଦୃଷ୍ଟି ବୁଲାଇ ଆଣିଲେ । ହଠାତ ସେ ଲକ୍ଷ୍ୟ କଲେ ବସ୍ ଡ୍ରାଇଭର ସିଟ ପଛପଟେ ଫାଷ୍ଟଏଡ଼ ବକ୍ସ ଉପରକୁ (ଠିକ୍ ତାଙ୍କ ସାମନାରେ) ନିଜ ନିଶ ନିଜ ନିୟନ୍ତ୍ରଣରେ ରଖନ୍ତୁ ଲେଖାଯାଇଛି । ସେ ଭାବିଲେ ଏହା ହୁଏତ ଭୁଲ୍‌ରେ ଲେଖା ଯାଇଛି କିମ୍ବା ବସ୍ ସର୍ଭିସିଂ ବେଳେ ଜିନିଷ ଉପରୁ 'ଜି' ଅକ୍ଷରଟି ହୁଏତ ଲିଭିଯାଇପାରିଥାଏ ଅଥବା ଏହା କୌଣସି ବସ୍ କର୍ମଚାରୀଙ୍କ ବଦମାସୀ ମଧ୍ୟ ହୋଇପାରିଥାଏ । ମଜା ଦେଖିବାକୁ କେହି ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବେ ମଧ୍ୟ ଏହା କରିଥାଇପାରେ । ଏହି ଲେଖା ଏପରି ଜାଗାରେ ରହିଛି ଯେଉଁଠାରୁ କି ସମସ୍ତ ଯାତ୍ରୀ ଏହାକୁ ଭଲ ଭାବରେ ଦେଖିପାରିବେ । ହଠାତ୍ ଲେଖକଙ୍କର ମନେହେଲା ଏହା କାହିଁକି ପ୍ରକୃତରେ ଲେଖାଯାଇନଥିବ ? ଯଦି ଏପରି ହୋଇଥିବ ତେବେ... ! ସେ ନିଜେ ଆଶ୍ଚର୍ଯ୍ୟ ହେଲେ ! !

ନିଶ କ'ଣ ସୁନାରୂପା ଅଥବା ଟଙ୍କାପଇସା ଭଳି ମୂଲ୍ୟବାନ ଜିନିଷ ହୋଇଛି ଯେ ଚୋରି ହୋଇଯିବ ? ତା' ପରେ ନିଶ କ'ଣ ଶରୀରଠୁ ଅଲଗା ଯେ ତାକୁ ଜଣେ ଦାୟିତ୍ୱରେ ରଖିବ ? ଏବେ ଲେଖକ ନିଜ ମୁହଁ ଚାରିପଟେ ହାତ ବୁଲାଇ ଆଣିଲେ । ଆରେ ! ତାଙ୍କର ତ ନିଶ ଜମାରୁ ନାହିଁ । ନଥିଲେ ନ ଥାଉ । ହାତ ବୁଲାଇ ଆଣିଲେ କ'ଣ ନିଶ ଉଠିଯିବ ? ନିଜର ନିଶ ନାହିଁ ବୋଲି ସେ ଦୁଃଖିତ ହେଲେ ।

ଏଥର ସେ ନିଜ କଥା ଭୁଲିଯାଇ ବସ୍‌ର ଅନ୍ୟ ଯାତ୍ରୀମାନେ ସେ ଲେଖା ପଢ଼ି କି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତାହା ଜାଣିବାକୁ ଚାହିଁଲେ ? ଏ ମଧ୍ୟରେ ବୋଧହୁଏ ବସ୍‌ରେ ଥିବା ସମସ୍ତ ଯାତ୍ରୀ ସେ ଲେଖାଟିକୁ ପଢ଼ିସାରିଥିଲେ । ଲେଖକ ଦେଖିଲେ ତାଙ୍କ ପଛପଟ ସିଟ୍‌ରେ ବସିଥିବା ଜଣେ ପଞ୍ଜାବୀ ଭଦ୍ରବ୍ୟକ୍ତି ଚାରିଆଡ଼କୁ ଚାହିଁ ସଗର୍ବେ ନିଜର ନିଶ ଚାରିପଟେ ହାତ ବୁଲାଇ ଆଣୁଛନ୍ତି କାରଣ ନିଶ ତାଙ୍କର ସ୍ୱାଭିମାନର ପ୍ରତୀକ । ସର୍ଦ୍ଦାରଜୀଙ୍କ ଦେଖାଦେଖି ତାଙ୍କ ପାଖାପାଖି ବସିଥିବା ଆଉ ଜଣେ ନିଶୁଆ ଲୋକ (ଚେହେରାରୁ ପୁଲିସି ବାବୁ ଲାଗୁଥିଲେ) ପାଞ୍ଚଜଣ ଦେଖିପାରିଲା ଭଳି ନିଜର ନିଶକୁ ଦୁଇପଟକୁ ମୋଡ଼ିଦେଲେ । ବସ୍‌ର ସବା ପଛସିଟ୍‌ରେ ବଳିଷ୍ଠ ଓ ହୃଷ୍ଟପୁଷ୍ଟ ଦିଶୁଥିବା ଏବଂ କଳା ମଚମଚ ନିଶ ରଖିଥିବା ଜଣେ ବ୍ୟକ୍ତି ବସି ଏସବୁ ଲକ୍ଷ୍ୟ କରୁଥିଲେ । ତାଙ୍କୁ ଦେଖିଲେ ମନେହେବ ସତେ ଯେପରି ଚମ୍ବଲ ଉପତ୍ୟକାର କେହି ଡାକୁ ଭୁଲରେ ଏ ବସ୍‌ରେ ଚଢ଼ିଯାଇଛି । ଉକ୍ତ ସମ୍ଭାବିତ ଡାକୁ ମହାଶୟ (ପ୍ରକୃତ ପକ୍ଷେ ସେ ଜଣେ ଭଦ୍ରଲୋକ) ଜଣକ ବଡ଼ ବେପରୁଆ ଭାବରେ ନିଜର ଦୁଇକଡ଼ ଓ ସାମ୍ନାରେ ବସିଥିବା ସହଯାତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ବିଶାଳ ଅଥଚ ଶବ୍ଦପୂର୍ଣ୍ଣ ହାଇ ମାରିଲେ । ଉଦ୍ଦେଶ୍ୟ ସମସ୍ତେ ତାଙ୍କୁ ନିରୀକ୍ଷଣ କରନ୍ତୁ । ବସ୍‌ର ପଚାଶ ପ୍ରତିଶତ ଯାତ୍ରୀ ତାଙ୍କର ଏ ହାଇ ଶବ୍ଦ ଶୁଣି ଆଶ୍ଚର୍ଯ୍ୟ ହୋଇ ପଛକୁ ଚାହିଁଲେ । ସତେ ଅବା ଶୂନ୍ୟରେ ମେଘ ଗର୍ଜନ କଲା କି ! ଉକ୍ତ ନିଶୁଆ ସମ୍ଭାବ୍ୟ ଡାକୁ ଭଦ୍ରବ୍ୟକ୍ତି ଜଣକ ନିଜର ହାଇ ମାରିବା ସମ୍ପୂର୍ଣ୍ଣ ସଫଳ ହୋଇଥିବା ଦେଖି ନିଜର ଦୁଇ ଇଞ୍ଚ ବହଳର ନିଶକୁ ଖୁବ୍ ଜୋରରେ ପୁଣି ଦୁଇଥର ମୋଡ଼ିଦେଲେ । ସେ ଏହା ଭାବି ଖୁସି ହେଉଥିଲେ । ଏଥର ଲୋକେ ତାଙ୍କୁ ଡାକୁ ଲାଖନ ସିଂ ଭାବି ଭୟଭୀତ ହେବାକୁ ଆରମ୍ଭ କରିବେଣି ନିଶ୍ଚୟ । ତେଣୁ ସେ ନିଜର ଦୁଇକଡ଼ରେ ବସିଥିବା ସହଯାତ୍ରୀଙ୍କୁ ଟିକେ ଘୁଞ୍ଚିଯିବା ପାଇଁ ନମ୍ର ଭାବରେ ଅନୁରୋଧ କଲେ । ତାଙ୍କ ବିଶାଳକାୟ ଚେହେରା ବା ନିଶର ପ୍ରଭାବ ଯୋଗୁ ସେମାନେ ବେଶ୍ କିଛିବାଟ ଘୁଞ୍ଚିଗଲେ ।

ଲେଖକ ମହାଶୟଙ୍କ ଚକ୍ଷୁ ଦୁଇଟି ଏସବୁ ଦୂରଦର୍ଶନର କ୍ୟାମେରା ଫଟୋ ଉଠାଇଲା ଭଳି ବୁଲି ବୁଲି ଦେଖୁଥାଏ । ଆଖି ବୁଲାଉ ବୁଲାଉ ତାଙ୍କର ନଜର ପଡିଗଲା ବସ୍ କଣ୍ଡକ୍ଟରଙ୍କ ଉଦ୍ଦିଷ୍ଟ ସିଟ୍‌ରେ ଅପେକ୍ଷାକୃତ କମ୍ ମୋଟା ନିଶ ରଖିଥିବା ଜଣେ ସାଧାରଣ ହୃଷ୍ଟପୁଷ୍ଟ ଚେହେରାର ବ୍ୟକ୍ତି ବସି ବସ୍‌ରେ ବସିଥିବା ଅନ୍ୟ ସହଯାତ୍ରୀଙ୍କୁ ବଡ଼ ବେପରୁଆ ଭାବରେ ଅନାଇ ସିଗାରେଟ ଟାଣୁଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଯୁବକ ଜଣକ ସବା ପଛରେ ଉଠିଲେ ମଧ୍ୟ କଣ୍ଡକ୍ଟରଙ୍କ ସହିତ ପ୍ରାୟ ଝଗଡ଼ା କରି ତାଙ୍କ ସିଟ୍‌ଟି ଅଧିକାର କରି ନେଇଥିଲେ । ଆଜିକାଲି ଜୋର ଯା'ର ମୁଲକ ତା'ର ନୀତିରେ ସମସ୍ତଙ୍କୁ ଜିଣିହବ ବୋଲି ସେ ଭାବୁଥିଲେ । ସେ ଉଦ୍ଧତ ଯୁବକ ଜଣକ ମଧ୍ୟ ଉପରୋକ୍ତ ଲେଖାଟି ପଢି ନିଜ ନିଶକୁ ଟିକିଏ ମୋଡ଼ି ଅନ୍ୟ ସହଯାତ୍ରୀଙ୍କୁ ତାଚ୍ଛଲ୍ୟଭରା ଚାହାଁଣୀରେ ଚାହିଁଲେ । ସେ ଚାହାଁଣୀରୁ ତାଙ୍କର ମନର ଭାବ ସହଜରେ ପଢ଼ିହେଉଥିଲା । ତା'ର ଅର୍ଥ – ମୁଁ ବସ୍‌ରେ ପଛରେ ଚଢିଲେ ମଧ୍ୟ କଣ୍ଡକ୍ଟର ସିଟ୍‌ରେ ଜବରଦସ୍ତ ବସିଛି । ତୁମମାନଙ୍କ ମଧ୍ୟରୁ ଏପରି ସାହସ କାହାର ଅଛି ? ତାଙ୍କ ଚାହାଣୀରୁ ତାଙ୍କ ଔଦ୍ଧତ୍ୟ ବାରି ହୋଇପଡୁଥିଲା । ଏ ମଧ୍ୟରେ ବସ୍‌ର କଣ୍ଡକ୍ଟର ସମସ୍ତଙ୍କଠାରୁ ଟିକେଟ ପଇସା ଆଦାୟ କରୁଥାନ୍ତି ।

ବସ୍‌ଭଡ଼ା ଚାରିଟଙ୍କା ମାତ୍ର। କଣ୍ଡକ୍ଟର ସେ ଗୁଣ୍ଡା ଯୁବକଙ୍କୁ ପଇସା ମାଗିବାରୁ ସେ ନିଜ ନିଶରେ ଦୁଇଥର ହାତ ବୁଲାଇ ତାଙ୍କୁ ମାତ୍ର ଦୁଇଟଙ୍କା ବଢ଼ାଇଦେଇ ସଦର୍ପରେ ପୁଣି ସିଗାରେଟ ଲଗାଇ ଧୂଆଁ ଛାଡିବାକୁ ଲାଗିଲା। କଣ୍ଡକ୍ଟର ମନେମନେ ଉକ୍ତ ଯୁବକ ଉପରେ ରକ୍ତ ଚାଉଳ ଚୋବାଇଲେ ମଧ୍ୟ ମାଡ଼ ଡରରେ ବିନା ବାକ୍ୟ ବ୍ୟୟରେ ଦୁଇଟଙ୍କା ଗ୍ରହଣ କଲେ।

ଉକ୍ତ ବସ୍ କଣ୍ଡକ୍ଟର ଯେତେବେଳେ ଲେଖକଙ୍କ ପାଖକୁ ପଇସା ମାଗିବାକୁ ଆସନ୍ତେ ସେ ପଚାରିଲେ – ଆଚ୍ଛା, ସେ ନିଶୁଆ ଯୁବକଙ୍କଠାରୁ ତୁମେ ଚାରିଟଙ୍କା ବଦଳରେ ଦୁଇଟଙ୍କା ନେଲ କିପରି ? ସେ କ'ଣ ତୁମର ବନ୍ଧୁବାନ୍ଧବ ହୁଅନ୍ତି ? କଣ୍ଡକ୍ଟର ଧୀର ଗଳାରେ ଉତ୍ତର ଦେଲେ- ସାର ଆପଣ ଜାଣିନାହାନ୍ତି କି ? ଗାଡି ଚଳାଇବାକୁ ହେଲେ ଏହିପରି କେତେ ଲୋକଙ୍କଠାରୁ ଦୁଇଟଙ୍କା ନେବାକୁ ପଡ଼ିବ ଆଉ କେତେଜଣଙ୍କଠାରୁ ଗାଳି ଶୁଣିବାକୁ ପଡ଼ିବ। ଦରକାର ପଡିଲେ ମାଗଣାରେ ମଧ୍ୟ ନେବାକୁ ପଡ଼ିବ। ତେଣୁ ଏସବୁ ଆଉ ଖରାପ ଲାଗୁନାହିଁ। ଆମର ଦେହସୁହା ହୋଇଗଲାଣି।

କଣ୍ଡକ୍ଟର ଭଡ଼ା ଆଦାୟ କରିବା ପାଇଁ ବ୍ୟସ୍ତ ରହିଥିବା ବେଳେ ବସ୍ ଭିତରେ ଆଉ ଏକ କୌତୁକପୂର୍ଣ୍ଣ ଘଟଣା ଘଟୁଥିଲା। ପ୍ରାୟ ପ୍ରତ୍ୟେକ ଯାତ୍ରୀ ଭିନ୍ନ ଭିନ୍ନ ଆକାରର ନିଶ ରଖିଥିବା ବ୍ୟକ୍ତିଙ୍କୁ ସମର୍ଥନ କରି ମତାମତ ଦେବାକୁ ଲାଗିଲେ। କେହି କହିଲା ସର୍ଦ୍ଦାରଜୀଙ୍କ ନିଶ ଚମତ୍କାର ତ କେହି ଡାକୁ ଭଳି ଦିଶୁଥିବା ଭଦ୍ରବ୍ୟକ୍ତିଙ୍କର ନିଶ ସବୁଠାରୁ ଉତ୍କୃଷ୍ଟ ବୋଲି କହିଲା। ଆଉ କେହି ଗୁଣ୍ଡା ଯୁବକର ନିଶ ସବୁଠାରୁ ଆକର୍ଷଣୀୟ ବୋଲି କହିଲେ। ପୁଣି କେହି ପୁଲିସି ବାବୁ ଭଳି ଦେଖାଯାଉଥିବା ଲୋକର ନିଶକୁ ପ୍ରଶଂସା କଲେ। ଏପରିକି ଜଣେ ଭଦ୍ରବ୍ୟକ୍ତି ସମସ୍ତଙ୍କ କଥା କାଟିଦେଇ କହିଲେ ବସ୍ ମଝିରେ ଯେଉଁ ଗଞ୍ଜା ଟୋକା ଜଣକ ବସିଛନ୍ତି ତାଙ୍କ ସରୁ ନିଶ ହଳକ ସବୁଠାରୁ ସୁନ୍ଦର। ସେ ନିଶ୍ଚୟ ଜଣେ ଆଇ.ଏ.ଏସ୍ କିମ୍ବା ସେହି ସ୍ତରର ଅଫିସର ହୋଇଥିବେ। ଏହିପରି ଭାବରେ କିଛି କ୍ଷଣ ମଧ୍ୟରେ ନିଶକୁ କେନ୍ଦ୍ର କରି ବସ୍‌ଯାତ୍ରୀଙ୍କ ମଧ୍ୟରେ ଗୋଷ୍ଠୀଗତ ବିବାଦ ଆରମ୍ଭ ହୋଇଗଲା। କେଉଁ ଗୋଷ୍ଠୀ ସର୍ଦ୍ଦାରଜୀଙ୍କ ନିଶକୁ ସମର୍ଥନ କଲା ତ କେହି ଡାକୁ ଭଦ୍ରବ୍ୟକ୍ତିଙ୍କର ନିଶକୁ ସମର୍ଥନ କଲା।

କ୍ରମଶଃ ବିଭିନ୍ନ ନିଶଗୋଷ୍ଠୀ ମଧ୍ୟରେ ବିଭେଦ ବଢ଼ିବାକୁ ଲାଗିଲା କେତେଜଣ ଉତ୍ସାହୀ ତଥା ଆଗଚଲା ଯୁବକ ଏ ନିଶ ପ୍ରଶ୍ନ ଉପରେ ହାତାହାତି ହେବାକୁ ମଧ୍ୟ ପଛାଇଲେ ନାହିଁ। ଆହୁରି ମଧ୍ୟ ଯେଉଁ ନିଶଧାରୀମାନଙ୍କୁ କେନ୍ଦ୍ର କରି ଏ ସବୁ ପାଲା ଚାଲିଥିଲା ସେମାନେ ନୀରବ ରହି ଏହାକୁ ସମର୍ଥନ କରୁଥିବା ଭଳି ମନେହେଉଥିଲା। ଏପରିକି କେତେକ ଯୁବକ ନିଶ ଉପରେ ବାଜି ମରାମରି ହେବାକୁ ମଧ୍ୟ ପଛାଇଲେ ନାହିଁ। କ୍ରମେ ନିଶ ଉପରେ ବିବାଦ ଆହୁରି ତୀବ୍ର ହେବାକୁ ଲାଗିଲା। ବସ୍‌ଯାତ୍ରୀଙ୍କ ପାଟିତୁଣ୍ଡରେ ସମଗ୍ର ବସ୍‌ଟି କମ୍ପି ଉଠୁଥିଲା। ମନେହେଉଥିଲା ସତେ ଯେପରି ଚଳନ୍ତା ବସ୍‌ରେ ତୁମୁଳ କାଣ୍ଡ ଚାଲିଛି।

ଏସବୁ ଦେଖି ପ୍ରଥମେ ନିଜର ନିଶ ନଥିବା ଯୋଗୁ ହତାଶ ହୋଇଥିବା ଆମ ଲେଖକ ମହାଶୟ ବର୍ତ୍ତମାନ ଆଶ୍ୱସ୍ତ ହୋଇ ଭାବୁଥିଲେ – ହାୟ ! ତାଙ୍କ ପାଖରେ ମୁଭି କ୍ୟାମେରା ଥିଲେ ସେ ଏସବୁର ଫଟୋ ଉଠାଇ କୌଣସି ନାମୀ ଦାମୀ ସମ୍ବାଦ ସଂସ୍ଥାକୁ ବିକି ବେଶ ଦୁଇପଇସା ରୋଜଗାର କରି ପାରିଥାନ୍ତେ। ମାତ୍ର ଦୁର୍ଭାଗ୍ୟ ! ଏତେବଡ଼ ସୁଯୋଗ ହାତରୁ ଖସିଗଲା। ବସ୍ କଣ୍ଡକ୍ଟର ବିଚରା ଏ ଗଣ୍ଡଗୋଳର ଆଦିଅନ୍ତ ପାଉ ନ ଥାଏ। ଏସବୁ ପାଲା ଚାଲିଥିବା ବେଳେ ଉପରବର୍ଣ୍ଣିତ ସମସ୍ତ ନିଶଧାରୀ ବ୍ୟକ୍ତିମାନେ ନିଜ ନିଜର ସମର୍ଥକଙ୍କ ସହିତ ସମ୍ମୁଖ ଯୁଦ୍ଧକୁ ଡେଇଁ ପଡ଼ିଲେ। ବସ୍ ଭିତରେ ଗଡାଗଡି, ମୁଥ ମରାମରି ପୁରା ଦମ୍‌ରେ ଚାଲିଲା। ଦୁମ୍‌ଦାମ୍, ଭୁସ୍‌ଭାସ୍ ଶବ୍ଦରେ ଚଳମାନ ବସ୍‌ଟି ଏକ ପିକ୍‌ନିକ୍ ପାର୍ଟି ବସ୍ ଭଳି ମନେ ହେଉଥିଲା। ଏ ପର୍ଯ୍ୟନ୍ତ ନିବିଷ୍ଟ ଚିତ୍ତରେ ବସ୍‌କୁ ଚଳାଉଥିବା ଡ୍ରାଇଭର ଏ ଦୃଶ୍ୟ ଦେଖିବାର ଲୋଭ ସମ୍ବରଣ କରି ନ ପାରି ମଝିରେ ମଝିରେ ପଛକୁ ଚାହିଁ ଦେଉଥିଲା। ଫଳରେ ତା'ର ଅନ୍ୟମନସ୍କତା ହେତୁ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଥିଲା।

ବସ୍‌ରେ ଘଟୁଥିବା ସମସ୍ତ ଘଟଣାର ନୀରବ ଦର୍ଶକ ସାଜିଥିବା ଲେଖକ ମହାଶୟ ଆଉ ଚୁପ୍ ରହି ନ ପାରି ଏକ ସଚେତନ ନାଗରିକ ଭାବେ କଣ୍ଡକ୍ଟରଙ୍କୁ ପାଖକୁ ଡାକି ଇସାରାରେ ନିଜ ନିଶ ନିଜ ନିୟନ୍ତ୍ରଣରେ ରଖନ୍ତୁ ଲେଖାଟିକୁ ଦେଖାଇଦେଲେ। ଏବେ କଣ୍ଡକ୍ଟର ସମସ୍ତ କଥା ବୁଝିଗଲା। ସେ ଦୌଡ଼ିଯାଇ ପକେଟରୁ ଏକ ଚକ୍‌ଖଡ଼ି ବାହାର କରି ନିଶ ଶବ୍ଦ ପୂର୍ବରୁ 'ଜି' ଅକ୍ଷରଟି ଯୋଡ଼ିଦେଲା ପରେ ଏବେ ପରିଷ୍କାର ଦେଖାଗଲା ନିଜ ଜିନିଷ ନିଜ ନିୟନ୍ତ୍ରଣରେ ରଖନ୍ତୁ। ଜିନିଷ ଶବ୍ଦଟିରେ ସାମାନ୍ୟ ବ୍ୟାକରଣଗତ ତ୍ରୁଟି ଥିଲେ ମଧ୍ୟ ଏହାର ଅର୍ଥ ବୁଝିବାରେ କୌଣସି ଅସୁବିଧା ହୁଏନାହିଁ। ବସ୍ ମଧ୍ୟରେ ହେଉଥିବା ଏସବୁ ଗୋଳମାଳର ଯବନିକା ପତନ କରିବାକୁ ଯାଇ କଣ୍ଡକ୍ଟର ଗାଡ଼ି ରୋକିବାକୁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲା। ଡ୍ରାଇଭରର ଅନ୍ୟମନସ୍କତା ହେତୁ ଏହି ସମୟରେ ଦ୍ରୁତ ଗତିରେ ମାଡି ଆସୁଥିବା ଏକ ମାଲବୋଝେଇ ଟ୍ରକକୁ ରାସ୍ତା ଦେବାକୁ ଯାଇ ହଠାତ ବ୍ରେକ୍ କଷି ଷ୍ଟିଅରିଂ ବୁଲାଇ ଦେଲା। ସମସ୍ତେ ଅଘଟଣ ଆଶଙ୍କାରେ ଆଖି ବୁଜିଦେଲେ। ସାଏଁ କରି ଟ୍ରକ୍‌ଟି ବସ୍ ସହିତ ଘଷି ହୋଇ ଚାଲିଗଲା। ଡ୍ରାଇଭର ହଠାତ୍ ବ୍ରେକ ଦେବା ଫଳରେ ବସର ସମସ୍ତ ଯାତ୍ରୀ ନିଜକୁ ନିୟନ୍ତ୍ରଣ କରି ନପାରି ଆଗକୁ ଝୁଙ୍କି ପଡିଲେ। ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଯାତ୍ରୀମାନେ ସ୍ୱସ୍ତିର ନିଶ୍ୱାସ ମାରି ଆଗକୁ ଚାହିଁଲେ। କଣ୍ଡକ୍ଟର ବସ୍‌ର ସମ୍ମୁଖ ଭାଗକୁ ଯାଇ ଘୋଷଣା କଲେ-ଆପଣମାନେ ଏଭଳି ବାଡିଆପିଟା ହେଲେ ବସ୍ ଆଉ ଚାଲିବ ନାହିଁ ଓ ଆମେ ବସ୍‌କୁ ନିକଟସ୍ଥ ଥାନାକୁ ନେବାକୁ ବାଧ୍ୟ ହେବୁ। କଣ୍ଡକ୍ଟରର ଧମକ ଶୁଣି ଓ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଉତ୍ଫୁଲ୍ଲିତ ଯାତ୍ରୀମାନେ ଝଗଡାରୁ କ୍ଷାନ୍ତ ହୋଇ ଶାନ୍ତ ପିଲାଟି ଭଳି ସମ୍ମୁଖ ଭାଗକୁ ଦୃଷ୍ଟିପାତ କଲେ। ହଠାତ ସେମାନଙ୍କର ନଜରରେ ପୂର୍ବରୁ ଲେଖାଯାଇଥିବା ବାକ୍ୟଟି ହଠାତ ବଦଳିଯାଇ ନିଜ ଜିନିଷ ନିଜ ନିୟନ୍ତ୍ରଣରେ ରଖନ୍ତୁ ପରିଷ୍କାର ଭାବରେ ଲେଖାଯାଇଛି।

ଏବେ ସମସ୍ତେ ନିଜ ନିଜର ଭୁଲ ବୁଝିପାରିଲେ। ହେଲେ ସେତେବେଳକୁ ଅନେକ ଡେରି ହୋଇଯାଇଥିଲା। ସର୍ଦ୍ଦାରଜୀଙ୍କ ସମେତ ଡାକୁ ଲାଖନ ସିଂ ମନେହେଉଥିବା ମୋଟା ନିଶୁଆ ଲୋକ ଏବଂ ଗୁଣ୍ଡା ଭଦ୍ରବ୍ୟକ୍ତି କିଛି ସମୟ ପୂର୍ବର ଟଣା ଓଟରାରେ ନିଜ ନିଶର ବେଶ କିଛି ଭାଗ ହରାଇ ତଳକୁ ମୁହଁପୋତି ହରାଇଥିବା ନିଶର ବାକିଅଂଶ ଖୋଜୁଥିଲେ। ଏବେ ନିଶ ପାଇଁ ଗର୍ବ କରିବାର ଅବକାଶ ଆଉ ନ ଥିଲା। ପୂର୍ବୋକ୍ତ ନିଶଧାରୀ ବ୍ୟକ୍ତିମାନେ ନିଜର ବିକୃତ ନିଶକୁ ବସ୍‌ର ଅନ୍ୟ ସହଯାତ୍ରୀଙ୍କୁ ନ ଦେଖାଇବା ପାଇଁ ତଳକୁ ମୁହଁପୋତି ବସିଥିବା ବେଳେ ଏଇ ଲେଖକ ମହାଶୟ ସେମାନଙ୍କର ଦୟନୀୟ ଅବସ୍ଥା ଦେଖି ମନେ ମନେ ଭାବୁଥିଲେ ଯଦି ଓଡ଼ିଆ ଶବ୍ଦକୋଷର ସାମାନ୍ୟ 'ଜି' ଅକ୍ଷରଟିଏ ଏତେବଡ଼ କାଣ୍ଡ ଘଟାଇଦେଇ ପାରିଲା ତେବେ ସେ ନିଜର ଲେଖନୀ ଦ୍ୱାରା ସମାଜରେ ଜାଗରଣ ସୃଷ୍ଟି ନ କରିପାରିବେ କାହିଁକି ? ତାଙ୍କ ଭାବନାକୁ ବେଖାତିର କରି ବସଟି ଗର୍ଜନ କରି ନିଜ ଗନ୍ତବ୍ୟ ସ୍ଥଳକୁ ଆଗେଇ ଚାଲିଥିଲା।

*ଦୂରଭାଷ: ୮୦୧୮୩୩୨୫୩୦*

ତନ୍ମାତ୍ର

# ବଲିଉଡ଼ ଚଳଚ୍ଚିତ୍ର - "ସିକନ୍ଦର"

ବଲିଉଡ଼ରେ ସଲମାନ୍ ତାଙ୍କର ନିଆରା ଅଭିନୟ ପାଇଁ ବେଶ୍ ଲୋକପ୍ରିୟ। ପୂର୍ବେ ରୋମାଣ୍ଟିକ୍ ଭୂମିକାରେ ଅଭିନୟ କରି ଖ୍ୟାତି ଅର୍ଜନ କରିଥିବା ସଲମନ ଏବେ ଦୁଇଦଶନ୍ଧି ଧରି ଆକ୍ସନ ଫିଲ୍ମର ନାୟକ ଭାବରେ ଆଗଧାଡ଼ିରେ ରାଜତ୍ୱ କରୁଛନ୍ତି। "ଏକ ଥା ଟାଇଗର", "ଦବଙ୍ଗ", "ଜୟ ହୋ", "ବଜରଙ୍ଗି ଭାଇଜାନ୍", "ସୁଲତାନ", "ରାଧେ" ଭଳି ଆକ୍ସନ ଫିଲ୍ମରେ ଅଭିନୟ କରି ବଲିଉଡ଼୍‌ରେ ସବୁଠାରୁ ଲୋକପ୍ରିୟ ତାରକାର ସ୍ଥାନ ନେଇଯାଇଛନ୍ତି। ତାଙ୍କର ଏଇ ଧାରାକୁ ବଜାୟ ରଖି ସେ ପୁନରାୟ ଅବତୀର୍ଣ୍ଣ ହୋଇଛନ୍ତି "ସିକନ୍ଦର" ଚଳଚ୍ଚିତ୍ରରେ ଏକ ଜବରଦସ୍ତ ଅଭିନୟ ସହିତ।

ରାଜକୋଟର ରାଜା ସାହେବ ସଂଜୟ ରାଜକୋଟ ଜଣେ ପରୋପକାରୀ, ଦୟାଳୁ ଏବଂ ଏକ ଶକ୍ତିଶାଳୀ ବ୍ୟକ୍ତି। ସାଧାରଣ ବ୍ୟକ୍ତି ପ୍ରତି ଅନ୍ୟାୟ କରୁଥିବା ବ୍ୟକ୍ତିଙ୍କୁ ସେ ଠିକଣା ଜବାବ୍ ଦିଅନ୍ତି। ସର୍ବସାଧାରଣଙ୍କ ନିକଟରେ ସେ ରାଜାସାହେବ ଓ ତାଙ୍କ ପତ୍ନୀ ସାଇଶ୍ରୀ ରାଣୀ ସାହିବା ନାମରେ ପରିଚିତ। ଏକ ଘଟଣାକ୍ରମରେ ଜାଣେ ନାରୀର ସମ୍ମାନ ରକ୍ଷାପାଇଁ ସେ ମନ୍ତ୍ରୀଙ୍କର ପୁଅ ଅର୍ଜୁନକୁ ତତ୍‌କ୍ଷଣାତ୍ ଶାସ୍ତିପ୍ରଦାନ କରିବାପରେ ମନ୍ତ୍ରୀଙ୍କର ଅନୁଗାମୀମାନେ ପ୍ରତିଶୋଧ ପରାୟଣ ହୋଇଉଠନ୍ତି। ସେମାନଙ୍କ ସହ ମୁକାବିଲା ସମୟରେ ସାଇଶ୍ରୀ ବିସ୍ଫୋରଣରେ ଗୁରୁତର ଭାବରେ ଆହତ ହେବା ସହିତ ଅନ୍ତଃସତ୍ତା ଥିବା ସମୟରେ ମୃତ୍ୟୁବରଣ କରନ୍ତି। ସାଇଶ୍ରୀଙ୍କ ଇଚ୍ଛା ଅନୁଯାୟୀ ଜଣେ ଅଙ୍ଗଦାନକାରୀ ଭାବରେ ତାଙ୍କର ଚକ୍ଷୁ, ହୃଦୟ ଓ ଫୁସ୍‌ଫୁସ୍ ବମ୍ବେରେ ଚିକିତ୍ସିତ ହେଉଥିବା ତିନିଜଣ ରୋଗୀଙ୍କ ନିକଟରେ ରୋପଣ କରାଯାଇଛି। ପ୍ରତିଶୋଧ ପରାୟଣ ହୋଇ ମନ୍ତ୍ରୀ ପ୍ରକାଶ ପ୍ରଧାନ ନିଜର ଗୁଣ୍ଡାବାହିନୀ ଓ ପୋଲିସ୍ ଲଗାଇ ସଂଜୟକୁ ଗିରଫ କରିବାରେ ବିଫଳ ହେବାପରେ ସାଇଶ୍ରୀର ଅଙ୍ଗଗୁଡ଼ିକ ଯେଉଁ ବ୍ୟକ୍ତିମାନଙ୍କ ଶରୀରରେ ରୋପିତ ହୋଇଛି ସେମାନଙ୍କୁ ଜୀବନରୁ ଶେଷ କରିଦେବାର ଉଦମ କରିଛି। ମନ୍ତ୍ରୀ ପ୍ରଧାନର ପ୍ରତ୍ୟେକ ଉଦ୍ୟମକୁ ପଣ୍ଡ କରିବାପରେ ପ୍ରଧାନ ସଂଘର୍ଷର ନିବୃତ ହୋଇଛି। ଶେଷରେ ସଂଜୟ ଆତ୍ମସମର୍ପଣ କଲାବେଳେ ତା'ର ହଜାର ହଜାର ସମର୍ଥକ ଗିରଫଦାରୀର ପ୍ରତିରୋଧ କରିବା ସହିତ




ଗିରଫ ନକରିବାକୁ ପୋଲିସ୍ ବାଧ କରିଛନ୍ତି।

ଚଳଚ୍ଚିତ୍ରଟିରେ ରଶ୍ମିକା ମାନ୍ଦାନା ରାଣୀ ସାହେବା ଭୂମିକାରେ, ସତ୍ୟରାଜ ମନ୍ତ୍ରୀ ଭୂମିକାରେ, ପ୍ରତୀକ ବାବର ମନ୍ତ୍ରୀଙ୍କର ପୁତ୍ର ଅର୍ଜୁନ ଭୂମିକାରେ, କାଜଲ ଅଗ୍ରୱାଲ ବୈଦେହୀ ଭୂମିକାରେ ଅଭିନୟ କରି ସଲମାନଙ୍କୁ ରାଜାସାହେବ ଭୂମିକାରେ ଉତ୍କୃଷ୍ଟ ଅଭିନୟ କରିବା ଲାଗି ଚମତ୍କାର ସହଯୋଗ ଦେଇଛନ୍ତି। ସଲମାନଙ୍କର ଅଭିନୟ ଭଲ ହୋଇଥିଲେ ମଧ୍ୟ ଦବଙ୍ଗ, ବଜରଙ୍ଗି ଭାଇଜାନ ଓ ସୁଲତାନ ଚିତ୍ରରେ ସେ ନାୟକ ଭୂମିକାରେ କରିଥିବା ଅଭିନୟଠାରୁ ଅଧିକ ଆକର୍ଷଣୀୟ ହୋଇପାରିନାହିଁ। ସଲମନ ପ୍ରଶଂସକଙ୍କର ଆଶାନୁଯାୟୀ ଏଇ ଅଭିନୟ ଅପେକ୍ଷାକୃତ କମ୍ ଶକ୍ତିଶାଳୀ ହୋଇଥିବାରୁ ବକ୍‌ସ ଅଫିସ୍‌ରେ ଚଳଚ୍ଚିତ୍ରଟିର ସ୍ଥିତି କିଛିଟା ସଂକଟର ସମ୍ମୁଖୀନ ହୋଇଛି। ପ୍ରାୟତଃ ଦକ୍ଷିଣ ଭାରତୀୟ ଢାଞ୍ଚାରେ ଏଇ ଚଳଚ୍ଚିତ୍ରଟିର ନିର୍ଦ୍ଦେଶିତ ହୋଇଛି ଜଣେ ଦକ୍ଷିଣ ଭାରତୀୟ ନିର୍ଦ୍ଦେଶକ, ଏ ମୁରୁଗାଦାସ ଦ୍ୱାରା। କିନ୍ତୁ ୨୦୧୪ ରେ ନିର୍ମିତ କିକ୍ ପରେ ପ୍ରଥମଥର ପାଇଁ ସାଜିଦ୍ ନଦିୟାଦୱାଲାଙ୍କ ସହ ଏକତ୍ରିତ ହୋଇଛନ୍ତି ସମଲନ ଏଇ ଚଳଚ୍ଚିତ୍ରଟିରେ। ୨୦୦ କୋଟି ଟଙ୍କାରେ ଏକ ବର୍ଷ ସମୟ ମଧ୍ୟରେ ନିର୍ମିତ ହୋଇ ଏଇ ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ ଏପର୍ଯ୍ୟନ୍ତ ପ୍ରାୟ ୨୩୦ କୋଟି ଟଙ୍କା ଆୟକରିବାରୁ ପ୍ରଯୋଜକ ତା'ଙ୍କ ଅର୍ଥ ଫେରିପାଇଛନ୍ତି ଏବଂ ଚଳଚ୍ଚିତ୍ରଟି ଅତ୍ୟଧିକ ସଫଳ ହୋଇନଥିଲେ ମଧ୍ୟ ଅନ୍ତତଃ ବିଫଳ ହୋଇନାହିଁ ବୋଲି ପ୍ରମାଣିତ ହୋଇଛି।

# ଭାରତୀୟ ଫୁଟବଲର କାଲି ଆଜି ଓ ଆସନ୍ତାକାଲି



୧୯୫୬ ମେଲବୋର୍ଣ୍ଣ ଅଲିଂପିକରେ ଭାରତୀୟ ଦଳ

କିଛି ଭଲ ପ୍ରଦର୍ଶନ ଭାରତୀୟ ଫୁଟବଲ ପ୍ରେମୀଙ୍କୁ ଭାରତୀୟ ଫୁଟବଲ ଦଳର ସମ୍ଭାବ୍ୟ ସଫଳତା ନିମନ୍ତେ ଆଶାୟୀ କରିଦେଇଥିଲା। ୧୯୫୪ ରେ ମାନିଲାଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଖେଳିବା ପୂର୍ବରୁ ଓ ପରେ ଭାରତୀୟ ଦଳ ୧୯୫୩ ରେ ବର୍ମାରେ, ୧୯୫୪ ରେ କଲିକତାରେ ଏବଂ ୧୯୫୫ ରେ ଢାକାରେ ଚତୁର୍ଦ୍ଦେଶୀୟ ପ୍ରତିଯୋଗିତାର ଚାମ୍ପିୟାନ ହୋଇ ଫୁଟବଲ ପ୍ରେମୀଙ୍କ ମନରେ ଆଶାର ସଞ୍ଚାର କରିଥିଲା। ଭାରତ, ପାକିସ୍ତାନ, ସିଲୋନ (ଶ୍ରୀଲଙ୍କା) ଓ ବର୍ମାକୁ ନେଇ ଖେଳାଯାଇଥିବା ଏଇ ଚତୁର୍ଦ୍ଦେଶୀୟ ପ୍ରତିଯୋଗିତାରେ ଭାରତ ୧୯୫୨ ରେ ପାକିସ୍ତାନ ସହିତ ଯୁଗ୍ମ ବିଜେତା ହୋଇଥିଲା ବେଳେ ୧୯୫୩, ୧୯୫୪ ଓ ୧୯୧୫ ରେ ଏକକ ବିଜେତା ହୋଇଥିଲା। ଏଇ ସମୟରେ ଭାରତୀୟ ଦଳର ଅଧିନାୟକତ୍ୱ କରୁଥିଲେ ଶୈଲେନ୍ ମାନ୍ନା ଓ କୋଚ୍ ଥିଲେ ବଲାଇ ଚାଟାର୍ଜ୍ଜୀ।

୧୯୫୪ ଏସିଆନ ଗେମ୍ସ ଅଂଶଗ୍ରହଣ କରିଥିଲେ ବାରଟି ଦଳ। ଜାପାନ ବିରୁଦ୍ଧରେ ୩-୨ ରେ ମ୍ୟାଚ୍ ଜିତିନେଲାପରେ ପରବର୍ତ୍ତୀ ମ୍ୟାଚ୍‌ରେ କିନ୍ତୁ ଇଣ୍ଡୋନେସିଆ ଠାରୁ ୦-୪ ଗୋଲରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା ଭାରତୀୟ ଦଳ। ଏହି ପରାଜୟ ଭାରତୀୟ ଦଳର ମନୋବଳକୁ ଦୁର୍ବଳ କରିଦେଇଥିଲେ ମଧ୍ୟ ୧୯୫୬ ଅଲିଂପିକ୍ସରେ ଦଳ ତା'ର ସର୍ବକାଳୀନ ଶ୍ରେଷ୍ଠତମ ଅଲିଂପିକ ପ୍ରଦର୍ଶନ

ଦେଇଥିଲା ।

୧୯୫୬ ଅଲିଂପିକ୍ସରେ ଚୀନ, ତୁର୍କୀ, ଭିଏଟନାମ ଏବଂ ଇଜିପ୍ଟ ସହିତ ହଙ୍ଗେରୀ ମଧ୍ୟ ପ୍ରତିଯୋଗିତାରୁ ଓହରି ଯାଇଥିବାରୁ ଭାରତୀୟ ଦଳ ପ୍ରଥମ ରାଉଣ୍ଡରେ ବିନା ମ୍ୟାଚ ଖେଳି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ । ଏଥିରେ ଭାରତ କ୍ୱାଟର ଫାଇନାଲରେ ଭେଟିଥିଲା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆ ମାଟିରେ । ନେଭିଲ ଡିସୁଜାଙ୍କର ହାଟ୍ରିକ ଗୋଲ ଜରିଆରେ ଅଷ୍ଟ୍ରେଲିଆକୁ ୪-୨ ରେ ପରାସ୍ତ କରି ଭାରତୀୟ ଦଳ ଉନ୍ନୀତ ହୋଇଥିଲା ସେମିଫାଇନାଲ ପର୍ଯ୍ୟାୟକୁ । ସେମି ଫାଇନାଲ ମ୍ୟାଚ୍‌ରେ ପୁନରାୟ ଡିସୁଜା ଗୋଟିଏ ଗୋଲ ସ୍କୋର କରିଥିଲେ ମଧ୍ୟ ଭାରତ ୧-୪ ରେ ମ୍ୟାଚ୍ ହାରିଯାଇଥିଲା ଯୁଗୋସ୍ଲାଭିଆଠାରୁ ଯେକି ସେଇ ଅଲିଂପିକ୍‌ରେ ପରେ ରୌପ୍ୟ ପଦକ ଜିତିଥିଲା । ଏହାପରେ ବ୍ରୋଞ୍ଜ ପଦକ ପାଇଁ ବୁଲଗେରିଆ ସହ ଖେଳିଥିବା ମ୍ୟାଚରେ ୦-୩ ବ୍ୟବଧାନରେ ପରାସ୍ତ ହୋଇ ଭାରତ ଅଲିଂପିକ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଭାରତୀୟ ଫୁଟବଲ ଇତିହାସରେ ଏହା ଦେଶ ପାଇଁ ଏପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ଅଲିଂପିକ୍ ସଫଳତା । ଏଇ ପ୍ରତିଯୋଗିତାରେ ଦଳର ସଫଳତା ଭାରତୀୟ ଫୁଟବଲର ସୁବର୍ଣ୍ଣଯୁଗର ଶ୍ରେଷ୍ଠ ସଫଳତା ବୋଲି କୁହାଯାଏ ।

ଅଲିଂପିକ୍‌ରେ କରିଥିବା ପ୍ରଦର୍ଶନ ଭାରତୀୟ ଦଳ ନିମନ୍ତେ ୧୯୫୮ ଏସିଆନ୍ ଗେମ୍‌ସରେ ଭଲ ପ୍ରଦର୍ଶନ କରିବାକୁ ଉତ୍ସାହ ଯୋଗାଇଥିଲା । ଏଥର ଭାରତୀୟ ଦଳର କୋଚ୍ ଥିଲେ ଟି-ସୋମ । ଗ୍ରୁପ୍ 'ବି'ରେ ଭାରତୟ ଦଳ ସହିତ ସ୍ଥାନ ପାଇଥିଲେ ବର୍ମା ଏବଂ ଇଣ୍ଡୋନେସିଆ । ଗ୍ରୁପ୍ ପର୍ଯ୍ୟାୟରେ ଶ୍ରେଷ୍ଠ ଦୁଇଟି ଦଳ ନକ୍ ଆଉଟ୍ ପର୍ଯ୍ୟାୟକୁ ଯିବାର ନିୟମଥିଲା । ବର୍ମା ବିରୁଦ୍ଧରେ ୩-୨ ଗୋଲରେ ବିଜୟୀ ହୋଇଥିଲା ଭାରତୀୟ ଦଳ ଚୁନି ଗୋସ୍ୱାମୀ, ତୁଳସୀ ଦାସ, ବଳରାମ ଓ ଦାମୋଦରନଙ୍କ ଗୋଲ ବଳରେ । କିନ୍ତୁ ଇଣ୍ଡୋନେସିଆ ଠାରୁ ପୁନରାୟ ୧୯୫୮ ଏସିଆନ୍ ଗେମ୍‌ସ ଭଳି ୧-୨ ଗୋଲରେ ପରାସ୍ତ ହୋଇଥିଲା ରହେମତୁଲ୍ଲାଙ୍କର ଏକ ଦର୍ଶନୀୟ ଗୋଲ ସତ୍ତ୍ୱେ । ଏହାପରେ କ୍ୱାର୍ଟର ଫାଇନାଲ୍‌ରେ ହଂକଂକୁ ୫-୨ ଗୋଲରେ ପରାସ୍ତ କରିବାରେ ଅବଦାନ ଥିଲା ରମେମତୁଲ୍ଲାଙ୍କର ଦୁଇଟି ଗୋଲ ଏବଂ ଚୁନି ଗୋସ୍ୱାମୀ, ଦାମୋଦର ଓ ତୁଳସୀ ଦାସ ପ୍ରତ୍ୟେକ ଦେଇଥିବା ଗୋଲ ଗୁଡ଼ିକରେ । ଏଇ ଏସିଆନ୍ ଗେମ୍‌ସ ପୁନରାୟ ଭାରତୀୟ ଦଳ ପାଇଁ ଦୁର୍ଭାଗ୍ୟଜନକ ଥିଲା କାରଣ କ୍ଲାନ୍ତ ଓ ହୋଇପଡ଼ିଥିବା ଭାରତୀୟ ଦଳ ସେମି ଫାଇନାଲରେ ସୁସଂହତ ଓ ଲଢୁଆ ପ୍ରଦର୍ଶନ କରିନପାରି ଦକ୍ଷିଣ କୋରିଆଠାରୁ ପରାସ୍ତ ହୋଇଯାଇଥିଲା ୧-୩ ଗୋଲରେ । ରହେମତୁଲ୍ଲା ଭାରତ ପକ୍ଷରୁ ଏଇ ମ୍ୟାଚ୍‌ରେ ଏକମାତ୍ର ଗୋଲଟି ଦେଇଥିଲେ । ଏହାପରେ ତୃତୀୟ ସ୍ଥାନ ତଥା ବ୍ରୋଞ୍ଜ ପାଇଁ ପୁନରାୟ ଭାରତ ଭେଟିଥିଲା ଇଣ୍ଡୋନେସିଆକୁ । ୪୫ ହଜାର ଦର୍ଶକଙ୍କ ସାମନାରେ ଆକ୍ରମଣାତ୍ମକ ପ୍ରଦର୍ଶନ ସହିତ ଭାରତୀୟ ଦଳ ପ୍ରଥମାର୍ଦ୍ଧରେ ମ୍ୟାଚ୍‌କୁ ବଳରାମଙ୍କ ଗୋଲ ଜରିଆରେ ୧-୧ ର ସମାନ ସ୍ତରକୁ ନେଇ ଆସିଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ଦୁଇଟି ପେନାଲ୍‌ଟି ଗୋଲ ଦଳକୁ ପଛୁଆ କରିଦେଇ ମନୋବଳ ଭାଙ୍ଗି ଦେଇଥିଲା ଏବଂ ଭାରତ ହାରିଯାଇଥିଲା ୧-୪ ଗୋଲ୍‌ରେ । ପୂର୍ବ ଦୁଇଟି ମ୍ୟାଚ୍‌ରେ ଇଣ୍ଡୋନେସିଆଠାରୁ ଭୋଗିଥିବା ପରାଜୟ ଏଥର ମଧ୍ୟ ଦଳର ପିଛା ଛାଡ଼ିନଥିଲା । ସୁବର୍ଣ୍ଣଯୁଗର ଏଇ ମଝି ପର୍ଯ୍ୟାୟ ଆଗକୁ ବଢ଼ିଥିଲା କିଛି ଦୁର୍ଭାଗ୍ୟଜନକ ବିଫଳତା ସହିତ ।

(କ୍ରମଶଃ)

ଜ୍ୟୋତିଷ ବିଚାର




# ମାସିକ ରାଶିଫଳ

## (ତା: ୧୫/୦୬/୨୦୨୫ ରୁ ତା: ୧୪/୦୭/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ମାସଟିରେ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେବେ। କର୍ମର ଗତି ସାମାନ୍ୟ ଶିଥିଳ ହେଲେବି ଅବରୋଧ ହେବାର ଆଶଙ୍କା ନାହିଁ। ମଝିରେ ମଝିରେ ଅବଶୋଷ ଓ ଅବସାଦର ବାଦଲ ଘେରିଲେବି ସେ ସବୁକୁ ଅତିକ୍ରମ କରି ଆଗେଇବେ। ଅନ୍ୟମାନଙ୍କଠାରୁ ସାହାଯ୍ୟ ଓ ସହଯୋଗର ଆଶା ନ ରଖି ନିଜ ଉଦ୍ୟମରେ କର୍ତ୍ତବ୍ୟ ସଂପାଦନ କରିବେ। ଉପରିସ୍ଥମାନଙ୍କ ଉପଦେଶ ଓ ପ୍ରେରଣା ମିଳିବାର ସୂଚନା ଅଛି। ସାମାଜିକ ସ୍ତରରୁ ବିଡ଼ମ୍ବିତ ହେବାର ନାହିଁ। ଉତ୍ତମ ଚିନ୍ତାଧାରା ଓ ଦୈବୀକୃପା ଯୋଗେ ଦୁଶ୍ଚିନ୍ତା ଓ ଆଶଙ୍କା ପାଣି ଫୋଟକା ଭଳି ମିଳାଇଯିବ। ବିବାଦୀୟ କ୍ଷେତ୍ରରେ ମାନ ସମ୍ମାନ ସୁରକ୍ଷିତ ରହିବ। ଆର୍ଥୀକ ଦିଗରୁ ପଛେଇଯିବେ ନାହିଁ। ନିର୍ମାଣ କାର୍ଯ୍ୟ ଓ ସୌଖୀନ ଦ୍ରବ୍ୟ କ୍ରୟ ନିମିତ୍ତ ଆଗ୍ରହୀ ହେବେ। ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ସୁଧାର ହେବ। ଯୋଜନାବଦ୍ଧ କାର୍ଯ୍ୟର ପୂର୍ଣ୍ଣତା ଦେବାରେ ସୁଯୋଗ ମିଳିବ। ଭାବିଚିନ୍ତି ନିଷ୍ପତ୍ତି ନେଲେ ପଶ୍ଚାତାପ କରିବେ ନାହିଁ। ବନ୍ଧୁମିଳନ ସହିତ ଭ୍ରମଣ ଯୋଗ ଆନନ୍ଦ ପ୍ରଦାନ କରିବ। ଦୂର ସଂପର୍କରୁ ଲାଭବାନ ହେବେ। ବନ୍ଧୁ ବାନ୍ଧବମାନଙ୍କ ନିମିତ୍ତ ଖର୍ଚ୍ଚ ବଢ଼ିବ। ଚକ୍ଷୁ ଓ ଅବୟବରେ ଯନ୍ତ୍ରଣା ଅନୁଭୂତ ହେବ। ପାରିବାରିକ ସ୍ଥିତିରେ ବିଭ୍ରାଟ ଘଟିବାର ନାହିଁ। ମହିଳାମାନେ ସମସ୍ତ ପରିବେଶ ଓ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବେ। ସହନଶୀଳତା ଯୋଗେ କର୍ମ ଅଟକିବ ନାହିଁ। ବିଦ୍ୟାର୍ଥୀମାନେ ଚଞ୍ଚଳ ମନା ହେବେ। ଅଶୁଭ ଦିବସ:- ୨୩, ୨୪, ୨୭, ୨୮ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୨୧, ୨୨ ବାକିଦିନ ଶୁଭ।



**ବୃଷ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କୁ ଅଧିକ ଶୁଭଫଳ ପ୍ରଦାନରେ ସହାୟକ ହେବ। ଧିରେ ସୁସ୍ଥେ କର୍ମ ପଥରେ ଆଗେଇବେ। ଲକ୍ଷ୍ୟ ପୂରଣ ନିମିତ୍ତ କିଛିଟା ସମୟର ଆବଶ୍ୟକତା ପଡ଼ିପାରେ। ଶତ୍ରୁଭୟ ଅପସରି ଯିବ। କେତେକ ଦିଗରୁ ଅନୁକୂଳ ପବନ ବହିବା ଫଳରେ ଉତ୍ସାହ ଓ ଆଗ୍ରହ ଭରିଯିବା ଯୋଗେ କର୍ମରେ ବିନାବାଧାରେ ଆଗେଇବେ। ମାନସିକ ଅବସାଦ ଅପସରିଯିବା ସମୟର ସଦୁପଯୋଗ କରିବାର ସୁଯୋଗ ମିଳିବ। ଅଭିଳାଷ ପୂରଣ ହେବା ଯୋଗେ ଆନନ୍ଦିତ ହେବେ। ବିବାଦୀୟ କ୍ଷେତ୍ରରେ ମାନସିକ ଦୁର୍ବଳତା ଜାତ ହେବନାହିଁ। ସାମାଜିକ ସ୍ତରରେ ଆଦୃତି ଲାଭ କରିବେ। ବେପାର ବାଣିଜ୍ୟର ଧାରା ପ୍ରସାରିତ ହେବ। ବୈଷୟିକ ସୁଖ ସମୃଦ୍ଧିର ଅଭାବ ଘଟିବ ନାହିଁ। ନିମ୍ନ ବର୍ଗରୁ ଓ ଦୂର କ୍ଷେତ୍ରରୁ ଲାଭବାନ ହେବେ। ବିଳାସ ଆର୍ଥୀକ ସ୍ଥିତି କ୍ରମବର୍ଦ୍ଧନ ହେବ। ନୂତନ କର୍ମରେ ଉତ୍ସାହିତ ହେବେ। ଭ୍ରମଣ ସାଙ୍ଗକୁ ମାଙ୍ଗଳିକ କର୍ମରେ ଯୋଗଦାନ କରିବେ। ଗୁରୁଜନମାନଙ୍କର ଆଶୀର୍ବାଦର ପାତ୍ର ହେବେ। ବିଳାସ ଉପକରଣ କ୍ରୟ କରିବେ। ପେଟ ଗୋଳମାଳ ସହିତ ଥଣ୍ଡରୋଗର ଉପସର୍ଗ ଦେଖାଦେବ। ପାରିବାରିକ ସ୍ଥିତିରେ ଚିନ୍ତିତ ହେବାର ନାହିଁ। ମହିଳାମାନେ ଉଚ୍ଚଭିଳାଷ ପୂରଣ କରିବେ। ବ୍ୟକ୍ତିକୈନ୍ଦ୍ରିକ ପ୍ରାଧାନ୍ୟ ବୃଦ୍ଧି ପାଇବ। ଖାଦ୍ୟ ଓ ଆଭୂଷଣ ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ମନଉଣା କରିବେ ନାହିଁ।

ଅଶୁଭ ଦିବସ:- ୧୫, ୧୬, ୨୫, ୨୬, ୨୯, ୩୦, ୧୨, ୧୩ ଅଷ୍ଟମଚନ୍ଦ୍ର:- ୯, ୧୦, ୧୧ ଘାତଚନ୍ଦ୍ର:- ୨, ୩ ବାକିଦିନ ଶୁଭ।



**ମିଥୁନ:-** ମାସଟିରେ ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ମିଳିଲେବି ଶୁଭତ୍ୱର ପରିମାଣ ଅଧିକ ହେବ। ଶାରିରୀକ ତଥା ମାନସିକ ଦୁଃସ୍ଥିତି ଅପସରି ଯିବା କାରଣରୁ ଉତ୍ସାହ ଓ ଧୈର୍ଯ୍ୟର ସହିତ କର୍ମପଥରେ ଅଗ୍ରସର ହେବେ। ଶତ୍ରୁମାନେ ଦୁର୍ବଳ ହୋଇ ପଡ଼ିବା ଫଳରେ କର୍ମର ଗତି ବିନାବାଧାରେ ଆଗେଇ ଚାଲିବେ। ଯୋଜନା ବଦ୍ଧତାକୁ ଆଧାର କରି କର୍ମକ୍ଷେତ୍ରରେ ଉଚ୍ଚ ଭୂମିକା ନିର୍ବାହ କରି ଆତ୍ମ ସନ୍ତୋଷ ପ୍ରାପ୍ତହେବେ। ସାମାଜିକ ସ୍ତରରେ ସମ୍ମାହିତ ହୋଇ ଅଭୀଷ୍ଟ ପୂରଣ ଦିଗକୁ ଅଗ୍ରସର ହେବେ। କାର୍ଯ୍ୟ ସାଧନ ନିମିତ୍ତ ସହଯୋଗର ହାତମାନ ଲମ୍ବି ଆସିବ। ବିବାଦୀୟ କ୍ଷେତ୍ରରେ ପରାଜୟର ଆଶଙ୍କା ନାହିଁ। ଆର୍ଥୀକ ଦିଗ ମଜବୁତ ରହିବ। ବକେୟା ଅର୍ଥ ହାତକୁ

ଆସିବ। ତରଳ ପଦାର୍ଥ ବ୍ୟବସାୟରୁ ଅଧିକ ଲାଭବାନ ହୋଇପାରନ୍ତି। ନୂତନ ବେପାର ନିମିତ୍ତ ଯୋଜନା ପ୍ରସ୍ତୁତ କରିବେ। ଅନ୍ୟମାନଙ୍କ ଉପରେ ପତିଆରା ପ୍ରଦର୍ଶନ କରିବେ। ଭ୍ରମଣରୁ ସନ୍ତୋଷ ମିଳିବ। ଗୁରୁଜନ ମାନଙ୍କ ସ୍ୱାସ୍ଥ୍ୟପାଇଁ ବ୍ୟାକୁଳିତ ହେବେ। ସମସ୍ୟାର ସମାଧାନ ହେବା ପ୍ରାୟ ନିଶ୍ଚିତ। ରକ୍ତ ବିକାର ସହିତ ସ୍ନାୟବିକ ଦୁର୍ବଳତା ଦେଖାଦେବ। ପାରିବାରିକ ଶାନ୍ତି ମଧ୍ୟମ ଧରଣର ହେବ। ଦେବ ଦର୍ଶନର ଆବଶ୍ୟକତା ଅଛି। ମହିଳାମାନେ କ୍ରୋଧ ସମ୍ବରଣ କଲେ ସମ୍ମାନ ପାଇବେ। କେତେକ ସ୍ୱପ୍ନ ଅଧୁରା ରହିପାରେ। ବିଦ୍ୟାର୍ଥୀମାନେ ଉଚିତ ମାର୍ଗକୁ ଆପଣେଇବେ। ଅଶୁଭ ଦିବସ:- ୨, ୩ ଅଷ୍ଟମ ଚନ୍ଦ୍ର:- ୧୫, ୧୬, ୧୨, ୧୩ ଘାତଚନ୍ଦ୍ର:- ୧୭, ୧୮, ୧୪ ବାକିଦିନ ଶୁଭ।




**କର୍କଟ:-** ଆପଣ ଚଳିତ ମାସଟିରେ କେତେକ ପ୍ରତିକୂଳ ପବନରେ ବିଚଳିତ ହୋଇ କର୍ତ୍ତବ୍ୟରେ ଅବହେଳା କରିପାରନ୍ତି। କର୍ମ ଅଟକିବ ନାହିଁ ତେବେ ଶିଥିଳତା ଦେଖାଦେବ। ମାନସିକ ସ୍ଥିତି ଦୋହଲିଯାଇପାରେ। ଧୈର୍ଯ୍ୟ ଓ ମନୋବଳକୁ ଏକତ୍ରିତ କରି ଈଶ୍ୱର ବିଶ୍ୱାସୀ ହେଲେ ଅସମ୍ଭବକୁ ସମ୍ଭବରେ ପରିଣତ କରିବାରେ ସମର୍ଥ ହେବେ। ହୀତାକାଂକ୍ଷୀମାନଙ୍କ ପ୍ରେରଣା ଓ ଉତ୍ତମ ପରାମର୍ଶରୁ ଚିନ୍ତାମୁକ୍ତ ହେବେ। ଆକସ୍ମିକ ଭାବେ ବୈଷୟିକ ଅଭିବୃଦ୍ଧି ଘଟିବ। ସ୍ଥଳ ବିଶେଷରେ ମୋଟା ଅଙ୍କର ଅର୍ଥପ୍ରାପ୍ତି ଫଳପ୍ରସୂ ହେବା ଅସମ୍ଭବ ନୁହେଁ। ସାମାଜିକ ସ୍ତରରେ ମର୍ଯ୍ୟାଦାବନ୍ତ ହେବେ। ବିବାଦୀୟ କ୍ଷେତ୍ରରେ ବିଜୟର ଆଶା ଅଧିକ। ଈର୍ଷାଳୁମାନେ ତିରସ୍କାର କରିବାକୁ ପଛେଇବେ ନାହିଁ। ସହନଶୀଳତା ଯୋଗେ ସମସ୍ତ ପରିବେଶକୁ ହଜମ କରିଯିବେ। ବେପାର ବାଣିଜ୍ୟ କ୍ଷେତ୍ରରେ ଆଗଧାଡ଼ିରେ ରହିବେ। ମାଙ୍ଗଳିକ କାର୍ଯ୍ୟ ନିମିତ୍ତ ତତ୍ପରତା ପ୍ରକାଶ ପାଇବ। ରାଜ ଦରବାରରୁ ଲାଭବାନ ହେବେ। ନିର୍ମାଣ କାର୍ଯ୍ୟ ଆଗେଇ ଚାଲିବ। ପିତ୍ତଶ୍ଳେଷ୍ମା ଦୋଷ ଓ ମୁଣ୍ଡଭ୍ରମ ଦେଖାଦେବ। ପାରିବାରିକ ଜୀବନ ଆଶାପ୍ରଦ ହେବ। ମହିଳାମାନେ ଆନନ୍ଦ ଉଲ୍ଲାସରେ ସମୟ ବିତାଇବେ। ଭବିଷ୍ୟତ ଯୋଜନାରେ ସମୟ ବିନିଯୋଗ କରିବେ। ବିଦ୍ୟାର୍ଥୀମାନେ ସୁଖି ହେବେ। ଅଶୁଭ ଦିବସ:- ୧୯, ୨୦, ୪, ୫, ୬ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୪ ଘାତଚନ୍ଦ୍ର:- ୨୯, ୩୦, ୧ ବାକିଦିନ ଶୁଭ।



**ସିଂହ:-** ମାସଟି ଆପଣଙ୍କ ପକ୍ଷେ ଶୁଭଫଳ ପ୍ରଦାନକାରୀ ହେବ। ଶତୃଜିତ୍ ହୋଇ ନିରୁପଦ୍ରବ ଜୀବନଚର୍ଯ୍ୟା କରି କର୍ମ ପଥରେ ଦ୍ରୁତଗତି ଧାରଣ କରି ଆଗେଇବେ। ନିଜର ଭାବମୂର୍ତ୍ତିକୁ ବିନିଯୋଗ କରି ଉଚ୍ଚ ପ୍ରତିଷ୍ଠାକୁ କାଏମ ରଖିହେବ। ସ୍ୱାଭିମାନ ଓ ଅହଂଭାବକୁ ସନ୍ତୁଳିତ କରିପାରିଲେ କୌଣସି କାର୍ଯ୍ୟ କଷ୍ଟକର ହେବନାହିଁ। ସାମାଜିକ ସ୍ତରରେ ନିଜର ସ୍ୱାତ୍ୟନ୍ତତା ରକ୍ଷା କରିବା ସହଜ ହେବ। ବିବାଦୀୟ କ୍ଷେତ୍ରରେ ଶତୃମାନଙ୍କୁ କରାୟତ୍ତ କରି ନିଜପକ୍ଷକୁ ସୁଦୃଢ଼ କରିପାରିବେ। ସରକାରୀ କଳରୁ କାର୍ଯ୍ୟ ସାଧନ କରିବାର ପନ୍ଥା ମିଳିବ। ଆର୍ଥୀକ ଦିଗରୁ ସକ୍ଷମତା ପ୍ରକାଶ ପାଇବ। ଆପଣାରମାନେ ପଛରେ ଲାଗିପାରନ୍ତି। ବେପାର ବାଣିଜ୍ୟର ଧାରାରେ ଉନ୍ନତି ପରିଲକ୍ଷିତ ହେବାଯୋଗେ ମନ ପ୍ରଫୁଲ୍ଲ ରହିବ। ନିର୍ମାଣ କାର୍ଯ୍ୟରେ ଆଗୁଆ ହେବେ। ଆନୁଷ୍ଠାନିକ କର୍ମରେ ନିଜକୁ ସାମିଲ କରିବେ। ଆକସ୍ମିକ ଧନଲାଭର ଯୋଗ ଅଛି। ବନ୍ଧୁମାନେ ହଇରାଣ କରିପାରନ୍ତି। ଦେବ କାର୍ଯ୍ୟରୁ ଶାନ୍ତି ସନ୍ତୋଷ ମିଳିବ। ଯୋଜନାବଦ୍ଧ କାର୍ଯ୍ୟରେ ପାରଦର୍ଶିତା ପରିଲକ୍ଷିତ ହେବ। ରକ୍ତ ଶର୍କରା ଓ ପିତ୍ତ ବିକାର ରୋଗର ଶିକାର ହୋଇପାରନ୍ତି। ପାରିବାରିକ ଜୀବନରେ ପୂର୍ବ ତୁଳନାରେ ଶାନ୍ତି ପାଇବେ। ମହିଳାମାନେ ସମାଜରେ ଓ ପରିବାରରେ ନେତୃତ୍ୱ ନେଇପାରନ୍ତି। ହାତରେ ଦୁଇପଇସା ସଞ୍ଚୟ କରିପାରିବେ। ବିଦ୍ୟାର୍ଥୀମାନେ ଭବିଷ୍ୟତର ଉତ୍ତମ ଗଠନ କରିବେ। ଅଶୁଭ ଦିବସ:- ୨୧, ୨୨, ୨୭, ୨୮, ୭, ୮ ଅଷ୍ଟମଚନ୍ଦ୍ର:- ୧୯, ୨୦ ଘାତଚନ୍ଦ୍ର:- ୧୫, ୧୬, ୧୨, ୧୩ ବାକିଦିନ ଶୁଭ।



**କନ୍ୟା:-** ଆପଣଙ୍କ ପକ୍ଷେ ମାସଟି ମଧ୍ୟମ ଶୁଭଦାୟକ ହେବ। ଧିରେ ସୁସ୍ଥେ କର୍ମପଥରେ ଆଗେଇବେ। କେତେକ ଦିଗରୁ ଅଶାନ୍ତି ଓ ପୀଡ଼ା କବଳିତ ହେବାଯୋଗେ ମାନସିକ ସ୍ଥିରତାରେ ବ୍ୟାଘାତ ସୃଷ୍ଟି ହେବ। ଶତୃମାନେ ସୁଯୋଗ ଉଣ୍ଡି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଆତ୍ମୀୟ ଓ ସହଯୋଗୀ ଅସହଯୋଗ କରିପାରନ୍ତି। ସତ୍‌କର୍ମ, ଉତ୍ତମ ଚିନ୍ତାଧାରା ସାଙ୍ଗକୁ ଦୈବୀକୃପା ଯୋଗେ ସମସ୍ତ ନକାରାତ୍ମକ ପରିବେଶ ସକାଳର କୁହୁଡ଼ିପରି ଅଚିରେ ଅପସରିଯିବ। ସାମାଜିକ ସ୍ତରରେ ବ୍ୟକ୍ତିତ୍ୱରେ ମଇଳା ଲାଗିବାର ନାହିଁ। ବିବାଦୀୟ କ୍ଷେତ୍ରରେ ଶତୃ ଚକ୍ରାନ୍ତ ପଣ୍ଡ ହେବ। ପତିତ ଧନ ହାତକୁ ଆସିବ। ଆନୁଷ୍ଠାନିକ କର୍ମ କୁଶଳତା ଉତ୍ତମ ପରିଲକ୍ଷିତ ହେବ। ଖଳ ଲୋକମାନଙ୍କ ଠାରୁ ଦୂରତା ବଜାୟ ରଖିବା ଆବଶ୍ୟକ। ମାଲି ମକୋଦ୍ଦମାରୁ ସୁଫଳ ଆଶା କରିବେ। ଧନର ଅଭାବ ହେବନାହିଁ। ଗୁରୁ ଗୁରୁଜନଙ୍କ ଆଶୀର୍ବାଦରୁ ସୁଖି ହେବେ। ମହିଳାମାନେ ପରିବାରରେ ପ୍ରମୁଖ ଭୂମିକା ନିର୍ବାହ କରି ପରିବାରର ସର୍ବାଙ୍ଗୀନ ଉନ୍ନତିର ବ୍ରତୀ ହେବେ। କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବ। ପ୍ରେରଣାର ଉତ୍ସ ହେବେ। ବିଦ୍ୟାର୍ଥୀମାନେ ଆପଣା କର୍ମକୁ ପ୍ରାଧାନ୍ୟ ଦେବେ।
ଅଶୁଭ ଦିବସ:- ୧୫, ୧୬, ୨୩, ୨୪, ୨୯, ୩୦, ୧, ୯, ୧୦, ୧୧, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।



**ତୁଳା:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ପକ୍ଷେ ସନ୍ତୋଷ ଦାୟକ ହେବ। ଶରୀର ଓ ମନର ଦୁର୍ବଳତା ଓ ଅବସାଦ ଅପସରି ଯିବା କାରଣରୁ ଆଗ୍ରହର ସହିତ କର୍ମ ପଥରେ ଆଗୁସାର ହେବେ। ବିରୋଧି ଶକ୍ତି ଦୁର୍ବଳ ହୋଇ ପଡ଼ିବା କାରଣରୁ ମନର ଆଶଙ୍କା ଦୂରୀଭୂତ ହେବ। ସାହାଯ୍ୟ ସହଯୋଗର ହାତମାନ ଲମ୍ବି ଆସିବା ଯୋଗେ କର୍ମ ସଂପାଦନ ସହଜ ସରଳ ହେବ। ସରକାରୀ କଳରୁ ସୁଯୋଗ ଆଶା କରୁଥିଲେ ତାହା ଉପଲବ୍ଧ ହେବ। ସାମାଜିକ ସ୍ତରରେ ଉଚ୍ଚମାନ୍ୟତା ଓ ଆଦୃତି ଲାଭର ପଥ ସୁଗମ ହେବ।


ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ପ୍ରଶଂସା ସହିତ ଉପଢୌକନ ପ୍ରାପ୍ତି ଅବରୋଧ ହେବନାହିଁ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ସୁଖ ଭ୍ରମଣ ସାଙ୍ଗକୁ ଦେବ ଦର୍ଶନର ମଉକା ଅଛି। ବେପାର ବାଣିଜ୍ୟରେ ଅର୍ଥ ଓ ମନୋବଳ ଖଟାଇ ଉପକୃତ ହେବେ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଖଳ ଲୋକଙ୍କ ପ୍ରତି ସଚେତନ ନହେଲେ ଶୋଷଣର ଶିକାର ହୋଇପାରନ୍ତି। ଆୟ ଦିଗ ଉଣା ନହେଲେବି ବ୍ୟୟର ପରିମାଣ ବୃଦ୍ଧି ପାଇବ। ଖାଦ୍ୟ ଓ ବିଶ୍ରାମ ପ୍ରତି ଧ୍ୟାନଦେବା ଜରୁରୀ। ପିତ୍ତ ବିକାର ଓ ମାଂସପେଶୀରେ ଯନ୍ତ୍ରଣା ଆସିପାରେ। ପାରିବାରିକ ପରିବେଶ ଦୂଷିତ ହେବନାହିଁ। ମହିଳାମାନେ ଚଉଆଖିଆ ହୋଇ ସମସ୍ତ ପରିସ୍ଥିତିର ମୁକାବିଲା କରି ପ୍ରଶଂସା ସାଉଁଟିପାରନ୍ତି। ଭୋଗ ବିଳାସର ଇଚ୍ଛା ବଢ଼ିବ। ବିଦ୍ୟାର୍ଥୀମାନଙ୍କ ନିମିତ୍ତ ମାସଟି ଆନନ୍ଦ ଦାୟକ।

ଅଶୁଭ ଦିବସ:- ୧୭, ୧୮, ୨୫, ୨୬, ୨, ୩, ୧୪ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୯, ୧୦, ୧୧ ବାକିଦିନ ଶୁଭ।



**ବିଛା:-** ମାସଟିରେ ଆପଣ ଅନେକ ଶୁଭଫଳ ପ୍ରାପ୍ତ ହେବା କାରଣରୁ ଉତ୍ସାହିତ ହେବେ। କର୍ମପଥର ଧାରା ସରଳ ଓ ସହଜସାଧ୍ୟ ହେବ। ଅହେତୁକତା ଠାରୁ ଦୂରେଇରହି ବାସ୍ତବତାକୁ ଆପଣେଇ ନେଇ ଚଳିଲେ ଦୁଶ୍ଚିନ୍ତାର ଶିକାର ହେବେନାହିଁ। ସାମାନ୍ୟ କିଛି ସମସ୍ୟା ଉପୁଜିଲେ ତାହା ନିଜର କୁପରିମାଣବର୍ଦ୍ଧିତା ଯୋଗୁ ହୋଇପାରେ। ଚେଷ୍ଟା ଚରିତ୍ର ବ୍ୟର୍ଥ ହେବାର ନାହିଁ। ସହଯୋଗୀ ମାନଙ୍କ ସହାୟତାରୁ କାର୍ଯ୍ୟ ସାଧନ ତ୍ୱରାନ୍ୱିତ ହେବ। ଧନବଳ ଅପେକ୍ଷା ମନୋବଳ ଓ ଦୈବୀବଳ ଦିନଚର୍ଯ୍ୟାର ଗୁରୁତ୍ୱ ବହନ କରିବ। ଉଚ୍ଚ କର୍ତ୍ତୃପକ୍ଷମାନଙ୍କ କୃପାଦୃଷ୍ଟି ଉତ୍ସାହିତ କରିବ। ସାମାଜିକ ସ୍ତରରେ ଜନାଦୃତି ଲାଭ କରିବେ। ବିବାଦୀୟ କ୍ଷେତ୍ର ସରଳ ହେବ। ନିଜର ଗୁପ୍ତକଥା ଅଥବା ଦୁର୍ବଳତା ଅନ୍ୟ ଆଗରେ ପ୍ରକାଶ ନ କରିବା ଉଚିତ। ବେପାର ବାଣିଜ୍ୟରୁ ଅର୍ଥ ଓ ଶାନ୍ତି ମିଳିବ। ଆପଣାରମାନେ ଈର୍ଷାଳୁ ହେବେ। ଧନର ଅଭାବ ରହିବ ନାହିଁ। ଗୃହ ନିର୍ମାଣ ଓ ସୌଖୀନ ମାନପ୍ରତି ଆଶାପୋଷଣ କରିବେ। ବନ୍ଧୁମିଳନ ସହିତ ଉତ୍ତମ ସ୍ଥାନ ଭ୍ରମଣର ସୁଯୋଗ ମିଳିବ। ପୂର୍ବରୁ ଲାଗି ରହୁଥିବା ସ୍ୱାସ୍ଥ୍ୟ ସମସ୍ୟାର ଅବସାନ ଘଟିବ। ପାରିବାରିକ ଜୀବନରେ ଉତ୍ତମ ଭୂମିକା ନିର୍ବାହ କରି ଶାନ୍ତି ପାଇବେ। ମହିଳାମାନେ ଛୁଆପିଲାମାନଙ୍କ ମେଳରେ ରହି ଖୁସି ମନାଇବେ। ଦାନଧର୍ମ ପ୍ରତି ରୁଚି ବଢ଼ିବ। ଖୋଲା ହୃଦୟ ହେବେ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ।

ଅଶୁଭ ଦିବସ:- ୧୯, ୨୦, ୪, ୫, ୬ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।



**ଧନୁ:-** ମାସଟି ଆପଣଙ୍କ ପକ୍ଷେ ଶୁଭଫଳ ବାହକ ହେବାର ସୂଚନା ମିଳୁଛି। ଗଠନମୂଳକ କାର୍ଯ୍ୟକ୍ରମ ସହିତ କର୍ତ୍ତବ୍ୟ କର୍ମକୁ ପ୍ରାଧାନ୍ୟ ଦେଇ ଉଜ୍ଜ୍ୱଳ କରିବାର ସମ୍ଭାବନା ଅଧିକ। ଶତ୍ରୁଜିତ୍ ହୋଇ ନିରୁପଦ୍ରବ ଜୀବନଚର୍ଯ୍ୟା ନିମିତ୍ତ ଅବସର ମିଳିବ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଶ୍ରଦ୍ଧା ଭାଜନ ହେବେ। ଚଲାପଥ ସରଳ ହେବାଯୋଗେ କର୍ମପଥରେ ବେଶ କିଛିବାଟ ଆଗେଇଯିବାର ସୁଯୋଗ ମିଳିବ। ବିବାଦୀୟ କ୍ଷେତ୍ରରେ ନିଜପକ୍ଷ ସୁଦୃଢ଼ ରହିବ। ସାମାଜିକ ସ୍ତରରେ ଆଦୃତି ଲାଭ କରି ଆନନ୍ଦିତ ହେବେ। ନେତୃତ୍ୱ ବହନ କରି ଅନେକ ସମସ୍ୟାର ସୁସମାଧାନ କରିବେ। ବ୍ୟବହାର କୁଶଳତା ଯୋଗେ ଅନେକଙ୍କର ପ୍ରିୟ ଭାଜନ ହେବେ। ବେପାର ବାଣିଜ୍ୟର ପରିସର ବୃଦ୍ଧି ଘଟିବା ଫଳରେ ଆତ୍ମ ସନ୍ତୋଷ ଜାତହେବ। ମୂଲ୍ୟବାନ ଦ୍ରବ୍ୟ କ୍ରୟ ନିମିତ୍ତ ଉପଯୁକ୍ତ ସମୟ। ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ଆର୍ଥୀକ ଦିଗରୁ ଚିନ୍ତିତ ହେବାର ନାହିଁ। ଆତ୍ମୀୟ ମାନଙ୍କ ଯୋଗେ ଚିନ୍ତିତ ହେବେ। ପତିତଧନ ହାତକୁ ଆସିବ। ଭ୍ରମଣ ନିମିତ୍ତ ଯୋଜନା କରିବେ। ମାସର ଶେଷ ଭାଗରେ ସାମାନ୍ୟ ସ୍ୱାସ୍ଥ୍ୟପୀଡ଼ା କ୍ଲେଶପ୍ରଦ ହେବ। ପାରିବାରିକ ଜୀବନରେ ଭଟ୍ଟା ପଡ଼ିବାର ନାହିଁ। ମହିଳାମାନେ ଆମୋଦ ପ୍ରମୋଦ ସହିତ ସମୟ ବିତାଇବେ। ଆଶାବୃଦ୍ଧି ଯୋଗେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ସଞ୍ଚୟ ମନୋବୃତ୍ତି ବଢ଼ିବ। ବିଦ୍ୟାର୍ଥୀମାନେ ଉଚିତ ମାର୍ଗରେ ଆଗେଇବେ।

ଅଶୁଭ ଦିବସ:- ୧୫, ୧୬, ୨୧, ୨୨, ୭, ୮, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୧୯, ୨୦ ବାକିଦିନ ଶୁଭ।



**ମକର:-** ମାସଟିରେ ଆପଣ ଶୁଭାଶୁଭ ମିଶ୍ରିତଫଳ ଅନୁଭବ କରିବେ। ଅଯଥା ଅଶାନ୍ତି ଓ ଉଦ୍‌ବେଗ ଯୋଗେ ମାନସିକ ଶାନ୍ତି ହରାଇପାରନ୍ତି। କର୍ମକ୍ଷେତ୍ରର ଗତି ପୂର୍ବ ତୁଳନାରେ ମାନ୍ଦା ଦେଖାଦେବ। କର୍ମର ଧାରା ଅଟକିବ ନାହିଁ। ଉଚ୍ଚବର୍ଗଙ୍କୁ ମନାଇ କାର୍ଯ୍ୟ ହାସଲ କରିବେ। ଲୋକ ହିତକର କାର୍ଯ୍ୟ ସହିତ ଆନୁଷ୍ଠାନିକ କାର୍ଯ୍ୟରେ ନିଜକୁ ଜଡ଼ାଇ ରଖି କିଛି ଅଶାନ୍ତିରୁ ନିଜକୁ ମୁକ୍ତ ରଖିବାରେ ସକ୍ଷମ ହେବେ। ଦୈବୀକୃପା ବଳରେ କିଛି ଶୁଭଫଳ ଆଶା କରିପାରନ୍ତି। ଶତ୍ରୁମାନଙ୍କ ଅପଚେଷ୍ଟା ବଳବତ୍ତର ହେବନାହିଁ। ସାମାଜିକ ସ୍ତରରେ ଭାବମୂର୍ତ୍ତି ଅମଳିନ ରହିବ। ବେପାର ବାଣିଜ୍ୟରେ ଚେଷ୍ଟା ଓ ପରିଶ୍ରମ ତୁଳନାରେ ଲାଭର ପରିମାଣ ସନ୍ତୋଷଜନକ ହୋଇପାରେ। ପତିତ ଧନକୁ ହାତକୁ ଆଣିବାର ପ୍ରଚେଷ୍ଟା ବଳବତ୍ତର ହେବ। ବେଳେବେଳେ ନିଜଲୋକଙ୍କ ସହିତ ଭୁଲ ବୁଝାମଣା ହୋଇପାରେ। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଭ୍ରମଣ ଯୋଗର ସୂଚନା ସୁସ୍ପଷ୍ଟ। ଯୋଜନାବଦ୍ଧ କାର୍ଯ୍ୟ କରିବେ। ସାମୟିକ ଶିରପୀଡ଼ା ଓ ଚକ୍ଷୁରୋଗ ଦେଖାଦେବ। ପରୋପକାରରୁ ରୋଗ ଉପଶମ ସହିତ ମାନସିକ ଶାନ୍ତି ପାଇବେ। ପାରିବାରିକ ଜୀବନରେ ଭୋଗ ବିଳାସର ସାଧନ ପ୍ରାଚୁର୍ଯ୍ୟ ମିଳିବ। ମହିଳାମାନେ କଠିନ ପରିଶ୍ରମ ଯୋଗେ ଦୁର୍ଭାବନାର କବଳିତ ହୋଇପାରନ୍ତି। ସେବା ଓ ଦାନଯୋଗେ ମାନସିକ ଶାନ୍ତି ପାଇବେ। ବିଦ୍ୟାର୍ଥୀମାନେ ଅସ୍ଥିରମନା ହୋଇପାରନ୍ତି।

ଅଶୁଭ ଦିବସ:- ୧୭, ୧୮, ୨୩, ୨୪, ୯, ୧୦, ୧୧, ୧୪ ଅଷ୍ଟମଚନ୍ଦ୍ର:- ୨୯, ୩୦, ୧ ଘାତଚନ୍ଦ୍ର:- ୨୯, ୩୦, ୧ ବାକିଦିନ ଶୁଭ।



**କୁମ୍ଭ:-** ଆପଣଙ୍କ ନିମିତ୍ତ ମାସଟି ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ଶୁଭତ୍ୱର ପରିମାଣ ଅଧିକ ହେବାର ଆଶା କରାଯାଇପାରିବ। ଅଳ୍ପ ସମୟର ଅଶୁଭଫଳ ମିଳିଲେବି ତାହା ସାମୟିକ ଦୋହଲାଇ ଦେଇପାରେ। କର୍ମର ଗତି ଅଟକିବ ନାହିଁ ତେବେ ସମୟର ଆବଶ୍ୟକତା ପଡ଼ିପାରେ। ଆପଣାରମାନେ ଶତ୍ରୁଭଳି ଆଚରଣ କରିବା ଫଳରେ ମାନସିକ ଉଦ୍‌ବେଗ ଜାତହେବ। ବେଳେବେଳେ ନିଜର ଭାଗ୍ୟକୁ ନିନ୍ଦା କରିପାରନ୍ତି। ଧୈର୍ଯ୍ୟ ଓ ମନୋବଳକୁ ଉପଯୋଗ କରି କ୍ରୋଧକୁ ନିୟନ୍ତ୍ରଣାଧୀନ କଲେ ଅଶାନ୍ତି ଦୂରେଇଯିବା ସଙ୍ଗେ ସଙ୍ଗେ କର୍ତ୍ତବ୍ୟ ସାଧନ କରିବେ। ଅନ୍ୟମାନଙ୍କ ଶୋଷଣର ପାତ୍ର ହେଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ସାମାଜିକ ମୂଲ୍ୟବୋଧ ବୃଦ୍ଧିପାଇବ। ବିବାଦୀୟ କ୍ଷେତ୍ରରେ ପଛେଇଯିବାର ଆଶଙ୍କା ନାହିଁ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ବଢ଼ତି ହେବ। ବେପାର ବାଣିଜ୍ୟରୁ ଆଶାଜନକ ଅର୍ଥ ସାଉଁଟି ପାରନ୍ତି। ବନ୍ଧୁ ମେଳରେ ସମୟ ବିତିବ। ଗୃହ ନିର୍ମାଣ ଅଥବା ମରାମତିରେ ମନଯୋଗ ଦେବେ। କପଟୀ ଲୋକମାନଙ୍କର ମୁଖା ଖୋଲିଯିବ। ଭୋଗ ବିଳାସର ସାଧନ ଥିଲେବି ସମୟ ଓ ଆଗ୍ରହର ଅଭାବ ଘଟିପାରେ। ଦାନ୍ତ, ଚକ୍ଷୁ ଓ ଉଚ୍ଚ ରକ୍ତଚାପ ଦେଖାଦେବ। ପାରିବାରିକ ଜୀବନ ମଧ୍ୟମ ଧରଣର ହେବ। ମହିଳାମାନେ ସୁଖ ଦୁଃଖ ବାଣ୍ଟି ଚଳିବେ। ସନ୍ତାନମାନଙ୍କ ପ୍ରତି ଦୁର୍ବଳତା ଜାତହେବ। ଧର୍ମ କାର୍ଯ୍ୟରେ ଆଗଭର ହେବେ। ବିଦ୍ୟାର୍ଥୀମାନେ ପରିଶ୍ରମକୁ ଉଚିତ ମଣି କର୍ତ୍ତବ୍ୟରେ ଆଗେଇବେ।

ଅଶୁଭ ଦିବସ:- ୧୯, ୨୦, ୨୫, ୨୬ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୯, ୧୦, ୧୧ ବାକିଦିନ ଶୁଭ।



**ମୀନ:-** ମାସଟି ଆପଣଙ୍କ ପକ୍ଷେ ପୂର୍ବ ତୁଳନାରେ ସୁଖପ୍ରଦ ହେବ। ମାନସିକ ଅଶାନ୍ତି ଓ ଦୁର୍ବଳତାରୁ ମୁକ୍ତ ହୋଇ କର୍ମକ୍ଷେତ୍ରରେ ନିଜର ଦକ୍ଷତା ଦର୍ଶାଇବାର ଉଜ୍ଜ୍ୱଳ ସମ୍ଭାବନା ଅଛି। ବିରୋଧି ଶକ୍ତିମାନେ ଦୁର୍ବଳ ହୋଇପଡ଼ିବା ଯୋଗେ କର୍ମରୁ ଶାନ୍ତି ମିଳିବ। ପରିଶ୍ରମ ଓ ଖଟଣୀ ସତ୍ତ୍ୱେ ଉତ୍ସାହ ଓ ଉଦ୍ଦୀପନାରେ ଭଟ୍ଟା ପଡ଼ିବାର ନାହିଁ। ଉପରିସ୍ଥ ମାନଙ୍କ ଶ୍ରଦ୍ଧା ଭାଜନ ହେବେ। ମନୋବାଞ୍ଛା ପୂରଣ ହେବାର ସମୟ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ବିବାଦୀୟ କ୍ଷେତ୍ରରେ ନିଜର ପକ୍ଷ ଦୃଢ଼ ରହିବା ସହିତ ବିଜୟର ଆଶା ଅଧିକ। ମାଙ୍ଗଳିକ କାର୍ଯ୍ୟ ନିମିତ୍ତ ଯୋଜନା କରିବେ। ଗୃହ ନିର୍ମାଣର ଆଶା ବଳବତ୍ତର ହେବ। ଭ୍ରମଣ ସାଙ୍ଗକୁ ଆନନ୍ଦ ଉତ୍ସବର ମଜା ଉଡ଼ାଇପାରନ୍ତି। ବେପାର ବାଣିଜ୍ୟରେ ଲାଭର ମାତ୍ରା ଅଧିକ ହେବ। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଅଯଥା ଖର୍ଚ୍ଚ ବୃଦ୍ଧିପାଇବ। ଯୋଜନା ବଦ୍ଧତା ହେବାର ଆବଶ୍ୟକତା ରହିଛି। ବିକଳ୍ପ ଉପାର୍ଜନ ନିମନ୍ତେ ମନ ବଳାଇବେ। ପିତ୍ତଦୋଷ ଓ ପେଟଦୋଷ ଦେଖାଦେବ। ପାରିବାରିକ ଜୀବନରେ ମନ ମିଳାଇ ଚଳିଲେ ଦୁଶ୍ଚିନ୍ତାରେ ପଡ଼ିବେ ନାହିଁ। ମହିଳାମାନେ ପରିବାରର ପ୍ରତିଷ୍ଠାରେ ଯତ୍ନବାନ ହେବେ। ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବେ। ପରିବାରରୁ ଆଦର ପାଇବେ। ବିଦ୍ୟାର୍ଥୀମାନେ ପରିଶ୍ରମ ନିଷ୍ଠ ହେବେ।

ଅଶୁଭ ଦିବସ:- ୨୧, ୨୨ ଅଷ୍ଟମଚନ୍ଦ୍ର:- ୪, ୫, ୬ ଘାତଚନ୍ଦ୍ର:- ୧୭, ୧୮, ୧୪ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912
We undertake
Auditing, Taxation, Consultancy outsourcing

Postal Regd. No. CK (C)/91/2024-2026
The Samaroha June - 2025, Vol. - 34, Issue - 9
RNI Regd. No. : 034056/1981


# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


₹ 20/-

Date of Publication : 15.06.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in